# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, October 3/2024 | Page 16 | ₹ 7.00

୫୦ଶ ଭାଗ ୩୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 310 | ମୂଲ୍ୟ ₹୭/-




**ସର୍ଫରାଜଙ୍କ ଦ୍ୱିଶତକ**

ଅବଶିଷ୍ଟ ଭାରତ ବିପକ୍ଷ ଇରାନୀ ଟ୍ରଫି ମ୍ୟାଚ୍‌ରେ ଅପରାଜିତ ଦ୍ୱିଶତକ ହାସଲ କରିଛନ୍ତି ମୁମ୍ବାଇର ସର୍ଫରାଜ ଖାଁ।

୧୪

୧୩

**ଆଲିଆଙ୍କ ସହ ତୁଳନାକୁ ନାପସନ୍ଦ କଲେ ଅନନ୍ୟା**

ଏକ ସାକ୍ଷାତ୍‌କାରରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ନିଜ ତୁଳନାକୁ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନାପସନ୍ଦ କରିଛନ୍ତି।





ଲେବାନନ୍‌ର ବେରୁଟ୍‌ସ୍ଥିତ ଦହିୟେହଠାରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ଧ୍ୱସ୍ତବିଧ୍ୱସ୍ତ କୋଠାଗୁଡ଼ିକ ତଳେ ନିଜ ପୋଷା ବିଲେଇ ସହ ଜଣେ ମହିଳା।

# ଗୁଟେରେସ୍‌ଙ୍କୁ ଇସ୍ରାଏଲ୍ ମନା

**ତେଲ୍ ଆଭିଭ,୨।୧୦**



ଆଣ୍ଟୋନିଓ ଗୁଟେରେସ୍

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଇସ୍ରାଏଲ୍ ଭିତରକୁ ପ୍ରବେଶ କରିପାରିବେ ନାହିଁ। ଇସ୍ରାଏଲ୍ ବିରୋଧରେ ପକ୍ଷପାତି ନୀତି ଅବଲମ୍ବନ କରୁଥିବା ଦର୍ଶାଇ ତେଲ୍ ଆଭିଭ ତାଙ୍କୁ 'ଅବାଞ୍ଛିତ ବ୍ୟକ୍ତି' ଆଖ୍ୟା ଦେଇଛି। ଇସ୍ରାଏଲ୍ ବହିର୍ବ୍ୟାପାର ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ବୁଧବାର ଏହି ବିଷୟ ଘୋଷଣା କରିଛନ୍ତି। କାଟ୍‌ଜ କହିଛନ୍ତି, ଜାତିସଂଘ ମୁଖ୍ୟ ଇସ୍ରାଏଲ୍‌କୁ ପ୍ରବେଶ ଉଦ୍ୟମକଲେ ତାଙ୍କୁ ସେଥିରୁ ବାରଣ କରାଯିବ। କାରଣ ସେ ଇସ୍ରାଏଲ୍ ଉପରେ ଇରାନର ଆକ୍ରମଣକୁ ନିନ୍ଦା କରିନାହାନ୍ତି। ବିଶ୍ୱର ପ୍ରାୟ ସବୁ ଦେଶ ଇରାନର ଇସ୍ରାଏଲ୍ ଆକ୍ରମଣକୁ ନିନ୍ଦା କରିଥିବାବେଳେ ସ୍ପଷ୍ଟ ଭାବେ ନିନ୍ଦା କରୁ ନ ଥିବା ଅନ୍ୟ କୌଣସି ବ୍ୟକ୍ତି ଇସ୍ରାଏଲ୍ ମାଟିରେ ପାଦ ଥାପିବା ଯୋଗ୍ୟ ନୁହନ୍ତି ବୋଲି ସେ କହିଛନ୍ତି। ☞ପୃଷ୍ଠା–୪

## ଲେବାନନ୍‌ରେ ୮ ଇସ୍ରାଏଲୀ ସୈନ୍ୟ ନିହତ

### ଗାଜାରେ ୫୧ ମୃତ

**ଜେରୁଜେଲମ୍,୨।୧୦**

ତେହରାନର ବାଲିଷ୍ଟିକ୍ ମିଶାଇଲ ଆଟାକ୍ ପରେ ଇସ୍ରାଏଲୀ ବଳ ଇରାନ ଓ ଲେବାନନ୍ ଉପରେ ଆକ୍ରମଣ ଜୋର୍‌ଦାର କରିଛି। ଏହି ପରିପ୍ରେକ୍ଷୀରେ ଲେବାନନ୍‌କୁ ସ୍ଥଳଭାଗରେ ଆକ୍ରମଣ ଉଦ୍ୟମ ଚଳାଇଥିବା ଇସ୍ରାଏଲୀ ସୈନ୍ୟମାନେ ହେଜ୍‌ବୋଲ୍ଲା ପକ୍ଷରୁ କଡ଼ା ପ୍ରତିରୋଧର ସମ୍ମୁଖୀନ ହୋଇଛନ୍ତି। ହେଜ୍‌ବୋଲ୍ଲା ଆତଙ୍କବାଦୀଙ୍କ ପ୍ରତିଆକ୍ରମଣରେ ବୁଧବାର ୮ ଇସ୍ରାଏଲୀ ସୈନ୍ୟ ନିହତ ହୋଇଛନ୍ତି। ଦୁଇଟି ପୃଥକ୍ ସ୍ଥାନରେ ଲଢ଼େଇ ବେଳେ ୭ ସୈନ୍ୟ ନିହତ ହୋଇଥିବାବେଳେ ☞ପୃଷ୍ଠା–୪

## ଜରୁରୀ ନ ଥିଲେ ଇରାନ ଯାଆନି: ଭାରତ

**ନୂଆଦିଲ୍ଲୀ,୨।୧୦:** କୌଣସି ଅଣଜରୁରୀ କାର୍ଯ୍ୟରେ ଇରାନ ଯାତ୍ରା ନ କରିବାକୁ ଭାରତୀୟମାନଙ୍କୁ ନୂଆଦିଲ୍ଲୀ ପରାମର୍ଶ ଦେଇଛି। ଇରାନର ଇସ୍ରାଏଲ୍ ଆକ୍ରମଣ ପରିପ୍ରେକ୍ଷୀରେ ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତି ଜାରି କରି କହିଛି ଯେ, ଇରାନରେ ବସବାସ କରୁଥିବା ସମସ୍ତ ଭାରତୀୟ ନାଗରିକ ସତର୍କ ରୁହନ୍ତୁ। ତେହରାନ୍‌ସ୍ଥିତ ଭାରତୀୟ ଦୂତାବାସ ☞ପୃଷ୍ଠା–୪






# ଅଜଣା ରୋଗ ନେଲାଣି ୯ ଜୀବନ

**ଫୁଲବାଣୀ,୨।୧୦ (ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ଦୁର୍ଗାପାଙ୍ଗା ପଞ୍ଚାୟତର ଦୁର୍ଗମ କାଣିବାରୁ ଓ ସିନ୍ଧିବାଲି ଗାଁରେ ଅଜଣା ରୋଗ ଆତଙ୍କ ଖେଳାଇଛି। ଗତ ୪ ଦିନ ମଧ୍ୟରେ ଅଜଣା ରୋଗ ଜଣେ ଗର୍ଭବତୀଙ୍କ ସମେତ ୯ ଜଣଙ୍କ ଜୀବନ ନେଲାଣି। ସ୍ୱାସ୍ଥ୍ୟ ବିଭାଗ ଏ ପର୍ଯ୍ୟନ୍ତ ମୃତ୍ୟୁର କାରଣ ଖୋଜି ପାଇନାହିଁ। ତେବେ ଜଣେ ମହିଳାଙ୍କ ଶୁଦ୍ଧିକ୍ରିୟା ଭୋଜି ଖାଇ ଏପରି ହୋଇଥିବା ଅନୁମାନ କରାଯାଉଛି। ବୁଧବାର ମେଡିକାଲ ଟିମ୍ ଗ୍ରାମରେ ପହଞ୍ଚି ଅସୁସ୍ଥମାନଙ୍କ ଚିକିତ୍ସା କରିଛି। ଏ ପର୍ଯ୍ୟନ୍ତ ୫ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପାଖରେ ରେକର୍ଡ ରହିଛି। ଅନ୍ୟ ମୃତକମାନଙ୍କ ବିଷୟରେ ଖବର ନ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇନାହିଁ। ଗ୍ରାମକୁ ରାସ୍ତା ନ ଥିବାରୁ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି। କେତେଜଣ ଅସୁସ୍ଥଙ୍କୁ ଗାଁରେ ଗଛମୂଳେ ଚିକିତ୍ସା କରାଯାଉଛି।

କିଛିଦିନ ତଳେ ହୋଇଥିବା ଶୁଦ୍ଧିକ୍ରିୟା ଭୋଜିଖାଇ ଅନେକ ଗ୍ରାମବାସୀ ଅସୁସ୍ଥ ହୋଇଥିଲେ। ସେମାନେ ଜ୍ୱର, ଝାଡ଼ାବାନ୍ତି, ଓ ପେଟବ୍ୟଥାରେ ପୀଡ଼ିତ ହୋଇଥିଲେ। ସେଥିମଧ୍ୟରୁ କାଣିବାରୁ ଗ୍ରାମର ଗର୍ଭବତୀ ପୂର୍ତ୍ତି ମାଝି, ସିନ୍ଧିବାଲି ଗ୍ରାମର କୁଡୁଙ୍ଗୁଗାଲୁ ମାଝି, ଧୁନା ଜାନୀ, ତପରା ଜାନୀ, ବୁଡୁ ନାୟକ, ବନଲତା ଜାନୀ, ପ୍ରାସ୍କା ମାଝି, ପରମେଶ୍ୱର ମାଝି ଓ ରଶ୍ମି ଜାନୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପୂର୍ବରୁ ବାଡ଼ିପାଙ୍ଗା, ଡିମିଲି ଓ ଭଣ୍ଡରାଶାଳ ଗ୍ରାମରେ ଝାଡ଼ାବାନ୍ତିରେ କେତେଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ବୁଧବାର କାଣିବାରୁ ଏବଂ ସିନ୍ଧିବାଲି ଗ୍ରାମରେ ମେଡିକାଲ ଟିମ୍ ପହଞ୍ଚି ଚିକିତ୍ସା ଆରମ୍ଭ କରିଛି। ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବିଜୟ ପଣ୍ଡା ମଧ୍ୟ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଝାଡ଼ାବାନ୍ତି ଆକ୍ରାନ୍ତ ଗ୍ରାମରେ ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ବର୍ତ୍ତମାନ ସୁଦ୍ଧା ସରକାରୀ ଭାବେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଡା. ଜର୍ଜ ଦୀପକ ଦୁର୍ଗାଦତ୍ତନ କହଛନ୍ତି। ଗର୍ଭବତୀଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତଦନ୍ତ ପରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ପୁରାଣ, ଇତିହାସ ଓ ଭାରତ

# ସିସିଟିଭି: ଥାଇ ନ ଥିବା ଭଳି

**ଖୋର୍ଦ୍ଧା,୨।୧୦(ପ୍ରଭାତ ପାଣିଗ୍ରାହୀ)**

**ଖୋର୍ଦ୍ଧା ପୋଲିସ ଜିଲା**



ଥାନାରେ ସ୍ୱଚ୍ଛତା ଆଣିବା ନିମନ୍ତେ ସିସିଟିଭି ଲଗାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସିସିଟିଭି ଲାଗିଲେ ଲୋକମାନଙ୍କ ପ୍ରତି ପୋଲିସର ବ୍ୟବହାର ଜଣାପଡ଼ିବ। ହେଲେ ଏବେ ବି ରାଜ୍ୟର ବିଭିନ୍ନ ଥାନାରେ ସିସିଟିଭି ଲାଗି ନ ଥିବା ଜଣାପଡ଼ିଛି। ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ପରେ ଏହି ସତ୍ୟ ସାମ୍ନାକୁ ଆସିଛି। ଗତ ୨୩ ତାରିଖରେ ହାଇକୋର୍ଟରେ ସରକାର ଦେଇଥିବା ତଥ୍ୟ ଅନୁସାରେ ଏବେ ବି ରାଜ୍ୟର ୬୫୦ ଥାନା ମଧ୍ୟରୁ ୫୭ଟି ଥାନାରେ ସିସିଟିଭି ଲାଗିନାହିଁ। ଆଉ ଯେଉଁଠି ବି ଅଛି ସେଠି ଥାଇ ନ ଥିବାଭଳି। କାରଣ ଅନେକ ଥାନାରେ ଆବଶ୍ୟକ ସଂଖ୍ୟାରେ ସିସିଟିଭି ଲାଗି ନାହିଁ। ଏପରି କି ଲାଗିଥିବା ସିସିଟିଭିର କାର୍ଯ୍ୟକାରିତାକୁ ନେଇ ଅନେକ ସ୍ଥାନରେ ପ୍ରଶ୍ନ ଉଠିଛି। ସାମ୍ପ୍ରତିକ ବିଶୃଙ୍ଖଳାକୁ ଦେଖି ପ୍ରତ୍ୟେକ ଥାନାରେ ସିସିଟିଭି ଲଗାଇବାକୁ ପୋଲିସ ବିଭାଗ ତତ୍ପର ହୋଇଉଠିଛି। ଯେଉଁଠି ଖରାପ ଅଛି ବୋଲି ଆଗରୁ ଜଣାଥିଲା, ସେସବୁ ସ୍ଥାନରେ ଏବେ ତରବରିଆ ଭାବେ ମରାମତି କାର୍ଯ୍ୟ ଚାଲିଛି।

ଖୋର୍ଦ୍ଧା ଜିଲାର ବିଭିନ୍ନ ଥାନାରେ ସିସିଟିଭି ଲାଗିବା ନେଇ ଧରିତ୍ରୀ ତରଫରୁ ଏକ ଅନୁଧ୍ୟାନ କରାଯାଇଥିଲା। ମିଳିଥିବା ରିପୋର୍ଟ ଅନୁସାରେ ଏହି ପୋଲିସ ଜିଲାରେ ୧୧ଟି ଥାନା ରହିଛି। ସଦର ଉପଖଣ୍ଡ ଅଧୀନରେ ଜଙ୍କିଆ, ☞ପୃଷ୍ଠା–୪

## ରାଜ୍ୟରେ ଖୁବ୍‌ଶୀଘ୍ର ଏନ୍‌ଇପି: ସୂର୍ଯ୍ୟବଂଶୀ

**ଭୁବନେଶ୍ୱର,୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶାରେ ଖୁବ୍‌ଶୀଘ୍ର ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ କାର୍ଯ୍ୟକାରୀ ହେବାକୁ ଯାଉଛି। ଏନେଇ ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟର ପ୍ରସ୍ତୁତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ☞ପୃଷ୍ଠା–୪

# ଜୋତାରେ ତକ୍ଷ, ମାରିଲା ଚୋଟ

**ଭୁବନେଶ୍ୱର,୨।୧୦ (ଅନୁରାଧା ମହାରଣା)**



ଜୋତା ଭିତରେ ଲୁଚି ରହିଥିଲା ତକ୍ଷ। ଜୋତା ପିନ୍ଧିବାକୁ ଯିବାବେଳେ କାମୁଡ଼ି ଦେଲା ସାପ। ଭୁବନେଶ୍ୱର ଚକେଇସିହାଣୀ ଅଞ୍ଚଳରେ ବୁଧବାର ଏହି ଘଟଣା ଘଟିଛି। ସାପ କାମୁଡ଼ାରେ ଶିକାର ହୋଇଛନ୍ତି ସୁନୀଲ ପଣ୍ଡା। ସେ ଅଫିସ୍ ଯିବା ପୂର୍ବରୁ ଜୋତା ପିନ୍ଧିବାକୁ ଯାଉଥିଲେ। ଜୋତା ଉଠାଇ ଆଣୁଥିବାବେଳେ ସାପଟି ତାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲା। ସୁନୀଲଙ୍କ ଚିତ୍କାର ଶୁଣି ତାଙ୍କ ସହ ରହୁଥିବା ରୁମ୍‌ମେଟ୍‌ମାନେ ପହଞ୍ଚି ସାପକୁ ଦେଖି ଡରିଯାଇଥିଲେ। ତେବେ କୌଶଳକ୍ରମେ ସାପଟିକୁ ଜୋତା ସହ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପୂରାଇ ତୁରନ୍ତ ଆହତ ସୁନୀଲଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ପ୍ରାରମ୍ଭିକ ଚିକିତ୍ସା ଭାବେ ଆଣ୍ଟି ସ୍ନେକ୍ ଭେନମ୍‌ର ୧୦ଟି ଭାଏଲ୍ ଦିଆଯାଇଥିଲା। ତେବେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଅନ୍ୟପଟେ ସ୍ଥାନୀୟ ଲୋକେ ସାପଟିକୁ ଉଦ୍ଧାର ପାଇଁ ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ☞ପୃଷ୍ଠା–୪


DHARITRI YOUTH CONCLAVE 2024 — CLIMATE CHANGE: BUILDING RESILIENCE

**DHARITRI YOUTH CONCLAVE 2024**

CLIMATE CHANGE : BUILDING RESILIENCE

**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୫୦ ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନିଜ ପଦକ୍ଷେପର ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟରେ' ବିଜୟୀ ହେବାର ସୁଯୋଗ ପାଇବେ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ । ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା **'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ—୨୦୨୪'**ରେ ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ।

ଆବେଦନର ଶେଷ ତାରିଖ : ୩୧ ଅକ୍ଟୋବର ୨୦୨୪
ଦୟାକରି ନିଜ ବିବରଣୀ dharitriyouthconclave@gmail.com କୁ ପଠାନ୍ତୁ
ଅଧିକ ଜାଣିବା ପାଇଁ www.dharitriyouthconclave.com କୁ ଦେଖନ୍ତୁ

କ୍ଲାଇମେଟ ଗ୍ରାଣ୍ଟ ଆୱାର୍ଡ ତାରିଖ : ୨୪ ନଭେମ୍ବର ୨୦୨୪

APPLY NOW

https://tinyurl.com/38xd8xnz

SAVE THE PLANET

CLIMATE ACTION NOW

## ସଂକ୍ଷେପରେ

### ହେଲିକପ୍ଟର ଦୁର୍ଘଟଣା, ୨ ପାଇଲଟ ସମେତ ୩ ମୃତ

ପୁଣେ, ୨।୧୦

ମହାରାଷ୍ଟ୍ରର ପୁଣେ ଜିଲା ବାଭ୍‌ଧନସ୍ଥିତ ପାହାଡ଼ିଆ ଅଞ୍ଚଳରେ ବୁଧବାର ଏକ ହେଲିକପ୍ଟର କ୍ରାଶ ହେବାରୁ ଏଥିରେ ଥିବା ୨ ପାଇଲଟ ଓ ଜଣେ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ହେରିଟେଜ୍ ଆଭିଏଶନ ନାମକ ଏକ ପ୍ରାଇଭେଟ କମ୍ପାନୀର ଉକ୍ତ ହେଲିକପ୍ଟର ପୁଣେସ୍ଥିତ ଅକ୍ସଫୋର୍ଡ ଗଲ୍ଫ କୋର୍ସ ହେଲିପ୍ୟାଡ୍‌ରୁ ଉଡ଼ାଣ କରି ମୁମ୍ବାଇର ଜୁହୁ ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ହେଲିକପ୍ଟରରେ ଥିବା ସମସ୍ତ ୩ ଜଣଙ୍କର ମୃତ୍ୟୁ ଘଟିଥିବା ପୋଲିସ ସୂଚନା ଦେଇଛି। ହେଲିକପ୍ଟର କ୍ରାଶ୍ ହେବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ୪ ଦମକଳ ଟ୍ୟାଙ୍କର୍ ପହଞ୍ଚି ନିଆଁ ଲିଭାଇବା ସହ ମୃତଦେହଗୁଡ଼ିକୁ ଜବତ କରିଛି। ତେବେ କେଉଁଥିପାଇଁ ଏହି ଦୁର୍ଘଟଣା ଘଟିଲା, ସେନେଇ ତଦନ୍ତ ଜାରି ରହିଥିବା ପୁଣେ ପୋଲିସ ସୂଚନା ଦେଇଛି।

### ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କୁ ଛାଡ଼ିଲା ଦିଲ୍ଲୀ ପୋଲିସ



ନୂଆଦିଲ୍ଲୀ, ୨।୧୦

ପ୍ରାୟ ୪୪ ଘଣ୍ଟା ଧରି ଅଟକ ରଖିବା ପରେ ଲଦାଖର ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍ ଓ ତାଙ୍କର ପ୍ରାୟ ୧୫୦ ସହଯୋଗୀଙ୍କୁ ବୁଧବାର ଦିଲ୍ଲୀ ପୋଲିସ ମୁକୁଳାଇଛି। ମୁକୁଳିବା ପରେ ୱାଙ୍ଗ୍‌ଚୁକ୍ ଓ ତାଙ୍କର ସହଯୋଗୀ ଦିଲ୍ଲୀ ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ରାଜଘାଟ ଯାଇ ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ମାନ୍ୟତା ପ୍ରଦାନ ଦାବିରେ ୱାଙ୍ଗ୍‌ଚୁକ୍ ଓ ତାଙ୍କ ସହଯୋଗୀ ଦିଲ୍ଲୀ ଅଭିମୁଖେ ଶୋଭାଯାତ୍ରା କରି ଆସୁଥିବାବେଳେ ସୋମବାର ବିଳମ୍ବିତ ରାତିରେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ତେବେ ମଙ୍ଗଳବାର ରାତିରେ ପୋଲିସ ୱାଙ୍ଗ୍‌ଚୁକ୍ ଓ ତାଙ୍କ ସହଯୋଗୀମାନଙ୍କୁ ଛାଡ଼ି ଦେଇଥିଲା। ପୋଲିସ ଛାଡ଼ିବା ପରେ ସେମାନେ ଦିଲ୍ଲୀର ମଧ୍ୟଭାଗ ଆଡ଼କୁ ଯିବା ପାଇଁ ଶୋଭାଯାତ୍ରା କରିବା ଆରମ୍ଭ କରିଥିଲେ। ତେଣୁ ସେମାନଙ୍କୁ ଆଉ ଥରେ ଅଟକ ରଖାଯାଇଥିବାନେଇ ଦିଲ୍ଲୀ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୱାଙ୍ଗ୍‌ଚୁକ୍‌ଙ୍କ ସମେତ ତାଙ୍କର କେତେଜଣ ସହଯୋଗୀଙ୍କୁ ଦିଲ୍ଲୀର ବୱାନା ଥାନାରେ ଅଟକ ରଖାଯାଇଥିଲା। ତେବେ ୱାଙ୍ଗ୍‌ଚୁକ୍ ନିଜର ଦାବିକୁ ନେଇ ଥାନା ମଧ୍ୟରେ ଅନଶନ କରିଥିଲେ ବୋଲି ପୋଲିସ ସୂଚନା ଦେଇଛି।

### ୫,୬୦୦ କୋଟିର କୋକେନ୍, ଗଞ୍ଜେଇ ଜବତ

ନୂଆଦିଲ୍ଲୀ, ୨।୧୦

ଦିଲ୍ଲୀ ପୋଲିସ ୫୬୦ କେ.ଜି.ର କୋକେନ୍ ଓ ୪୦ କେ.ଜି.ର ଗଞ୍ଜେଇ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୫,୬୦୦ କୋଟି ଟଙ୍କା ହେବ ବୋଲି ଅଧିକାରୀମାନେ ବୁଧବାର ସୂଚନା ଦେଇଛନ୍ତି। ସ୍ପେଶାଲ ସେଲ୍ ଟିମ୍ ମଙ୍ଗଳବାର ଦକ୍ଷିଣ ଦିଲ୍ଲୀର ମହିପାଲପୁର ଅଞ୍ଚଳରେ ଚଢ଼ାଉ କରି ଏହାକୁ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଲ୍ଲୀର ତୁଷାର ଗୋୟଲ(୪୦), ହିମାଂଶୁ କୁମାର(୨୭), ଔରଙ୍ଗଜେବ ସିଦ୍ଦିକି(୨୩) ଏବଂ ମୁମ୍ବାଇର ଭରତ କୁମାର(୪୮)। ଅଭିଯୁକ୍ତମାନେ ଏକ ଅନ୍ତର୍ଜାତୀୟ ରାକେଟର ସଦସ୍ୟ ବୋଲି ପୋଲିସ ଜାଣିବାକୁ ପାଇଛି। ନିକଟ ଅତୀତରେ ଜାତୀୟ ରାଜଧାନୀରେ ଏତେ ପରିମାଣର ଡ୍ରଗ୍ସ ଜବତ ହୋଇ ନ ଥିଲା।



ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ବିଧ୍ୱସ୍ତ ବେରୁଟ୍‌ର ଦହିୟେହରୁ ଧୂଆଁ ବାହାରୁଛି।

## ଆତ୍ମଗୋପନରେ ଖାମେନେଇ, ଉଡ଼ାଇବାକୁ ଇସ୍ରାଏଲ୍‌ର ଯୋଜନା

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ୁଥିବାବେଳେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଇସ୍ରାଏଲ୍ ଆକ୍ରମଣରୁ ବର୍ତ୍ତିବା ପାଇଁ ସୁରକ୍ଷିତ ସ୍ଥାନରେ ଆତ୍ମଗୋପନ କରିଛନ୍ତି। ବିଶେଷକରି ଇସ୍ରାଏଲ୍ ଉପରେ ଇରାନର ଆକ୍ରମଣ ପରଠୁ ପ୍ରତିଆକ୍ରମଣ ଆଶଙ୍କା ବଢ଼ିଯାଇଛି। ଇତିମଧ୍ୟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ 'ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ' ବୋଲି ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ସୁପ୍ରିମ ଲିଡରଙ୍କୁ ବିସ୍ଫୋରଣରେ ଉଡ଼ାଇଦେବା ପାଇଁ ଇସ୍ରାଏଲ୍ ଯୋଜନା ଚଳାଇଥିବା ଜଣାପଡ଼ିଛି।

ଇରାନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମଙ୍ଗଳବାର ରାତିରେ ତେହରାନ୍ ଇସ୍ରାଏଲ୍‌କୁ ମିଶାଇଲ ମାଡ଼ କରିବା ପରେ ଖାମେନେଇ ସୁରକ୍ଷିତ ସ୍ଥାନରେ ରହିଛନ୍ତି। ଇରାନ୍‌ର ଘନିଷ୍ଠ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲାଙ୍କୁ ଇସ୍ରାଏଲ୍ ଉଡ଼ାଇଦେବା ପରେ ଖାମେନେଇଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା।



ଆୟାତୋଲ୍ଲା ଅଲୀ ଖାମେନେଇ

କିନ୍ତୁ ମଙ୍ଗଳବାର ଆକ୍ରମଣ ପରେ ତାଙ୍କୁ ଅନ୍ୟ ଏକ ସ୍ଥାନକୁ ନିଆଯାଇଛି। କାରଣ ନସ୍‌ରୁଲ୍ଲାଙ୍କ ପରେ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଟାର୍ଗେଟରେ ଏବେ ଖାମେନେଇ ରହିଥିବା କୁହାଯାଉଛି। ଆଇଡିଏଫ୍ ନିଜ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ରୂପେ ସୁପ୍ରିମ ଲିଡରଙ୍କୁ ନିଶାନାରେ ରଖିବା ଉଚିତ ବୋଲି ଇସ୍ରାଏଲର ଜଣେ ବରିଷ୍ଠ ଅଧିକାରୀ ଜେରୁଜେଲମ୍ ପୋଷ୍ଟକୁ କହିଛନ୍ତି। ଖାମେନେଇ ଏକ ପାରମ୍ପରିକ ଆକ୍ରମଣ ଚାହୁଁଥିବାବେଳେ ଆଣବିକ ଅସ୍ତ୍ର ପାଇଁ ସମର୍ଥନ ଲୋଡ଼ୁଛନ୍ତି। ଇରାନର ଆଣବିକ ଘାଟିଗୁଡ଼ିକୁ ଇସ୍ରାଏଲ୍ ଧ୍ୱସ୍ତବିଧ୍ୱସ୍ତ କରିବା ଜରୁରୀ ହୋଇପଡ଼ିଛି।

# ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର

## ସଂଯମ ରହିବାକୁ ଭାରତର ପରାମର୍ଶ

ନୂଆଦିଲ୍ଲୀ/ୱାଶିଂଟନ୍, ୨।୧୦

ପଶ୍ଚିମ ଏସିଆରେ ଯୁଦ୍ଧ ଘନଘଟା ଭିତରେ ଉତ୍ତେଜନା ବଢ଼ିବାରେ ଲାଗିଥିବାରୁ ସଂଯମ ରହିବା ପାଇଁ ବୁଧବାର ସବୁ ପକ୍ଷଙ୍କୁ ଭାରତ ପରାମର୍ଶ ଦେଇଛି। ଆଲୋଚନା ଓ କୂଟନୀତି ଜରିଆରେ ଉତ୍ତେଜନା ହ୍ରାସ ପାଇଁ ଉଦ୍ୟମ କରାଯିବା ଉଚିତ ବୋଲି ଆହ୍ୱାନ ଦେଇଛି।

ପଶ୍ଚିମ ଏସିଆରେ ନୂଆ ଉତ୍ତେଜନା ପ୍ରକାଶ ପାଇବା ପରିପ୍ରେକ୍ଷୀରେ ଭାରତ ନିଜ ପ୍ରଥମ ପ୍ରତିକ୍ରିୟାରେ କହିଛି, ଏହି ସଂଘର୍ଷକୁ ସମ୍ପୃକ୍ତ କ୍ଷେତ୍ରରେ ଅଧିକ ବିସ୍ତାର କରା ନ ଯାଉ। ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲା ଏବଂ ସଙ୍ଗଠନର ଅନେକ କମାଣ୍ଡର ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ନିହତ ହେବା ପରେ ଇରାନ୍ ଉପରେ ଇସ୍ରାଏଲ୍ ପ୍ରାୟ ୨୦୦ ମିଶାଇଲ୍ ଆକ୍ରମଣ କରିବା ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ପକ୍ଷରୁ ଉପରୋକ୍ତ ପରାମର୍ଶ ଦିଆଯାଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ପଶ୍ଚିମ ଏସିଆରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଏବଂ ନାଗରିକଙ୍କ ସୁରକ୍ଷାକୁ ନେଇ ନୂଆଦିଲ୍ଲୀ ଗଭୀର ଚିନ୍ତିତ। ଆଲୋଚନା ଓ କୂଟନୈତିକ ଉପାୟରେ ସବୁ ସମସ୍ୟାର ସମାଧାନ କରାଯିବା ଉଚିତ।

ଆମେରିକାର କାର୍ନେଜିଏ ଏଣ୍ଡୋମେଣ୍ଟ ଆଲୋଚନାରେ ଭାଗନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟପ୍ରାଚ୍ୟର ସଂଘର୍ଷ ବଢ଼ିବା ନେଇ ଆଶଙ୍କା ବ୍ୟକ୍ତ କରିବା ସହ ଚିନ୍ତା ପ୍ରକଟ କରିଛନ୍ତି। ଜୟଶଙ୍କର କହିଛନ୍ତି, ଇସ୍ରାଏଲ୍ ଉପରେ ହମାସ୍ ଆକ୍ରମଣ 'ଏକ ଆତଙ୍କବାଦୀ ଆକ୍ରମଣ'। ଇସ୍ରାଏଲ୍‌କୁ ଏହାର ଉଚିତ ଜବାବ ଦେବା ଆବଶ୍ୟକ ଥିଲା। କିନ୍ତୁ କୌଣସି ଦେଶକୁ ଅନ୍ୟ ରାଷ୍ଟ୍ରର ଜବାବ ଦେବାବେଳେ ଅନ୍ତର୍ଜାତୀୟ ମାନବୀୟ ଆଇନକୁ ଦୃଷ୍ଟିରେ ରଖିବାକୁ ପଡ଼ିବ। ଇସ୍ରାଏଲର ନୀତି ଓ ସଂଘର୍ଷ ବୃଦ୍ଧି ଆଶଙ୍କା ଉପରେ ଭାରତର ଆଭିମୁଖ୍ୟ ନେଇ ପ୍ରଶ୍ନ କରାଯିବାରୁ ଜୟଶଙ୍କର କହିଛନ୍ତି, ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଗତ ଅକ୍ଟୋବର ୭ରୁ ଆରମ୍ଭ କରିବାକୁ ପଡ଼ିବ। ଏହି ଦିନ ଇସ୍ରାଏଲ୍ ଉପରେ ହୋଇଥିବା ଆକ୍ରମଣକୁ ଆମେ ଆତଙ୍କବାଦୀ ଆକ୍ରମଣ ବିବେଚନା କରୁ। ଆମେ ବୁଝିପାରୁଛୁ ଯେ, ଇସ୍ରାଏଲକୁ ଏହାର ଜବାବ ଦେବାର ଥିଲା। କିନ୍ତୁ ଗାଜାରେ ଅନ୍ତର୍ଜାତୀୟ ମାନବୀୟ ଆଇନକୁ ସମ୍ମାନ ଦେଇ ନାଗରିକଙ୍କ ଯେପରି କୌଣସି କ୍ଷତି ନ ହେବ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଆବଶ୍ୟକ ଥିଲା।

ପ୍ରକାଶ ଯେ, ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷର ଦୁଇ-ରାଷ୍ଟ୍ର ସମାଧାନ ସିଦ୍ଧାନ୍ତକୁ ଭାରତ ସମର୍ଥନ କରିଆସିଛି। ଅକ୍ଟୋବର ୭ ଆକ୍ରମଣକୁ ପ୍ରଥମେ ନିନ୍ଦା କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟତମ ବିଶ୍ୱନେତା। ଅନ୍ୟପକ୍ଷେ ଗାଜାରେ ବିଗୁଡ଼ୁଥିବା ସ୍ଥିତିକୁ ନେଇ ଭାରତ ଅନେକ ଥର ଚିନ୍ତାବ୍ୟକ୍ତ କରିସାରିଛି। ୨୦୨୩ ଅକ୍ଟୋବରରେ ହମାସ୍‌ର ଶତାଧିକ ରକେଟମାଡ଼ରେ ୧୨୦୦ରୁ ଊର୍ଦ୍ଧ୍ୱ ଇସ୍ରାଏଲୀ ନିହତ ହୋଇଥିବାବେଳେ ଆତଙ୍କବାଦୀମାନେ ୨୫୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇଥିଲେ। ପଣବନ୍ଦୀଙ୍କ ମଧ୍ୟରୁ ୧୦୦ ଜଣ ଏବେ ମଧ୍ୟ ହମାସ୍ କବଳରେ ରହିଛନ୍ତି। ସେପଟେ ୟେମେନ୍‌ରେ ହୁତି ବିଦ୍ରୋହୀ ମଧ୍ୟ ଇସ୍ରାଏଲ୍ ଓ ଲୋହିତ ସାଗରୀୟ ରାଷ୍ଟ୍ରଗୁଡ଼ିକୁ ଟାର୍ଗେଟ କରିବାରେ ଲାଗିଛନ୍ତି। ଇସ୍ରାଏଲ୍ ମଧ୍ୟ ଲେବାନନ୍‌ରେ ଏୟାରଷ୍ଟ୍ରାଇକ୍ ଜାରି ରଖିଛି। ଏହି ସଂଘର୍ଷ ଉତ୍ତେଜନା ବୃଦ୍ଧିର କାରଣ ହୋଇଥିବାବେଳେ ବଡ଼ ଦେଶଗୁଡ଼ିକ ଅସ୍ତ୍ରବିରତି ଓ ପଣବନ୍ଦୀଙ୍କ ମୁକ୍ତି ନେଇ ଡିଲ୍ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଇତିମଧ୍ୟରେ ମଙ୍ଗଳବାର ରାତିରେ ଇସ୍ରାଏଲ ଉପରେ ଇରାନର ମିଶାଇଲ ଆକ୍ରମଣ ମଧ୍ୟପ୍ରାଚ୍ୟ ସ୍ଥିତିକୁ ଆହରି ସଙ୍ଗିନ କରିଦେଇଛି। ଇରାନୀୟ ରକେଟ୍ ମାଡ଼କୁ ଦୃଷ୍ଟିରେ ରଖି ସମସ୍ତ ଇସ୍ରାଏଲୀ ନାଗରିକଙ୍କୁ ବମ୍‌ସେଲ୍ଟରରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଥିବା ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଇସ୍ରାଏଲୀଙ୍କ ଗଣହତ୍ୟା ପାଇଁ ହେଜ୍‌ବୋଲ୍ଲା ଯୋଜନା କରୁଥିବାବେଳେ ଆଇଡିଏଫ୍ ଏହାକୁ ଭଣ୍ଡୁର କରିଦେଇଥିବାରୁ ସେମାନେ ନିରୀହ ନାଗରିକଙ୍କୁ ମିଶାଇଲ ଆକ୍ରମଣ କରିଥିବା ନେଇ ଏଥିରେ ନିନ୍ଦା କରାଯାଇଛି। 'ଜେରୁଜେଲମ୍ ପୋଷ୍ଟ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଇସ୍ରାଏଲ୍ ଉପରକୁ ୧୦୨ ମିଶାଇଲ ଛଡ଼ାଯାଇଥିଲା। ସେବେଠୁ ଇସ୍ରାଏଲ୍‌ରେ ଗର୍ଜୁଥିବା ସାଇରନ୍ ବନ୍ଦ ହେବାରେ ନାଁ ନେଉନାହିଁ।



ଆଇରନ୍ ଡୋମ୍ ଦ୍ୱାରା ଇଣ୍ଟରସେପ୍ଟ ହେବା ପରେ ଦକ୍ଷିଣ ଇସ୍ରାଏଲ୍‌ର ଏକ ସ୍ଥାନରେ ଖସିପଡ଼ିଥିବା ଇରାନୀୟ ମିଶାଇଲ ଉପରେ ଚଢ଼ି ପିଲାମାନେ ଖେଳୁଛନ୍ତି।

### ବ୍ଲିଙ୍କେନ୍‌ଙ୍କୁ ଭେଟିଲେ ଜୟଶଙ୍କର

ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ପରିପ୍ରେକ୍ଷୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକୀୟ ପ୍ରତିପକ୍ଷ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ଉଭୟେ ଦ୍ୱିପାକ୍ଷିକ ସହଯୋଗ, ପଶ୍ଚିମ ଏସିଆ ସ୍ଥିତି, ଭାରତୀୟ ଉପମହାଦେଶର ସଦ୍ୟ ଘଟଣାକ୍ରମ, ଇଣ୍ଡୋ-ପାସିଫିକ୍ ଏବଂ ୟୁକ୍ରେନ୍ ଯୁଦ୍ଧ ଉପରେ ଆଲୋଚନା କରିଛନ୍ତି। ମୋଦି ସରକାରଙ୍କ ତୃତୀୟ ପାଳିରେ ଦାୟିତ୍ୱ ଗ୍ରହଣ ପରେ ପ୍ରଥମ ଥର ଆମେରିକା ଗସ୍ତ କରିଥିବା ଜୟଶଙ୍କର ସେଠାକାର ପରରାଷ୍ଟ୍ର ବିଭାଗ ମୁଖ୍ୟାଳୟସ୍ଥିତ ଫୋଗି ବଟମ୍‌ରେ ବ୍ଲିଙ୍କେନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ।

### ଦିଲ୍ଲୀର ଇସ୍ରାଏଲୀ ଦୂତାବାସରେ କଡ଼ା ସୁରକ୍ଷା

ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ଥିବାରୁ ନୂଆଦିଲ୍ଲୀର ତୁଘଲକ୍ ରୋଡ୍ ଅଞ୍ଚଳସ୍ଥିତ ଇସ୍ରାଏଲ ଦୂତାବାସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଧିକ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ବହୁସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ଥିବା ଏହି ଏରିଆର ବିଭିନ୍ନ ସ୍ଥାନରେ ସିସିଟିଭି ସଂଲଗ୍ନ କରାଯାଇଥିବା ଦିଲ୍ଲୀ ପୋଲିସ କହିଛି। ଇସ୍ରାଏଲ୍ ଦୂତାବାସ ଓ ଏହା ନିକଟରେ ପୂର୍ବରୁ ୨ ଥର ବିସ୍ଫୋରଣ ଘଟିଥିଲା।

## ଦଳ ଗଢ଼ିଲେ ପ୍ରଶାନ୍ତ କିଶୋର

### ବିହାର ସ୍ୱର ଦିଲ୍ଲୀରେ ପହଞ୍ଚିବା ଜରୁରୀ



ପାଟନା, ୨।୧୦

ପୂର୍ବତନ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର (ପିକେ) ବୁଧବାର ନିଜ ଜନ ସୁରାଜ ଗ୍ରୁପ୍‌କୁ ଏକ ରାଜନୈତିକ ଦଳରେ ପରିବର୍ତ୍ତିତ କରି ଆନୁଷ୍ଠାନିକ ଭାବେ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଛନ୍ତି। ଜନ ସୁରାଜ ପାର୍ଟି ବିହାର ବିଧାନସଭାର ପରବର୍ତ୍ତୀ ନିର୍ବାଚନ ବେଳେ ସବୁ ଆସନରେ ଲଢ଼ିବ ବୋଲି ଆଶା କରାଯାଉଛି। ପାଟନାରେ ନୂଆ ଦଳ ପ୍ରତିଷ୍ଠା ଅବସରରେ ପ୍ରଶାନ୍ତ କହିଛନ୍ତି, ଜନ ସୁରାଜ ପାର୍ଟିର ମଙ୍ଗ କିଏ ଧରିବେ, ଗତ ୨ ବର୍ଷ ଧରି ଗ୍ରୁପ୍ ପାଇଁ କାର୍ଯ୍ୟ କରିଥିବା ଲୋକେ ସେହି ନିଷ୍ପତ୍ତି ନେବେ। ଆପଣମାନଙ୍କୁ କେବଳ 'ଜୟ ବିହାର' ସ୍ଲୋଗାନ ଦେବାର ଅଛି। ବିହାରର ଏହି ସ୍ୱର ଏତେ ଉଚ୍ଚ ହେବା କଥା ଯେମିତି ଦିଲ୍ଲୀକୁ ଶୁଭିବ। ଆପଣଙ୍କୁ ଓ ଆପଣଙ୍କ ପିଲାଙ୍କୁ ଯେମିତି କେହି 'ବିହାରୀ' କହି ଅପମାନିତ କରିବେ ନାହିଁ। ଏହି ସ୍ୱର ବିହାର ଛାତ୍ରଙ୍କୁ ଆକ୍ରମଣ କରାଯାଉଥିବା ପଶ୍ଚିମବଙ୍ଗ, ତାମିଲନାଡୁ, ଦିଲ୍ଲୀ ଓ ମୁମ୍ବାଇ ପର୍ଯ୍ୟନ୍ତ ପହଞ୍ଚିବା ଉଚିତ ବୋଲି ପ୍ରଶାନ୍ତ ଆହ୍ୱାନ ଦେଇଛନ୍ତି। ପ୍ରକାଶ ଯେ, ୨ ବର୍ଷ ହେଲା ପିକେ ବିହାର ବୁଲି ନିର୍ବାଚନୀ କାର୍ଯ୍ୟସୂଚୀ କ'ଣ ହେବା ଉଚିତ ତା' ଉପରେ ଜନ ସଚେତନତା ସୃଷ୍ଟି କରିଆସିଛନ୍ତି।

## ଫେଥ୍ ଡିକ୍ଲାରେଶନ୍‌ରେ ସ୍ୱାକ୍ଷର କଲେ ପୱନ କଲ୍ୟାଣଙ୍କ ଝିଅ

ହାଇଦ୍ରାବାଦ, ୨।୧୦

ତିରୁପତିର ଶ୍ରୀ ଭେଙ୍କଟେଶ୍ୱର ମନ୍ଦିରରେ ଲଡ୍ଡୁ ବିବାଦକୁ ନେଇ ଆନ୍ଧ୍ର ପ୍ରଦେଶ ଉପ ମୁଖ୍ୟମନ୍ତ୍ରୀ ତଥା ଜନସେନା ପାର୍ଟି ମୁଖ୍ୟ ପୱନ କଲ୍ୟାଣ ବୁଧବାର ତାଙ୍କ ୧୧ ଦିନିଆ ପ୍ରାୟଶ୍ଚିତ୍ତ ଶେଷ କରିଛନ୍ତି। ଏହାସହ ସେ ନିଜର ୨ ଝିଅଙ୍କ ସହ ମନ୍ଦିର ଯାଇ ଭଗବାନ ଭେଙ୍କଟେଶ୍ୱରଙ୍କର ଦର୍ଶନ କରିଛନ୍ତି। ତେବେ ତିରୁପତି ମନ୍ଦିରରେ ରହିଥିବା ନିୟମ ଅନୁଯାୟୀ, ମନ୍ଦିରରେ ପ୍ରବେଶ ପୂର୍ବରୁ ପୱନଙ୍କ ସାନ ଝିଅ ପୋଲିନା ଅଞ୍ଜନୀ କୋନିଡେଲାଙ୍କୁ ଏକ ଫେଥ୍ ଡିକ୍ଲାରେଶନ୍ ଫର୍ମ(ଆସ୍ଥା ଘୋଷଣାନାମା)କୁ ଭରି ସେଥିରେ ସ୍ୱାକ୍ଷର କରିବାକୁ ପଡ଼ିଛି। କୌଣସି ଅଣହିନ୍ଦୁ କିମ୍ବା ବିଦେଶୀ ମନ୍ଦିର ମଧ୍ୟକୁ ଯିବା ପୂର୍ବରୁ ଭଗବାନ ଭେଙ୍କଟେଶ୍ୱରଙ୍କ ପ୍ରତି ତାଙ୍କର ଆସ୍ଥା ଥିବା ନେଇ ଘୋଷଣାନାମାରେ ସ୍ୱାକ୍ଷର କରିବାକୁ ପଡ଼ିଥାଏ। ପୋଲିନା ହେଉଛନ୍ତି ପୱନ ଓ ତାଙ୍କ ତୃତୀୟ ସ୍ତ୍ରୀ ଆନ୍ନା ଲେଝ୍‌ନେଭାଙ୍କ ଝିଅ। ଆନ୍ନା ମୂଳତଃ ରୁଷିଆର ହୋଇଥିବାରୁ ପୋଲିନାଙ୍କୁ ଫେଥ୍ ଡିକ୍ଲାରେଶନ୍ ଫର୍ମରେ ସ୍ୱାକ୍ଷର କରିବାକୁ ପଡ଼ିଥିଲା। ପୋଲିନା ନାବାଳିକା ହୋଇଥିବାରୁ ଫର୍ମରେ ବାପା ପୱନ ମଧ୍ୟ ସ୍ୱାକ୍ଷର କରିଥିଲେ ବୋଲି ଜନ ସେନା ପାର୍ଟି ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।



## ମୋଦି କଲ୍ କରିଥିଲେ, ରିସିଭ୍ କଲିନି: ଭିନେଶ

ଚଣ୍ଡିଗଡ଼, ୨।୧୦

ହରିୟାଣା ବିଧାନସଭା ନିର୍ବାଚନରେ ଜୁଲାନା ଆସନରୁ ଲଢ଼ୁଥିବା ଭିନେଶ ଫୋଗଟ୍ ଅଲିମ୍ପିକ୍ ଫାଇନାଲ୍‌ର ୫୦ ଓମେନ୍ସ ୫୦ କେ.ଜି. ପୂର୍ବରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏହାର ମାସକ ପରେ ସେ କୁସ୍ତି କ୍ୟାରିୟରରୁ ଅବସର ଘୋଷଣା କରି ରାଜନୀତିରେ ସାମିଲ ହୋଇଥିଲେ। ହରିୟାଣାରେ ପ୍ରଚାର ଚାଲିଥିବାବେଳେ ଏକ ୱେବ୍ ଚ୍ୟାନେଲକୁ ସାକ୍ଷାତ୍କାର ଦେଇ ଭିନେଶ କହିଛନ୍ତି, ପ୍ୟାରିସ୍ ଅଲିମ୍ପିକ୍‌ରୁ ଅଯୋଗ୍ୟ ଘୋଷିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ କଲ୍ କରିଥିଲେ। କିନ୍ତୁ ସେ ପ୍ରଧାନମନ୍ତ୍ରୀଙ୍କ କଲ୍ ରିସିଭ୍ କରିବାକୁ ମନା କରିଦେଇଥିଲେ। କାରଣ ସେ ନିଜ ଭାବାବେଗ ଓ ଉଦ୍ୟମକୁ ରାଜନୈତିକ ଉଦ୍ଦେଶ୍ୟରେ ଶୋଷିତ ହେବାକୁ ଦେବା ପାଇଁ ଚାହିଁ ନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଅଫିସ (ପିଏମ୍‌ଓ)ରୁ ଫୋନ୍ କରିଥିବା ଅଧିକାରୀ ଜଣକ କହିଥିଲେ, ପ୍ରଧାନମନ୍ତ୍ରୀ ଆପଣଙ୍କ ସହ କଥା ହେବାକୁ ଚାହୁଁଛନ୍ତି। କିନ୍ତୁ ବାର୍ତ୍ତାଳାପ ବେଳେ ଆପଣଙ୍କ ସହ ନିଜ ଟିମ୍‌ର କେହି ଉପସ୍ଥିତ ରହିବେ ନାହିଁ। ସୋସିଆଲ ମିଡିଆ ପାଇଁ ଉଭୟ ପକ୍ଷର ଦୁଇଜଣ ଲେଖାଏ ବାର୍ତ୍ତାଳାପର ରେକର୍ଡିଂ କରିବେ ବୋଲି ସର୍ତ୍ତ ରଖାଯାଇଥିଲା। ଭିନେଶ ନିଜ ଆବେଗ ଓ କଠିନ ପରିଶ୍ରମକୁ ସାମାଜିକ ଗଣମାଧ୍ୟମରେ ଉପହାସର ପାତ୍ର ହେଉ ବୋଲି ଚାହିଁ ନ ଥିଲେ। ପ୍ରଧାନମନ୍ତ୍ରୀ ବିନା କୌଣସି ପ୍ରଚାର ପ୍ରସାର ସର୍ତ୍ତରେ କଲ୍ କରିଥିଲେ ସେ ତାଙ୍କୁ ପ୍ରଶଂସା କରିଥାଆନ୍ତେ ବୋଲି ସେ କହିଛନ୍ତି।



## ରିଲିଫ୍ ବାଣ୍ଟୁଥିଲା, ପାଣିରେ ଖସିଲା

### ଆଇଏଏଫ୍ ହେଲିକପ୍ଟର

ପାଟଣା, ୨।୧୦

ବିହାର ବନ୍ୟାରେ ରିଲିଫ୍ କାର୍ଯ୍ୟ ପାଇଁ ନିୟୋଜିତ ଥିବା ବାୟୁସେନାର ଏକ ଆଡଭାନ୍ସଡ୍ ଲାଇଟ ହେଲିକପ୍ଟର ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇ ମୁଜାଫରପୁର ଜିଲା ଔରଇ ବ୍ଲକସ୍ଥିତ ଏକ ଜଳାର୍ଣ୍ଣବ ଅଞ୍ଚଳରେ ଖସିପଡ଼ିଛି। ଉକ୍ତ ହେଲିକପ୍ଟରରେ ୨ ପାଇଲଟ ଓ ୨ କ୍ରିଉ ସଦସ୍ୟ ରହିଥିବାବେଳେ ସମସ୍ତେ ସୁରକ୍ଷିତ ଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଦରଭଙ୍ଗାରେ ବନ୍ୟା ପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇ ହେଲିକପ୍ଟରଟି ଫେରୁଥିବାବେଳେ ଏଥିରେ କିଛି ବୈଷୟିକ ତ୍ରୁଟି ଦେଖାଯାଇଥିଲା ଓ ଏହା ଦୁର୍ଘଟଣାଗ୍ରସ୍ତ ହୋଇ ଔରଇ ବ୍ଲକର ଏକ ଜଳାର୍ଣ୍ଣବ ଅଞ୍ଚଳରେ ଖସି ପଡ଼ିଥିଲା ବୋଲି ମୁଜାଫରପୁର ଜିଲାପାଳ ସୁବ୍ରତ କୁମାର ସେନ୍ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ବାୟୁସେନାର ୪ ଯବାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସମସ୍ତ ଯବାନ ନିରାପଦ ଥିବା ସେ କହିଛନ୍ତି।






# ବୁଡ଼ିଯାଉଥିବା ଯୁବକଙ୍କୁ ଉଦ୍ଧାର କଲେ ଶିକ୍ଷକ

କୋରୁକୋଣ୍ଡା,୨।୧୦ (ଶିବଦତ୍ତ ସାହୁ)

ଗଭୀର ଜଳରେ ବୁଡ଼ିଯାଉଥିବା ଜଣେ ଯୁବକଙ୍କୁ ଉଦ୍ଧାରକରି ସାହସିକତାର ପରିଚୟ ଦେଇଛନ୍ତି ଜଣେ ଶିକ୍ଷକ। ଉଦ୍ଧାର ହୋଇଥିବା ଯୁବକ ହେଲେ କୋରୁକୋଣ୍ଡା ବ୍ଲକ୍ ପୁରୁଣା ଚିମିଟାପଲ୍ଲୀ ପଞ୍ଚାୟତର ପୁରୁଣା କତାପାଲି ଗ୍ରାମର ମୁକା କବାସୀ। ବାଲିମେଳା ପୋଟେରୁ ଜଳସେଚନ ବିଭାଗ ସୋରଲୁକୋଣ୍ଡା ବ୍ୟାରେଜ ମଧ୍ୟକୁ ବାଲିମେଳା ପଟୁ ମୁକା ଏକ ବାଇକ୍‌ରେ ଯାଉଥିବାବେଳେ ଭାରସାମ୍ୟ ହରାଇ ବ୍ୟାରେଜର ଗଭୀର ଜଳରେ ପଡ଼ିଯାଇଥିଲେ। ସେହି ବାଟଦେଇ ସ୍କୁଲରୁ ଫେରୁଥିବା ଶିକ୍ଷକ ଗଙ୍ଗା ମାଡକାମୀ ଏହା ଦେଖି ତୁରନ୍ତ ଗଭୀର ଜଳକୁ ଡେଇଁ ଯୁବକଙ୍କୁ ଉଦ୍ଧାର କରିଥିଲେ। ପରେ ଆମ୍ବୁଲାନ୍ସ ଡକାଇ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

# ୪ରେ ଲଘୁଚାପ ସମ୍ଭାବନା: ବାତ୍ୟା ଆଶଙ୍କା ନାହିଁ

## ୭ରୁ ୧୧ ହାଲୁକାରୁ ମଧ୍ୟମ ଧରଣ ବର୍ଷା

ଭୁବନେଶ୍ୱର,୨।୧୦(ଅନିଲ ଦାସ )

ଦକ୍ଷିଣ-ପୂର୍ବ ବାଂଲାଦେଶ ଓ ଏହା ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୪ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗର ନିକଟସ୍ଥ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୭ ତାରିଖରୁ ୧୧ ତାରିଖ ମଧ୍ୟରେ ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ତେବେ ବାତ୍ୟା ନେଇ କୌଣସି ଆକଳନ କରାଯାଇ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଏଲ୍-ନିନ୍ୟୋ ସକ୍ରିୟ ନାହିଁ। ପ୍ରଶାନ୍ତ ମହାସାଗରରେ ନ୍ୟୁଟ୍ରାଲ୍ ଲା-ନିନା କଣ୍ଡିଶନ ଚାଲିଛି। ତେଣୁ ଅକ୍ଟୋବର ଓ ନଭେମ୍ବରରେ ଲା-ନିନା କଣ୍ଡିଶନରେ ଉନ୍ନତି ହେବ। ଲା-ନିନା କଣ୍ଡିଶନ ଯେତେବେଳେ ଡେଭଲପ୍ ହୁଏ, ସେତେବେଳେ ଉତ୍ତର ଭାରତରେ ତାପମାତ୍ରା କମ୍ ରହିଥାଏ। ସାଧାରଣତଃ ଲା-ନିନା ବର୍ଷଗୁଡ଼ିକରେ ତାପମାତ୍ରା କମ୍ ରହିଥିବା ଦେଖାଯାଇଛି। ଏଥିଯୋଗୁ ଅଧିକ ଥଣ୍ଡା ଅନୁଭୂତ ହୋଇଥାଏ। କିନ୍ତୁ ବର୍ତ୍ତମାନ ଅକ୍ଟୋବର ଓ ନଭେମ୍ବରରେ ଦୁର୍ବଳ ଲା-ନିନା କଣ୍ଡିଶନ ହେବ। ତାହା ଧୀରେ ଧୀରେ ସକ୍ରିୟ ହେବ। କିଭଳି ସକ୍ରିୟ ହେବ, ତାକୁ ଅନୁଧ୍ୟାନ କଲେ କେତେ ପରିମାଣରେ ଥଣ୍ଡା ବଢ଼ିବ ଜଣାପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗତ କିଛିଦିନ ହେବ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୭ରୁ ୩୮ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ଆର୍ଦ୍ରତା ପରିମାଣ ୭୦ରୁ ୮୦ ପ୍ରତିଶତ ରହୁଥିବାରୁ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ତେବେ ଆସନ୍ତା ୭ ତାରିଖ ବେଳକୁ ରାଜ୍ୟକୁ ପୂର୍ବ ଦିଗରୁ ବାୟୁ ପ୍ରବାହ ହେବ। ତାପମାତ୍ରା ତଳକୁ ଖସିବା ସହ ଆକାଶ ମେଘାଚ୍ଛନ୍ନ ରହିବ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଅନୁଯାୟୀ, ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ ଓ କେନ୍ଦୁଝର ଜିଲାରେ ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

# ସ୍ୱଚ୍ଛତାରେ ଜନଭାଗୀଦାରି ରହିବା ଆବଶ୍ୟକ



## 'ସଫେଇ କର୍ମଚାରୀ ସମ୍ମାନ କାର୍ଯ୍ୟକ୍ରମ'

### ସଫେଇ ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୨।୧୦(ଅନିଲ ଦାସ)

ସଫେଇ କର୍ମଚାରୀ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସାଥୀ ଅକ୍ଳାନ୍ତ ପରିଶ୍ରମ କରି ଆମ ପରିବେଶକୁ ସ୍ୱଚ୍ଛ ରଖିବା ସହିତ ଆମକୁ ସୁସ୍ଥ ମଧ୍ୟ ରଖୁଛନ୍ତି। ନିଜର ଭାଗୀଦାରି ସ୍ୱରୂପ ପ୍ରତ୍ୟେକ ନାଗରିକ ସଚେତନ ହୋଇ ନିଜ ଘର, ବ୍ୟବସାୟିକ ପ୍ରତିଷ୍ଠାନ, ଅନୁଷ୍ଠାନ ଆଦିର ଚତୁଃପାର୍ଶ୍ୱକୁ ଅତିକମ୍‌ରେ ୫ ମିଟର ପର୍ଯ୍ୟନ୍ତ ସଫା ରଖିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସଫେଇ ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜୟନ୍ତୀ ଏବଂ ସ୍ୱଚ୍ଛ ଭାରତ ଅଭିଯାନର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ବୁଧବାର ଓୟୁଏଟି ସ୍ୱାମୀନାଥନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ବୃକ୍ଷର ମହତ୍ତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସମସ୍ତେ ଜାଣନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଓଡ଼ିଶାରେ ଏହି ଅଭିଯାନରେ ୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୪କୋଟି ୪୦ ଲକ୍ଷ ଗଛ ଲଗାଯାଇ ସାରିଲାଣି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୧୪ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ଅଭିଯାନ ୨୦୨୪ରେ ୧୦ ବର୍ଷ ପୂର୍ତ୍ତି ପାଳନ କରୁଛି। ଏଥିସହିତ ଏହି ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ୨୦୧୬ରୁ ଆରମ୍ଭ ହୋଇଛି। ଆଜିକୁ ୮ ବର୍ଷ ହେଲାଣି ଏହି ସ୍ୱଚ୍ଛତା ପକ୍ଷ ସମଗ୍ର ଦେଶବ୍ୟାପୀ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେଉଥିବା ଏହି ସ୍ୱଚ୍ଛତା ପକ୍ଷ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅକ୍ଟୋବର ୨ରେ ଉଦ୍‌ଯାପିତ ହୋଇଛି। ସଫେଇ କର୍ମଚାରୀମାନେ ସହରବାସୀଙ୍କ ନିଦ ଭାଙ୍ଗିବା ପୂର୍ବରୁ ସହରର ରାସ୍ତା, ଗଳିକନ୍ଦି ସଫା କରିଥାନ୍ତି। ସେମାନଙ୍କ ଗାଡ଼ିରେ ବାଜୁଥିବା ଗୀତ ସହରବାସୀଙ୍କ ନିଦ ଭାଙ୍ଗିଥାଏ। ସହରର ସ୍ୱଚ୍ଛତା ପ୍ରତି ସେମାନଙ୍କ ଅବଦାନର ତୁଳନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଭୁବନେଶ୍ୱର ମହାନଗର ନିଗମର ସଫେଇ କର୍ମଚାରୀଙ୍କ ଉପରେ ପୁଷ୍ପ ବୃଷ୍ଟିକରି ସମ୍ମାନିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ମହାନଗର ନିଗମର ୫ଜଣ ସଫେଇ କର୍ମଚାରୀ ସୁକାନ୍ତି ସିଂହ, ଜାନକୀ ବେହେରା, ଅଭିମନ୍ୟୁ ଗୋଛାୟତ, ରମା ନାୟକ ଓ ଶରତ ନାୟକଙ୍କୁ ସମ୍ମାନିତ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି, ମହାତ୍ମା ଗାନ୍ଧୀ ନିଜର ବିଚାରଧାରା ଯୋଗୁ ସାରା ବିଶ୍ୱ ପାଇଁ ଆଦର୍ଶ ସୃଷ୍ଟି କରିଛନ୍ତି। ସ୍ୱାଧୀନ ଭାରତରେ ମାନସିକ ପରିଶ୍ରମକୁ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ଶାରୀରିକ ପରିଶ୍ରମକୁ ଗୁରୁତ୍ୱ ଦିଆଯାଇନାହିଁ। ସେଥିପାଇଁ ସଫେଇ କର୍ମଚାରୀ ହୁଅନ୍ତୁ ବା ନିର୍ମାଣ ଶ୍ରମିକ, ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତିଙ୍କୁ ସମ୍ମାନ ଜଣାଇବାର ଏ ହେଉଛି ଏକ ମହାନ୍ କାର୍ଯ୍ୟକ୍ରମ। ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିବା ପରଠାରୁ ବର୍ତ୍ତମାନ ସୁଦ୍ଧା ଦେଶର ୫.୫୦ ଲକ୍ଷ ଗାଁ ବାହ୍ୟ ମଳମୁକ୍ତ ଗ୍ରାମରେ ପରିଣତ ହୋଇସାରିଛି। ସ୍ୱଚ୍ଛତା କେବଳ ସରକାରଙ୍କ କାମ ନୁହେଁ, ଏଥିରେ ସମସ୍ତ ଜନସାଧାରଣଙ୍କ ଭାଗୀଦାରି ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଭୁବନେଶ୍ୱରର ସ୍ୱଚ୍ଛତା ରକ୍ଷା କରି ଯେଉଁ ସଫେଇ କର୍ମଚାରୀ ରାଜ୍ୟର ରାଜଧାନୀ ଭାବରେ ସହରର ମର୍ଯ୍ୟାଦା ରକ୍ଷା କରିଛନ୍ତି, ସେମାନଙ୍କୁ ସମ୍ମାନିତ କରିବା ଏକ ଭାବପ୍ରବଣ ମୁହୂର୍ତ୍ତ।

କାର୍ଯ୍ୟକମରେ ଏକାମ୍ର ବିଧାୟକ ବାବୁ ସିଂ ସ୍ୱାଗତଭାଷଣ ଦେଇବେଳେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଦନ୍ତାକୁ ଟ୍ରାଙ୍କୁଲାଇଜ୍ ପରେ ରେଡିଓକଲାର ଲଗାଗଲା

## ବଣାଇଁ ଅଞ୍ଚଳରେ ଆତଙ୍କ ଖେଳାଇଥିଲା

ବଣାଇଁ,୨।୧୦(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନାଞ୍ଚଳରେ ଉତ୍ପାତ କରୁଥିବା ଏକ ଗୋଠଛଡା ଦନ୍ତାକୁ ବୁଧବାର ସକାଳେ ବନବିଭାଗ ଟ୍ରାଙ୍କୁଲାଇଜ କରି ରେଡିଓକୁଲାର ଲଗାଇଛି। ଆବଶ୍ୟକ ସ୍ଥଳେ ଦନ୍ତାକୁ ସ୍ଥାନାନ୍ତର କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଦନ୍ତା ୮ମାସରୁ ଊର୍ଦ୍ଧ୍ୱ ସମୟ ଧରି ବଣାଇଁ ସହର ସମେତ ଆଖପାଖରେ ଉତ୍ପାତ ଜାରି ରଖି ବ୍ୟାପକ ଫସଲ ନଷ୍ଟ ସହ ୨ଶହରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଥିଲା। ଏନେଇ



ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏବେ ରେଡିଓକୁଲାର ମାଧ୍ୟମରେ ହାତୀର ଲୋକେଶନ ପ୍ରତି ବନବିଭାଗ ଧ୍ୟାନ ରଖିବ। ଆବଶ୍ୟକ ସ୍ଥଳେ ପୁନଃ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଯିବ ବୋଲି ବଣାଇଁ ବନାଞ୍ଚଳ ଅଧିକାରୀ ଦେବାଶିଷ ନାଏକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୩ ସପ୍ତାହ ତଳେ ଅନୁରୂପ ଏକ ହାତୀଠାରେ ରେଡିଓକୁଲାର ଯନ୍ତ୍ର ଲଗାଇ ଥିଲେ ହେଁ ପୂର୍ବବତ ହାତୀଟି କୋଇଡ଼ା ବନାଞ୍ଚଳରେ ଘୂରି ବୁଲୁଛି।

# ଆପାର୍ଟମେଣ୍ଟରେ ମହିଳାଙ୍କୁ ଗଣବଳାତ୍କାର ଘଟଣା | ଧରାପଡ଼ିଲେ ୩ ଅଭିଯୁକ୍ତ

ଭୁବନେଶ୍ୱର, ୨।୧୦(ସତ୍ୟଜିତ୍ ରାଉତ)



ଭୁବନେଶ୍ୱର ମୈତ୍ରୀବିହାର ଥାନା ଅଧୀନ ଏକ ବସ୍ତିରେ ଥିବା ଆପାର୍ଟମେଣ୍ଟରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ କମିଶନରେଟ୍ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ବୁଧବାର ଧରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆ ସାହିରେ ରହୁଥିବା ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ କେଶରପୁରର ବିକାଶ ନାୟକ (୨୬), ଧଉଳି ଥାନା ଅଧୀନ ରେବତି ନଗରରେ ରହୁଥିବା ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଗା ସିଂ ଓରଫ କାଟିଆ (୨୫) ଏବଂ ସ୍ଥାନୀୟ ବସ୍ତିରେ ରହୁଥିବା ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ବଳରାମପ୍ରସାଦ ଅଞ୍ଚଳର ଟୁକୁନା ନାୟକ (୨୭)। ବିକାଶ ଓ ଜଗା ଫ୍ଲାଟରେ ପଶି ମହିଳାଙ୍କୁ ବଳାତ୍କାର କରିଥିବାବେଳେ ଟୁକୁନା ବାହାରେ ରହି ସୁରକ୍ଷା ଦେବା ସହ ଆପରାଧିକ ଯୋଜନାରେ ସମ୍ପୃକ୍ତି ଥିଲେ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ, ଗୋଟେ ପରିବା କଟା ଛୁରି ଓ ଗୋଟିଏ ସ୍କୁଟି ଜବତ ହୋଇଛି। ମୈତ୍ରୀ ବିହାର ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟଚାଲାଣ କରିବ ବୋଲି ସୂଚନା ଦିଆଯାଇଛି।

## ଅଭ୍ୟାସଗତ ଅପରାଧୀ, ଏକାଧିକ ଥର ଜେଲ ଯାଇଛନ୍ତି

ଅଭିଯୁକ୍ତ ଜଗା ଓ ବିକାଶ ଜଣେ ଅଭ୍ୟାସଗତ ଅପରାଧୀ। ଚୋରି, ଡକାୟତି, ଲୁଟ୍ ମାମଲା ଆଦିରେ ସେମାନଙ୍କ ସମ୍ପୃକ୍ତି ରହିଛି। ବିକାଶଙ୍କ ନାଁରେ ଚନ୍ଦ୍ରଶେଖରପୁର ଥାନାରେ ୭ଟି ମାମଲା ରହିଛି। ସେହିପରି ଜଗାଙ୍କ ନାଁରେ ମଧ୍ୟ ଚନ୍ଦ୍ରଶେଖରପୁର ଥାନାରେ ୫ ଓ ଭରତପୁର ଥାନାରେ ଗୋଟିଏ ମାମଲା ରହିଛି। ଏକାଧିକ ଥର ଜେଲ ଯାଇ ପୁଣି ଜାମିନରେ ଫେରିଛନ୍ତି। ଦୁଇବର୍ଷ ତଳେ ଉଭୟଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ସିଆର୍‌ପିସିର ଦଫା ୧୧୦ରେ ପୁଣି ଜେଲ ପଠାଇଥିଲା।

## ଦିନେ ପୂର୍ବରୁ ମୋବାଇଲ ଚୋରି କରି ଯୋଜନା କରିଥିଲେ

ପୀଡ଼ିତା ୨୯ ବର୍ଷୀୟା ମହିଳାଙ୍କ ସ୍ୱାମୀ ଅନ୍ୟ ସ୍ଥାନରେ ସୁପରଭାଇଜର ଭାବେ କାମ କରନ୍ତି। ସେ ଉକ୍ତ ଆପାର୍ଟମେଣ୍ଟରେ ଏକ ଫ୍ଲାଟରେ ୨ବର୍ଷର ଶିଶୁକନ୍ୟା ସହ ୨୦ଦିନ ହେଲା ଭଡ଼ାରେ ରହିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ଟୁକୁନା ମଧ୍ୟ ଉକ୍ତ ଆପାର୍ଟମେଣ୍ଟ କଲୋନିରେ ଘର ପାଇ ପରିବାର ସହ ରହୁଛନ୍ତି। ଉକ୍ତ ବସ୍ତିରେ ବିକାଶ ଓ ଜଗା ପୂର୍ବରୁ ରହୁଥିବାବେଳେ ତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଘର ମିଳି ନ ଥିଲା। ସେମାନେ ଅନ୍ୟ ସ୍ଥାନରେ ରହି ଅଧିକାଂଶ ସମୟରେ ଟୁକୁନାଙ୍କ ଘରକୁ ଆସନ୍ତି। ତେବେ ଅଭିଯୁକ୍ତମାନେ କୁନିଝିଅ ସହ ରହୁଥିବା ମହିଳାଙ୍କୁ ଦେଖି ଚୋରି ଯୋଜନା କରିଥିଲେ। ଏପରିକି ପ୍ରାୟ ସମୟରେ ମହିଳାଙ୍କ ଘରର ବାଲ୍‌କୋନି କବାଟ ଖୋଲା ରହୁଥିବାରୁ ଅଭିଯୁକ୍ତମାନଙ୍କ ପାଇଁ କାଣ୍ଡ ଘଟାଇବା ସହଜ ମନେ ହୋଇଥିଲା। ଗତ ସେପ୍ଟେମ୍ବର ୨୮ ରାତିରେ ବିକାଶ ଓ ଜଗା ମହିଳାଙ୍କ ଘରେ ପଶି ଏକ ମୋବାଇଲ ଚୋରି କରିଥିଲେ। ତେବେ ଏହାପରେ ସେମାନେ ଚୋରି ସହ ବଳାତ୍କାର କରିବାକୁ ମଧ୍ୟ ଯୋଜନା କରିଥିଲେ। ଏନେଇ ଉଭୟେ ଟୁକୁନାଙ୍କୁ କହି ସୁଚିନ୍ତିତ ଯୋଜନା କରିଥିଲେ। ସେପ୍ଟେମ୍ବର ୨୯ ରାତିରେ ଟୁକୁନା ବାହାରେ ରହି ସୁରକ୍ଷା ଦେଇଥିଲେ। ଜଗା ଓ ବିକାଶ ପୁଣି ସେହି ବାଲ୍‌କୋନି ଦେଇ ଘରେ ପଶି କାଣ୍ଡ ଘଟାଇଥିଲେ। ଏପରିକି ଘରେ ଥିବା ଏକ ପରିବା କଟା ଛୁରି ଦେଖାଇ ଭୟଭୀତ କରିବା ସହ ମହିଳାଙ୍କୁ ଗଣ ବଳାତ୍କାର କରିଥିଲେ। ଏଥିସହ ମହିଳାଙ୍କ ସୁନା କାନଫୁଲ ସହ ଏକ ମୋବାଇଲ ଚୋରି କରିନେଇଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗ କରିଥିଲେ।

## ପୀଡ଼ିତାଙ୍କ ମୋବାଇଲ ଟ୍ରାକ୍ କରି ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଲା ପୋଲିସ

ସରକାରଙ୍କ ପକ୍ଷରୁ ବସ୍ତି ବାସିନ୍ଦାଙ୍କୁ ସୁଲଭ ଆବାସ ପ୍ରକଳ୍ପ ଅଧୀନରେ ଯୋଗାଇଯାଇଥିବା ଉକ୍ତ ଆପାର୍ଟମେଣ୍ଟରେ ସିସିଟିଭି ନାହିଁ। ଏହି ଘଟଣାରେ ମହିଳାଙ୍କ ବ୍ୟତୀତ କେହି ଅନ୍ୟ କେହି ସାକ୍ଷୀ ନ ଥିବାରୁ ପୋଲିସ ଅଭିଯୁକ୍ତଙ୍କୁ ଧରିବା ଚାଲେଞ୍ଜ ହୋଇଥିଲା। କେବଳ ପୀଡ଼ିତାଙ୍କଠୁ ଚୋରି ହୋଇଥିବା ମୋବାଇଲକୁ ଟ୍ରାକ୍ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଯୋଜନା କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଉକ୍ତ ମୋବାଇଲକୁ ଟ୍ରାକ୍ କରି ଜଗା ଓ ବିକାଶଙ୍କୁ ଧରିଥିଲା। ତାଙ୍କୁ ପଚରାଉଚରା ପରେ ଟୁକୁନାଙ୍କ ବାବଦରେ ଜଣାପଡ଼ିଥିଲା।

## ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ, ପୀଡ଼ିତାଙ୍କୁ ୧୦ ଲକ୍ଷ କ୍ଷତିପୂରଣ ଦାବି

ଆପାର୍ଟମେଣ୍ଟରେ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିକଟରେ ଅଭିଯୋଗ କରିଛନ୍ତି। ଜୟନ୍ତ କମିଶନଙ୍କ ନିକଟରେ ଏକାଧିକ ଦିଗ ସଂକ୍ରାନ୍ତରେ ପ୍ରାର୍ଥନା କରିଛନ୍ତି। ଅଭିଯୁକ୍ତଙ୍କ ଗିରଫ ସହ ୬୦ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରି କୋର୍ଟରେ ଶୁଣାଣି, ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ସହ ଜନବସତି ଅଞ୍ଚଳରେ ସିସିଟିଭି ଲଗାଯିବାକୁ ଗୁରୁତ୍ୱ ଦିଆଯିବାକୁ ଜୟନ୍ତ ଦାବି କରିଛନ୍ତି।



**ଆଜିର ମନ୍ତବ୍ୟ**
ଏକବିଂଶ ଶତାବ୍ଦୀରେ ଲୋକଙ୍କ ସହଭାଗିତାରେ ସର୍ବବୃହତ୍ ଅଭିଯାନ ସ୍ୱଚ୍ଛ ଭାରତ ମିଶନ ଦେଶର ସମୃଦ୍ଧି ଅଭିମୁଖେ ନୂଆ ବାଟ କଢ଼ାଉଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପଣ୍ଡିତ ନୀଳମଣି ମିଶ୍ରଙ୍କ ୨୭ତମ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଡ. କେଶବ ଚନ୍ଦ୍ର ସାହୁଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଡ. କେଶବ ଚନ୍ଦ୍ର ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ପ୍ରଫେସରପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ
- ସାହିଭାଇ ପକ୍ଷରୁ ଗୋସେବା କାର୍ଯ୍ୟକ୍ରମ, ସ୍ଥାନ: ବାଘା ଆଖିଡ଼ା ମଠ, ପୁରୀ, ସମୟ: ସକାଳ ୮ଟା.୧୫।
- ରୋଗୀ କଲ୍ୟାଣ ସମିତିର ବୈଠକ, ସ୍ଥାନ, ଆଇଡିଏଚ୍ ହସ୍ପିଟାଲ, ରେଡ୍‌କ୍ରସ ରୋଡ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ କ୍ୟାସେଟର ଶୁଭ ଉନ୍ମୋଚନ ଉତ୍ସବ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଦୁର୍ଗାପୂଜା ପାଇଁ ପ୍ରଶାସନିକ ବୈଠକ, ସ୍ଥାନ: ଗାନ୍ଧୀସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଦୁର୍ଗାପୂଜା ଓ ରାବଣପୋଡି ଉତ୍ସବ ନିମନ୍ତେ ଶାନ୍ତି କମିଟି ବୈଠକ, ସ୍ଥାନ:ପୋଲିସ ଷ୍ଟେଶନ ପରିସର, ରୂପସା, ସମୟ: ଅପରାହ୍ନ ୪ଟା ୩୦।

## ଭଦ୍ରକ
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଜିଲାସ୍ତରୀୟ ପ୍ରତିଷ୍ଠା ଉତ୍ସବ, ସ୍ଥାନ, ଉଲଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଓରମାସର ନିର୍ଦ୍ଦେଶିକାଙ୍କ ବିଭିନ୍ନ ବ୍ଲକ୍ ଗସ୍ତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ମା' ଗଡ଼ଚଣ୍ଡୀଙ୍କ ଶୈଳପୁତ୍ରୀ ବେଶରେ ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଓ ସନ୍ଧ୍ୟା ୭ ଟା।
- ମା' ଭାଟିଆସୁଣୀ ପୀଠରେ ଦୁର୍ଗାପୂଜା ଆରମ୍ଭ, ସ୍ଥାନ: ଜଳସରପୁର, ହାଟଡ଼ିହୀ, ସମୟ: ସକାଳ ୬ ଟା ୩୦।
- ମା' ଦୁର୍ଗାଙ୍କ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ଏବଂ ଭଜନ ସମାରୋହ, ସ୍ଥାନ: ଢ଼ୁଅଁର, ହାଟଡ଼ିହୀ, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୭ ଟା।
- ପାଟଣା ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ବ୍ଲକ୍ ମୁଖ୍ୟାଳୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣା, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍ ତରଫରୁ ମହିଳା ମିଶନ ଶକ୍ତି ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।

## ମୟୂରଭଞ୍ଜ
- ରୋଗୀ ସେବା ନିମନ୍ତେ ନୂତନ କ୍ୟାବିନ ଲୋକାର୍ପଣ, ସ୍ଥାନ:ଉଦଲା ଉପଖଣ୍ଡ ଡାକ୍ତରଖାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ବିଇଏମସି କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ
- ବିଜେଡିର ସାଙ୍ଗଠନିକ ବୈଠକ, ସ୍ଥାନ: ବୁଗୁଡା କଦମ୍ବ ମଠ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଅରବିନ୍ଦ ପାଠଚକ୍ର, ସ୍ଥାନ: ଭଞ୍ଜନଗର ଲଣ୍ଡେଇସାହି, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- ନବରାତ୍ର ଉପଲକ୍ଷେ ମା'ଶୈଳପୁତ୍ରୀଙ୍କ ପୂଜା, ସ୍ଥାନ: ବାଲିଗୁଡ଼ା ମା' ପାଟଖଣ୍ଡା ମନ୍ଦିର ପରିସର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ଜଗତସିଂହପୁର
- ପୀଠ ପରିଷଦ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀର ଦ୍ୱିତୀୟ ବାର୍ଷିକ ମହୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, ମଧୁବନ, ପାରାଦୀପ ସମୟ: ସକାଳ ୬ ଟା।

## କେନ୍ଦ୍ରାପଡ଼ା
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଓ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ, ସ୍ଥାନ: ଯାଜପୁର ଜିଲା ସ୍କୁଲ ଓ ଇଣ୍ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା'ବିମଳାଙ୍କ ନବଦିନାତ୍ମକ ପୂଜା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଷୋଡଷ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, ସମୟ: ସକାଳ ୭ଟା।
- ଷୋଡଷ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ଷୋଡଷ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଦିଶା ବୈଠକ, ସ୍ଥାନ: ନୟାଗଡ଼ ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନ ହଲ, ସମୟ: ଅପରାହ୍ନ ସାଢ଼େ ୩ଟା।

## ରାୟଗଡ଼ା
- ଜିଲାସ୍ତରୀୟ ତମାଖୁ ମୁକ୍ତ ଯୁବ ଅଭିଯାନ, ସ୍ଥାନ: ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଫସଲ ବିବିଧିକରଣ ଅନ୍ତର୍ଗତ ସମସ୍ତ ଅଂଶୀଦାର ଦକ୍ଷତା ବୃଦ୍ଧି ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀ ନୃସିଂହ ହଲ୍, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ବାଟମଙ୍ଗଳାଙ୍କ ନବରାତ୍ର ପୂଜା ଆରମ୍ଭ, ସ୍ଥାନ: ବାଟ ମଙ୍ଗଳା ମନ୍ଦିର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ ପରିଚାଳନା କମିଟି ବୈଠକ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଜିଲା ବନ ସୁରକ୍ଷା ସମିତିର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ:ଅପରାହ୍ନ ୫ ଟା।

## ସମ୍ବଲପୁର
- ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପ୍ରାତଃ ୫ଟା।
- ରାଜ୍ୟ ବିଦ୍ୟାଳୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ଡା.ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୮ଟା
- ଆବାହନୀ ପକ୍ଷରୁ ଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବଡବଜାର ସ୍ଥିତ ଲଳିତକଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୦ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ବଲାଙ୍ଗୀର
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋରଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ସୁବର୍ଣ୍ଣପୁର
- ସୁରେଶ୍ୱରୀଙ୍କ ମନ୍ଦିର ପରିସରରେ ସୂର୍ଯ୍ୟ ପୂଜା ସହ ଚଣ୍ଡୀଯଜ୍ଞ ଆରମ୍ଭ, ସ୍ଥାନ: ସୁରେଶ୍ୱରୀ ଯଜ୍ଞ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼
- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ବିଦ୍ୟୁତ୍, ଆଇନଶୃଙ୍ଖଳା ସମସ୍ୟା ନେଇ ଜନସଭା, ସ୍ଥାନ: ଅଡ଼ଗାଁ ବଜାର ପ୍ରାଙ୍ଗଣ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।
- ଜିଲା ବରିଷ୍ଠ ନାଗରିକ ସଂଘର ସଭା, ସ୍ଥାନ: ସଂଘ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା
- ପ୍ରଥମ ନବ ରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା ୩୦।
- ପ୍ରଥମ ନବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହର ବେହେରାମାଲସ୍ଥିତ ତାରିଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- ଆଗାମୀ ଦୁର୍ଗାପୂଜା ପାଇଁ ଶେଷ ପ୍ରସ୍ତୁତି ବୈଠକ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଦୁର୍ଗା ପେଣ୍ଡାଲ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼
- ୧୦ ଦିନିଆ ଫଳ ଓ ପନିପରିବାରେ ସଂଯୋଜନ ଓ ମୁକୁଳ କଲମୀକରଣ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର,କିରେଇ,ସମୟ: ସକାଳ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା୩୦।

## ରାଉରକେଲା
- ଟିପିଡବ୍ଲ୍ୟୁଓଡିଏଲର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆଇଟିଆ, ରାଉରକେଲା, ସମୟ: ସକାଳ ୧୦ଟା।

## ଦେବଗଡ଼
- ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ସକାଳ ୯ଟା।
- ଅଗ୍ରସେନ ଜୟନ୍ତୀ ପାଳନ, ସ୍ଥାନ: ଅଗ୍ରେସନ ଭବନ, ସମୟ: ଅପରାହ୍ନ ୨ଟା।
- ନବରାତ୍ର ପୂଜା ପାଇଁ କଳସ ଯାତ୍ରା, ସ୍ଥାନ: ପ୍ରଧାନପାଟ ଜଳପ୍ରପାତଠାରୁ କନକ ଦୁର୍ଗା ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା
- ନବମ ମା' ବସ୍ତ୍ରାଣୀ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିଭୁଜ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ନବରାତ୍ର ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନୂଆପଡା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ଭୌଇଁଷିପାଟ ମନ୍ଦିର, ସମୟ: ଅପରାହ୍ନ ୩ଟା।
- ନବରାତ୍ର ଦୁର୍ଗାପୂଜା ଆରମ୍ଭ ଓ ଦୀପ ପ୍ରଜ୍ୱଳନ, ସ୍ଥାନ: ଦୁର୍ଗା ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବୌଦ୍ଧ ଗସ୍ତ ଓ ଜିଲାସ୍ତରୀୟ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦ ମିନିଟ।
- ନିପୁନ ଓଡିଶା ମିଶନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ , ବୌଦ୍ଧ, ସମୟ : ଅପରାହ୍ନ ୫ଟା।

## ଗୁଟେରେସ୍‌ଙ୍କୁ ଇସ୍ରାଏଲ୍...

ଏହି ଘୋଷଣା ପରେ ଜାତିସଂଘ ଓ ଇସ୍ରାଏଲ୍ ମଧ୍ୟରେ ବଢ଼ିଚାଲିଥିବା ଫାଟ ଆହୁରି ଗଭୀର ହେବା ସହ ତିକ୍ତତା ବୃଦ୍ଧି ପାଇବ ବୋଲି କୁହାଯାଉଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ଇସ୍ରାଏଲ୍ ଉପରେ ଇରାନ ୧୮୦ରୁ ଊର୍ଦ୍ଧ୍ୱ ବାଲିଷ୍ଟିକ୍ ମିଶାଇଲ୍ ମାଡ଼ କରିଥିଲା। ସେଥିରୁ ଅଧିକାଂଶ କ୍ଷେପଣାସ୍ତ୍ରକୁ ଇସ୍ରାଏଲ୍‌ର ଆଇରନ୍ ଡୋମ୍ ନିଷ୍କ୍ରିୟ କରିଦେଇଥିଲା। ଏନେଇ ଗୁଟେରେସ୍ ଏକ୍ସ'ରେ ଉଲ୍ଲେଖ କରିଥିଲେ, ମଧ୍ୟପ୍ରାଚ୍ୟରେ ସଂଘର୍ଷ ବଢ଼ିବାରେ ଲାଗିଥିବାବେଳେ ଉତ୍ତେଜନା ପରେ ଉତ୍ତେଜନା ପ୍ରକାଶ ପାଇବାରେ ଲାଗିଛି। ଏହା ବନ୍ଦ ହେବା ଜରୁରୀ। ଆମକୁ ସମ୍ପୂର୍ଣ୍ଣ ଅସ୍ତ୍ରବିରତି ଆବଶ୍ୟକ। ଅନ୍ୟପକ୍ଷେ ଦକ୍ଷିଣ ଲେବାନନ୍‌କୁ ସ୍ଥଳଭାଗରେ ଇସ୍ରାଏଲ୍ ସୀମିତ ଆକ୍ରମଣ କରିବା ପରେ ଜାତିସଂଘ ମହାସଚିବ କହିଥିଲେ, ଲେବାନନ୍‌ରେ ସଂଘର୍ଷକୁ ନେଇ ସେ ଅତ୍ୟନ୍ତ ଚିନ୍ତିତ। ଲେବାନନ୍‌ର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ସମ୍ମାନ ଦିଆଯିବା ଜରୁରୀ। ଲେବାନନ୍‌ରେ ଯେକୌଣସି ପ୍ରକାରେ ଯୁଦ୍ଧକୁ ଏଡ଼ାଇଦେବା ଆବଶ୍ୟକ।

ଗୁଟେରେସ୍‌ଙ୍କ ଏଭଳି ଦୋମୁହାଁ ନୀତିକୁ ନେଇ ଇସ୍ରାଏଲ୍ ଅସନ୍ତୋଷ ବ୍ୟକ୍ତ କରିଛି। କାଟ୍ଜ ଆହୁରି କହିଛନ୍ତି, ଏହି ବ୍ୟକ୍ତି ଜାତିସଂଘର ସେକ୍ରେଟାରି ଜେନେରାଲ, ଯିଏ ୨୦୨୩ ଅକ୍ଟୋବର ୭ରେ ହମାସ୍ ଦ୍ୱାରା କରାଯାଇଥିବା ଗଣହତ୍ୟା ଓ ଯୌନ ଅପରାଧକୁ ଆଜି ପର୍ଯ୍ୟନ୍ତ ନିନ୍ଦା କରିନାହାନ୍ତି। ଏପରି କି ସେ ସଶସ୍ତ୍ର ହମାସ୍‌କୁ ଆତଙ୍କବାଦୀ ବୋଲି ମଧ ମାନିବାକୁ ପ୍ରସ୍ତୁତ ନୁହନ୍ତି। ହମାସ୍, ହେଜ୍‌ବୋଲ୍ଲା ଓ ହୁତିର ଆତଙ୍କବାଦୀ, ବଳାତ୍କାରୀ, ହତ୍ୟାକାରୀମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଜଣେ ମହାସଚିବ ଏବେ ବୈଶ୍ୱିକ ଆତଙ୍କବାଦର ଜନନୀ ଇରାନକୁ ସମର୍ଥନ କରୁଛନ୍ତି। ଜାତିସଂଘ ଇତିହାସରେ ସେ ଜଣେ କଳଙ୍କିତ ବ୍ୟକ୍ତି ଭାବେ ମନେରହିବେ। ଇସ୍ରାଏଲ୍ ନିଜ ନାଗରିକଙ୍କ ସୁରକ୍ଷା ଓ ଜାତୀୟ ସମ୍ମାନ ପାଇଁ ପ୍ରତିରକ୍ଷାମୂଳକ ପଦକ୍ଷେପ ଜାରି ରଖିବ। ଗୁଟେରେସ୍ ଥାଆନ୍ତୁ କି ନ ଥାଆନ୍ତୁ, ପରବାୟ ନାହିଁ।

## ଇଟାଲୀ ଡାକିଲା ଜି୭ ବୈଠକ
### ଇରାନର ଆଣବିକ ଘାଟିକୁ ଟାର୍ଗେଟକଲେ ସମର୍ଥନ କରିବୁ ନାହିଁ: ବାଇଡେନ୍

**ରୋମ୍,୨।୧୦:** ମଧ୍ୟପ୍ରାଚ୍ୟ ସଙ୍କଟ ଉପରେ ଆଲୋଚନା ପାଇଁ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ବୁଧବାର ଜି୭ ନେତାମାନଙ୍କୁ ନେଇ ଏକ ବୈଠକ ଡାକିଥିଲେ। ଏହି ରାଷ୍ଟ୍ର ଗୋଷ୍ଠୀରେ ଆମେରିକା, କାନାଡା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ଶକ୍ତିଶାଳୀ ଗଣତାନ୍ତ୍ରିକ ଦେଶ ରହିଛନ୍ତି। ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନି କହିଛନ୍ତି, ଜି୭ରେ ଅଧ୍ୟକ୍ଷତା କରୁଥିବାରୁ ଇଟାଲୀ ସାମ୍ପ୍ରତିକ ସଙ୍କଟର କୂଟନୈତିକ ସମାଧାନ ପାଇଁ ଉଦ୍ୟମ ଜାରି ରଖିବ। ବୈଠକରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଭର୍ଚୁଆଲି ଯୋଗଦେଇ କହିଛନ୍ତି, ଇରାନ୍ ଆଣବିକ ଅସ୍ତ୍ର ଗଚ୍ଛିତ ରଖିଥିବା ଘାଟିଗୁଡ଼ିକ ଉପରେ ସମ୍ଭାବ୍ୟ ଆକ୍ରମଣକୁ ସେ ସମର୍ଥନ କରିବେ ନାହିଁ। ତେବେ ଇରାନର ଆକ୍ରମଣକୁ କଡ଼ା ନିନ୍ଦା କରିବା ସହ ଇସ୍ରାଏଲ ଓ ଏହାର ନାଗରିକମାନଙ୍କ ସୁରକ୍ଷା ପାଇଁ ଆମେରିକା ପୂର୍ଣ୍ଣ ସହଯୋଗ କରିବ ବୋଲି ବାଇଡେନ୍ ଦୋହରାଇଛନ୍ତି।

## ଜରୁରୀ ନ ଥିଲେ...

ସହ ଯୋଗସୂତ୍ରରେ ରୁହନ୍ତୁ। ଭାରତ ସରକାର ସମ୍ପୂର୍ଣ୍ଣ ସ୍ଥିତି ଉପରେ ନଜର ରଖିଛନ୍ତି। ଆବଶ୍ୟକ ନ ଥିଲେ କୌଣସି ଭାରତୀୟ ଇରାନକୁ ଯାଆନ୍ତୁ ନାହିଁ ବୋଲି ଉଲ୍ଲେଖ ଥିବା ବିବୃତିକୁ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ ଏକ୍ସ'ରେ ଶେୟାର କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଦିଲ୍ଲୀର ଇସ୍ରାଏଲୀ ଦୂତାବାସରେ କଡ଼ା ସୁରକ୍ଷା

ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ଥିବାରୁ ନୂଆଦିଲ୍ଲୀର ତୁଗଲକ୍ ରୋଡ୍ ଅଞ୍ଚଳସ୍ଥିତ ଇସ୍ରାଏଲ ଦୂତାବାସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଧିକ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ବହୁସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ଥିବା ଏହି ଏରିଆର ବିଭିନ୍ନ ସ୍ଥାନରେ ସିସିଟିଭି ସଂଲଗ୍ନ କରାଯାଇଥିବା ଦିଲ୍ଲୀ ପୋଲିସ କହିଛି। ଇସ୍ରାଏଲ୍ ଦୂତାବାସ ଓ ଏହା ନିକଟରେ ପୂର୍ବରୁ ୨ ଥର ବିସ୍ଫୋରଣ ଘଟିଥିବାବେଳେ କେହି ମୃତାହତ ହୋଇ ନ ଥିଲେ।

## ଲେବାନନ୍‌ରେ ୮ ଇସ୍ରାଏଲୀ...

ଆଉ ଏକ କମାଣ୍ଡୋ ବ୍ରିଗେଡ୍‌ର ୨୨ ବର୍ଷୀୟ କ୍ୟାପ୍‌ଟେନ ଏଇଟାନ୍ ଇଟ୍‌ଝାକ୍ ପ୍ରାଣ ହରାଇଛନ୍ତି। କିଛି ମାସ ମଧ୍ୟରେ ଏହା ହେଉଛି ଇସ୍ରାଏଲ୍ ଉପରେ ସବୁଠୁ ଘାତକ ଆକ୍ରମଣ। ଇହୁଦୀଙ୍କ ନବବର୍ଷ 'ରୋଶ୍ ହଶାନା' ପାଳନର ଅବ୍ୟବହିତ ପୂର୍ବରୁ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଏହିବିଷୟ ଘୋଷଣା କରିଛି। ଲେବାନନ୍ ସେନା କହିଛି, ଇସ୍ରାଏଲୀ ସେନା ସୀମା ଅତିକ୍ରମ କରି ଡିମାର୍କେଶନ୍ ଲାଇନ୍‌ର ୪୦୦ ମିଟର ଭିତରକୁ ପଶିଆସିବାରୁ ସେମାନଙ୍କୁ କଡ଼ା ଜବାବ ଦିଆଯାଇଛି। ସେପଟେ ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ବର୍ଷେ ପୂରିବାକୁ ଯାଉଥିବାବେଳେ ବୁଧବାର ସ୍ଥଳଭାଗ ଓ ଆକାଶମାର୍ଗରୁ ଗାଜା ଉପରେ ଆକ୍ରମଣ କରାଯାଇଛି। ଏଥିରେ କେତେଜଣ ମହିଳା ଓ ଶିଶୁଙ୍କ ସମେତ ୫୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଏହି ପୃଷ୍ଠଭୂମିରେ ହମାସ୍, ହେଜ୍‌ବୋଲ୍ଲା ଓ ହୁଟି ଆତଙ୍କବାଦୀଙ୍କୁ ସମୂଳେ ନିପାତ ପାଇଁ ପଣ କରିଥିବା ଇସ୍ରାଏଲ୍‌କୁ ଆମେରିକା ବିପୁଳ ଯୁଦ୍ଧାସ୍ତ୍ର ଓ ଅନ୍ୟ ସାମରିକ ଉପକରଣ ପ୍ରେରଣ କରିଥିବା ସୂଚନା ଦେଇଛି।

## ସିସିଟିଭି: ଥାଇ...

ଖୋର୍ଦ୍ଧା ଆଦର୍ଶଥାନା, ଶିଳ୍ପାଞ୍ଚଳ ଥାନା, ବାଘମାରୀ, ବେଗୁନିଆ ଓ ବୋଲଗଡ଼ ଥାନା ରହିଥିବାବେଳେ ବାଲୁଗାଁ ଏସଡିପିଓ ଅଧୀନରେ ନିରାକାରପୁର, ଟାଙ୍ଗୀ, ବାଲୁଗାଁ, ବାଣପୁର ଓ ନାରୁଣୀ ଥାନା ରହିଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଆବଶ୍ୟକ ପରିମାଣର ସିସିଟିଭି ନ ଥିବା ଜଣାପଡ଼ିଛି। ଶିଳ୍ପାଞ୍ଚଳ ଥାନା ପୂର୍ବରୁ ଫାଣ୍ଡି ଥିଲା। ଗତବର୍ଷ ତାହା ଥାନାରେ ପରିବର୍ତ୍ତନ ହୋଇଛି। ସେଠାରେ ପୂର୍ବରୁ ମାତ୍ର ୨ଟି ସିସିଟିଭି ଲାଗିଥିଲା। ହେଲେ କିଛିଦିନ ପରେ ତାହା ଅଚଳ ହୋଇଯାଇଥିଲା। ଏବେ ଭରତପୁର ଥାନା ଘଟଣା ପରେ ଉକ୍ତ ସିସିଟିଭିକୁ ମରାମତି କରାଯାଇଛି ବୋଲି ଥାନା ଅଧିକାରିଣୀ ଗାୟତ୍ରୀ ମିଶ୍ର କହିଛନ୍ତି। ତେବେ ନିଜ ନାମ ଗୋପନ ରଖିବା ସର୍ତ୍ତରେ ଶିଳ୍ପାଞ୍ଚଳ ଥାନାର ଜଣେ ଥାନାବାବୁଙ୍କ କହିବା ହେଲା ଏଠାରେ ୬ଟି ସିସିଟିଭି ଲାଗିବା କଥା। ହେଲେ ମାତ୍ର ୨ଟି ସିସିଟିଭିରେ କାମ ଚଳାଇବାକୁ ପଡୁଛି। ଥାନା ଅଧିକାରୀଙ୍କ ପ୍ରକୋଷ୍ଠରେ ଗୋଟିଏ ସିସିଟିଭି ଲାଗିଥିବାବେଳେ ବାହାର ପାର୍ଶ୍ୱକୁ ଆଉ ଗୋଟେ ଲାଗିଛି। ଅନ୍ୟ ପୋଲିସ କର୍ମଚାରୀଙ୍କ ପ୍ରକୋଷ୍ଠରେ କିମ୍ବା ପୋଲିସ ହାଜତ ନିକଟରେ ସିସିଟିଭି ନାହିଁ। ଯଦି ଏହି ସବୁ ସ୍ଥାନରେ କୌଣସି ଅଘଟଣ ଘଟେ କିମ୍ବା ପୋଲିସ କୌଣସି ପ୍ରମାଣ ନଷ୍ଟ କରିବାକୁ ଚାହେଁ, ତେବେ ସେଥିପାଇଁ କିଏ ଉତ୍ତରଦାୟୀ ରହିବେ, ତାକୁ ନେଇ ନାନା ଚର୍ଚ୍ଚା। ସେହିପରି ଏବେ ନାରୁଣୀ ଥାନା ନୂତନ କୋଠାରେ ଚାଲିଛି। ଓଡ଼ିଶା ପୋଲିସ ପକ୍ଷରୁ ନୂତନ ଭାବେ ନିର୍ମିତ କୋଠାରେ ସିସିଟିଭି ଖଞ୍ଜିବା ପାଇଁ ଦାୟିତ୍ୱ ନେଇଥିବା ସଂସ୍ଥା ସିସିଟିଭି ଖଞ୍ଜି ନ ଥିଲା। ପରବର୍ତ୍ତୀ ସମୟରେ ଏଠାରେ ସିସିଟିଭି ଖଞ୍ଜାଯାଇଥିବା ନାରୁଣୀ ଥାନାଧିକାରୀ ଚନ୍ଦ୍ରଶେଖର ଜେନା କହିଛନ୍ତି। ଥାନାର ୩ କୋଠରି ଏବଂ ପରିସରରେ ସିସିଟିଭି କାର୍ଯ୍ୟକ୍ଷମ ରହିଥିବା ସେ କହିଛନ୍ତି।

ଏ ସମ୍ପର୍କରେ ଡିଆଇଜି ତଥା ଏସ୍‌ପି ଅବିନାଶ କୁମାର ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁସାରେ ଜିଲାର ସମସ୍ତ ଥାନାରେ ସିସିଟିଭି ଲାଗିଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଆସିଥିବା ଏକ ଟିମ୍ ସମସ୍ତ ଥାନାରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛି। କେତେକ ଥାନାରେ ଟେକ୍‌ନିକାଲ, ଇଣ୍ଟରନେଟ ସମସ୍ୟା ଯୋଗୁ ସିସିଟିଭି ଅଚଳ ରହିଥିବା ଜଣାପଡ଼ିବା ପରେ ଏହାକୁ ପୁନଃ ଯାଞ୍ଚ କରି କାର୍ଯ୍ୟକ୍ଷମ କରିବାକୁ ସଦର ଏବଂ ବାଲୁଗାଁ ଏସଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସଦର ଏସଡିପିଓ ଅନିଲ ମିଶ୍ର କୁହନ୍ତି ଜଙ୍କିଆ, ଖୋର୍ଦ୍ଧା, ବାଘମାରୀ, ବେଗୁନିଆ ଓ ବୋଲଗଡ ଥାନାରେ ସିସିଟିଭି କାର୍ଯ୍ୟକ୍ଷମ ରହିଥିବା ବେଳେ ଶିଳ୍ପାଞ୍ଚଳ ଥାନାରେ ସିସିଟିଭି ଅଚଳ ରହିଥିଲା। ଏହାକୁ ଆବଶ୍ୟକ ମରାମତି କରାଯାଇଛି। ଏନେଇ ବରିଷ୍ଠ ଆଇନଜୀବୀ ଅଜିତ ପଟ୍ଟନାୟକ କୁହନ୍ତି, ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁସାରେ ସମସ୍ତ ଥାନାରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ରହିଛି। ତେବେ କେତେକ ଥାନାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଦୀର୍ଘ ଦିନ ଧରି ଅଚଳ ହୋଇ ରହୁଥିବା ସିସିଟିଭିକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ସେହିପରି ପୂର୍ବତନ ବାର୍ ସଭାପତି ଶିଶିର ପରିଡ଼ା କୁହନ୍ତି, ଥାନାରେ ସିସିଟିଭି କାର୍ଯ୍ୟକ୍ଷମ ଅଛି କି ନାହିଁ, ଏହା ସ୍ୱତନ୍ତ୍ର ଭାବେ ଯାଞ୍ଚ ହେବା ଦରକାର। ଅନେକ ସମୟରେ ଥାନାରେ ଅଭିଯୋଗକାରୀଙ୍କୁ ପୋଲିସ ଦୁର୍ବ୍ୟବହାର କରୁଥିବା ଘଟଣା ବଢ଼ିଚାଲିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଇଲେକ୍ଟ୍ରୋନିକ୍ସ ତଥ୍ୟକୁ ଗୁରୁତ୍ୱ ଦିଆଯାଉଛି। ତେବେ ପୋଲିସ ଜାଣିଶୁଣି ଥାନା ଆଗରେ ରହିଥିବା କ୍ୟାମେରାକୁ ଉପରମୁହାଁ ରଖିବା, ଅଭିଯୋଗକାରୀଙ୍କ ସହ ଆଲୋଚନାବେଳେ ସିସିଟିଭିରେ ତାହା କଏଦ ନ ହେବା ପୋଲିସର ବିଶ୍ୱସନୀୟତା ଉପରେ ସନ୍ଦେହ ସୃଷ୍ଟି କରୁଛି। କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି ପ୍ରତ୍ୟେକ ଥାନାରେ ଅଭିଯୋଗକାରୀଙ୍କୁ କିଭଳି ବ୍ୟବହାର କରାଯାଉଛି, ତାହାର ଫୁଟେଜ ପଦାକୁ ଆସିବା ଦରକାର ବୋଲି କହିଛନ୍ତି। ଥାନା ଭିତରେ ପୋଲିସର କିଭଳି ବ୍ୟବହାର, ଆଚରଣ ରହୁଛି, ତାହା ସିସିଟିଭିରୁ ଜଣାପଡ଼ିଥାଏ। ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଜରୁରୀ ବୋଲି ଅମିତ କହିଛନ୍ତି।


ଅସୁସ୍ଥମାନଙ୍କୁ ଗଛ ମୂଳେ ଚିକିତ୍ସା କରାଯାଉଛି।

## ଅଜଣା ରୋଗ...

ଏହା ସ୍ପଷ୍ଟ ହେବ ବୋଲି ସୂଚନା ସେ ଦେଇଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପଣ୍ଡାଙ୍କୁ ପଚାରିବାରୁ ଲୋକେ ଅଧିକ ଦିନର ମାଂସ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ମେଡିକାଲରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ମୃତକଙ୍କ ବିଷୟରେ ଏବେ ଠିକ୍ ଭାବେ କହି ହେବନାହିଁ। କୋଟଗଡ଼ ମେଡିକାଲରେ ୪ ଜଣ ଚିକିତ୍ସାଧୀନ ଥିବା ସେ କହିଛନ୍ତି।

## ରାଜ୍ୟରେ ଖୁବ୍‌ଶୀଘ୍ର...

ପରିଷଦର କାର୍ଯ୍ୟ ନିର୍ବାହୀ ସଦସ୍ୟ ପ୍ରଫେସର ଡ. ସୁସ୍ମିତ ପ୍ରସାଦ ପାଣି ଏବଂ ପ୍ରଫେସର ଡ. ଅତନୁ ପତିଙ୍କ ସମେତ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ କୁଳପତିମାନେ ବୈଠକରେ ଯୋଗଦେଇଥିଲେ। ଆସନ୍ତା ୧ରୁ ୩ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ଶୀର୍ଷସ୍ତରରେ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ରାଜ୍ୟରେ ଏହି ନୀତି ଲାଗୁ କରାଯିବା ଉପରେ ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ଏହାର କାର୍ଯ୍ୟାନ୍ୱୟନରେ ଯେଉଁ ସମସ୍ୟା ରହିବ, ତାହାକୁ ପର୍ଯ୍ୟାୟକ୍ରମେ ତତ୍କାଳ ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବୈଠକ ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ କୁମାର ଅଗ୍ରୱାଲ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବର୍ତ୍ତମାନ ବିଭିନ୍ନ ପାଠ୍ୟକ୍ରମର ସ୍ଥିତି, ଛାତ୍ରବୃତ୍ତି, ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ କାର୍ଯ୍ୟକାରୀ ହେବାକୁ ଥିବା ଜାତୀୟ ଶିକ୍ଷା ନୀତି –୨୦୨୦ରେ ରହିଥିବା ଉଲ୍ଲେଖନୀୟ ବ୍ୟବସ୍ଥାର ସାରାଂଶ ଉପରେ ଆଲୋକପାତ କରିଥିଲେ। ଏହି ନୀତି ଲାଗୁ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନର ଆବଶ୍ୟକତା, ସମ୍ଭାବ୍ୟ ଅସୁବିଧା ଓ ସମାଧାନ ସମ୍ପର୍କରେ ମତ ରଖିଥିଲେ। ଏଥିପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ, ଏହା ଅଧୀନରେ ମଧ୍ୟମ ଓ ଦୀର୍ଘମିଆଦୀ କାର୍ଯ୍ୟାନୁଷ୍ଠାନ ଯୋଜନା ସମ୍ପର୍କରେ ମଧ୍ୟ ସେ ଉପସ୍ଥାପନ କରିଥିଲେ। ଏହି ଆଲୋଚନାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଶ୍ୱବିଦ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ଅଂଶଗ୍ରହଣ କରି ପ୍ରସ୍ତୁତି ସମ୍ପର୍କରେ ମତ ରଖିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ।

## ଜୋତାରେ ତମ୍ପ...

ମଲିକଙ୍କୁ ଖବର ଦେଇଥିଲେ। ସ୍ନେକ୍ ହେଲ୍ପଲାଇନ ସଦସ୍ୟ ରାଜେଶ ସୂତାର ଘଟଣାସ୍ଥଳରେ ପହଞ୍ଚି ୧ ଫୁଟ ଲମ୍ବର ଛୁଆ ତମ୍ପକୁ ଉଦ୍ଧାର କରିବା ପରେ ସହର ବାହାରେ ଏକ ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଥିଲେ। ଶୁଭେନ୍ଦୁଙ୍କ କହିବାନୁଯାୟୀ, ଜୋତା ପିନ୍ଧିବା ପୂର୍ବରୁ ଲୋକମାନେ ସବୁବେଳେ ସତର୍କତା ଅବଲମ୍ବନ କରିବା ଉଚିତ। ସାପ, ବିଛା କିମ୍ବା ଅନ୍ୟାନ୍ୟ ଜୀବ ଜୋତା ଭିତରେ ଅଧିକାଂଶ ସମୟ ଲୁଚି ରହନ୍ତି। ତେଣୁ ସାବଧାନତାର ସହ ଗୋଇଠି ପରିବର୍ତ୍ତେ ଜୋତାକୁ ସବୁବେଳେ ଆଙ୍ଗୁଠି ପଟୁ ଉଠାଇ ଦେଖିବା ଉଚିତ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଧନାଧିପ ସପ୍ତମସ୍ଥ ଯୋଗୁ ଅର୍ଥ, ସମ୍ମାନ ସହ କର୍ମକ୍ଷେତ୍ରରେ ସମ୍ମାନର ଅଧିକାରୀ ହେବେ। ନିଜ ଲୋକଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଆନୁଷ୍ଠାନିକ କାମ, ସଭାସମିତି, ସଙ୍ଗଠନ, ରାଜନୀତି କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ। ମଙ୍ଗଳଙ୍କ ଦୁର୍ବଳତା ସାମୟିକ ଯୋଗୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ।

**ବୃଷ** – ବୁଧ ଚାରୋଟି ଗ୍ରହ ସଂଯୋଗରେ ରହିଥିବାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିପାରିଲେ ଭଲ। ବନ୍ଧୁବର୍ଗଙ୍କ ସକାଶେ ଯେତେବେଳେ ମଧ ଅଭିଯୋଗ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ଦୁଃଖ ଲୁଚାଇବାର ଅପଚେଷ୍ଟା କରି ଧରାପଡ଼ି ଯାଇପାରନ୍ତି। ବ୍ୟବସାୟିକ ସମସ୍ୟା ବୃଦ୍ଧି ପାଇପାରେ।

**ମିଥୁନ** – ଷଷ୍ଠାଧିପ ମଙ୍ଗଳ ରାଶିରେ ଅବସ୍ଥାନ କରିଥିବାରୁ ଯେସାକୁ ତେସା ନୀତିରେ କାମ କରିବାକୁ ମନସ୍ଥ କରିପାରନ୍ତି। ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ଋଣ ପରିଶୋଧର ମାର୍ଗ ଉନ୍ମୁକ୍ତ ହେବନାହିଁ। ପ୍ରଶାସନିକ ସ୍ତରରେ ସ୍ଥିତି ଅନୁକୂଳ ହୋଇପାରେ। କୌଣସି ଦୂରାଗତ ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି।

**କର୍କଟ** – ଚନ୍ଦ୍ର ଓ ଶୁକ୍ରଙ୍କ ସ୍ଥିତିରୁ ଆନୁଷ୍ଠାନିକ କାମ, ବନ୍ଧୁ ସମ୍ପର୍କ, କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଭୁଲ୍ ବୁଝାମଣା ଓ ସନ୍ଦେହଜନିତ ପାରିବାରିକ ସମସ୍ୟା ଗୁରୁତର ହୋଇପାରେ। ଶୀଘ୍ର ଶୀଘ୍ର କାମଟିକୁ ସମ୍ପନ୍ନ କରିବା ସକାଶେ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ସିଂହ** – ରବିଙ୍କ ଦୁର୍ବଳତା ଆପଣଙ୍କ ଦୁର୍ବଳ ସ୍ୱାସ୍ଥ୍ୟକୁ ନିର୍ଦ୍ଦେଶିତ କରୁଥିଲେ ମଧ ଅନ୍ୟମାନଙ୍କ ସହାୟତାରେ ଆଶା ପୂରଣ ହେବ। ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ନୀଚସ୍ଥ ଶୁକ୍ର ପ୍ରଭାବରେ ଯାହା କଲେ ମଧ ସୁଫଳ ମିଳିବ ନାହିଁ। ହିତୈଷୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା** – ସୁଖଭାବସ୍ଥ ଶୁକ୍ର ହେତୁ ଜନସମର୍ଥନ ହାସଲ କରିପାରିବେ। ପାରିବାରିକ ଜୀବନରେ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଦୂରେଇ ରହିଯିବାର ସୂଚନା ରହିଛି। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ବଢ଼ିପାରେ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବନାହିଁ।

**ତୁଳା** – ଆଜିର ଅନୁକୂଳ ଗ୍ରହସ୍ଥିତି ଆପଣଙ୍କୁ ଆର୍ଥିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ସହ କାର୍ଯ୍ୟସିଦ୍ଧିର ସୂଚନା ପ୍ରଦାନ କରେ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ସଭାସମିତିରେ ଯୋଗଦେଇ ଲାଭବାନ୍ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା** – ଚନ୍ଦ୍ର କେନ୍ଦ୍ରରୁ ବୃହସ୍ପତି ନବମସ୍ଥ ଯୋଗୁ ଅଭିଳାଷ ପୂରଣ କରିପାରିବେ। ଶନିଙ୍କ କୁପ୍ରଭାବରୁ ହାତମୁଠାରୁ କେତେକ ସୁଯୋଗ ଖସିଯାଇପାରେ। କେତେକ କ୍ଷେତ୍ରରେ ମନକଥା ମନରେମାରି ରହିବେ, ମୁହଁ ଖୋଲିବାର ରାସ୍ତା ପାଇବେ ନାହିଁ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବାରେ ସମ୍ମାନ୍‌ନୀୟ ବ୍ୟକ୍ତି ସହାୟତା କରିପାରନ୍ତି।

**ଧନୁ** – ଶନି ସହ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତିରୁ ପ୍ରତ୍ୟେକ କାର୍ଯ୍ୟ ବିଳମ୍ବରେ ହେବ। ଉତ୍ତରାଷାଢ଼ା ନକ୍ଷତ୍ର ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଏବଂ ଅର୍ଥ ସଂଗ୍ରହରେ ତତ୍ପର ହୋଇ ସଫଳତା ପାଇବେ। ପାରିବାରିକ ଜଞ୍ଜାଳ ବଢ଼ିପାରେ। ଦେହ ଭଲ ରହିଲେ ମଧ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇପାରନ୍ତି।

**ମକର** – ଭାଗ୍ୟସ୍ଥ ରାଜଯୋଗ ସମସ୍ତ ଗ୍ରହ ଆପଣଙ୍କ ସବୁ ଆଶା ଓ ଅଭିଳାଷକୁ ପୂରଣ କରିବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ଭାରସାମ୍ୟ ଅଭାବରୁ ଆଜି ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟାକଲେ ମଧ ସାମାନ୍ୟ ଅସୁବିଧା ଅନୁଭବ କରିବେ। ମନୋରଞ୍ଜନ ସକାଶେ ମନ ବଳାଇବେ କିନ୍ତୁ ଆର୍ଥିକ ଦୂରବସ୍ଥା ତାହା କରାଇ ଦେବନାହିଁ।

**କୁମ୍ଭ** – ଶନିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ ତଥାପି ନିକଟସ୍ଥ ବନ୍ଧୁମାନେ ଖୁସି ହେବେନାହିଁ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ, ଫଳତଃ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିବ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଅସୁବିଧାର କାରଣ ହୋଇପାରେ।

**ମୀନ** – ଦେବଗୁରୁଙ୍କ କୃପାରୁ କୌଣସି କାମ ଅଟକିବ ନାହିଁ ଏବଂ ପ୍ରତ୍ୟେକ ସ୍ତରରେ ସମ୍ମାନିତ ହେବେ। ପର କଥାକୁ ପ୍ରାଧାନ୍ୟ ଦେଇ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ କିନ୍ତୁ ଅର୍ଥାଭାବ ଓ ପାରିବାରିକ ସମସ୍ୟା ହେତୁ ଉଦାସୀନ ରହିବେ। କଳା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ।

ଆଜି ଆଶ୍ୱିନ ଶୁକ୍ଳ ପ୍ରତିପଦା ଗୁରୁବାର, ଅକ୍ଟୋବର ୩ ତାରିଖ, ବିଶ୍ୱ ପ୍ରକୃତି ଦିବସ, ଶ୍ରୀମନ୍ଦିରରେ ଶ୍ରୀ ଦୁର୍ଗାମାଧବଙ୍କ ବାହାର ବିଜେ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର–ହସ୍ତା/କନ୍ୟା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସକାଳ.ଘ.୦୫।୪୧ମି. ଗତେ ଘ.୦୭।୧୫ମି. ମଧ୍ୟେ, ଘ.୦୬।୧୮ମି. ଗତେ ଘ.୦୯।୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୦୩ମି. ଗତେ ଘ.୦୨।୩୨ମି. ମଧ୍ୟେ ରାହୁକାଳ।

## ପୁଣି ଥରେ ପ୍ରେକ୍ଷାଳୟକୁ ଆସିବ 'ଦମନ'

### ୯ରେ ୬ ହଲ୍‌ରେ ରିଲିଜ ହେବ

ଭୁବନେଶ୍ୱର, ୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଆ ସିନେମା ଜଗତର ମୋଡ଼ ପରିବର୍ତ୍ତନ କରି ପୁଣି ଥରେ ଦର୍ଶକଙ୍କୁ ପ୍ରେକ୍ଷାଳୟମୁହାଁ କରିଥିବା ଚଳଚ୍ଚିତ୍ର 'ଦମନ' ପୁଣି ଥରେ ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି। ୨୦୨୨ ନଭେମ୍ବର ୪ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରକୁ ଆସନ୍ତା ୮ ତାରିଖରେ ମିଳିବ ଜାତୀୟ ପୁରସ୍କାର। ଏହା ପରଦିନ ଅର୍ଥାତ୍ ଅକ୍ଟୋବର ୯ରେ ପୁଣି ସିନେମାଟି ପ୍ରେକ୍ଷାଳୟରେ ରିଲିଜ ହେବ। ତେବେ ଓଡ଼ିଶାର ୬ଟି ହଲରେ ଏହି ଚଳଚ୍ଚିତ୍ର ରିଲିଜ ହେବ। କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଏବଂ ଅନୁଗୋଳରେ ଥିବା ପ୍ରେକ୍ଷାଳୟରେ ଦର୍ଶକ ଏହି ସିନେମା ଦେଖିପାରିବେ। ମାଲକାନଗିରିର ସତ ଘଟଣାକୁ ନେଇ ନିର୍ମାଣ ହୋଇଥିଲା ଫିଲ୍ମ 'ଦମନ'। ଏଥିରେ ମୁଖ୍ୟ ଭୂମିକାରେ ବାବୁଶାନ ମହାନ୍ତି ଓ ଦୀପନ୍ୱିତା ଦାଶମହାପାତ୍ର ଅଭିନୟ କରିଥିଲେ। ବିଶାଳ ମୌର୍ଯ୍ୟ ଏବଂ ଦେବୀ ପ୍ରସାଦ ଲେଙ୍କା ଏହି ସିନେମାର ନିର୍ଦ୍ଦେଶନା ଦେଇଥିବାବେଳେ ଦୀପ୍ ସାମଲ ପ୍ରଯୋଜକ ଥିଲେ।

# 'ଗାନ୍ଧିଜୀ - ଜୀବନ, ଦର୍ଶନର ଏକ ମହାନ୍ ମାର୍ଗ'




ରାଜ୍ୟସ୍ତରୀୟ ଗାନ୍ଧୀଜୟନ୍ତୀ ଉତ୍ସବରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

### ରାଜ୍ୟସ୍ତରୀୟ ଜୟନ୍ତୀରେ ଫଟୋଚିତ୍ର ପ୍ରଦର୍ଶନୀ 'ଓଡ଼ିଶାରେ ଗାନ୍ଧିଜୀ'

ଭୁବନେଶ୍ୱର, ୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଗାନ୍ଧିଜୀ କେବଳ ଏକ ନାମ ନୁହେଁ, ଏହା ଜୀବନ ଓ ଦର୍ଶନର ଏକ ମହାନ୍ ମାର୍ଗ। ଗାନ୍ଧିଜୀ କେବଳ ଦେଶକୁ ସ୍ୱାଧୀନ କରି ନ ଥିଲେ ସମଗ୍ର ମାନବଜାତିକୁ ସତ୍‌ପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ତାଙ୍କ ଦର୍ଶନ ଓ ପ୍ରଦର୍ଶିତ ମାର୍ଗର ଆଜି ବି ଅନେକ ପ୍ରାସଙ୍ଗିକତା ରହିଛି। ତେଣୁ ଯୁବପିଢ଼ି ତାଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ରାଷ୍ଟ୍ରଗଠନରେ ବ୍ରତୀ ହୁଅନ୍ତୁ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂ କହିଲେ, ଗାନ୍ଧିବାଦ ଓ ଗାନ୍ଧୀ ଦର୍ଶନ ହିଂସା ଉପରେ ଏକ ଶକ୍ତ ପ୍ରହାର ସଦୃଶ। ମହିଳାଙ୍କୁ ସମ୍ମାନ ଓ ନିଶାମୁକ୍ତ ଭାରତର ସେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହାକୁ ଆଗାମୀ ପିଢ଼ି ଆନ୍ତରିକ ଭାବେ ପାଳନ କରିବାକୁ ସେ ଅନୁରୋଧ କରିଥିଲେ। ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ତଥା ଲେଖକ ଗୌରାଙ୍ଗ ଚରଣ ପରିଡ଼ା କହିଲେ, ସତ୍ୟ ଓ ନିର୍ଭୀକତା ଅହିଂସା ରୂପକ ମୁଦ୍ରାର ଦୁଇଟି ପାର୍ଶ୍ୱ। ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ସଭାପତିତ୍ୱ କରି କହିଲେ, ସତ୍ୟ, ଧର୍ମ ଓ ନ୍ୟାୟ ଉପରେ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଆଧାରିତ ଥିଲା। ମାନବଜାତିର ଉତ୍ଥାନ ଥିଲା ତାଙ୍କ ବିଚାରଧାରାର ମୂଳମନ୍ତ୍ର। ଏହି ଅବସରରେ ଗୌରାଙ୍ଗ ଚରଣ ପରିଡ଼ାଙ୍କ ଗାନ୍ଧିଜୀଙ୍କ ଉପରେ ରଚିତ ୩ଟି ପୁସ୍ତକ ଲୋକାର୍ପିତ ହୋଇଥିଲା। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ଶୈଳଭାମା ଓ ସାଥୀ କଳାକାରଙ୍କ ଦ୍ୱାରା ଗାନ୍ଧୀଭଜନ ପରିବେଷିତ ହୋଇଥିଲା। ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଫଟୋ ପ୍ରଦର୍ଶନୀକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତର ବିଭିନ୍ନ ବିରଳ ଫଟୋଚିତ୍ର ସ୍ଥାନ ପାଇଥିଲା। ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର ସିଂହ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅଲିଭା ଆରତୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଏସ୍‌ସିବି ମେଡ଼ିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଯୋଡ଼ିହେଲା ଫେଲୋଶିପ୍ ପାଠ୍ୟକ୍ରମ

କଟକ, ୨।୧୦ (ଶିକ୍ତା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗ ପକ୍ଷରୁ ଲାପାରାସ୍କୋପି ଓ ହାଇଷ୍ଟେରୋସ୍କୋପି ସମ୍ପର୍କିତ କର୍ମଶାଳା ବୁଧବାର ଉକ୍ତ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟ ଓ ବିଜ୍ଞାନ ବିଦ୍ୟାଳୟର କୁଳପତି ଡା. ମାନସ ରଞ୍ଜନ ସାହୁ ଯୋଗଦେଇ ଉକ୍ତ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଫେଲୋଶିପ୍ ପାଠ୍ୟକ୍ରମ ଯୋଡ଼ା ଯିବା ନେଇ ଘୋଷଣା କରିଛନ୍ତି। ଏଥିରେ ଅନ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ, ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜୟଶ୍ରୀ ପଟ୍ଟନାୟକ, ଭାରତୀ ମିଶ୍ର, ସସ୍ମିତା ସ୍ୱାଇଁ, ମନୋରଞ୍ଜନ ମହାପାତ୍ର, ଭାଗ୍ୟଲକ୍ଷ୍ମୀ ନାୟକ, ଡା. ସୁଜିତ ବେହେରା ଯୋଗ ଦେଇଥିଲେ।

## ୧୮ ଜେଲର ବନ୍ଦୀ ମାତାପିତାଙ୍କ ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯିବ

ଭୁବନେଶ୍ୱର, ୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟର ୧୮ଟି ଜେଲରେ ବନ୍ଦୀ ଜୀବନ କାଟୁଥିବା ମାତାପିତାଙ୍କ ପିଲାମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବ। ସେମାନଙ୍କୁ ଥଇଥାନ ସହ ଶିକ୍ଷା ଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ। ମାତାପିତାଙ୍କ ମାମଲା ଲଢ଼ିବା ପାଇଁ ମୁକ୍ତ ଆଇନ ସେବା ଯୋଗାଇ ଦିଆଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବୁଧବାର ଓଡ଼ିଶା ପତିତ ଉଦ୍ଧାର ସମିତି ପକ୍ଷରୁ ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନ ପରିସରରେ ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଲେ, ମହାତ୍ମାଙ୍କ ଆଦର୍ଶ ସର୍ବଦା ଅନୁକରଣୀୟ ହୋଇ ରହିବ। ଜେଲ ଅନ୍ତେବାସୀଙ୍କ ପିଲାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସମିତି ପକ୍ଷରୁ ଉଦ୍ୟମ ଜାରି ରହିଥିବାବେଳେ ଏହି ମହତ୍ କାର୍ଯ୍ୟ ପାଇଁ ସରକାରଙ୍କ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ବରିଷ୍ଠ ନାଗରିକଙ୍କ ପାଇଁ ୱେଲ୍‌ଫେୟାର କ୍ଲବ ନିର୍ମାଣ ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଏବଂ ସ୍ୱାଧୀନ ଭାରତ ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ କର୍ପୋରେଟର ଧରିତ୍ରୀ ଜେନା, ସାମାଜିକ କର୍ମୀ ସୁରେନ୍ଦ୍ର କୁମାର ଜେନା, ଉମାକାନ୍ତ ଜେନା, ଅଦ୍ୟପ୍ରାଣ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମିତିର ସମ୍ପାଦିକା ଆଭାରାଣୀ ଚୌଧୁରୀ ଗାନ୍ଧିଜୀ ଏବଂ ଜେଲ ବନ୍ଦୀଙ୍କ ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ କହିଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ବାଲୁକା କଳା, ନୃତ୍ୟ, ଲବଣ ସତ୍ୟାଗ୍ରହ ନାଟକ ପ୍ରଦର୍ଶିତ ହୋଇଥିଲା। ମାତୃମୟୀ ପ୍ରିୟଦର୍ଶିନୀ, ପ୍ରିୟମ୍ବଦା ବିଶ୍ୱାଳ, ଲୋପାମୁଦ୍ରା ପାଇକରାୟ, ସ୍ୱର୍ଣ୍ଣମ ରତ୍ନପର୍ଣ୍ଣା ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ମଳୟ



@ ସନ୍ତୋଷ



@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



# ପୁରାଣ, ଇତିହାସ ଓ ଭାରତ



ଦେବଦତ୍ତ ପଟ୍ଟନାୟକ

ଭାରତରେ ଇତିହାସ ଓ ପୁରାଣ ଶବ୍ଦ ୨୫୦୦ ବର୍ଷ ଧରି ବ୍ୟବହୃତ ହୋଇ ଆସିଛି। ଅନେକ ଅନୁମାନ କରନ୍ତି ଯେ, ଇତିହାସ ଏବଂ ପୁରାଣ ମଧ୍ୟରେ ଥିବା ପାର୍ଥକ୍ୟ ବହୁ ପ୍ରାଚୀନ। କିନ୍ତୁ ବାସ୍ତବରେ ଇତିହାସ ଏବଂ ପୁରାଣ ମଧ୍ୟରେ ବିଭେଦ କେବଳ ଊନବିଂଶ ଶତାବ୍ଦୀରେ ଘଟିଛି। ଅତୀତକୁ ଜାଣିବା ପାଇଁ ବୈଜ୍ଞାନିକ ପଦ୍ଧତିର ବ୍ୟବହାର ଯୋଗୁ ଏହା ହୋଇଛି। ବୈଦିକ ଲୋକଙ୍କ ପାଇଁ ଏହି ଦୁଇଟି ଶବ୍ଦର ଅର୍ଥ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଇତିହାସ ମରଣଶୀଳ ବ୍ୟକ୍ତିଙ୍କ ସମ୍ପର୍କରେ କହେ ଓ ପ୍ରତ୍ୟକ୍ଷଦର୍ଶୀ କଥାକାରଙ୍କ ଦ୍ୱାରା ଏହା ବର୍ଣ୍ଣନା କରାଯାଇଛି। ରାମାୟଣ ଏବଂ ମହାଭାରତ ପ୍ରଥମ ଇତିହାସ ହୋଇଥିବାବେଳେ ପୁରୁଣା ବୈଦିକ ଗ୍ରନ୍ଥ ଯଥା ବ୍ରାହ୍ମଣ ଏବଂ ବୃହଦ୍‌ଦେବତା ଭଳି ଅନେକ ଇତିହାସ ଅଛି। ଏଥିରେ ସେହି ସମୟର କାହାଣୀଗୁଡ଼ିକ ସ୍ଥାନିତ କରାଯାଇଛି। ସବୁ ଚରିତ୍ର ବା ବ୍ୟକ୍ତିଙ୍କୁ ପୃଥିବୀର ଚାରିଟି ଯୁଗ ମଧ୍ୟରେ ରଖାଯାଇଛି। ପୁରାଣ ଦେବତାମାନଙ୍କ ସମ୍ପର୍କରେ କହେ, ଯେଉଁମାନେ ମର୍ତ୍ତ୍ୟର ବହୁ ଉପରେ ସ୍ୱର୍ଗରେ ରହନ୍ତି।

ଅନେକଙ୍କ ପାଇଁ ପୁରାଣ ହେଉଛି ଆଦ୍ୟ ଇତିହାସ। ଦେବତାମାନେ କେବଳ ପୂଜ୍ୟ ପୂର୍ବପୁରୁଷ। ଖ୍ରୀଷ୍ଟିଆନ୍‌ମାନଙ୍କ ମତରେ ବାଇବେଲ ବାସ୍ତବ ତଥ୍ୟ ଉପସ୍ଥାପନ କରେ, କଳ୍ପିତ ଘଟଣା ନୁହେଁ। ମୁସଲମାନମାନଙ୍କ ପାଇଁ କୋରାନ୍ ହେଉଛି ମନୁଷ୍ୟର ବିନା ହସ୍ତକ୍ଷେପରେ ଈଶ୍ୱରଙ୍କ ସହ କଥାବାର୍ତ୍ତାର ଏକ ସମ୍ପୂର୍ଣ୍ଣ ଲିଖିତ ଗ୍ରନ୍ଥ। ଯେତେବେଳେ ଖ୍ରୀଷ୍ଟିଆନ୍ ଏବଂ ମୁସଲମାନମାନେ ରାମାୟଣ ଓ ମହାଭାରତକୁ ପୁରାଣ ବୋଲି ଦାବି କରନ୍ତି, ସେତେବେଳେ ହିନ୍ଦୁମାନେ ଉତ୍ତେଜିତ ହୁଅନ୍ତି। କିନ୍ତୁ ଆମକୁ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ ଯେ, ଏସବୁ ସତ୍ୟ ନା କେବଳ ବିଶ୍ୱାସ। ଦେବତା ଜଣେ ଦେବଦୂତଙ୍କ ମାଧ୍ୟମରେ ମରୁଭୂମିରେ ଜଣେ ବଣିକଙ୍କ ସହ କଥା ହୋଇଥିଲେ କି? ଈଶ୍ୱରଙ୍କ ପୁତ୍ର ଏକ କୁମାରୀଙ୍କଠାରୁ ଜନ୍ମ ହୋଇଥିଲେ ଏବଂ ତାଙ୍କୁ ହତ୍ୟା କରାଯିବା ପରେ ପୁନର୍ଜୀବନ ଲାଭ କରିଥିଲେ କି? ଈଶ୍ୱର ପୃଥିବୀରେ ଜଣେ ରାଜା ଭାବରେ ଏବଂ ପରେ ଗୋପାଳକ ଭାବରେ ବିଚରଣ କରିଥିଲେ କି? ଦେବତାମାନେ ଟ୍ରୋୟ ସହର ନିର୍ମାଣ କରି ଏହାର ପତନ ଘଟାଇଥିଲେ କି?

ଐତିହାସିକମାନଙ୍କ କହିବା ଅନୁଯାୟୀ, ଭଗବାନ୍ ବା ଦେବତା ଐତିହାସିକ ଚରିତ୍ର ନୁହନ୍ତି। ସେମାନେ ସର୍ବଶ୍ରେଷ୍ଠ ରୂପାନ୍ତର, ପ୍ରତୀକ, ବିଶ୍ୱାସର ଅବତାର ଏବଂ ସାଂସ୍କୃତିକ ସତ୍ୟର ବାହକ, ଯାହା ସମ୍ପ୍ରଦାୟକୁ ଏକାଠି କରେ। ଇତିହାସ ହେଉଛି ମଣିଷର କ୍ଷେତ୍ର। ଆଧୁନିକ ଧର୍ମନିରପେକ୍ଷ ସମାଜଗୁଡ଼ିକ ଦୈବୀ ବିଚାରଧାରାରେ ସୀମିତ ନ ରହି



ସମ୍ପତ୍ତି, ନ୍ୟାୟ, ସମାନତା ଏବଂ ମାନବ ଅଧିକାର ଭଳି ଧାରଣା ଦ୍ୱାରା ପରିଚାଳିତ। ଏସବୁ ମଧ୍ୟ ବିଶ୍ୱାସ। ପୁରାଣଗୁଡ଼ିକ ଏକ ସ୍ପଷ୍ଟ ତଥା ସବିଶେଷ ବର୍ଣ୍ଣନା ବିନା ଉପସ୍ଥାପିତ କରାଯାଇଛି। ଊନବିଂଶ ଶତାବ୍ଦୀରେ ପୁରାଣ ଶବ୍ଦ କେବଳ ବହୁଭାଷୀ ସଂସ୍କୃତି ପାଇଁ ବ୍ୟବହୃତ ହୋଇଥିଲା। ବିଂଶ ଶତାବ୍ଦୀରେ ପୌରାଣିକ ଶବ୍ଦ ବହୁଦେବବାଦୀ ସଂସ୍କୃତିକୁ ଅନ୍ତର୍ଭୁକ୍ତ କରିଥିଲା। ସମସ୍ତ ପାରମ୍ପରିକ ଜ୍ଞାନ ଅଯୌକ୍ତିକ ଏବଂ ପୌରାଣିକ ଥିଲା। ଏକବିଂଶ ଶତାବ୍ଦୀରେ ପୁରାଣ ଶବ୍ଦରେ ନାସ୍ତିକ ସଂସ୍କୃତି ଅନ୍ତର୍ଭୁକ୍ତ ହୋଇଛି, କାରଣ କୌଣସି ସଂସ୍କୃତି ଯୁକ୍ତିଯୁକ୍ତତା ଉପରେ ଆଧାରିତ ନୁହେଁ। ମଣିଷ ସେମାନଙ୍କର ଜୀବନର ଅର୍ଥ ସ୍ୱୀକାର କରିବା ପାଇଁ ବିଶ୍ୱାସ ଆବଶ୍ୟକ କରନ୍ତି। ଅନେକ ହିନ୍ଦୁ ପଣ୍ଡିତ ରାମାୟଣ ଓ ମହାଭାରତକୁ ଇତିହାସ ବୋଲି ଦାବି କରିଥାନ୍ତି ଏବଂ ଏବେ ସୁଦ୍ଧା ପୁରାତନ ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣିତ ଚନ୍ଦ୍ରଗହଣ ଓ ସୂର୍ଯ୍ୟୋପରାଗ ଭଳି ମହାଜାଗତିକ ଘଟଣାକୁ ସେମାନେ ପାଳନ କରନ୍ତି। ଫଳସ୍ୱରୂପ, ମହାଭାରତ ରଚନା ସମୟ ଖ୍ରୀଷ୍ଟପୂର୍ବ ୩୧୦୧ ମସିହାର ବୋଲି କୁହାଯାଇଛି। ବିଭିନ୍ନ ପଣ୍ଡିତମାନେ ରାମାୟଣର ରଚନା ସମୟକୁ ଖ୍ରୀଷ୍ଟପୂର୍ବ ୧୨୨୦୯ରୁ ଖ୍ରୀଷ୍ଟପୂର୍ବ ୧୯୨୦ ମଧ୍ୟରେ ଭିନ୍ନ ଭିନ୍ନ ଭାବେ ଦର୍ଶାଯାଇଛି। ହେଲେ ଐତିହାସିକମାନେ ବିଶ୍ୱାସ କରନ୍ତି ଯେ ଏହିସବୁ କାବ୍ୟ ୨,୦୦୦ ବର୍ଷ ପୂର୍ବେ ରଚନା ହୋଇଥିଲା। ଏକ ହଜାର ବର୍ଷ ପୂର୍ବେ (୧୦୦୦ ଖ୍ରୀଷ୍ଟପୂର୍ବ) ଯେତେବେଳେ ଆର୍ଯ୍ୟମାନେ ଗଙ୍ଗା ଯମୁନା ଅବବାହିକାକୁ ଯାଇଥିଲେ, ସେତେବେଳେ ଏହା ରଚନା କରାଯାଇଥିଲା। ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଅନୁଯାୟୀ, ସେହି ଅଞ୍ଚଳରୁ ମିଳିଥିବା ପେଣ୍ଟେଡ ଗ୍ରେୱେର୍ (ପିଜିଡବ୍ଲ୍ୟୁ) ବା ଚିତ୍ରିତ ଧୂସର ମାଟିପାତ୍ର ପୂର୍ବ ସଂସ୍କୃତିର ସ୍ଥାନାନ୍ତରକୁ ସୂଚିତ କରେ। ପ୍ରାଚୀନ ଗ୍ରନ୍ଥଗୁଡ଼ିକ ଖ୍ରୀଷ୍ଟପୂର୍ବ ୨୦୦ ରୁ ୨୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅର୍ଥାତ୍ ବୌଦ୍ଧଧର୍ମର ପୃଷ୍ଠପୋଷକତା କରିଥିବା ମୌର୍ଯ୍ୟ ଏବଂ ବ୍ରାହ୍ମଣମାନଙ୍କ ପୃଷ୍ଠପୋଷକତା କରିଥିବା ଗୁପ୍ତ ବଂଶର ଶାସନ ମଧ୍ୟରେ ଘଟିଥିବା କାହାଣୀ ବର୍ଣ୍ଣନା କରନ୍ତି। ଏହା ଏକ ପରିବର୍ତ୍ତନ ଏବଂ ଅଶାନ୍ତିର ସମୟ ଥିଲା, ଯେତେବେଳେ ଉତ୍ତରର ଅଧିକାଂଶ ଭାଗ ମଧ୍ୟ ଏସିଆରୁ ଆସିଥିବା ଯାଯାବରଙ୍କ (ସ୍କିଥିଆନ, ପାର୍ଥିଆନ ଏବଂ କୁଶାଣ) ଦ୍ୱାରା ନିୟନ୍ତ୍ରିତ ହୋଇଥିଲା।

ରାମାୟଣ ଏବଂ ମହାଭାରତ ସମୟସୀମା ଓ ସେମାନଙ୍କର ଭୌଗୋଳିକ କ୍ଷେତ୍ରକୁ ନେଇ ଦ୍ୱନ୍ଦ୍ୱ ରହିଛି। ସମସ୍ତେ ଜାଣନ୍ତି ଯେ, ରାମାୟଣରେ ବର୍ଣ୍ଣିତ ସାମ୍ରାଜ୍ୟଗୁଡ଼ିକ ଗଙ୍ଗା ନଦୀ ଅବବାହିକାରୁ ଦକ୍ଷିଣ ପଶ୍ଚିମ ମାଳଭୂମି ଦେଇ ଭାରତ ମହାସାଗରରେ ଶ୍ରୀଲଙ୍କା ଦ୍ୱୀପ ପର୍ଯ୍ୟନ୍ତ ଲମ୍ବିଛି। ହେଲେ ପୁରାତନ ଗ୍ରନ୍ଥ ବିପରୀତ ମତ ରଖେ। ଏଥିରେ ମହାକାବ୍ୟର ଭୌଗୋଳିକ ସୀମା ବିନ୍ଧ୍ୟ ପର୍ବତକୁ ଟପି ନାହିଁ। ବାନର ଏବଂ ରାକ୍ଷସଙ୍କ ସାମ୍ରାଜ୍ୟ ଶାଳ ଗଛରେ ପରିପୂର୍ଣ୍ଣ, ଯାହା କେବଳ ଉତ୍ତରରେ ଅର୍ଥାତ୍ ବର୍ତ୍ତମାନର ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଅବସ୍ଥିତ। ମହାଭାରତର କ୍ଷେତ୍ର ଉତ୍ତର ଦିଗକୁ ହିମାଳୟ ଆଡ଼କୁ ଥିବା ସୂଚିତ କରେ। ପର୍ବତଗୁଡ଼ିକୁ ରାକ୍ଷସ ଏବଂ ଦେବତାମାନଙ୍କ କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି । କିନ୍ତୁ ଏବେ ବୌଦ୍ଧଙ୍କ ଦ୍ୱାରା ନିର୍ମିତ ମହାରାଷ୍ଟ୍ରର ଗୁମ୍ଫାଗୁଡ଼ିକ ପାଣ୍ଡବଙ୍କ ଦ୍ୱାରା କରାଯାଇଛି ବୋଲି ଟୁରିଷ୍ଟ ମାର୍ଗଦର୍ଶିକାଗୁଡ଼ିକରେ ବର୍ଣ୍ଣନା କରାଯାଇଛି। ଅଶୋକ ସ୍ତମ୍ଭକୁ ଅନେକ ବର୍ଷ ପୂର୍ବେ ଭୀମଙ୍କ ଲାଠି ଭାବରେ ବିବେଚନା କରାଯାଉଥିଲା। ଭୀମବେଟ୍‌କା ଗୁମ୍ଫାଗୁଡ଼ିକ ଭୀମ ପରିଦର୍ଶନ କରିଥିବା ସ୍ଥାନ ବୋଲି କୁହାଯାଏ।

ମୂଳ ଇତିହାସର ପରିସର ଉତ୍ତରର କେଦାର ଜଙ୍ଗଲରୁ ଦକ୍ଷିଣର ଶାଳ ଜଙ୍ଗଲ ପର୍ଯ୍ୟନ୍ତ ବ୍ୟାପିଛି; ବିନ୍ଧ୍ୟ ପର୍ବତ ପରକୁ ନୁହେଁ । କିନ୍ତୁ ଯେହେତୁ ବ୍ରାହ୍ମଣମାନେ ଦକ୍ଷିଣ ଦିଗକୁ ଗଲେ, ଆର୍ଯ୍ୟବ୍ରତର ଧାରଣା ଅନ୍ୟ ନଦୀ ଉପତ୍ୟକା ଏବଂ ସମୁଦ୍ରକୂଳକୁ ମଧ୍ୟ ବିସ୍ତାର ହେବା ସହ ମହାକାବ୍ୟର ଭୌଗୋଳିକ ପରିସର ବିସ୍ତାର ହୋଇଥିବାର ଦେଖୁ। ଦଶମ ଶତାବ୍ଦୀରେ ଚୋଳ ଶାସନ ସମୟରେ ଶ୍ରୀଲଙ୍କା ରାବଣଙ୍କ ସାମ୍ରାଜ୍ୟ ଭାବରେ ଏବଂ ପଞ୍ଚଦଶ ଶତାବ୍ଦୀରେ ବିଜୟନଗର ସାମ୍ରାଜ୍ୟ ସମୟରେ କର୍ନାଟକକୁ ବାନରଙ୍କ ରାଜ୍ୟ କିସ୍‌କିନ୍ଧା ଭାବରେ ପରିଚିତ ଥିଲେ। କୋଣାର୍କ ଏବଂ କେରଳ ଉପକୂଳ ପର୍ଶୁରାମଙ୍କ କ୍ଷେତ୍ର ଥିଲା। ଦକ୍ଷିଣ ପର୍ବତଗୁଡ଼ିକୁ ଦକ୍ଷିଣ କୈଳାସ କୁହାଯାଉଥିଲା। ଦକ୍ଷିଣର ନଦୀଗୁଡ଼ିକୁ ଦକ୍ଷିଣ ଗଙ୍ଗା ଏବଂ ଦକ୍ଷିଣ ସହରଗୁଡ଼ିକୁ ଦକ୍ଷିଣ କାଶୀ କୁହାଯାଉଥିଲା। ଦକ୍ଷିଣ ରାଜାମାନେ କୁରୁକ୍ଷେତ୍ରରେ ଯୁଦ୍ଧ ପାଇଁ ଖାଦ୍ୟ ଯୋଗାଉଥିଲେ। ଦେଖିବାକୁ ଗଲେ ଇତିହାସ ତୁଳନାରେ ପୁରାଣ ଭାରତକୁ ଅଧିକ ଏକଜୁଟ କରିବାରେ ଭଲ କାମ କରିଛି।

–devduttofficial@gmail.com

## ନୀରବ ସାକ୍ଷୀ



ଅନୀତା ପଟ୍ଟନାୟକ

ଗୁଡ଼ାଏ ବଗୁଲିଆ ପିଲା ପୁରୁଣା ସାଇକେଲ ଟାୟାରରେ ଗାଁରେ ନୂଆ ନୂଆ ତିଆରି ହୋଇଥିବା ବିଜୁଳିବତି ଖୁଣ୍ଟ ତଳେ ନିଆଁ ଲଗାଉଥିଲେ। ମୁଁ ଦେଖିଲି ବିଜୁଳିବତୀ ଖୁଣ୍ଟ ତଳେ ଘୂର୍ଣ୍ଣିବାତ୍ୟା ଭଳି ଛୋଟ ଛୋଟ ପତଙ୍ଗ ଉଡ଼ିବୁଲୁଛନ୍ତି। ମୁଁ ପିଲାଙ୍କୁ ପଚାରିଲି, ପିଲାମାନେ! ତୁମେ ଟାୟାର କାହିଁକି ଜାଳୁଛ? ସେମାନେ କହିଲେ, ବିଜୁଳିବତି ନଥିବା ସମୟରେ ବିଜୁଳିବତି ଖୁଣ୍ଟ ତଳେ ଉଡ଼ି ବୁଲୁଥିବା କୀଟପତଙ୍ଗଗୁଡ଼ିକ ଗଛ ଓ ବୁଦାମୂଳେ ଲୁଚି ରହିଥିଲେ। ଏବେ ଏବେ ଆମ ଘରକୁ ଆଲୁଅ ଆସିଥିବାରୁ ସେ ଆଲୁଅକୁ ଦେଖି କୀଟପତଙ୍ଗଗୁଡ଼ିକ ଘରେ ପଶୁଛନ୍ତି। ସେମାନେ ମତେ ବୁଝାଇ କହିଲେ, ଦୀପାବଳି ପୂର୍ବରୁ ଓ ଦୀପାବଳି ଦିନ ଏହି କୀଟପତଙ୍ଗଗୁଡ଼ାକୁ ନଷ୍ଟ କରିବାକୁ ପଡ଼େ; ନଚେତ୍ ଏଗୁଡ଼ାକ ଘରେ ଘରେ ପଶିଯିବେ ଓ ଘରେ ଲାଇଟ୍ ଲିଭାଇବା ପରେ ଖଟରେ ଚଢ଼ି ଆମ କାନରେ ପଶିବେ।

ଏହି ସମୟରେ ଗୋଟେ ବଗୁଲିଆ ପିଲା ଟାୟାର ଉପରେ କିରୋସିନ ଢାଳି ଦିଆସିଲିରେ ଅଗ୍ନି ସଂଯୋଗ କଲା। ଟାୟାରଗୁଡ଼ିକ ହୁତ୍‌ହୁତ୍ ହୋଇ ଜଳି ଉଠିଲେ। ଭାବିଥିଲି କୀଟପତଙ୍ଗଗୁଡ଼ିକ ନିଆଁକୁ ଦେଖି ଡରି ଅନ୍ୟ ବିଜୁଳି ଖୁଣ୍ଟ ନିକଟକୁ ଚାଲିଯିବେ। କିନ୍ତୁ ଏ କ'ଣ? ଘୂର୍ଣ୍ଣିବାତ୍ୟା ଭଳି ବୁଲୁଥିବା କୀଟପତଙ୍ଗଗୁଡ଼ିକ ବିଜୁଳିବତି ଆଲୁଅ ପାଖରୁ ତଳମୁହାଁ ହୋଇ, ଅଗ୍ନିରେ ନିଜକୁ ନିକ୍ଷେପ କରି ଶେଷ କରିଦେଉଥାନ୍ତି। ସେହିଦିନ ମୁଁ ବୁଝିପାରିଥିଲି, ଶିକ୍ଷକ ଆମକୁ କାହିଁକି କହନ୍ତି 'ଭଲ କାମ କର, ଭଲ ଦେଖ ଓ ଭଲ କୁହ'। ଅନିରୁଦ୍ଧ ସାର, ପାଠ ପଢ଼ାଉଥିଲାବେଳେ କହୁଥିଲେ 'ଯେପରି ଦୃଷ୍ଟି, ସେପରି ସୃଷ୍ଟି'। ସେ କହୁଥିଲେ, କର୍ମର ପ୍ରତିକ୍ରିୟା ଥାଏ। କେତେକ କର୍ମର ଫଳ ସଙ୍ଗେ ସଙ୍ଗେ ମିଳିଯାଇଥାଏ ଓ କେତେକ କର୍ମର ଫଳ ଡେରିରେ ମିଳିଥାଏ। ଆମେ କରିଥିବା ଖରାପ କର୍ମ, ଯାହା ସମାଜ ଦ୍ୱାରା ବା ଆଇନ ଦ୍ୱାରା ଅନୁମୋଦିତ ନୁହେଁ, ଭୁଲିଯାଇପାରୁ କିନ୍ତୁ ସମୟ ଭୁଲେ ନାହିଁ। ତାହାର ଫଳ ଆମକୁ ଦିନେନା ଦିନେ ଭୋଗ କରିବାକୁ ପଡ଼େ। କାରଣ ବିଜ୍ଞାନ କୁହେ, ପ୍ରତ୍ୟେକ କର୍ମରେ ସମାନ ଓ ବିପରୀତ ପ୍ରତିକ୍ରିୟା ହୋଇଥାଏ। ମୁଁ ସେ ଦିନ ଅନିରୁଦ୍ଧ ସାରଙ୍କୁ ପଚାରିଥିଲି, 'ସାର୍! ଆପଣ ତ କହୁଥିଲେ ଆମ ସମସ୍ତଙ୍କ ମଧ୍ୟରେ ଆତ୍ମା ବିଦ୍ୟମାନ, ସେ ହିଁ ଆମ ଇନ୍ଦ୍ରିୟଗୁଡ଼ିକୁ ଚଳାଉଛନ୍ତି। ଯଥା ଆଖି ମାଧ୍ୟମରେ ସେ ଦେଖନ୍ତି, କାନ ମାଧ୍ୟମରେ ସେ ଶୁଣନ୍ତି, ପାଟି ମାଧ୍ୟମରେ ସେ ସ୍ୱର ସୃଷ୍ଟି କରନ୍ତି ଓ ଖାଦ୍ୟ ଖାଆନ୍ତି। ନାକ ମାଧ୍ୟମରେ ସେ ଘ୍ରାଣ କରିଥା'ନ୍ତି ଓ ଚର୍ମ ମାଧ୍ୟମରେ ସ୍ପର୍ଶନ ଦ୍ୱାରା ସବୁ ଅନୁଭବ କରିପାରିଥାନ୍ତି। ସେ ଦିନ ଟାୟାର ଜାଳୁଥିବା ମୋର ଗୋଟିଏ ବଗୁଲିଆ ବନ୍ଧୁ ଶ୍ରେଣୀରେ ପଚାରିଥିଲା, ସାର! ଆମେ କର୍ମେନ୍ଦ୍ରିୟ ଦ୍ୱାରା ଦୁଷ୍ଟାମି କାମ କରୁଥିବାବେଳେ ଆମ ଭିତରେ ଥିବା ଭଗବାନ୍ ବା ଆତ୍ମା କ'ଣ କରୁଥା'ନ୍ତି?

ଏହାର ଉତ୍ତର ରଖି ଅନିରୁଦ୍ଧ ସାର୍ କହିଥିଲେ, 'ଆତ୍ମା ଏକ ଶାଶ୍ୱତ ବ୍ରହ୍ମ।' ଆମର ଖରାପ କର୍ମର ସେ ହେଉଛନ୍ତି ନୀରବଦ୍ରଷ୍ଟା। ସେଥିନିମନ୍ତେ ଆମେ କିପରି ଖରାପ କାମ କରିବା ନାହିଁ ଓ ମନ ମଧ୍ୟରେ ଗର୍ବ ଆଣିବା ନାହିଁ, ଭଗବାନ୍ ଆମକୁ ବୁଦ୍ଧି ପରି ଏକ ପବିତ୍ର ଜିନିଷ ଶରୀର ମଧ୍ୟରେ ବ୍ୟବହାର କରିବାକୁ ଦେଇଛନ୍ତି। ଡାକ୍ତର ସିନା ବଡ଼ପଣ ଦେଖାଇ କୁହେ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ମୁଁ ରୋଗୀକୁ ଭଲ କରିବାକୁ ଚେଷ୍ଟା କରୁଛି। ସେହି ସମୟରେ ନୀରବଦ୍ରଷ୍ଟା ହସୁଥା'ନ୍ତି, କାରଣ ସେ ଜାଣିଥାନ୍ତି ଏ ରୋଗୀର ରକ୍ଷାକର୍ତ୍ତା ମୁଁ। କିନ୍ତୁ ଡାକ୍ତର ବାହୁସ୍ଫୋଟ ମାରି କହୁଛି ମୁଁ ରୋଗୀକୁ ବଞ୍ଚାଇବାକୁ ଚେଷ୍ଟା କରୁଛି। ସରକାର ଖାଦ୍ୟ ଦେଇ ଲୋକଙ୍କର ଦାରିଦ୍ର୍ୟ ଦୂର କରିବାକୁ ଚେଷ୍ଟା କରୁଛି। କିନ୍ତୁ ପ୍ରକୃତ ରକ୍ଷାକର୍ତ୍ତା ଓ ଦାତା ହେଉଛନ୍ତି ଭଗବାନ୍। ସେ ଦିନର ବଗୁଲିଆ ପିଲାଙ୍କର ଟାୟାରଜଳା ମୋ ଭିତରେ ଭୟ ସଞ୍ଚାର କଲା। କୀଟ ପତଙ୍ଗମାନଙ୍କର ଏକ ପ୍ରଚଣ୍ଡ ଦୃଷ୍ଟିଶକ୍ତି ଅଛି। ତାହା ସେମାନଙ୍କୁ ଅଗ୍ନିରେ ନିକ୍ଷେପ କରୁଛି। ମତେ କିନ୍ତୁ ପାଞ୍ଚୋଟି କର୍ମେନ୍ଦ୍ରିୟ ଦେଇଛନ୍ତି। ଯଦି ମୁଁ ମୋର ବୁଦ୍ଧି ଓ ବିବେକ ଦ୍ୱାରା ଏଗୁଡ଼ିକର ସଠିକ ବ୍ୟବହାର ନ କରେ, ମୋର ଶରୀର ଖଣ୍ଡ ବିଖଣ୍ଡିତ ହୋଇଯିବାର ସମ୍ଭାବନା ରହିଛି। ତେଣୁ ଭଗବାନ୍‌ଙ୍କ ପାଖରେ ଯୋଡ଼ହସ୍ତରେ ପ୍ରାର୍ଥନା କଲି ମୋର ଇନ୍ଦ୍ରିୟଗୁଡ଼ିକ ଭଲ କର୍ମରେ ନିୟୋଜିତ ହେଉ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା,**
**ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

୧୪ ବର୍ଷ ବୟସରେ ବାହା ହୋଇଥିଲେ ତାଙ୍କଠାରୁ ତିନିଗୁଣ ଅଧିକ ବୟସର ବ୍ୟକ୍ତିଙ୍କୁ। ସେ ମା' ହେଲେ ୧୫ ବର୍ଷରେ। ବାଲ୍ୟ ବିବାହର ଯନ୍ତ୍ରଣାକୁ ଅତି ନିକଟରୁ ଦେଖିଥିବା ଏହି ମହିଳା ଜଣକ ହେଉଛନ୍ତି ବିହାରର ରୋଶନି ପରୱିନ। ସେ ଏବେ ଏହି ପ୍ରଥାକୁ ଦୂର କରିବା ଲାଗି ଅଭିଯାନ ଚଳାଇଛନ୍ତି। ରୋଶନି କିଶାନଗଞ୍ଜ ସିମନବାରିର ଏକ ଛୋଟ ଗାଁରେ ରୁହନ୍ତି। ସେ ନବମରେ ପଢୁଥିବା ସମୟରେ ପରିବାର ଲୋକେ ବାଧ୍ୟ କରି ତାଙ୍କୁ ୪୫ ବର୍ଷ ବୟସର ବ୍ୟକ୍ତିଙ୍କ ସହ ବାହାଘର କରାଇଦେଇଥିଲେ। ପରେ ପାରିବାରିକ ବିବାଦରୁ ତାଙ୍କ ସ୍ୱାମୀ ତାଙ୍କୁ ଆଉ ଗ୍ରହଣ କରି ନ ଥିଲେ । ଫଳରେ ସେ ସେଠାରୁ ଦୂରେଇ ଆସି ବାଲ୍ୟ ବିବାହ ବିରୋଧରେ ଅଭିଯାନ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ। ରୋଶନି ପ୍ରଥମେ ଚାଇଲ୍ଡଲାଇନ ଇଣ୍ଡିଆ ଫାଉଣ୍ଡେଶନରେ ଯୋଗ ଦେଇଥିଲେ । ପରେ ସେଭ୍ ଦି ଚାଇଲ୍ଡ ଓ ୟୁନିସେଫ ସହଯୋଗରେ ଏହି ସଂସ୍ଥାର ନେତୃତ୍ୱ ନେଇ ସେ ବାଲ୍ୟ ବିବାହ ରୋକିବା ଲାଗି ବିଭିନ୍ନ ଅଭିଯାନ ଚଳାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରୋଶନି ୬୦ଟି ବାଲ୍ୟବିବାହ ବନ୍ଦ କରିବାରେ ସକ୍ଷମ ହୋଇପାରିଛନ୍ତି। ବିଭିନ୍ନ ଗାଁରେ ସେ ୧୫ ଜଣ ପ୍ରାପ୍ତବୟସ୍କ ଝିଅଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରିଛନ୍ତି। ଏହା ବ୍ୟତୀତ ଜିଲା ପ୍ରଶାସନ, ବିଡିଓ, ସିଡିପିଓ ଏବଂ ପୋଲିସଙ୍କ ସହଯୋଗରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ମଧ୍ୟ ଜାତିସଂଘ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## ଚିରନ୍ତନୀ

ଆପେ ଶିଖି ଯେବେ ଫେରାଇବୁ ତୋର ମୁଖ
ବାଜିବ ଏ ବୁକେ ତିଳେକ ଦାରୁଣ ଦୁଃଖ
କିଛି ନୁହେ ବୋଲି ପୋଛିଦେବି ମୋର ଲୁହ
ନିମେଷକ ଲାଗି ହେବ ଏ ବଦନ ମୂକ। –(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | 4 | |
| | | 4 | | | 2 | | 3 | 6 |
| 9 | 2 | | 6 | | | 1 | | |
| | | | 3 | 2 | | | 6 | |
| | | | 5 | | 6 | 8 | | |
| | 5 | 2 | | 8 | | | | 1 |
| 1 | | | | 3 | | | | |
| | | 7 | | | 9 | | | |
| 4 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 1 | 7 | 2 | 6 | 5 | 3 | 8 |
| 6 | 8 | 5 | 9 | 1 | 3 | 2 | 7 | 4 |
| 3 | 7 | 2 | 4 | 5 | 8 | 9 | 1 | 6 |
| 1 | 6 | 7 | 2 | 4 | 5 | 8 | 9 | 3 |
| 5 | 2 | 3 | 1 | 8 | 9 | 4 | 6 | 7 |
| 4 | 9 | 8 | 6 | 3 | 7 | 1 | 5 | 2 |
| 2 | 1 | 6 | 3 | 9 | 4 | 7 | 8 | 5 |
| 8 | 3 | 4 | 5 | 7 | 1 | 6 | 2 | 9 |
| 7 | 5 | 9 | 8 | 6 | 2 | 3 | 4 | 1 |

ଗତକାଲିର ଉତ୍ତର

# ଇଜ୍ଜତର ସ୍ଥାନ ନିରୂପଣ



ଡ.ସତ୍ୟ ନାରାୟଣ ମିଶ୍ର

ବଞ୍ଚିବାର ମାନଦଣ୍ଡକୁ ବିଶ୍ଳେଷଣ କଲେ ସମ୍ମାନ ଓ ସାଭିମାନ ବା ଇଜ୍ଜତର ସହ ବଞ୍ଚିବାର ଅଧିକାର ମଣିଷକୁ ଅନେକ ନୈତିକ ମୂଲ୍ୟବୋଧକୁ ତର୍ଜମା କରିବାକୁ ଶିକ୍ଷା ଦିଏ। ମଣିଷ କେବଳ ଆବଶ୍ୟକ ଜୀବନଚର୍ଯ୍ୟାର ଉପଲବ୍ଧିରେ ସନ୍ତୋଷ ପ୍ରକାଶ କରି ନ ଥାଏ ବରଂ ସାଭିମାନର ଆଦର୍ଶଗତ ଇଜ୍ଜତରେ ଜୀବନର ମଧୁରତାକୁ ଉପଲବ୍ଧି କରିଥାଏ। ସମାଜରେ ଅନେକ ପ୍ରକାରର ବ୍ୟକ୍ତି ରହିଥାନ୍ତି। ଅର୍ଥନୈତିକ ଦୃଷ୍ଟିକୋଣକୁ ଅବଲୋକନ କଲେ ପ୍ରତୀୟମାନ ହୋଇଥାଏ ଯେ ଯିଏ ଅଧିକ ଧନୀ ସିଏ ଯେ ଅଧିକ ସାଭିମାନୀ ବା ସମ୍ମାନର ଅଧିକାରୀ ତାହା ବିବେଚନା କରିବା ସମ୍ପୂର୍ଣ୍ଣ ଭୁଲ୍। ଲିଙ୍ଗଗତ ପାର୍ଥକ୍ୟରେ ମଣିଷ ସଦାବେଳେ ନିଜର ଆଧିପତ୍ୟ ବିସ୍ତାର କରି ଅନ୍ୟର କ୍ଷତି କରିଥାଏ।

ଗୋଟିଏ ନାରୀ ଜୀବନର ପ୍ରଥମ ସୁରକ୍ଷିତ ସମ୍ପତ୍ତି ହେଉଛି ତାହାର ଇଜ୍ଜତ, ଯାହାକୁ ନେଇ ସେ ନିଜେ ଗର୍ବିତ ଓ ସମାଜ ଚକ୍ଷୁରେ ମଧ୍ୟ ଗ୍ରହଣୀୟ। ତେଣୁ ଜଣେ ମହିଳାର ଇଜ୍ଜତ ହେଉଛି ତାହାର ସମ୍ପଦ। ଇଜ୍ଜତର ସ୍ଥାନ ସର୍ବାଗ୍ରେ ବନ୍ଦନୀୟ। ଜଣେ ଧନୀ ଏବଂ ଜ୍ଞାନୀ ମହିଳାର ଇଜ୍ଜତ ଯେତେ, ଜଣେ ଗରିବ ଓ ମୂର୍ଖ ମହିଳାର ଇଜ୍ଜତ ମଧ୍ୟ ସମାନ ବୋଲି ସ୍ୱୀକାର କରିବାକୁ ସମସ୍ତେ ବାଧ୍ୟ। ମହିଳାମାନେ ହେଉଛନ୍ତି ପରିବାରର ମେରୁଦଣ୍ଡ, ସମ୍ପ୍ରଦାୟର ଅଭିବୃଦ୍ଧି ଓ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ତଥାପି ଶତାବ୍ଦୀ ଶତାବ୍ଦୀ ଧରି ମହିଳାମାନେ କର୍ମକ୍ଷେତ୍ର, ରାଜନୀତି, ଚଳଚ୍ଚିତ୍ର, ବିଭିନ୍ନ ସାମାଜିକ କ୍ଷେତ୍ରରେ ଭେଦଭାବର ସମ୍ମୁଖୀନ ହେଉଛନ୍ତି। ସମାଜରେ ସମ୍ପ୍ରତି ନାରୀମାନେ ବଳାତ୍କାରର ଶିକାର ହେବା ଲଜ୍ଜାଜନକ ସ୍ଥିତି ହୋଇଥିବା ବେଳେ ଏହା ଏକ ସାମାଜିକ ବ୍ୟାଧି ହୋଇ ସମାଜର ସମତୁଲତାକୁ ନଷ୍ଟ କରିବାକୁ ବସିଲାଣି। ସଭ୍ୟତା ଯେତେ ଯେତେ ଆଗକୁ ଧାବମାନ ହେଉଛି, କୌଶଳ ତଥା ଜୀବନ ଚରିତ୍ର ଯେତେ ଯେତେ ଉନ୍ନତ ହେଉଛି, ମଣିଷ ମନରେ ବିକାର ଓ ମହିଳାଙ୍କ ପ୍ରତି ବଳାତ୍କାର ସେହି ମାତ୍ରାରେ ବଢ଼ି ବଢ଼ି ଚାଲିଛି। ଏହା ହେଉଛି ସମାଜର କଳଙ୍କ।

ମହାଭାରତ ଓ ରାମାୟଣ ଯୁଗରେ ମହିଳା ଅତ୍ୟାଚାର ପାଇଁ କେବଳ ଦୁଇଟା ଯୁଗର ଅବସାନ ହେଲା। କିନ୍ତୁ ବର୍ତ୍ତମାନ ସମାଜରେ ଯେଉଁପରି ବଳାତ୍କାର ଓ ବ୍ୟଭିଚାର ହେଉଛି ତାହା ଅନେକଙ୍କୁ ମ୍ରିୟମାଣ କରୁଛି । ଅନେକ ସମୟରେ ଯଦି ଜଣେ ପ୍ରତିଷ୍ଠିତ ଧନୀ ଜ୍ଞାନୀ ବ୍ୟକ୍ତି ପରିବାରର ମହିଳା ବଳାତ୍କାରର ଶିକାର ହୁଅନ୍ତି, ତେବେ ତାହା ଶାସନ, ପ୍ରଶାସନ, ଖବରକାଗଜ, ଗଣମାଧ୍ୟମ ଇତ୍ୟାଦି ପାଇଁ ଏକ ସମସ୍ୟାର ବିଷୟବସ୍ତୁ ହୋଇଯାଏ। ଏଥିପାଇଁ କେତେ ସଂଗଠନ, ସଂଘ ଆଦି ଦିବାନିଶି ନିଜକୁ ଜଳାଞ୍ଜଳି ଦେଇ ନ୍ୟାୟ ଦାବିରେ କେତେ ବ୍ୟକ୍ତିଗତ ତଥା ସରକାରୀ ସମ୍ପତ୍ତିର କ୍ଷତି କରିଥାନ୍ତି ତାହା ଆଇନ ଶୃଙ୍ଖଳା ବିଭାଗ ଦ୍ୱାରା ଏକ ଆୟୋଗ ବସି ବିଚାର ହୁଏ। ମାତ୍ର ଯେତେବେଳେ ଗୋଟିଏ ଦିନମଜୁରିଆ ଗରିବ ମୂର୍ଖ ବା ଅସହାୟ ଅଥବା ମାନସିକ ବିକାରଗ୍ରସ୍ତ ମହିଳା ଉକ୍ତ ବଳାତ୍କାର ସଂଘବଦ୍ଧ ଭାବରେ ହୋଇଥିବାର ଶିକାର ହୁଏ, ସେତେବେଳେ ତାହାପାଇଁ କିଛି ହୋଇ ନ ଥାଏ।



ସେତେବେଳେ ତାହା ଇଜ୍ଜତ ହୋଇ ନ ଥାଏ, ତାହା ଥାଏ ଦୁର୍ଘଟଣା। କାରଣ ଇଜ୍ଜତର ସ୍ଥାନ ନିରୂପଣକୁ ତର୍ଜମା କଲେ ଜଣାଯାଏ ଯେ ଯେଉଁଠି ମଣିଷର ସ୍ୱାର୍ଥ ଜଡ଼ିତ, ସେଇଠି ଥାଏ ଇଜ୍ଜତର ମୂଲ୍ୟଯୁକ୍ତ ସ୍ଥାନ। ମାତ୍ର ଯେତେବେଳେ ଉକ୍ତ ନିଷ୍ପେଷିତା ମହିଳା ସେହି ତଥାକଥିତ ସମ୍ଭ୍ରାନ୍ତ ପରିବାରର ପୁରୁଷମାନଙ୍କ ଦ୍ୱାରା ବଳାତ୍କାର ହୋଇଥାଏ ବା ନିମ୍ନ ବର୍ଗର ପୁରୁଷଗୋଷ୍ଠୀ ଦ୍ୱାରା ହୋଇଥାଏ ତାହା ଥାଏ ଇଜ୍ଜତର ସ୍ଥାନ ନିରୂପଣ।

ସମାଜ, ବ୍ୟକ୍ତି ବିଭେଦ ଦୃଷ୍ଟିରେ ଇଜ୍ଜତର ସ୍ଥାନ ଭିନ୍ନ ହୋଇପାରେ, ମାତ୍ର ସ୍ଥାନ ସଂଜ୍ଞାରେ ଇଜ୍ଜତ ସମାନ ବୋଲି ବିବେଚନା କରାଯାଏ। କିନ୍ତୁ ଉକ୍ତ ଗରିବ, ଦଳିତ, ନିଷ୍ପେଷିତା ମହିଳାଙ୍କ ଇଜ୍ଜତ ପାଇଁ ବଡ଼ ଆନ୍ଦୋଳନ ହୁଏ ନାହିଁ ବା ମହମବତି ରାଲି ଆଦି ହୁଏନାହିଁ। ସେଠାରେ ଇଜ୍ଜତ ହୋଇଯାଏ ଲଜ୍ଜିତ ଓ ସଂଜ୍ଞା ହୋଇଯାଏ ସମସ୍ୟା।

ସାଧାରଣତଃ ବଳାତ୍କାର ଘଟଣା ପରେ ଜଣେ ମହିଳା ଦୁର୍ବିଷହ ଜୀବନ ଅତିବାହିତ କରନ୍ତି। ଯେଉଁଥିରେ ଭୟ, ଉଦାସୀନତା, ଦୋଷ, ଆତ୍ମହତ୍ୟା ଓ ସାମାଜିକ କଳଙ୍କ ଅନ୍ତର୍ଭୁକ୍ତ ହୋଇଥାଏ,କାରଣ ସେଠାରେ ଇଜ୍ଜତ ଭୂଲୁଣ୍ଠିତ। ୨୦୨୧ର ଏକ ରିପୋର୍ଟ ଅନୁଯାୟୀ ସାମ୍ପ୍ରତିକ ସମାଜରେ ବଳାତ୍କାର ଘଟଣା ବହୁଗୁଣିତ ହୋଇ ଗୋଟିଏ ବର୍ଷରେ ୩୧,୬୭୭ ବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିଲା, ଯାହା ଦୈନିକ ହାରାହାରି ୮୬ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଏଥିରୁ ଜଣାଯାଏ ଯେ ବଳାତ୍କାରୀମାନେ ଆଇନକୁ ଭ୍ରୂକ୍ଷେପ କରୁ ନାହାନ୍ତି।

ଆଇନର ଦୀର୍ଘ ପଥରେ ବିଚରା ବଳାତ୍କୃତା ଦୀର୍ଘ ବର୍ଷ ଧରି ବିଭିନ୍ନ ପ୍ରଶ୍ନବାଣରେ ଯେତେବେଳେ ଜର୍ଜରିତ ହୁଏ, ସେତେବେଳେ ତାହାର ଇଜ୍ଜତ ବଳାତ୍କାରଠାରୁ ଅଧିକ ଅନୁଭୂତ ହୁଏ। ତେଣୁ ପରିଶେଷରେ ସେ ବାଧ୍ୟ ହୋଇ ଅଦାଲତରୁ ମାମଲାକୁ ପ୍ରତ୍ୟାହାର କରିଥାନ୍ତି। ଅତଏବ ଇଜ୍ଜତର ସ୍ଥାନ ନିରୂପଣ ହୋଇଥାଏ ଭିନ୍ନ ଏକ ଦୃଷ୍ଟିକୋଣରେ। ଅନ୍ୟପକ୍ଷରେ ପୀଡ଼ିତ ପରିବାର ଓ ନିଜର ଜୀବନ ପ୍ରତି ଯେତେବେଳେ ଧମକ ଆସେ ଓ ଅସୁରକ୍ଷିତ ହୁଏ, ସେତେବେଳେ ଇଜ୍ଜତ ହୋଇଯାଏ ସ୍ଥାନ ନିରୂପଣର ଏକ ଅଙ୍ଗ। ମାତ୍ର ଅନେକ ସମୟରେ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୋଇ ନ ଥିବାରୁ ବିଚାରାଳୟରୁ ସର୍ତ୍ତରେ ଆସି ନିଜର କୁକର୍ମକୁ ପୁନଃ ଭିନ୍ନ ଶୈଳୀରେ କରିଥାନ୍ତି, ଯାହା ଥାଏ ଆଇନରେ ପୀଡ଼ିତାଙ୍କ ଇଜ୍ଜତ। ପୀଡ଼ିତାଙ୍କୁ କଳଙ୍କିତ କରିବା ଓ ପୀଡିତାଙ୍କୁ ଆପୋସ ବୁଝାମଣା କରିବାକୁ ଉତ୍ସାହିତ କରିବା ଏହି ଜଘନ୍ୟ ଅପରାଧକୁ ଆହୁରି ଉତ୍ସାହିତ କରିଥାଏ। ବଳାତ୍କାରକୁ ଦୁଇଟି ପର୍ଯ୍ୟାୟର ବିଭାଗୀକରଣ କରାଯାଇପାରେ ଓ ତାହା ହେଲା ଅପରିଚିତ ବଳାତ୍କାର ଓ ଅନ୍ୟଟି ହେଲା ପରିଚିତ ବଳାତ୍କାର। ଅପରିଚିତ ବଳାତ୍କାରରେ ବ୍ୟକ୍ତି କାମନାକୁ ଚରିତାର୍ଥ କରିବାପାଇଁ ତଥା ନିଜର ପ୍ରବୃତ୍ତିକୁ ବ୍ୟବହାର କରିବା ଲାଗି ନିୟୋଜିତ କରିଥାଏ ଓ ଏଥିରେ ପୀଡ଼ିତା ଇଜ୍ଜତ ହୋଇଥାଏ ରାଜରାସ୍ତାରେ ମଣ୍ଡିତ। ମାତ୍ର ପରିଚିତ ବଳାତ୍କାରରେ ନିଜର ଆର୍ଥିକ ସ୍ୱାର୍ଥ, ପ୍ରତିଶୋଧ, ବାକ୍‌ଚାତୁରିର ନିପୁଣତା ତଥା ଆର୍ଥିକ ଉତ୍କଣ୍ଠା ନିହିତ ଥାଏ। ଏଥିରେ ଇଜ୍ଜତ ହୋଇଥାଏ ଭିନ୍ନ ସ୍ଥାନର ପ୍ରସଙ୍ଗ, ଯେଉଁଥିରେ ସମ୍ପର୍କର ଘନିଷ୍ଠତା ପୀଡ଼ିତାଙ୍କୁ ବିଚ୍ଛିନ୍ନ ଅନୁଭବ କରେ ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥାଏ। ଜଣେ ମହିଳାର ପୃଷ୍ଠଭୂମି ଯାହା ଥାଉନା କାହିଁକି ସମାନତାର ଭିତ୍ତିଭୂମିରେ ଇଜ୍ଜତର ସ୍ଥାନ ନିରୂପଣ ସମସ୍ତଙ୍କ ପାଇଁ ସମାନ ହେବା ଉଚିତ ଯାହା ହେଉଛି ଶୃଙ୍ଖଳାର ମାନଦଣ୍ଡ ଓ ସୁରକ୍ଷିତ ଜୀବନର ଆଧାର।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ୟୁନିଟ -୪ , ଭୁବନେଶ୍ୱର**
**ମୋ : ୯୯୩୭୩୪୫୯୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ଅଧ୍ୟାପକମାନେ କିପରି ଚଳିବେ

ମହାଶୟ,

ରାଜ୍ୟରେ ଶିକ୍ଷକମାନେ ହାରାହାରି ପଚିଶ ବର୍ଷ ଚାକିରି କରିବା ପରେ ଅର୍ଥ ସଂଚୟ ଓ ପେନସନ୍ ରାଶି ବ୍ୟତୀତ ନିଃସହାୟ ଅବସ୍ଥାରେ ଅବସର ନେଉଛନ୍ତି। ରାଜ୍ୟରେ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକୁ ଛାଡ଼ିଦେଲେ ପ୍ରାୟ ୫୧ଟି ସରକାରୀ ଓ ୧୧୫୦ଟି ଅନୁଦାନପ୍ରାପ୍ତ କଲେଜ ସାଧାରଣ ଉଚ୍ଚଶିକ୍ଷା ପ୍ରଦାନ କରୁଛନ୍ତି। ରାଜ୍ୟରେ ସରକାରୀ କଲେଜରେ ସ୍ୱଳ୍ପସଂଖ୍ୟକ ସ୍ଥାୟୀ ଅଧ୍ୟାପକ ଥିବାବେଳେ ଖାଲି ପଡ଼ିଥିବା ଅଧିକାଂଶ ସ୍ଥାୟୀ ପଦରେ ଅତିଥି ଅଧ୍ୟାପକ ଅଧ୍ୟାପନା କାର୍ଯ୍ୟ କରୁଛନ୍ତି। ସମଗ୍ର ରାଜ୍ୟରେ ଏକଚତୁର୍ଥାଂଶ ଛାତ୍ରୀଛାତ୍ର ସ୍ୱଳ୍ପସଂଖ୍ୟକ ସରକାରୀ କଲେଜରେ ପାଠ ପଢୁଥିବା ବେଳେ ଅବଶିଷ୍ଟ ତିନିଚତୁର୍ଥାଂଶ ଅନୁଦାନପ୍ରାପ୍ତ କଲେଜରେ ଅଧ୍ୟୟନ କରୁଛନ୍ତି। ୧୯୮୮ ପରଠାରୁ ଅନୁଦାନପ୍ରାପ୍ତ କଲେଜର ଅଧ୍ୟାପକମାନଙ୍କ ପାଇଁ ୟୁଜିସି ହାରରେ ଅନୁଦାନ ଲାଗୁ ନ କରିବା ଦୁର୍ଭାଗ୍ୟଜନକ ନୁହେଁ କି? ପୁରୀ ଜିଲାର ସରକାରୀ କଲେଜରେ ସ୍ୱଳ୍ପ ସଂଖ୍ୟକ ସ୍ଥାୟୀ ଶିକ୍ଷକ ଥିବାବେଳେ ଖାଲି ପଡୁଥିବା ଅଧିକାଂଶ ସ୍ଥାୟୀ ପଦରେ ଅତିଥି ଅଧ୍ୟାପକ ଅଧ୍ୟୟନ କାର୍ଯ୍ୟ କରୁଛନ୍ତି। ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ ହୋଇଛି ସତ, କିନ୍ତୁ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ଅଧ୍ୟାପକମାନେ ଅଧିକ ଦାୟିତ୍ୱ ନିର୍ବାହ କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବହୁ ବିବାଦ ନ୍ୟାୟାଳୟକୁ ଯାଉଛି। ଅଧ୍ୟାପକମାନେ ଛାତ୍ରୀଛାତ୍ର ତଥା କଲେଜର ସାମଗ୍ରିକ ବିକାଶ ପ୍ରତି ଧ୍ୟାନଦେବା ପରିବର୍ତ୍ତେ ଉଚ୍ଚଶିକ୍ଷା ବିଭାଗର ଅସ୍ଥିର ଆଭିମୁଖ୍ୟକୁ ନେଇ ଅଧିକ ଚିନ୍ତାଗ୍ରସ୍ତ ରହିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**–ଦେବତିକ୍ତ ମିଶ୍ର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ଗାନ୍ଧିଜୀଙ୍କ ପାଖରେ ମଣିଷତ୍ୱ, ଦିବ୍ୟତ୍ୱ ଏକାକାର ହୋଇଥିଲା: ମୁଖ୍ୟମନ୍ତ୍ରୀ



## ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ

ଭୁବନେଶ୍ୱର/ଫୁଲନଖରା,୨୧୦(ଅନିଲ ଦାସ/ସତ୍ୟରଞ୍ଜନ ଦାସ ମହାପାତ୍ର)

ଗାନ୍ଧିଜୀଙ୍କ ପାଖରେ ମଣିଷତ୍ୱ ଓ ଦିବ୍ୟତ୍ୱ ଏକାକାର ହୋଇଯାଇଥିଲା। ଗାନ୍ଧିଜୀ ହେଉଛନ୍ତି ସମଗ୍ର ମାନବ ଜାତିର ସମ୍ପଦ। ସମଗ୍ର ବିଶ୍ୱର ଆଦର୍ଶ। ତାଙ୍କ ଜୀବନ ଥିଲା ସତ୍ୟ ସହ ନିରନ୍ତର ପରୀକ୍ଷା। ଆଜି ଗାନ୍ଧିବାଦ ସାରା ପୃଥିବୀରେ ପ୍ରାସଙ୍ଗିକ ସାବ୍ୟସ୍ତ ହୋଇଛି। ବିଶ୍ୱରେ ଗାନ୍ଧୀ ଆଦର୍ଶ ଓ ବିଚାରଧାରାର ପ୍ରୟୋଗ କରାଯାଇ ଆନ୍ତର୍ଜାତିକ ସମସ୍ୟାର ସମାଧାନ ପାଇଁ ମାର୍ଗ ଖୋଜାଯାଉଛି ବୋଲି କଟକ ଜିଲା ତେଲେଙ୍ଗାପେଣ୍ଠରେ ବୁଧବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏବଂ ଓଡ଼ିଶାରେ ଆମ ସରକାର ଗାନ୍ଧିଜୀଙ୍କ ପ୍ରକୃତ ଆଦର୍ଶ ଓ ଲକ୍ଷ୍ୟକୁ ପୂରଣ କରିବା ପାଇଁ କାମ କରୁଛି। ସ୍ୱଚ୍ଛତା ଥିଲା ଗାନ୍ଧିଜୀଙ୍କ ଆଦର୍ଶ। ସେ କହୁଥିଲେ ଯେ ଯେଉଁଠାରେ ସ୍ୱଚ୍ଛତା ଥାଏ, ସେଠାରେ ଭଗବାନ ବାସ କରନ୍ତି। ୨୦୧୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦାୟିତ୍ୱ ଗ୍ରହଣ କଲେ, ତାଙ୍କର ପ୍ରଥମ ବଡ଼ ଅଭିଯାନ ଥିଲା ସ୍ୱଚ୍ଛ ଭାରତ। ସ୍ୱଚ୍ଛ ଭାରତ ଅଭିଯାନକୁ ଆଜି ୧୦ ବର୍ଷ ହୋଇଗଲାଣି। ହଜାର ହଜାର ଗାଁରେ ଲକ୍ଷ ଲକ୍ଷ ଲୋକଙ୍କ ଘରେ ପାଇଖାନା ଅଛି। ସ୍ୱଚ୍ଛତା ଅଭିଯାନ ଆଜି ଦେଶରେ ଏକ ସଫଳ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗାନ୍ଧିଜୀଙ୍କ ଆଉ ଏକ ସ୍ୱପ୍ନ ଥିଲା ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ବିକାଶ ଓ କଲ୍ୟାଣ। ଆଜି ଦେଶର ୮୦ କୋଟି ଲୋକଙ୍କୁ ମାଗଣା ରାଶନ ମିଳୁଛି। ଗାଁ ଗାଁରେ ପକ୍କା ସଡ଼କ, ପିଇବା ପାଣି, ବିଜୁଳି, ଇଣ୍ଟରନେଟ୍ ସୁବିଧା ମଧ୍ୟ ମିଳିପାରୁଛି। ଚାଷୀମାନଙ୍କ ବିକାଶ ପାଇଁ ପିଏମ୍ କିଷାନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଦଳିତ, ଗରିବ ଓ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ଉତ୍ସର୍ଗୀକୃତ ଭାବେ କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଓଡ଼ିଶାରେ ଭାଜପା ସରକାର ମାତ୍ର ୪ ମାସ ମଧ୍ୟରେ ରାଜ୍ୟର ୧ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଦେବା ଆରମ୍ଭ କରିଛି। ଗାଁରେ ଏପରି ଅନେକ ମହିଳା ଅଛନ୍ତି, ଯେଉଁମାନଙ୍କ ହାତରେ ଟଙ୍କାଟିଏ ବି ନ ଥାଏ। ଏହି ଆର୍ଥିକ ସହାୟତା ସେମାନଙ୍କୁ ପରିବାରରେ ଓ ସମାଜରେ ସଶକ୍ତ କରି ଗଢ଼ିତୋଳିବ। ମହିଳାମାନଙ୍କ ସଶକ୍ତୀକରଣ ପାଇଁ ଗାନ୍ଧିଜୀଙ୍କର ଯେଉଁ ସ୍ୱପ୍ନ ଥିଲା, ତାକୁ ପୂରଣ କରିବା ଦିଗରେ ରାଜ୍ୟ ସରକାର ମଧ୍ୟ ଓଡ଼ିଶାରେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ଗାନ୍ଧିଜୀ ଓଡ଼ିଶାର ଯେଉଁ ଯେଉଁ ସ୍ଥାନକୁ ଆସିଥିଲେ, ସେ ସବୁ ଆଜି ଆମ ପାଇଁ ଗୋଟିଏ ଗୋଟିଏ ଧର୍ମକ୍ଷେତ୍ର। ତେଲେଙ୍ଗାପେଣ୍ଠ ମଧ୍ୟ ଏକ ଧର୍ମକ୍ଷେତ୍ର। ଏହି ପୀଠରେ ଅଧିକ ଗଠନମୂଳକ କାର୍ଯ୍ୟ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା- ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ଏବଂ କଟକ ମହାନଗର ନିଗମ କର୍ପୋରେଟରମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ତେଲେଙ୍ଗାପେଣ୍ଠରେ ପହଞ୍ଚିବା ପରେ ଏକ 'ରୋଡ୍ ଶୋ'ରେ ହଜାର ହଜାର ଲୋକଙ୍କ ସହିତ ଗାନ୍ଧୀ ସ୍ମୃତିପୀଠକୁ ଯାଇଥିଲେ। ସେଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସେଠାରେ ଏକ ନାଗେଶ୍ୱର ଗଛର ଚାରାରୋପଣ କରିଥିଲେ। ଏହା ପରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆନ୍ତର୍ଜାତିକ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ ସେଠାରେ ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ରଥ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଏକ ପୋଟ୍ରେଟ ମଧ୍ୟ ଉପହାର ଦେଇଥିଲେ। ମୁଖ୍ୟମନ୍ତ୍ରୀ ସେଠାରେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମରେ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ଏବଂ ବିଶିଷ୍ଟ ସମାଜସେବୀ ଓ ସାମାଜିକ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ୧୦ଜଣ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଗାନ୍ଧୀ ସ୍ମୃତି ସମ୍ବଳିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହିତ ବୁଲି ଦେଖିଥିଲେ। କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ନୀତିକାନ୍ତିରେ ବିଭ୍ରାଟକଲେ କଠୋର କାର୍ଯ୍ୟାନୁଷ୍ଠାନ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨।୧୦(ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ନୀତିକାନ୍ତିରେ ବିଭ୍ରାଟକଲେ କଠୋର ପଦକ୍ଷେପ ନିଆଯିବ। ଯିଏ ବି ହୁଅନ୍ତୁ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୁଧବାର ଗଣମାଧ୍ୟମ ସମ୍ମୁଖରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି କହିଛନ୍ତି। ଶ୍ରୀମନ୍ଦିର ଲୁହା କଡ଼େଇ ପ୍ରସଙ୍ଗରେ ଏପରି ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ କହିଛନ୍ତି, ଉକ୍ତ ମାମଲାର ଏବେ ବି ସମୀକ୍ଷା ଚାଲିଛି। ଯିଏ ବି ସମ୍ପୃକ୍ତ ଥିବା କଥା ଜଣାପଡ଼ିବ ତାଙ୍କୁ ନିସ୍ତାର ମିଳିବ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନେବ। ସେପ୍ଟେମ୍ବର ୧୨ରେ ଶ୍ରୀମନ୍ଦିର ରୋଷଘରେ ଅନ୍ନ ରନ୍ଧନରେ ଲୁହା କଡ଼େଇ ବ୍ୟବହାର ନେଇ ଅଭିଯୋଗ ଆସିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଦନ୍ତ ସହ କଡ଼େଇ ଜବତ ନିର୍ଦ୍ଦେଶ ଦେଇଥିଲେ। ବାରଣ ସତ୍ତ୍ୱେ କୋଠଭୋଗ ରୋଷଘରେ ୩ ସୁପକାର ଲୁହା କଡ଼େଇ ବ୍ୟବହାର କରି ଅନ୍ନ, ଡାଲି ରୋଷେଇ କରିଥିଲେ। ଏହାକୁ ନେଇ ସମଗ୍ର ରାଜ୍ୟବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ମାମଲାର ତଦନ୍ତ କରାଯାଇ ରିପୋର୍ଟ ଆସିବା ପରେ ମୁଖ୍ୟ ପ୍ରଶାସକ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ସେମାନଙ୍କୁ ଶ୍ରୀମନ୍ଦିର ପରିସର ତଥା ଶ୍ରୀମନ୍ଦିର ରୋଷରେ ପ୍ରବେଶ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏହି କଟକଣାକୁ କାର୍ଯ୍ୟକାରୀ କରିବାକୁ ବିହିତ ପଦକ୍ଷେପ ନେବା ପାଇଁ ଶ୍ରୀମନ୍ଦିର କମାଣ୍ଡର ଓ ଦେଉଳ କରଣଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଜାରି କରିଥିଲେ।

# ଆମେ ଯେତେ ବିକାଶ କଲେ ବି ପ୍ରକୃତି ଉପରେ ନିର୍ଭରଶୀଳ: ଭୂପେନ୍ଦ୍ର ଯାଦବ



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମ୍ବାଦ ଗ୍ରୁପ୍ ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ। ନିକଟରେ ଅଛନ୍ତି ସମ୍ବାଦ ସମ୍ପାଦକ ତନୟା ପଟ୍ଟନାୟକ।

ଭୁବନେଶ୍ୱର,୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଆମକୁ ଲାଗୁଛି ଜୀବନ ହିଁ କେବଳ ମଣିଷର ଜୀବନ। ପଶୁ, ପକ୍ଷୀ, ବୃକ୍ଷଙ୍କ କଥା ବି ଭାବିବାକୁ ପଡ଼ିବ। କାରଣ ପୃଥିବୀରେ ଯଦି କେବଳ ମଣିଷ ଏକା ରହିବ, ତେବେ ସବୁ ଶୂନ୍ୟ ଲାଗିବ। ଆମେ ପୃଥିବୀରୁ ସବୁ ଭଲ ଜିନିଷ ନେଇ ଖରାପ ଜିନିଷ ଦେଉଛେ। ତେଣୁ ଭଲ ନେଇ ଭଲ ଫେରାଇବାର ଅଭ୍ୟାସ ଆରମ୍ଭ କରିବାକୁ ହେବ। ଆମେ ଯେତେ ବିକାଶ କଲେ ବି ପ୍ରକୃତି ଉପରେ ନିର୍ଭରଶୀଳ ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। 'ସମ୍ବାଦ' ଓ 'କନକ ନ୍ୟୁଜ୍' ପକ୍ଷରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଥିବା ୩ ଦିନିଆ ସମ୍ମିଳନୀ 'ପୁନଶ୍ଚ ପୃଥିବୀ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି। ସମ୍ବାଦ ଗ୍ରୁପ୍ ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରି କହିଛନ୍ତି, ଆମେ ସମସ୍ତେ ବିକାଶ ପଛରେ ବାୟା। ହେଲେ ବିକାଶ ହିଁ ବିନାଶର କାରଣ ପାଲଟିଛି। ଆମକୁ ବିକଳ୍ପ ବିକାଶ କଥା ଚିନ୍ତା କରିବାକୁ ପଡ଼ିବ, ଯେଉଁଥିରେ ବିନାଶ କମ୍ ହେବ। ସମ୍ବାଦ ସମ୍ପାଦକ ତନୟା ପଟ୍ଟନାୟକ ସ୍ୱାଗତ ଭାଷଣରେ କହିଛନ୍ତି, ୨୦୨୧ରୁ ଆରମ୍ଭ ହୋଇଥିବା 'ପୁନଶ୍ଚ ପୃଥିବୀ' ଆଜି ଆନ୍ଦୋଳନରେ ପରିଣତ ହୋଇଛି। 'ପୁନଶ୍ଚ ପୃଥିବୀ' ଅଭିଯାନ ୨୦୩୬ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେ କହିଛନ୍ତି।

# ନଭେମ୍ବର ୩ରୁ ଓଜେଏସ୍ ମେନ୍

ଭୁବନେଶ୍ୱର,୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ନ୍ୟାୟିକ ସେବା (ଓଜେଏସ୍)-୨୦୨୩ ମେନ୍ ପରୀକ୍ଷା ତାରିଖ ଘୋଷଣା କରାଯାଇଛି। ପ୍ରିଲିମିନାରି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମୋଟ ୬୮୦ଜଣ ପରୀକ୍ଷାର୍ଥୀ ମେନ୍ ଦେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏନେଇ ଓପିଏସ୍‌ସି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ବିଜ୍ଞପ୍ତି ଅନୁସାରେ, ରାଜ୍ୟର ଭୁବନେଶ୍ୱର, କଟକ ଓ ସମ୍ବଲପୁର ଆଦି ୩ଟି ଜୋନ୍‌ରେ ପରୀକ୍ଷା କରାଯିବ। ନଭେମ୍ବର ୩ରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ହେବ। ପ୍ରାର୍ଥୀମାନେ ଓପିଏସ୍‌ସିର ଅଫିସିଆଲ ୱେବ୍‌ସାଇଟକୁ ଯାଇ ଏ ବାବଦରେ ସବିଶେଷ ତଥ୍ୟ ପାଇପାରିବେ। ସୂଚନାଯୋଗ୍ୟ, ଗତ ଅଗଷ୍ଟରେ ପ୍ରିଲିମିନାରି ପରୀକ୍ଷାର ଫଳାଫଳ ପ୍ରକାଶ ପାଇଥିଲା। ମୋଟ ୨୭୭ ଜଣ ପୁରୁଷ ଓ ୪୦୩ ଜଣ ମହିଳା ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିଲେ।

# ଆଜି ନୂଆଦିଲ୍ଲୀରେ ନିବେଶକ ସମ୍ମିଳନୀରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

## ୫ ବର୍ଷରେ ୫ ଲକ୍ଷ କୋଟି ପୁଞ୍ଜି ଆକର୍ଷିତ କରିବା ଲକ୍ଷ୍ୟ ରହିଛି

ଭୁବନେଶ୍ୱର, ୨।୧୦ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ୨ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ନିବେଶକ ସମ୍ମିଳନୀରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩ ତାରିଖରେ ଏକ ଘରୋଇ ହୋଟେଲରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ 'ଉତ୍କର୍ଷ ୨୦୨୫'ର ପ୍ରାକ୍ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରୁଛନ୍ତି। ଦିଲ୍ଲୀ ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ସେ ୨ଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଓଡ଼ିଶାକୁ ବଡ଼ ସଂଖ୍ୟାରେ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଲାଗି ତାଙ୍କ ଉଦ୍ୟମ ଜାରି ରହିବ। ପୁଞ୍ଜିନିବେଶକାରୀଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ଆସନ୍ତା ବର୍ଷ ଜାନୁଆରୀ ୨୮ ଓ ୨୯ ରେ ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା ୨୦୨୫ କନ୍‌କ୍ଲେଭ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଫୁଡ୍ ପ୍ରୋସେସିଂ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ପ୍ରାଥମିକତାର ସାଙ୍ଗକୁ ବିଭିନ୍ନ ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା ହେବ। ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକାରାତ୍ମକ ଇକୋ ସିଷ୍ଟମ ସମ୍ବନ୍ଧରେ ଅବଗତ କରାଇବେ। ଆସନ୍ତା ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରିବା ହେଉଛି ତାଙ୍କର ଲକ୍ଷ୍ୟ। ଖୁସିର ବିଷୟ ଗତ ୧୦୦ ଦିନ ଭିତରେ ୪୫ ହଜାର କୋଟି ଟଙ୍କାର ପୁଞ୍ଜି ଓଡ଼ିଶାକୁ ଆସିସାରିଛି। ଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାକୁ ଦ୍ରୁତ ଶିଳ୍ପାୟନ ପଥରେ ଆଗେଇନେବା ପାଇଁ ତାଙ୍କ ପ୍ରଚେଷ୍ଟା ଜାରି ରହିବ। ରାଜ୍ୟବାସୀଙ୍କ ପକ୍ଷରୁ ଏହି କାର୍ଯ୍ୟର ଶୁଭାରମ୍ଭ କରିବାକୁ ଯାଉଛି, ସମସ୍ତେ ଆଶୀର୍ବାଦ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀମାନେ ଗସ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ଆମ୍ବାସାଡର, ହାଇ କମିଶନର, ଟ୍ରେଡ୍ କମିଶନର, କନ୍‌ସଲ୍ଟ ଜେନେରାଲଙ୍କ ସହ ଆଲୋଚନା ହେବ। ବିଭିନ୍ନ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା ହେବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଶେଷରେ ଏକ ରୋଡ୍ ଶୋ ଆୟୋଜିତ ହେବ। ଆସନ୍ତା ଜାନୁଆରୀ ୨୮ ଏବଂ ୨୯ରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ ହେବ। ତେଣୁ ଏହା ପୂର୍ବରୁ ରାଜ୍ୟକୁ ନିବେଶ ଆଣିବାକୁ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ତେବେ ମୁଖ୍ୟମନ୍ତ୍ରୀଙ୍କ ୨ଦିନିଆ ଝାଡ଼ଖଣ୍ଡ ଗସ୍ତ କାର୍ଯ୍ୟକ୍ରମ ଶେଷ ହୋଇଛି।

## ଭଦ୍ରକରେ ଇଣ୍ଟରନେଟ୍ ସେବା ସ୍ୱାଭାବିକ

ଭଦ୍ରକ,୨।୧୦(ସନାତନ ରାଉତ)

ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶତାଧିକ ଲୋକ ଗତ ଶୁକ୍ରବାର ପୁରୁଣା ବଜାର ନଂଘାମହଲାରୁ ଭଦ୍ରକ ସହରକୁ ଶୋଭାଯାତ୍ରା ଆସିବା ବେଳେ ପୋଲିସ ସେମାନଙ୍କୁ ଅଟକାଇବାରୁ ଠେଲାପେଲା ହୋଇଥିଲା। ପୋଲିସ ଲାଠିଚାର୍ଜ କରିବାରୁ ଉତ୍ତ୍ୟକ୍ତ ଲୋକେ ପଥରମାଡ଼ କରିଥିଲେ। ଏଥିରେ ୨ ପୋଲିସ ଅଧିକାରୀ ଆହତ ହେବା ସହ ତହସିଲଦାରଙ୍କ ଗାଡ଼ି ଭାଙ୍ଗିଥିଲା। ସନ୍ଧ୍ୟାରେ ଉକ୍ତ ସମ୍ପ୍ରଦାୟର ସହସ୍ରାଧିକ ଲୋକ ଧାମନଗର ବଜାର ଛକରେ ରାସ୍ତାରୋକୋ କରିବା ସହ ଥାନା ଘେରାଉ କରିଥିଲେ। ଉତ୍ତେଜନା ପ୍ରକାଶ ପାଇବାରୁ ଭଦ୍ରକ ଜିଲାରେ ୪ ଦିନ ଧରି ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଥିଲା। ମଙ୍ଗଳବାର ରାତିରୁ ତାହା ସ୍ୱାଭାବିକ ହୋଇଛି। ଅପରପକ୍ଷେ ଗତ ଶୁକ୍ରବାର ସନ୍ଧ୍ୟାରୁ ଜାରି ହୋଇଥିବା ବିଏନ୍‌ଏସ୍‌ଏସ୍ ୧୬୩ ଧାରା ବଳବତ୍ତର ରହିଛି। ଇଣ୍ଟରନେଟ୍ ଯୁଗରେ ୪ ଦିନ ସେବା ବନ୍ଦ ଯୋଗୁ ନାନା ସମସ୍ୟା ଭୋଗ କରିଥିବା ଜିଲାବାସୀ ଏବେ ଆଶ୍ୱସ୍ତ ହୋଇଛନ୍ତି।






**ସଂକ୍ଷେପରେ**

## କଂଗ୍ରେସ ଭବନରେ ଗାନ୍ଧୀ ଜୟନ୍ତୀ

**ଭୁବନେଶ୍ୱର,୨।୧୦(ସୁନିତ୍ ମିଶ୍ର)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜୟନ୍ତୀ ଉତ୍ସବ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ କଂଗ୍ରେସ ଭବନଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଭୁବନେଶ୍ୱର ମାଲ୍‌କୋ ଛକ ନିକଟସ୍ଥ ମହାତ୍ମା ଗାନ୍ଧୀ ପାର୍କରେ କଂଗ୍ରେସ ନେତୃବୃନ୍ଦ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ଏକ ପଦଯାତ୍ରା ବାହାରି କଂଗ୍ରେସ ଭବନଠାରେ ପହଞ୍ଚିଥିଲା। ପିସିସି କାର୍ଯ୍ୟାଳୟଠାରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ନେତୃବୃନ୍ଦମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ପିସିସି କାର୍ଯ୍ୟାଳୟରେ 'ମହାତ୍ମା ଗାନ୍ଧୀ ଓ ଆନ୍ତର୍ଜାତିକ ଅହିଂସା ଦିବସ' ଶୀର୍ଷକ ଏକ ଆଲୋଚନାଚକ୍ର ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଦାସ ବେନହୁର ଯୋଗଦେଇ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଭାରତବର୍ଷରେ ଗାନ୍ଧିବାଦକୁ ମାରିଦେବା ପାଇଁ ପ୍ରକାରାନ୍ତରେ ଯେତେବେଳେ ଚକ୍ରାନ୍ତ ଚାଲିଛି ସେତିକିବେଳେ ବିଶ୍ୱବାସୀ ଏହାକୁ ଆପଣାଇ ନେଇଛନ୍ତି।

## ତୃତୀୟ ବାଟାଲିୟନ ଏନ୍‌ଡିଆର୍‌ଏଫ୍ ଦ୍ୱାରା ସ୍ୱଚ୍ଛତା ଅଭିଯାନ

**ତ୍ରିଶୁଳିଆ,୨।୧୦(ତୁଷାରକାନ୍ତ ବେହେରା)**

ଗାନ୍ଧୀ ଜୟନ୍ତୀ ଅବସରରେ ତୃତୀୟ ବାଟାଲିୟନ ଏନ୍‌ଡିଆର୍‌ଏଫ୍ କର୍ମୀମାନେ ନରାଜ ବ୍ରିଜ୍, ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସ୍ୱଚ୍ଛତା ଅଭିଯାନ ପାଳିତ ହୋଇଯାଇଛି। ଅଭିଯାନରେ ତୃତୀୟ ବାଟାଲିୟନ ଏନ୍‌ଡିଆର୍‌ଏଫ୍ କର୍ମୀ ଉତ୍ସାହର ସହିତ ଅଂଶଗ୍ରହଣ କରି ଅଳିଆ ଆବର୍ଜନା ସଂଗ୍ରହ କରିବା, ଲୋକଙ୍କୁ ସ୍ୱଚ୍ଛତାର ମହତ୍ତ୍ୱ ବିଷୟରେ ଜାଗ୍ରତ କରିଥିଲେ। ଏନ୍‌ଡିଆର୍‌ଏଫ୍‌ର ଏହି ସଂକଳ୍ପକୁ ପ୍ରତିପାଦନ କରେ ଯେ, ସେମାନେ କେବଳ ଆପାତକାଳୀନ ପରିସ୍ଥିତିକୁ ସମ୍ମୁଖୀନ କରନ୍ତିନି, ବରଂ ସମାଜରେ ମଧ୍ୟ ତାଙ୍କର ଅବଦାନ ରହିଛି। ଆମେ ଆମ ପରିବେଶକୁ ରକ୍ଷା କରିବାରେ ଏକ ସାଧାରଣ ଦାୟିତ୍ୱ ନେବା ଆବଶ୍ୟକ ବୋଲି ଏନ୍‌ଡିଆର୍‌ଏଫ୍ କର୍ମୀ କହିଥିଲେ।

# ବ୍ୟାଟେରି ଗାଡ଼ି ପ୍ରକଳ୍ପ ସ୍ଥାନରେ ଗଛ ଲଗାଇଲେ ଚାଷୀ

**ବାରଙ୍ଗ/ତ୍ରିଶୁଳିଆ,୨।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)**



ବ୍ୟାଟେରୀ ଗାଡ଼ି ପ୍ରକଳ୍ପକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମଙ୍ଗଳବାର ସ୍ଥାନୀୟ ଚାଷୀମାନେ ଏହି ପ୍ରକଳ୍ପକୁ ବିରୋଧ କରୁଥିବାବେଳେ ବୁଧବାର ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ କରିବାକୁ ଚାଷଜମିରେ ଚାଷୀ ବିବାଦୀୟ ଜାଗା ଉପରେ ଗଛ ଲଗାଇ ଇଡ୍‌କୋକୁ ଖୋଲା ଚାଲେଞ୍ଜ ଦେଇଛନ୍ତି। ମା' ମଙ୍ଗଳା ଚାଷୀ ସଂଘର୍ଷ କମିଟି ଓ ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟି ତତ୍ତ୍ୱାବଧାନରେ ସହ ସହ ଚାଷୀ ଏକାଠି ମଣ୍ଡଳୀଠାରେ ଏକାଠି ହୋଇ ବ୍ୟାଟେରୀ ଗାଡ଼ି ପ୍ରକଳ୍ପ ହେବା ସ୍ଥାନରେ ଗଛ ଲଗାଇଛନ୍ତି। ଇଡ୍‌କୋ ପକ୍ଷରୁ କରାଯାଉଥିବା ପାଚେରୀ କାମକୁ ବିରୋଧ କରିବା ସହ ଚାଷୀଙ୍କ ପେଟକୁ ଚିହ୍ନିବା ସହ ନ୍ୟାୟ ନ ମିଳିଲେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଛନ୍ତି। ମଙ୍ଗଳବାର ଇଡ୍‌କୋ ପକ୍ଷରୁ ଚାଷୀମାନେ ଅଭିଯୋଗ ଉଠାଇଥିବା ଜାଗା ଉପରେ ଜେସିବି ଲଗାଇ ସଫା କରୁଥିବାବେଳେ ଚାଷୀମାନେ ବିରୋଧ କରିଥିଲେ। ଚାଷୀଙ୍କ ବିରୋଧ ଯୋଗୁ ଇଡ୍‌କୋ ଫେରିଯାଇଥିଲା। ତେବେ ବିବାଦୀୟ ଜମିରେ ଚାଷୀମାନଙ୍କ ସହିତ ମୁଣ୍ଡଳୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରୁଣ କୁମାର ସାହୁ, ଶ୍ରୀକାନ୍ତ ଜେନା, ନରାଜ-ମାର୍ଥାପୁର ସରପଞ୍ଚଙ୍କ ପ୍ରତିନିଧି ଦୁର୍ଗାଚରଣ ସାହୁ, ସାମାଜିକ କର୍ମୀ କେଦାର ସାହୁ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ବାଲିଅନ୍ତା ଗାନ୍ଧୀପୀଠରେ ଗାନ୍ଧୀ ଜୟନ୍ତୀ




**ବାଲିଅନ୍ତା,୨।୧୦(ନୀଳମାଧବ ସାହୁ)**

ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜୟନ୍ତୀ ଉତ୍ସବ ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ପରିସର ଥିବା ଗାନ୍ଧୀ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବହୁ ଅନୁଷ୍ଠାନର ବ୍ୟକ୍ତିବିଶେଷ ଓ ବିଭିନ୍ନ ରାଜନୈତିକ ଦଳ ନେତା ଓ କର୍ମୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସାମାଜିକ ଅନୁଷ୍ଠାନ ସମ୍ପର୍କ ପକ୍ଷରୁ ଜୟନ୍ତୀ ପାଳିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ଡ. ଅରବିନ୍ଦ ଢାଲି, ଶିକ୍ଷାବିତ୍ ସୁରେନ୍ଦ୍ର ଖୁଣ୍ଟିଆ, ଦିଲୀପ ନାୟକ, ବାବୁଲା ନାୟକ, ବରିଷ୍ଠ ପାଲା ଗାୟକ ସୁରେନ୍ଦ୍ର ଛୋଟରାୟ, ଅଭିରାମ ଭୋଇ, ବିଶ୍ୱଭୂଷଣ ବାରିକ୍ ପ୍ରମୁଖ ଯୋଗଦେଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ପରେ ଭାଜପାର ବାଲିଅନ୍ତା ମଣ୍ଡଳ ସଭାପତି ସଞ୍ଜୟ ପରିଜା, ସିଦ୍ଧେଶ୍ୱର ନାଥ, ଗଜେନ୍ଦ୍ର ଜେନା, ଦେବେନ୍ଦ୍ର ସାହୁଙ୍କ ସମେତ ବହୁ କର୍ମୀ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜୟଦେବ ନିର୍ବାଚନମଣ୍ଡଳୀ ବିଧାୟକ ନବ କିଶୋର ମଲ୍ଲିକ, ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାସ ପ୍ରମୁଖ ବିଜେଡିର ବହୁ କର୍ମୀଙ୍କ ସହିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ଏହି ପୀଠରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଓ ବିଜେଡି କର୍ମୀମାନେ ଯୋଗଦେଇଥିଲେ।

# ମହାତ୍ମାଙ୍କ ଦୃଷ୍ଟିରେ ସ୍ୱଚ୍ଛତା ସବୁବେଳେ ସର୍ବାଗ୍ରେ



ଶହୀଦ ସ୍ମାରକୀ ନିକଟରେ ରାଜ୍ୟପାଳ ରଘୁବର ଦାସ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର,୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

**ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ରାଜ୍ୟସ୍ତରୀୟ ସମାରୋହ**

ମହାତ୍ମା ଗାନ୍ଧୀଙ୍କ ବିଚାର ଓ କାର୍ଯ୍ୟ ସାରା ଦୁନିଆକୁ ମାର୍ଗ ଦେଖାଇଛି। ସେ ଡାଣ୍ଡି ମାର୍ଚ୍ଚରୁ ଆରମ୍ଭ କରି ଭାରତଛାଡ ପର୍ଯ୍ୟନ୍ତ ଅନେକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ମହାତ୍ମାଙ୍କ ଦୃଷ୍ଟିରେ ସ୍ୱଚ୍ଛତା ସବୁବେଳେ ସର୍ବାଗ୍ରେ ରହିଥିଲା। ଯେତେବେଳେ ତାଙ୍କୁ ସ୍ୱଚ୍ଛତା ଓ ସ୍ୱାଧୀନତା ମଧ୍ୟରେ କାହାକୁ ବାଛିବେ ବୋଲି ପ୍ରଶ୍ନ ପଚରା ଯାଇଥିଲା ସେ ପ୍ରଥମେ ସ୍ୱଚ୍ଛତାକୁ ହିଁ ବାଛିଥିଲେ। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସ ଏଭଳି ମତ ରଖିଛନ୍ତି। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବିଦ୍ୟାଧର ମୁଦୁଲିଙ୍କ ସଭାପତିତ୍ୱରେ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଦନଠାରେ ଏହି ରାଜ୍ୟସ୍ତରୀୟ ସମାରୋହର ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ରାଜ୍ୟ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ବିଧାୟକ ବାବୁ ସିଂ ଓ ଭାଜପା ନେତା ଜଗନ୍ନାଥ ପ୍ରଧାନ ଯୋଗଦେଇଥିଲେ। ଦିବସବ୍ୟାପୀ ସମାରୋହର ଏହି ଉଦ୍‌ଘାଟନୀ ଉତ୍ସବକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଯୁବ ସାମ୍ମୁଖ୍ୟ ସଦସ୍ୟ ବିରୂପାକ୍ଷ ତ୍ରିପାଠୀ ସଞ୍ଚାଳନ କରିଥିବା ବେଳେ ସମାରୋହର ଆବାହକ ପ୍ରଫେସର ଉପେନ୍ଦ୍ର ପାଢୀ ଧନ୍ୟବାଦ ଦେଇଥିଲେ।

# କାପୋକ ପକ୍ଷରୁ ରକ୍ତଦାନ ଶିବିର

**ବାଲକାଟୀ,୨।୧୦(ମନୋଜ ମଣ୍ଡଳ)**

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଓ ଲାଲ ବହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ଅବସରରେ ବୁଧବାର ଏକ ରକ୍ତଦାନ ଶିବିର ଭୁବନେଶ୍ୱର ୫୮ ନଂ. ୱାର୍ଡରେ ପାଳିତ ହୋଇଯାଇଛି। କଳିଙ୍ଗ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ଆୟୋଜିତ ଏହି ଶିବିରରେ ମୋଟ ୬୮ ୟୁନିଟ୍ ରକ୍ତ ସଂଗୃହିତ ହୋଇଥାଲି। ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର ଏଥିରେ ସଂଯୋଜନା କରିଥିଲେ। ଅତିଥି ଭାବେ ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡର ପୂର୍ବତନ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଯୋଗଦେଇ ରକ୍ତଦାନ ଏକ ପୂଣ୍ୟ କାମ, ଯୁବପିଢ଼ି ରକ୍ତଦାନ ପରି ଏକ ମହତ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଅମରେଶ ଜେନା, ନମିତା ମହାପାତ୍ର, ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବୀ ପ୍ରସାଦ ନନ୍ଦ, ପ୍ରତାପ ସାହୁ, ଅପର୍ତ୍ତୀ ସୁନ୍ଦରାୟ, ଯୁବନେତା ବଳରାମ ସ୍ୱାଇଁ, ବାମଦେବ ଗଜେନ୍ଦ୍ର, ମିଶନ ରକ୍ତଦାନ ଆବାହକ ହରପ୍ରସାଦ ମହାପାତ୍ର, ସଭ୍ୟ ଗୁନୁ ଆଚାର୍ଯ୍ୟ ଓ କାପୋକ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡିଏମ୍‌ରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



**ଭୁବନେଶ୍ୱର,୨।୧୦ (ଅନୁରାଧା ମହାରଣା)**

**'ଗାନ୍ଧିଜୀଙ୍କ ଅହିଂସା ମାର୍ଗକୁ ଅନୁସରଣ କର, ଶାସ୍ତ୍ରିଜୀଙ୍କ ପରି ଦେଶପ୍ରେମୀ ହୁଅ'**

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଜାତିର ପିତା ମହାତ୍ମାଗାନ୍ଧୀ ଏବଂ ଶାନ୍ତି ଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ବିଦ୍ୟାଳୟର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢୀ ପ୍ରମୁଖ ଯୋଗଦେଇ ଦୁଇ ମହାନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ' ଗାନ କରିବା ସହ ତାଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଡ. ମୀନକେତନ ଛାତ୍ରୀଛାତ୍ରଙ୍କୁ ଗାନ୍ଧିଜୀଙ୍କ ନୀତି, ଆଦର୍ଶ, ଦୂରଦୃଷ୍ଟି ଏବଂ ଅହିଂସା ମାର୍ଗକୁ ଅନୁସରଣ କରିବା ପାଇଁ ପରାମର୍ଶ ଦେବାସହ ଶାନ୍ତି ଦୂତଙ୍କ ପରି ସଦାସର୍ବଦା ନମ୍ର, ପରୋପକାରୀ ଏବଂ ଦେଶପ୍ରେମୀ ହେବାକୁ ପ୍ରେରଣା ଦେଇଥିଲେ।

# ଉତ୍ତର ଭୁବନେଶ୍ୱରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଭୁବନେଶ୍ୱର,୨।୧୦(ଅନୁରାଧା ମହାରଣା)**

ଗାନ୍ଧୀ ଜୟନ୍ତୀରେ ବୁଧବାର ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ୱାର୍ଡ ନଂ.୨୭ ଅନ୍ତର୍ଗତ ଇନ୍ଦ୍ରଧନୁ ମାର୍କେଟ ନିକଟରୁ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ବାହାରିଥିବା ଏହି ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ ସ୍ଥାନୀୟ ଲୋକଙ୍କ ସହ ଭାବ ବିନିମୟ କରିଥିଲେ। ଭାଜପା ସରକାର ସାଧାରଣ ଲୋକଙ୍କ ସହିତ ଛଳନା କରି ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା ବିଜେଡି କହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଦାରିଦ୍ର୍ୟ ହ୍ରାସ ଘଟିବା, ବିଦେଶୀ ପୁଞ୍ଜି ନିବେଶ ବୃଦ୍ଧି, ସରକାରଙ୍କ ନିଜସ୍ୱ ପଇସାରେ ଭୁବନେଶ୍ୱରବାସୀଙ୍କୁ ମେଟ୍ରୋ ପ୍ରକଳ୍ପ, ମହିଳାଙ୍କୁ ସଶକ୍ତ କରିବା, ନିରାମୟ ଯୋଜନା, ଆହାର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଘରେ ଘରେ ୨୪ ଘଣ୍ଟିଆ ପିଇବା ପାଣି, ବସ୍ତିବାସିନ୍ଦାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବା, ମୁକ୍ତା ଯୋଜନାରେ ମହିଳାଙ୍କୁ କାମ ଯୋଗାଇଦେବା ବିଷୟରେ ବିଧାୟକ ଉଦ୍‌ବୋଧନ ଦେଇଥିଲେ।

# ରାଜଧାନୀ କଲେଜ ଯୁକ୍ତ୨ ଟୁରିଜମ୍ ଆଣ୍ଡ୍ ହସ୍ପିଟାଲିଟି ଛାତ୍ରୀଛାତ୍ରଙ୍କ କ୍ଷେତ୍ର ପରିଦର୍ଶନ




**ଭୁବନେଶ୍ୱର,୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଛାତ୍ରୀଛାତ୍ରଙ୍କ ବାହ୍ୟ ଜ୍ଞାନର ବିକାଶ ପାଇଁ ରାଜଧାନୀ କଲେଜ ଯୁକ୍ତ୨ ଧନ୍ଦାମୂଳକ ଶିକ୍ଷା(ଟୁରିଜମ ଓ ହସ୍ପିଟାଲିଟି) ପକ୍ଷରୁ ଛାତ୍ରୀଛାତ୍ରଙ୍କ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମିନତି ମିଶ୍ର ଏବଂ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ମନ୍ମଥ ଘଡେଇଙ୍କ ତତ୍ତ୍ୱାବଧାନରେ ଓସେପା ଓ ଇଣ୍ଡସ୍ ଏଡୁଟ୍ରେନ୍ ପ୍ରାଇଭେଟ ଲିମିଟେଡର ସହଯୋଗରେ ଛାତ୍ରୀଛାତ୍ରମାନେ ଅଶୋକନଗରସ୍ଥିତ ହୋଟେଲ ଶିଲ୍ପାୟନ ପରିଦର୍ଶନ କରି ଟୁରିଜମ ଓ ହସ୍ପିଟାଲିଟି ସମ୍ପର୍କିତ ଜ୍ଞାନ ଆହରଣ କରିଥିଲେ। ଶିକ୍ଷୟିତ୍ରୀ ବନ୍ଦନା ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ପରିଭ୍ରମଣରେ ନେଇ ଅତିଥିଙ୍କୁ କିଭଳି ସ୍ୱାଗତ ପୂର୍ବକ ଆତିଥ୍ୟ ପ୍ରଦାନ କରାଯାଇଥାଏ ତାହା ଶିଖାଇଥିଲେ।

# ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ଦିବସ

**ଭୁବନେଶ୍ୱର,୨।୧୦(ଅନୁରାଧା ମହାରଣା)**

ଗାନ୍ଧୀ ଜୟନ୍ତୀରେ ବୁଧବାର ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଦର୍ଶନ ସହିତ ଆତ୍ମନିର୍ଭରଶୀଳତାର ପରମ୍ପରାକୁ ଆପଣାଇବାକୁ ରେଳପଥର କର୍ମଚାରୀ ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସାରା ଦେଶରେ ସ୍ୱଚ୍ଛତା ବଜାୟ ରଖିବାରେ ଭାରତୀୟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଫୁଙ୍କୱାଲ ଆଲୋକପାତ କରିଥିଲେ। ରେଳପଥର ଲଗାତର ପ୍ରୟାସ ମାଧ୍ୟମରେ ଷ୍ଟେଶନ, ଟ୍ରେନ୍, ପ୍ଲାଟ୍‌ଫର୍ମ ଏବଂ ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବା ତଥା ଯାତ୍ରୀ ଓ କର୍ମଚାରୀଙ୍କ ପାଇଁ ଏକ ପରିଷ୍କାର ତଥା ପରିଚ୍ଛନ୍ନ ପରିବେଶ ସୁନିଶ୍ଚିତ କରିବାରେ ପୂର୍ବତଟ ରେଳପଥ ଆଗରେ ରହିଥିବା ସେ କହିଥିଲେ। ଉତ୍ସବରେ ରେଳ କର୍ମଚାରୀଙ୍କ ଦ୍ୱାରା ଦେଶଭକ୍ତି ସଙ୍ଗୀତ ଓ ରେଳ କର୍ମଚାରୀଙ୍କ ପିଲାଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।



ରେଳ କର୍ମଚାରୀଙ୍କ ପିଲାମାନେ ପଥପ୍ରାନ୍ତ ନାଟକ ପରିବେଷଣ କରୁଛନ୍ତି।




ଗାନ୍ଧୀ ଜୟନ୍ତୀ ଅବସରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଭୁବନେଶ୍ୱର ଜନପଥରେ ଯାଉଥିବା ମେଗା ସ୍ୱଚ୍ଛତା ଶୋଭାଯାତ୍ରା। (ଫଟୋ-ବିକାଶ ନାୟକ)

# ୧୫୦ତମ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ଉଦ୍‌ଘାଟିତ

**ଭୁବନେଶ୍ୱର,୨।୧୦(ଅଭୟ ଦାଶ)**




ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଚେୟାରମ୍ୟାନ ତଥା ସାମାଜିକ କର୍ମୀ ନବୀନ ଜିନ୍ଦଲଙ୍କ ନେତୃତାଧୀନ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ୧୫୦ ତମ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ବୁଧବାର ବଲାଙ୍ଗୀରର ପାଟଣାଗଡ଼ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ଜିଲାପାଳ ଗୌରବ ଶିବାଜୀ ଇସ୍‌ଲୱାର, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଡି ଖିଲାରୀ, ଡିଆର୍‌ଡିଏ ପିଡି ପ୍ରଭାତ ମହାପାତ୍ର, ପାଟଣାଗଡ଼ ଉପଜିଲାପାଳ ଅମିତ କୁମାର ନାୟକ ଏବଂ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ସିଇଓ ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୧୦୮ ଫୁଟ ଉଚ୍ଚର ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସହ ୩୬/୨୪ ବର୍ଗଫୁଟର ଏକ ବିଶାଳ ତ୍ରିରଙ୍ଗାକୁ ଅତିଥିମାନେ ଉତ୍ତୋଳନ କରିଥିଲେ। ଅପରପକ୍ଷରେ ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ ହୋତା କାର୍ଯ୍ୟକ୍ରମକୁ ସଂଯୋଜନା ସହ ଉପସ୍ଥିତ ଜନତାଙ୍କୁ ସୂଚନା ଦେଇଥିଲେ ଯେ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ନବୀନ ଜିନ୍ଦଲ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବ ଓ ସମ୍ମାନର ସହ ଜାତୀୟ ପତାକା ଉତ୍ତୋଳନ ଏବଂ ପ୍ରଦର୍ଶନ କରିବାର ଅଧିକାର ପାଇଁ ଦୀର୍ଘ ନ୍ୟାୟିକ ସଂଗ୍ରାମ କରିଥିଲେ। ତାଙ୍କ ନେତୃତ୍ୱରେ ଫାଉଣ୍ଡେଶନ ୨୦୦୯ରେ ସମଗ୍ର ଭାରତରେ ସ୍ମାରକୀ ଜାତୀୟ ପତାକା ପୋଷ୍ଟ ସ୍ଥାପନ କରିବାର କାର୍ଯ୍ୟ ଆରମ୍ଭ କରିଥିଲା। ସେବେଠାରୁ ଏହି ସଙ୍ଗଠନ ସମଗ୍ର ଦେଶରେ ୧୫୦ଟି ଜାତୀୟ ପତାକା ପୋଷ୍ଟ ପ୍ରତିଷ୍ଠା କରିବାରେ ସଫଳ ହୋଇଛି,ଯେଉଁଥିରେ ଓଡ଼ିଶାରେ ଏ ପର୍ଯ୍ୟନ୍ତ ୭ ଟି ସ୍ତମ୍ଭ ସାମିଲ ରହିଛି। ସେହିଭଳି ପାଟଣାଗଡ଼ରେ ଏହି ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ପାଇଁ ସାଂସଦ ତଥା ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତାଧୀନ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆକୁ ସିଂଦେଓ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଡ଼କ ଦୁର୍ଘଟଣା, ବାଇକ୍ ଚାଳକ ମୃତ

ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଗାନ୍ଧୀ ଛକର ଅନତି ଦୂରରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ମଙ୍ଗଳବାର ରାତିରେ ଏକ ସ୍କୁଟି ପଛପଟୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ମୃତ୍ୟୁ ଘଟିଛି। ସେ ହେଲେ କିଶୋରନଗର ଥାନା ସମିତଙ୍ଗା ଗାଁର ବିଷ୍ଣୁଚରଣ ବାରିକଙ୍କ ପୁଅ ଅନନ୍ତ ସ୍କୁଟିରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଆସୁଥିଲେ। ଘଟଣାସ୍ଥଳରେ ସ୍କୁଟି ଚାଳକ ଗୁରୁତର ହୋଇ ପଡ଼ିଥିଲେ। ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଘଟଣାସ୍ଥଳରୁ ସ୍କୁଟି ଚାଳକଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ସ୍କୁଟି ଓ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହକୁ ଜବତ କରିଥିଲା।

# 'ଯୁବପିଢ଼ି ଅହିଂସା ନୀତି ଆପଣାନ୍ତୁ'

### ବିଭିନ୍ନ ସ୍ଥାନରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

କଟକ/ଚୌଦ୍ୱାର/କଟକ ସଦର,୨।୧୦(ଶିଲ୍ପା ପ୍ରିୟଦର୍ଶିନୀ/ ଆଶୁତୋଷ ଦାସ/ ସୁଶାନ୍ତ କୁମାର ଜେନା)


ଗାନ୍ଧୀ ଜୟନ୍ତୀ ଅବସରରେ ହାଇକୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ମାଲ୍ୟାର୍ପଣ କରୁଛନ୍ତି।


କଟକ ରାଷ୍ଟ୍ରଭାଷା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଟକ ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଜିଲା କଂଗ୍ରେସ ପକ୍ଷରୁ ଶକ୍ତି ନଗରସ୍ଥିତ କାର୍ଯ୍ୟାଳୟଠାରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ ଯୋଗଦେଇ କହିଛନ୍ତି, ବର୍ତ୍ତମାନର ଯୁବପିଢ଼ି ସତ୍ୟ ଓ ଅହିଂସା ନୀତିକୁ ଆପଣାଇ କାର୍ଯ୍ୟ କରନ୍ତୁ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ରାଜେଶ ସ୍ୱାଇଁ, ମନୋଜ ବିଶ୍ୱାଳ, କଟକ ନଗର(ଜିଲା) କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନିର୍ମଳ ସ୍ୱାଇଁ, ଉଗ୍ରସେନ ଭୂୟାଁ, ସଚ୍ଚିଦାନନ୍ଦ ରାଉତ, ପ୍ରତ୍ୟୁଷ ସାହୁ, ନଗର କଂଗ୍ରେସ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି କଟକ ସଇଦାନି ବଗିଚାସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ସୂର୍ଯ୍ୟକାନ୍ତ ରାଉତ, କର୍ପୋରେଟର ଲିଜାରାଣୀ ରାଉତ, ଶରତ ଚନ୍ଦ୍ର ସେଠୀ, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ଦିଲୀପ ମହାନ୍ତି, ରବୀନ୍ଦ୍ର ସାହୁ, ମମତା ପଣ୍ଡା, ଅନିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ହାଇକୋର୍ଟ ପରିସରରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା । ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । କଟକ ରାଷ୍ଟ୍ରଭାଷା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଟକ ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଚୌଦ୍ୱାର ଅଞ୍ଚଳରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାର ନଗର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ବିରୂପା ନଦୀକୂଳରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିମଳ କୁମାର ବେଉରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଯୁବନେତା ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ସମେତ ସମସ୍ତ କାଉନ୍‌ସିଲର ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ସମେତ ଅନ୍ୟମାନେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଶିଶୁ ସଦନର ଅନ୍ତେବାସୀଙ୍କ ସହିତ ଶୋଭାଯାତ୍ରାରେ ଯାଇ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

କଟକ ସଦର ବ୍ଲକ ଅନ୍ତର୍ଗତ ମଉଗଜପୁରଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ କଟକ ସଦର ବିକାଶ ମଞ୍ଚ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବିକାଶ ମଞ୍ଚର ସଭାପତି ସୁବୋଧ ବେହେରା, ସମ୍ପାଦକ ଦେବଦତ୍ତ ନନ୍ଦ, ଉପଦେଷ୍ଟା ବିଳାସ ମଲ୍ଲିକ, ଦିଲୀପ ସାହୁ, ଅକ୍ଷୟ ପରିଡ଼ା, ଶଙ୍କର୍ଷଣ ବେହେରା ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ, ଆଚାର୍ଯ୍ୟା ମନୋରମା ମହାନ୍ତି, ସରୋଜ କୁମାର ସାହୁ, ଅମୂଲ୍ୟ କୁମାର ବାରିକ, ମହେନ୍ଦ୍ର କୁମାର ଜେନା ପ୍ରମୁଖ ଗାନ୍ଧିଜୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବବିତା ସାହୁ ଓ ନିବେଦିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଟକ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।


ତେଲେଙ୍ଗାପେଣ୍ଠଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାରା ରୋପଣ କରୁଛନ୍ତି।

## ମାହାଙ୍ଗା ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ

ମାହାଙ୍ଗା,୨।୧୦(ଯଯାତି ସିଂହ)

ଗାନ୍ଧୀ ଜୟନ୍ତୀ ଅବସରରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଏକ ବିଶାଳ ପଦଯାତ୍ରା ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ବ୍ଲକର କଇଥା ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମଠାରୁ ଭେଡ଼ା ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ। ପ୍ରଥମେ ଉପମୁଖ୍ୟମନ୍ତ୍ରୀ ପରିଡା ଗାନ୍ଧୀ ଶିକ୍ଷାଶ୍ରମରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଦ୍ୟାଳୟ ପରିସରରେ ଥିବା ଗାନ୍ଧୀ ସ୍ମାରକୀ ଭବନ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଗାନ୍ଧୀଙ୍କ ଅହିଂସା ନୀତିକୁ ଗ୍ରହଣ କରିବାକୁ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଧାନ, ବିଇଓ ଚକ୍ରଧର ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପରେ କଇଥାଠାରୁ ଉପମୁଖ୍ୟମନ୍ତ୍ରୀ ପରିଡାଙ୍କ ସହ ବିଧାୟକ ପ୍ରଧାନ ଏବଂ ହଜାର ହଜାର ଜନସାଧାରଣଙ୍କ ସହ ପଦଯାତ୍ରାରେ ବାହାରି ଭେଡ଼ା ପର୍ଯ୍ୟନ୍ତ ଦୀର୍ଘ ୪ କିମିରୁ ଉର୍ଦ୍ଧ୍ୱ ବାଟ ଯାଇଥିଲେ। ଏହି ଅବସରରେ ଯଶରାଜପୁରଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରି ଭେଡ଼ା ବିଦ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ଫେରି ଯାଇଥିଲେ। ପରେ ଭେଡ଼ାଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଚୌଧୁରୀ ପ୍ରଭାତ କେଶରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଧାନ ଯୋଗଦେଇ ଯଦି ଆବଶ୍ୟକ ଜମି ଯୋଗାଇ ଦିଆଯିବ ତେବେ ଗାନ୍ଧୀ ସ୍ମାରକୀ ପୀଠ ନିର୍ମାଣ କରାଯିବ ବୋଲି କହିବା ସହ ଅଞ୍ଚଳର ବିକାଶ କିପରି ଦ୍ରୁତଗତିରେ ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାରୀନେତ୍ରୀ ଯାଜ୍ଞସେନୀ ଜେନା, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ମନୋରଞ୍ଜନ ନାୟକ, ଆଇନଜୀବୀ ନିୟତୀ ରଞ୍ଜନ ସାମଲ, ଜିତେନ୍ଦ୍ର ଶତପଥୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଖଳେଶ ପଦ ମହାନ୍ତି, ଭାବଗ୍ରାହୀ ରାଉତ, ସୁରେଶ ଜେନା, ଭକ୍ତଚରଣ ସ୍ୱାଇଁ, ନିର୍ମଳ ରାଉତ, ଅରୁଣ ସେଠୀ, ଧ୍ରୁବ ସାମଲ, ଅମରେନ୍ଦ୍ର ଦାସ, ସୁମନ ରାଉତ, କିଶୋର ରାଉତ, ମନୋରଞ୍ଜନ ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।


ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଅନ୍ୟମାନେ।

## ଦାଦାବଟି ପାଇଁ ଗଣ୍ଡଗୋଳ କରି ଯୁବକ ଗିରଫ

ଟିଗିରିଆ, ୨।୧୦(ଜାଫର ଖାଁ )

ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାସ୍ଥିତ କଳାପାଟ ବଜାର ଫାଷ୍ଟ ଫୁଡ୍ ଦୋକାନରେ ଦାଦାବଟି ମାଗି ଗଣ୍ଡଗୋଳ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, କଳାପାଟ ବଜାରରେ ଚିକେନ ଦୁନିଆ ଫାଷ୍ଟ ଫୁଡ୍ ଦୋକାନରେ ମଙ୍ଗଳବାର ସନ୍ଧ୍ୟାରେ ଚୌଦ୍ୱାର ଥାନା ପାଇକେରାପୁର ଗାଁର ରଞ୍ଜିତ ନାଏକ ଚିକେନ ପକୋଡ଼ା ଖାଇବା ପରେ ପଇସା ନ ଦେଇ ଦୁର୍ଗାପୂଜା ପାଇଁ ଦାଦା ବଟି ଦେବାକୁ ଦୋକାନୀ ଗୋପାଳ ଦାସଙ୍କୁ ମାଗିଥିଲେ। ସେ ନ ଦେବାରୁ ଗଣ୍ଡଗୋଳ କରିବା ସହ ଫୁଟୁଥିବା ତେଲ କଡେଇକୁ ଫୋପାଡ଼ି ଦେବାରୁ ଗୋପାଳଙ୍କ ହାତ ଓ ଗୋଡ଼ରେ ପଡ଼ି ଆହତ ହୋଇଥିଲେ। ଏ ନେଇ ବଜାର କମିଟି ପକ୍ଷରୁ ପୋଲିସକୁ ଜଣାଇବା ପରେ ରଞ୍ଜିତଙ୍କୁ ଘଟଣା ସ୍ଥଳରୁ ଉଠାଇ ନେଇଥିଲା। ପରେ ପୋଲିସ ଗୋପାଳଙ୍କ ଏତଲାକୁ ଭିତ୍ତିକରି ନଂ. ୨୨୮/୨୪ରେ ମାମଲା ରୁଜୁ କରାଯାଇଛି ବୋଲି ଏଏସ୍ଆଇ ପ୍ରଦୀପ୍ତ କୁମାର ବେହେରା ତଦନ୍ତ କରୁଛନ୍ତି। ରଞ୍ଜିତଙ୍କୁ ବୁଧବାର ଟିଗିରିଆ କୋର୍ଟ ଚାଲାଣ କରାଯାଇଛି।

## ଆଇନଜୀବୀଙ୍କ ସ୍ୱାସ୍ଥ୍ୟବୀମା, ଭତ୍ତା ପାଇଁ ଦାବିପତ୍ର

ବାଙ୍କୀ,୨।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ପୂର୍ବରୁ ବାଙ୍କୀ ଓକିଲ ସଂଘ ପକ୍ଷରୁ ରାଜ୍ୟର ସମସ୍ତ ଓକିଲମାନଙ୍କର ସ୍ୱାର୍ଥ ଜଡିତ ପ୍ରସଙ୍ଗ ସମ୍ପର୍କରେ ଯଥା ସ୍ୱାସ୍ଥ୍ୟବୀମା, ଅବସରକାଳୀନ ସହାୟତା ବୃଦ୍ଧି ଓ ଭତ୍ତା ଏବଂ ଅନ୍ୟ ସୁବିଧା ସମ୍ବନ୍ଧରେ ରାଜ୍ୟର ସମସ୍ତ ଓକିଲ ସଂଘକୁ ଅବଗତ କରାଯାଇଥିଲା। ଯାହାକି ସମସ୍ତ ସଂଘରୁ ଏଥିପାଇଁ ସକାରାତ୍ମକ ଭାବେ ସହମତି ମିଳିଥିଲା। ମାତ୍ର ଉପରୋକ୍ତ ବିଷୟରେ ବର୍ତ୍ତମାନ ସୁଧା ରାଜ୍ୟ ଓକିଲମାନଙ୍କର ସ୍ୱାର୍ଥ ସମ୍ପର୍କରେ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟ ଜନିତ ବିଷୟ। ଆମ ଦେଶରେ ଅନେକ ରାଜ୍ୟମାନେ ଉପରୋକ୍ତ ବିଷୟଗୁଡ଼ିକ ଉପରେ ଓକିଲ ସମୂହଙ୍କର ସ୍ୱାର୍ଥ ସମ୍ବନ୍ଧିତ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ଓଡ଼ିଶା ରାଜ୍ୟର ଓକିଲ ସମୂହଙ୍କ ସ୍ୱାର୍ଥ ପାଇଁ ଆଶୁ ପଦକ୍ଷେପ ନିମନ୍ତେ ବାଙ୍କୀ ଓକିଲ ସଂଘର ସଭ୍ୟ ସନ୍ତୋଷ କୁମାର ରଣା, ବକ୍ସି ସୁଧାଂଶୁ ରଞ୍ଜନ ପଟ୍ଟନାୟକ, ଧୀରେନ୍ କୁମାର ମଙ୍ଗରାଜ, ଶିବ ପ୍ରସାଦ ପାଢୀ, ପ୍ରଦୀପ କୁମାର ମିଶ୍ର, ରାଜକିଶୋର ମହାପାତ୍ର, ପ୍ରଦୀପ କୁମାର ପୃଷ୍ଟି, ସନ୍ତୋଷ କୁମାର ମିଶ୍ର, ରବୀନ୍ଦ୍ର କୁମାର ପତି, ସୁବାଶିଷ ମହାପାତ୍ର, ସନ୍ତୋଷ କୁମାର ନାୟକ, ରଘୁନାଥ ପୃଷ୍ଟି, ଜିତେନ୍ କୁମାର ରଥ, ଜିତେନ୍ କୁମାର ପଣ୍ଡା, ଭାଗ୍ୟଧର ନାୟକ, ପବିତ୍ର କୁମାର ପଟ୍ଟନାୟକ, ସରୋଜ କୁମାର ମଟଗଜ ସିଂହଙ୍କ ସମେତ ବହୁ ଆଇନଜୀବୀ ରାଜ୍ୟ ଓକିଲ ସଂଘର ଚେୟାରମ୍ୟାନଙ୍କୁ ଦାବିପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି।

## ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଖଡ଼ି ଲାଗିଲା

ସାଲେପୁର, ୨।୧୦(ଅରବିନ୍ଦ ଭୂୟାଁ)

ସାଲେପୁରରେ ମହାଳୟା ଅବସରରେ ମା' ଦୁର୍ଗାଦେବୀଙ୍କ ମୃଣ୍ମୟୀ ମୂର୍ତ୍ତିରେ ଖଡ଼ି ଲାଗି ପୂର୍ବରୁ ସ୍ୱତନ୍ତ୍ର ପୂଜା ହୋଇଥିଲା। ହାଟପାଖ ଦୁର୍ଗା ପୂଜା କମିଟି, ରୋଧପୁର, ମାଛୁଆଡି, ବେଲହୁଡ଼ା, ଜପକୁଦ, ପୁରୁଷୋତ୍ତମପୁର, ମୁକୁନ୍ଦି , ତେନ୍ତୋଳ ଦୁର୍ଗା, ବଣହରା ସମେତ ବିଭିନ୍ନ ଦୁର୍ଗା ପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଉଥିବା ମା'ଙ୍କ ମୃଣ୍ମୟ ମୂର୍ତ୍ତିରେ ଯଥା ରୀତିନୀତି ଅନୁଯାୟୀ ଖଡ଼ି ଲାଗି ଅନୁଷ୍ଠିତ ହୋଇଯାଇଛି।

## ଅବକାରୀ ଚଢ଼ାଉ: ଦେଶୀ ମଦ, ଗୁଡ଼ପୋଚ, କାର୍ ଜବତ

ଆଠଗଡ଼,୨।୧୦(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ଼ ଅବକାରୀ ଉପଅଧୀକ୍ଷକ ନିମାଇଁ ଚରଣ ସିଂହଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗାଁରେ ଆଠଗଡ଼ ଅବକାରୀ ବିଭାଗ ଏବଂ ଏନଫୋର୍ସ ଟିମ୍‌ର ମିଳିତ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ୯୪୫ ଲିଟର ଦେଶୀ ମଦ ସହ ୯୩୪୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଜବତ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏକ ପୁରୁଣା ରେଜିଷ୍ଟ୍ରେଶନ ନମ୍ବର ବିହୀନ କାର ମଧ୍ୟ ଜବତ କରାଯାଇଛି। ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଏହି ଘଟଣାକୁ ନେଇ ୩ଟି ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ ଅଧୀକ୍ଷକ ସିଂହ, ଅବକାରୀ ନିରୀକ୍ଷକ ହେମନ୍ତ ମହାନନ୍ଦିଆ, ଅବକାରୀ ନିରୀକ୍ଷକ ଏଫଫୋର୍ସ ଟିମର ଧୀରେନ କୁମାର ବେହେରା, ଅବକାରୀ ଉପ ନିରୀକ୍ଷକ ଏନଫୋର୍ସ ଟିମ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଅବକାରୀ ଉପ ନିରୀକ୍ଷକ ଆଠଗଡ଼ ଅରୁଣ ଭୋଇ ଏବଂ ଅବକାରୀ କର୍ମଚାରୀ ସାମିଲ ହୋଇଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ମାହାଙ୍ଗା/ଖୁଣ୍ଟୁଣୀ/ଆଠଗଡ଼/ଟିଗିରିଆ, ୨।୧୦(ଯଯାତି ସିଂହ/ସଚ୍ଚିଦାନନ୍ଦ ପଣ୍ଡା/ ସତ୍ୟ ପ୍ରସାଦ ରଥ/ ଜାଫର ଖାଁ)

ମାହାଙ୍ଗା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବୁଧବାର ବିରୂପା ଗେଙ୍ଗୁଟୀ ଦ୍ୱିପାଞ୍ଚଳ ଭେଡ଼ା ପଞ୍ଚାୟତ ରାମକୃଷ୍ଣପୁରଠାରୁ ଆରମ୍ଭ ହୋଇ କଇଥା ଗାନ୍ଧୀ ଶିକ୍ଷାଶ୍ରମରେ ଶେଷ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ଜଟାଧାରୀ ସଂସ୍କୃତ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ କଇଥା ଗାନ୍ଧୀ ଶିକ୍ଷାଶ୍ରମକୁ ଯାଇଥିଲେ। ପୂର୍ବତନ ମନ୍ତ୍ରୀ ଜେନା ସମସରପୁର, ଯଶରାଜପୁର, କଇଥା ଆଦି ଗ୍ରାମ ପରିକ୍ରମା କରିବା ସହ ନବୀନ ପଟ୍ଟନାୟକ ସରକାରଙ୍କ ସମୟରେ ହୋଇଥିବା ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ପଦଯାତ୍ରାରେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରାଜ କିଶୋର ଜେନା, ଜିଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, କଟକ ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

ଆଠଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ୨ ନମ୍ବର ଜୋନ୍ କୁମାରପୁର ଓ ୩ ନମ୍ବର ଜୋନ୍ ଅନନ୍ତପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମିନତି ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ବିନୋଦ ମାଝୀ, ସତ୍ୟବାଦୀ ମହାନ୍ତିଙ୍କ ସମେତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ। ପଦଯାତ୍ରା କୁମାରପୁର, ବଳୀପୁର, କୁମାରପୁର ଶାସନ ଦେଇ ଓସ୍ତପୁରଠାରେ ପହଞ୍ଚିଥିଲା। ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ଆଠଗଡ଼ ବ୍ଲକ ସଠିଲୋ, ଦୋରଡ଼, କୁମାରପୁର, ଅନନ୍ତପୁର ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଠିଲୋ ଗ୍ରାମ ଶିବ ମନ୍ଦିରଠାରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ଦଳୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେହିପରି କୁମାରପୁର, ଅନନ୍ତପୁରଠାରେ ଆଠଗଡ଼ ବ୍ଲକ ଅଧ୍ୟକ୍ଷା ମିନତି ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ଦୋରଡ଼ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡ଼ାଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ କଟକ ଜିଲା ବିଜେଡି ଉପସଭାପତି ନୃସିଂହ ମହାପାତ୍ର, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ରଞ୍ଜନ ଆଚାର୍ଯ୍ୟ, ଶାନ୍ତିଲତା ବେହେରା, ସ୍ଥାନୀୟ ସରପଞ୍ଚ ବୀଣାପାଣି ପରିଡା, ଛାତ୍ର ନେତା ଖଲିଦ ମହମ୍ମଦ ପ୍ରମୁଖ ଯୋଗ ଦେଇଥିଲେ।

ଟିଗିରିଆ ବ୍ଲକ ଯୁବ, ଛାତ୍ର ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରାରେ ଆଠଗଡ଼ ଯୁବ ବିଜେଡି ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ଟିଗିରିଆ ନିଜିଗଡ଼ ସ୍ଥିତ ଗାନ୍ଧୀ ସ୍ମୃତି ପଡ଼ିଆ ପର୍ଯ୍ୟନ୍ତ ଆସିଥିଲେ। ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ସାଧାରଣ ସଭା ହୋଇଥିଲା। ସଭାରେ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ।



ଆଠଗଡ଼ ବିଜେଡି ଜନସମ୍ପର୍କ ପଦଯାତ୍ରାରେ ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

# ସତ୍ୟ, ଅହିଂସା, ଶାନ୍ତିର ଅନ୍ତୁଡ଼ିଶାଳ ଭାରତ

### ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ

ବାଙ୍କୀ/ ସାଲେପୁର/ ଆଠଗଡ଼/ବଡ଼ମ୍ବା,୨।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଅରବିନ୍ଦ ଭୂୟାଁ/ ସତ୍ୟ ପ୍ରସାଦ ରଥ/ମାୟାଧର ମଲ୍ଲିକ)


ବାଙ୍କିଠାରେ ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀ।

ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଶାସନ ଓ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସମ୍ପାଦକ ବୃନ୍ଦାବନ ପ୍ରଧାନ, ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଯୋଗୀନାଥ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗାନ୍ଧୀ ଦର୍ଶନ ଉପରେ ଆଲୋକପାତ କରିଥିଲେ। ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ସୁଦର୍ଶନ ବେହେରା, ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର ପ୍ରଭୃତି ଯୋଗଦେଇ ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରାସ୍ଥିତ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ ପରିସରରେ ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ରାଉତ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସାଲେପୁର ବ୍ଲକ୍ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ସାଲେପୁର ଭାଜପା ନେତା ତଥା ଲୋକସେବା ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ହିମାଂଶୁ ମହାନ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ସାହୁ, ରେଣୁବାଳା ରାଉତ, ସସ୍ମିତା ଭୂୟାଁ, ପ୍ରତିମା ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠଗଡ଼ ବିଜୁ ଛାତ୍ର, ଯୁବ ଜନତା ଦଳ ପକ୍ଷରୁ ସକାଳୁ ସହର ମଧ୍ୟରେ ରାମଧୂନ୍। ସକାଳ ୭ଟାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଆଠଗଡ଼ର ଅଧ୍ୟକ୍ଷା ସସ୍ମିତା ରାଉତ, ସୁପ୍ରିମକୋର୍ଟର ଓକିଲ ତଥା ହିନ୍ଦ୍ ମଜଦୂର ସଂଘର ଯୁବ ସଭାପତି ଆଦିତ୍ୟ ପ୍ରତାପ ସ୍ୱାଇଁ, ନଗର ସଭାପତି ଶିଶିର ମାନସିଂହ ଓ ଅନ୍ୟ ବିଜେଡି କର୍ମୀମାନେ ସହର ମଧ୍ୟରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୂଷ୍ପମାଳ ପ୍ରଦାନ କରିଥଲେ। ପୂର୍ବାହ୍ନ ୧୧ଟାରେ ଫୋରମ୍ ଅଫ ଏକାଡେମୀ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, କୌତୁକ ପୋଷାକ ଆଦି ପ୍ରତିଯୋଗିତା ହୋଇଥିଲା। ଏକାଡେମୀର ସଭାପତି ଡ. ଦାମୋଦର ମହାପାତ୍ରଙ୍କ ସଭାପତିତ୍ୱରେ ଏହି ସଭାରେ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ସସ୍ମିତା ରାଉତ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗାନ୍ଧିବାଦୀର ପ୍ରାସଙ୍ଗିକତା ଉପରେ ଆଲୋକ ପାତ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏକାଡେମୀ ର ସଂଯୋଜକ ଲଳିତ ମୋହନ ନାୟକ, ନୀଳମଣି ନାୟକ ଛାତ୍ର ନେତା ସତ୍ୟ ରଞ୍ଜନ ମହାନ୍ତି, ଖଲିଦ ମହମ୍ମଦ ଆଦି କାର୍ଯ୍ୟ ପରିଚାଳନା କରିଥିଲେ।

ସେହିପରି ପ୍ରାଣଯୋଗ ପ୍ରତିଷ୍ଠାନ ଆନୁକୂଲ୍ୟରେ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ବିଶ୍ୱ ଅହିଂସା ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ତୈଳ ଚିତ୍ରରେ ଶ୍ରାଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ମାନଗୋବିନ୍ଦ ପାତ୍ର, ମୁଖ୍ୟବକ୍ତା ଭାବେ ଗଣିତ ବିଭାଗ ଅଧ୍ୟାପକ କ୍ୟାପଟେନ ସୁଧୀର କୁମାର ମହାରଣା ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଅଧ୍ୟାପକ ରାମ ଚନ୍ଦ୍ର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସହସମ୍ପାଦିକା ରୋଜାଲିନ ରଥ ଯୋଗ ଦେଇଥିଲେ। ସତ୍ୟ, ଅହିଂସା, ପ୍ରେମ ଓ ଶାନ୍ତିର ଅନ୍ତୁଡ଼ିଶାଳ ହେଉଛି ଭାରତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ସହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ପ୍ରିୟ ରଘୁପତି ରାଘବ ରାଜାରାମ, ପତିତପାବନ ସୀତାରାମ ରାମ ଧୁନ ଗାନ କରାଯାଇଥିଲା। ଆଦ୍ୟାଶା ରଥ, ଲକ୍ଷ୍ମୀପ୍ରିୟା ରଥ,ଗୀତାଞ୍ଜଳି ମହାନ୍ତି, ବାସନ୍ତୀ ଦେଇ, ଶିଳ୍ପୀ ମହାନ୍ତି, ଋଷି ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ।

# ଷୋଡ଼ଶ ଉପଚାରରେ ପୂଜା ପାଉଛନ୍ତି ମା' ମଙ୍ଗଳା

## ମାତୃ ଉପାସନାର ଅନନ୍ୟ ପୀଠ

କାକଟପୁର,୨।୧୦(ଶୁଭଦର୍ଶନ ମିଶ୍ର)

ରାଜ୍ୟର ଅନେକ ଶକ୍ତିପୀଠ ମଧ୍ୟରୁ କାକଟପୁରର ମା' ମଙ୍ଗଳାଙ୍କ ଶକ୍ତିପୀଠ ହେଉଛି ରାଜ୍ୟର ଏକ ପ୍ରମୁଖ ଶକ୍ତିପୀଠ। ଏହି ଶକ୍ତିପୀଠଟି ମାତୃ ଉପାସନାର ଏକ ଅନନ୍ୟ ପୀଠ ହୋଇଥିଲେ ମଧ୍ୟ ଶ୍ରୀକ୍ଷେତ୍ରର ମହାପ୍ରଭୁ ଜଗନ୍ନାଥ ସଂସ୍କୃତି ସହିତ ଏହା ଅଙ୍ଗାଅଙ୍ଗି ଭାବେ ଜଡ଼ିତ। ମା' ମଙ୍ଗଳା ହେଉଛନ୍ତି ପରମ ବୈଷ୍ଣବୀ ଏବଂ ଆଦିଶକ୍ତି। ମାଦଳା ପାଞ୍ଜିର ସତ୍‌ଲିପି ଅନୁଯାୟୀ, ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନଙ୍କ ନବକଳେବର ସମୟରେ ମା' ମଙ୍ଗଳାଙ୍କ ସପ୍ନାଦେଶରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦାରୁ ଚୟନର ଠିକଣା ମିଳିଥାଏ। ନବକଳେବରର ଏହି ପରମ୍ପରା କାହିଁ କେଉଁ ଅନାଦି ସମୟରୁ ଏବେ ବି ମଧ୍ୟ ପ୍ରଚଳିତ ହୋଇଆସୁଛି। ସେଥିପାଇଁ ମ' ମଙ୍ଗଳାଙ୍କ ଶକ୍ତିପୀଠର ସମସ୍ତ ନୀତିକାନ୍ତି ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ। ଏହି ଶାରଦୀୟ ଦୁର୍ଗାପୂଜା ସମୟରେ ମା' ମଙ୍ଗଳାଙ୍କ ପୀଠରେ ସ୍ୱତନ୍ତ୍ର ରୀତିନୀତିରେ ଷୋଡ଼ଶ ଉପଚାରରେ ମା' ମଙ୍ଗଳାଙ୍କୁ ଆରାଧନା କରାଯାଇଥାଏ। ମା' ମଙ୍ଗଳା ପରମ ବୈଷ୍ଣବୀ, ବର୍ଷର ସବୁସମୟରେ ମା' ମଙ୍ଗଳାଙ୍କୁ ବୈଷ୍ଣବ ତତ୍ତ୍ୱରେ ପଞ୍ଚଉପଚାରରେ ପୂଜା କରାଯାଇଥାଏ। କିନ୍ତୁ ଶାରଦୀୟ ଦୁର୍ଗା ପୂଜା ଏବଂ ବାସନ୍ତିକ ଦୁର୍ଗାପୂଜା ସମୟରେ ମା' ମଙ୍ଗଳାଙ୍କୁ ଷୋଡ଼ଶ ଉପଚାରରେ ସେବା ପୂଜା କରାଯାଇଥାଏ। ଏହି ସମୟରେ ସ୍ୱତନ୍ତ୍ର ଷୋଡ଼ଶ ଉପଚାର ପୂଜାପଣ୍ଡା ସଂକଳ୍ପିତ ହୋଇ ଦୀର୍ଘ ଷୋଳ ଦିନ ଯାଏ ମା' ମଙ୍ଗଳାଙ୍କୁ ପୂଜା କରିଥାନ୍ତି। ମଙ୍ଗଳା ମହାପୁରାଣ ଅନୁଯାୟୀ, ମା' ମଙ୍ଗଳା ହେଉଛନ୍ତି ଆଦିମାତା ବା ଆଦିଶକ୍ତି। ମା' ମଙ୍ଗଳା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏହି ତ୍ରିଦେବଙ୍କ ଜନନୀ। ମା' ମଙ୍ଗଳାଙ୍କ କୌଣସି ନିଜସ୍ୱ ମନ୍ତ୍ର ନାହିଁ। ମା' ମଙ୍ଗଳାଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥାଏ। ମା' ମଙ୍ଗଳା ବୈଷ୍ଣବ ତତ୍ତ୍ୱର ଠାକୁରାଣୀ ହୋଇଥିଲେ ମଧ୍ୟ ଯେହେତୁ ବନଦୁର୍ଗା ମନ୍ତ୍ରରେ ପୂଜିତ ହେଉଛନ୍ତି, ତେଣୁ ପାର୍ବଣ ସମୟରେ ମା' ଦୁର୍ଗାଙ୍କ ଆରାଧନା କରାଯାଇ ତନ୍ତ୍ର ଉପଚାରରେ ମା'ଙ୍କୁ ଆରାଧନା କରାଯାଇଥାଏ। ବର୍ଷର ସବୁ ସମୟରେ ମା' ମଙ୍ଗଳାଙ୍କ ନିକଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଥାଏ। କିନ୍ତୁ ଏହି ପାର୍ବଣ ସମୟରେ ମା' ମଙ୍ଗଳାଙ୍କ ନିକଟରେ ଅନେକ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ଅନେକ ଶ୍ରଦ୍ଧାଳୁ ମା' ମଙ୍ଗଳାଙ୍କ ବେଢା ପରିସରରେ ଅଧିଆ ପଡ଼ି ମା'ଙ୍କୁ ସେମାନଙ୍କ ଗୁହାରି ଜଣାଉଥିବା ଚିତ୍ର ମଧ୍ୟ ଦେଖିବାକୁ ମିଳିଥାଏ। ଏହି ସମୟରେ ମା' ମଙ୍ଗଳାଙ୍କ ବିଭିନ୍ନ ବେଶ ଦର୍ଶନ କରିବାର ସୌଭାଗ୍ୟ ଭକ୍ତଙ୍କୁ ମିଳିଥାଏ। ନବପତ୍ରିକାରେ ମାଙ୍କୁ ପାଦପଦ୍ମ ଓ ଭୁଜଲାଗି କରାଯାଇ ନାଲିକଲି ଓ କଳା କଲି ବେଶ, ପଞ୍ଚମୀ ତିଥିରେ ତୀରକମାଣ, ଷଷ୍ଠୀ ତିଥିରେ କାତିଖର୍ପର, ସପ୍ତମୀ ତିଥିରେ ସିଂହବାହିନୀ, ଅଷ୍ଟମୀ ତିଥିରେ ମହିଷା ମର୍ଦ୍ଦିନୀ, ନବମୀ ତିଥିରେ ଶାନ୍ତି ବେଶ କରାଯାଇ ଦଶମୀ ତିଥିରେ ସ୍ୱମେଶ୍ୱର ମନ୍ଦିରରେ ହରଦୁର୍ଗା ଭେଟ ହେବା ପରେ ବିଜୟା ଦଶମୀ ପାଳିତ ହୋଇଥାଏ। ନବପତ୍ରିକାଠାରୁ ମା' ମଙ୍ଗଳାଙ୍କ ମନ୍ଦିରରେ ମନ୍ଦରଗିରି ବିଜେ ନୀତି ଆରମ୍ଭ ହୋଇଥାଏ। ମା' ମଙ୍ଗଳା ବିଳମ୍ବିତ ରାତ୍ରିରେ ମନ୍ଦିର ମଧ୍ୟରୁ ବାହାରି ଏକ ସୁସଜ୍ଜିତ ମଣି ବିମାନରେ ବିଜେକରି ମନ୍ଦିରର ପୂର୍ବ ପଟେ ରହିଥିବା ସେବକ ସାହି ନିକଟରେ ମନ୍ଦରଗିରି ପିଣ୍ଡିକୁ ବିଜେ କରିଥାନ୍ତି। ମହିଷାସୁରର ଅତ୍ୟାଚାରରେ ଦେବତାମାନେ ତ୍ରାହି ତ୍ରାହି ଡାକୁଥିବାବେଳେ ମା' ଦୁର୍ଗା ଆବିର୍ଭାବ ହୋଇ ମହିଷାସୁରକୁ ନିଧନ କରିବାକୁ ଦେବତାଙ୍କୁ ଆଶ୍ୱାସନା ଦେଇଥିଲେ। ସେହିଦିନଠାରୁ ମା' ଦୁର୍ଗା ମହିଷାସୁରକୁ ଖୋଜିବାକୁ ଦୈନିକ ମନ୍ଦରଗିରିକୁ ବିଜେ କରିଥାନ୍ତି ଏବଂ ରାକ୍ଷସର ସନ୍ଧାନ କରି ପୁଣି ମନ୍ଦିରକୁ ଫେରି ଆସିଥାନ୍ତି। ତେବେ ଏହି ସମୟରେ ଘଣ୍ଟ, ଘଣ୍ଟା, ମାର୍ଦ୍ଦଳ, ଭେରୀ, ତୁରି ଆଦି ବିଭିନ୍ନ ବିରବାଦ୍ୟ ମା'ଙ୍କ ବିମାନ ଆଗେ ଆଗେ ବଜାଇ ଯାଇଥାନ୍ତି। ମା'ଙ୍କ ବିମାନ ଆଗରେ ପାରମ୍ପରିକ ଦିହୁଡ଼ି ଜଳାଇ ଜଣେ ସେବକ ଆଗେ ଆଗେ ଯାଇଥାନ୍ତି। ମନ୍ଦରଗିରିରୁ ଫେରିବା ପରେ ମନ୍ଦିର ନାଟମଣ୍ଡପଠାରେ ମନ୍ଦିର ମଧ୍ୟରୁ ବନଦୁର୍ଗାଙ୍କୁ ଅଣାଯାଇ ମଙ୍ଗଳାଙ୍କ ଚଳନ୍ତି ପ୍ରତିମା ନିକଟରେ ରଖାଯାଇ ସ୍ୱତନ୍ତ୍ର ପୂଜା ଏବଂ ଆଳତି କରାଯାଇଥାଏ। ଏହି ସମୟରେ ସେବାୟତଙ୍କ ଦ୍ୱାରା ସୁନ୍ଦର ଭାବେ ଘଣ୍ଟ ଏବଂ ପଖଜ ବାଦ୍ୟରେ ମନ୍ଦିର ପ୍ରକମ୍ପିତ ହୋଇଥାଏ। ଆଶ୍ୱିନର ପରଶ ପାଇ ପୁଲକିତ ହୋଇଉଠିଛି ଧରଣି ରାଣୀ, କାହିଁକି ନା ପାର୍ବଣ ଆସିଛି। ଏହି ପାର୍ବଣରେ ଧରବତରଣ କରିଛନ୍ତି ଜଗତଜନନୀ ମା' ଦୁର୍ଗା। ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ, ଅଧର୍ମ ଉପରେ ଧର୍ମର ବିଜୟ ପାଇଁ ମା' ଧରାଧାମକୁ ଓହ୍ଲାଇ ଆସିଛନ୍ତି। ମା'ଙ୍କ ଆଗମନରେ ଉତ୍ସବମୁଖର ହୋଇଉଠିଛି ବିଭିନ୍ନ ଶକ୍ତିପୀଠ।



ମା' ମଙ୍ଗଳାଙ୍କ ସିଂହ ବାହିନୀ ବେଶ।

### ସେମାନେ ଯାହା କୁହନ୍ତି



କାକଟପୁରର ମା' ମଙ୍ଗଳା ପୀଠ ହେଉଛି ଓଡ଼ିଶାର ଅନନ୍ୟ ଶକ୍ତିପୀଠ। ଶାରଦୀୟ ପାର୍ବଣ ଆସିଲେ ଚଳଚଞ୍ଚଳ ହୋଇପଡେ କାକଟପୁର। ପର୍ବଣରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମା'ଙ୍କ ଦୁର୍ଲ୍ଲଭ ବେଶ ତଥା ନୀତିକାନ୍ତି କରାଯାଇଥାଏ। ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ପୁରୀ ଶ୍ରୀମନ୍ଦିର ଭଳି ଏଠାରେ ମଧ ବାର ମାସରେ ତେର ପର୍ବ ପାଳିତ ହୋଇଆସୁଛି।

**- ଅଙ୍କିତା ଅନିନ୍ଦିତା, ମଙ୍ଗଳା ମନ୍ଦିର ମୁଖ୍ୟ ଟ୍ରଷ୍ଟି ତଥା ତହସିଲଦାର**



ଶାରଦୀୟ ପାର୍ବଣ ପୂଜାରେ ମା'ଙ୍କ ବିଶେଷ ନୀତିକାନ୍ତି ହୋଇଥାଏ। ପ୍ରତ୍ୟେକ ସେବାୟତ ପରିବାର ପାର୍ବଣ ପୂଜାକୁ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହ ତୁଲାଇଥାନ୍ତି। ପାର୍ବଣ ସମୟରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଆହୋରାତ୍ର ଖୋଲାରହିଥାଏ।

**- ମନୋରଞ୍ଜନ ପଣ୍ଡା, ସଭାପତି, ସେବାୟତ ନିଯୋଗ**



ଚଳିତ ବର୍ଷଠାରୁ ମା'ଙ୍କ ଷୋଡଶ ଉପଚାର ପୂଜାପଣ୍ଡା ଭାବେ ଦାୟିତ୍ୱ ମିଳିଥିବାରୁ ମୁଁ ଅତ୍ୟନ୍ତ ଖୁସି। ଏହି ପାର୍ବଣ ପୂଜାପାଇଁ ଭକ୍ତି ଓ ନିଷ୍ଠା ରହିଲେ ଏହା ସୁଚାରୁରୂପେ ସମ୍ପାଦନ ହୋଇଥାଏ। ଏହି ଷୋଳଦିନ ମା'ଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି କିମ୍ବଦନ୍ତୀ ରହିଛି।

**- ରଘୁନାଥ ଦୀକ୍ଷିତ, ଷୋଡଶ ଉପଚାର ପୂଜାପଣ୍ଡା**



ଆଶ୍ୱିନ ମାସରେ ମା'ଙ୍କ ଦୁର୍ଲ୍ଲଭ ବେଶ ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ କାତିଖର୍ପର, ସିଂହବାହିନୀ ଓ ମହିଷାମର୍ଦ୍ଦିନୀ ବେଶ ଅତ୍ୟନ୍ତ ଦୁର୍ଲ୍ଲଭ। ଏହି ବେଶ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ଅନେକ ଭକ୍ତଙ୍କ ସୁଅ ଛୁଟିଥାଏ।

**- କମଳଲୋଚନ ଦୀକ୍ଷିତ, ଉପସଭାପତି, ସେବାୟତ ନିଯୋଗ**



ଆଶ୍ୱିନ ମାସରେ ମା'ଙ୍କ ନିକଟରେ ଆମିଷ ଭୋଗ ଏକ ନିଆରା ପରମ୍ପରା। ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ପ୍ରତ୍ୟେକ ମାନସିକ ଧାରୀ ଭକ୍ତମାନେ ମା'ଙ୍କ ରୋଶଶାଳାରେ ସୁପକାର ସେବକଙ୍କ ଦ୍ୱାରା ଆମିଷ ଭୋଗ ପ୍ରସ୍ତୁତ କରାଯାଇ ମା'ଙ୍କ ଉଦ୍ଦେଶ୍ୟରେ ବନଦୁର୍ଗାଙ୍କ ନିକଟରେ ସମର୍ପଣ କରାଯିବା ପରେ ପ୍ରସାଦ ସେବନ କରିଥାନ୍ତି। ଏହି ଆମିଷ ଭୋଗ ପ୍ରସାଦ ରୂପେ ପାଇବାକୁ ବହୁ ଦୂର ଦୁରାନ୍ତରୁ ଭକ୍ତ ମାନଙ୍କ ସୁଅ ଛୁଟେ।

**- ତୁଷାରରଞ୍ଜନ ଦୀକ୍ଷିତ, ସଦସ୍ୟ, ମଙ୍ଗଳା ମନ୍ଦିର ଉପଦେଷ୍ଟା କମିଟି**

## ସଂକ୍ଷେପରେ

### ଘରକାମ କରିବାକୁ ଆସି ଟଙ୍କା, ସୁନାଗହଣା ଲୁଟ୍

ପିପିଲି,୨।୧୦(ଦୁର୍ଗାମାଧବ ମିଶ୍ର)

ପିପିଲି ବିଜ୍ଞାପିତ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ କାମ କରିବାକୁ ଆସୁଥିବା ଚାକର ମାଲିକଙ୍କ ଅନୁପସ୍ଥିତିରେ ଘରୁ କଳାକନା ବୁଲାଇ ଦେଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ଏନେଇ ପିପିଲି ପୋଲିସ ଧରମା ବାରିକ୍‌ଙ୍କ ନାମରେ ନଂ. ୪୩୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜୟପୁର ଶାସନର ସୌଭାଗ୍ୟ ମହାନ୍ତି ତାଙ୍କ ଘର କାମ କରିବାକୁ ଜୟପୁର କିଲ୍ଲାର ଧରମାଙ୍କୁ ଆଣିଥିଲେ। ସୌଭାଗ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଏହାର ସୁଯୋଗରେ ଧରମା ଗଡରେଜ ଖୋଲି ୧୦ ହଜାର ଟଙ୍କା ନେବା ସହିତ ସମସ୍ତ ସୁନା ଅଳଙ୍କାର ନେଇଯାଇଥିଲେ। ଗଡରେଜରୁ ଟଙ୍କା, ସୁନା ଚୋରି ହୋଇଥିବା ସନ୍ଦେହ କରି ସୌଭାଗ୍ୟ ଧରମାଙ୍କୁ ପଚାରିବାରେ ସେ ଟଙ୍କା ନେଇଥିବା ସ୍ୱୀକାର କରିଥିଲେ ମଧ୍ୟ ସୁନା ଗହଣା ନେଇ ନ ଥିବା ଫାଙ୍କି ଦେଇଥିଲେ।

### ଶାଶୁଘର ଲୋକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ପିପିଲି,୨।୧୦(ଦୁର୍ଗା ମାଧବ ମିଶ୍ର)

ପିପିଲି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ତାଙ୍କ ଦେଢଶୁର, ଶାଶୁ ଓ ନଣନ୍ଦମାନେ ମିଶି ନିର୍ଯାତନା ଦେବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ନେଇ ସେ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ନଂ. ୪୩୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳପୁର ନିକଟ ଠଣଠଣା ଗ୍ରାମର ରିତାଞ୍ଜଳି ରଥ ନାମକ ମହିଳା ଘରେ ଥିବାବେଳେ ଶାଶୁ, ନଣନ୍ଦ ଓ ପୁତୁରାମାନେ ବିନା କାରଣରେ ତାଙ୍କ ସହ ଝଗଡ଼ା କରିଥାନ୍ତି। ଏହି ଝଗଡ଼ା ହେବା ଜାଣି ରିତାଞ୍ଜଳି ଘଟଣା ସମ୍ପର୍କରେ ଦେଢ଼ଶୁରଙ୍କୁ କହିବାରେ ସେ କୌଣସି କଥା ନ ଶୁଣି ଶାଶୁ ନଣନ୍ଦଙ୍କ କଥାରେ ପରିଚାଳିତ ହୋଇ ତଣ୍ଟିଆ ମାରିଥିଲେ। ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରିତାଞ୍ଜଳି ଜୀବନ ବଞ୍ଚାଇବାକୁ ଘର ଭିତରେ ଦୁଆର କିଳି ରହିଥିଲେ। ରିତାଞ୍ଜଳିଙ୍କ ସ୍ୱାମୀ ବିଲରୁ ଆସିବା ପରେ ସ୍ୱାମୀଙ୍କୁ ସବୁ ଘଟଣା କହି ଥାନାରେ ଦ୍ୱାରସ୍ଥ ହୋଇଥିଲେ।

### ସାନ ଯା' ଆକ୍ରମଣରେ ବଡ଼ଙ୍କ ମୁଣ୍ଡ ଫାଟିଲା

ଯୋଗେଶ୍ୱରପୁର,୨।୧୦(ରଶ୍ମିରଞ୍ଜନ ସାହୁ)

ଘରୋଇ କଳିକୁ କେନ୍ଦ୍ର କରି ସାନ ଯା'ଙ୍କ ଆକ୍ରମଣରେ ବଡ଼ ଯା'ଙ୍କ ମୁଣ୍ଡ ଫାଟିଥିବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୩୦୭ ଦଫାରେ ଏକ ମକଦ୍ଦମା ଦାଏର କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ବଉଲାଙ୍ଗ ଗ୍ରାମର ସୁମନ୍ତ ଜେନା ଓ ସୁଶାନ୍ତ ଜେନା ଦୁଇ ଭାଇଙ୍କ ମଧ୍ୟରେ ପାରିବାରିକ ସମସ୍ୟା ଲାଗି ରହିଥିଲା। ତାହା ଉଗ୍ରରୂପ ନେବାରୁ ୨ ଯା'ଙ୍କ ମଧ୍ୟରେ ପାଟିତୁଣ୍ଡ ଘଟିଥିଲା। ଏହି ସମୟରେ ସାନ ଯା' ସ୍ୱପ୍ନା ଜେନା କଟୁରିରେ ବଡ଼ ଯା' ରଞ୍ଜନା ଜେନାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାକୁ ଏନେଇ ରଞ୍ଜନାଙ୍କ ସ୍ୱାମୀ ସୁଶାନ୍ତ ଅଭିଯୋଗ କରିଛନ୍ତି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ନିମାପଡା, ୨।୧୦(ବିଚିତ୍ରା ପଟ୍ଟନାୟକ/ରଞ୍ଜନ ପଟ୍ଟନାୟକ)

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ନିମାପଡ଼ା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ନିମାପଡ଼ା ଉଚ୍ଚ ବିଦ୍ୟାଳୟ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ଦିଲୀପ ନାୟକ, ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଅଭିନେତ୍ରୀ ତଥା ବିଜେଡି ନେତ୍ରୀ ଏଲିନା ଦାସ, ମିତା ପଟ୍ଟନାୟକ, ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଜିଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ବରିଷ୍ଠ ନେତା ଧନୁର୍ଦ୍ଧର ଦାସ, ଦିଲୀପ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ଭାଜପା ସରକାର ବ୍ୟର୍ଥ ହୋଇଛି ବୋଲି କହି ଭାଜପା ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ଏକ ପଦଯାତ୍ରା ନୂଆ ବସ୍‌ଷ୍ଟାଣ୍ଡଠାରୁ ବାହାରି ସହର ପରିକ୍ରମା କରିଥିଲା। ପଦଯାତ୍ରାରେ ମହିଳାଙ୍କ ସମେତ ପ୍ରାୟ ଦେଢ଼ ହଜାର ଦଳୀୟ କର୍ମୀ ଓ ନେତୃବୃନ୍ଦ ସାମିଲ ହୋଇଥିଲେ।




ପୁନିତ ସାଗର ଅଭିଯାନ ଅବସରରେ ବୁଧବାର ଏନ୍‌ସିସି କ୍ୟାଡେଟ୍‌ମାନେ ପୁରୀ ବେଳାଭୂମି ସଫେଇ କରି ସଚେତନତା ବାର୍ତ୍ତା ଦେଉଛନ୍ତି।

## ବିଶ୍ୱାମିତ୍ର ଆଶ୍ରମରେ ଶ୍ରଦ୍ଧାଳୁଙ୍କ ପିଣ୍ଡଦାନ

କାକଟପୁର, ୨।୧୦ (ଶୁଭଦର୍ଶନ ମିଶ୍ର)

ମହାଳୟା ଅବସରରେ ପୁରୀ ଜିଲା କାକଟପୁରସ୍ଥିତ ପ୍ରାଚୀ ନଦୀକୂଳରେ ଅବସ୍ଥିତ ବିଶ୍ୱାମିତ୍ର ଆଶ୍ରମ ନିକଟରେ ଆଜି ପିତୃ ପୁରୁଷଙ୍କୁ ପିଣ୍ଡ ଦାନ କରିଛନ୍ତି ଶତାଧିକ ଶ୍ରଦ୍ଧାଳୁ। ଏଥି ପାଇଁ ସକାଳୁ ସକାଳୁ ଆଶ୍ରମ ନିକଟରେ ଦେଖିବାକୁ ମିଳିଥିଲା ଭିଡ଼। ସକାଳୁ ଶ୍ରଦ୍ଧାଳୁମାନେ ବ୍ରାହ୍ମଣଙ୍କୁ ନେଇ ପୂଜା ପାଠ କରିଥିଲେ। ପିଣ୍ଡ ଦାନ କରିବା ସହ ଶ୍ରଦ୍ଧାଳୁମାନେ ମା' ମଙ୍ଗଳାଙ୍କୁ ଦର୍ଶନ କରି ସାନିଧ୍ୟ ଲାଭ କରିଛନ୍ତି।

## ଏକାନ୍ତ ଆଶ୍ରମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଚାରିଛକ,୨।୧୦(ଶିଶିର ସ୍ୱାଇଁ)

ଚାରିଛକ ନିକଟ ଏକାନ୍ତ ଆଶ୍ରମ ପରିସରରେ ନିରାଶ୍ରୟ ସେବାଶ୍ରମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଦିବସରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ ସ୍ୱାଇଁ ଯୋଗ ଦେବା ସହିତ ନିରାଶ୍ରୟ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ମାନସ ରଞ୍ଜନ ପାଢ଼ୀ, ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ଉପସଭାପତି ଜୟକୃଷ୍ଣ ସାହୁ, ସମସ୍ତ ସଭ୍ୟ କବିନ୍ଦ୍ର ନାୟକ, ପ୍ରମୋଦ ସାହୁ, ସତ୍ୟଭୂଷଣ ନାୟକ, ଲକ୍ଷ୍ମୀଧର ବେହେରା, ତ୍ରିନାଥ ବେହେରା ଓ ବୈରାଗୀ ସାହୁ ସହଯୋଗ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଆଶ୍ରମ ପରିସର ସଫେଇ ସହିତ ଚାରାରୋପଣ କରାଯାଇଥିଲା।

## ୬ଷ୍ଠ ବର୍ଷରେ ସାରଙ୍ଗଯୋଡ଼ି ଲୋକକଳା ଗ୍ରାମ



ବୈଠକରେ ଉପସ୍ଥିତ ଅତିଥି।

ସାକ୍ଷୀଗୋପାଳ,୨।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପୁରୀ ଜିଲା ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡ଼ି ଗ୍ରାମକୁ ଲୋକକଳା ଗ୍ରାମ ଘୋଷଣା ହେବାର ୬ଷ୍ଠ ବର୍ଷ ପୂର୍ତ୍ତି ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ୨ ସାଂସ୍କୃତିକ ଅନୁଷ୍ଠାନ ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଗୁରୁ କୁଳମଣି ବିଶାଳ ମହାମନୀଷୀଙ୍କ ଫଟୋରେ ମାଲ୍ୟାର୍ପଣ ପରେ ରାମଧୂନ ଓ ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଗୁରୁ ପୂର୍ଣ୍ଣଚନ୍ଦ୍ର ବାରିକ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ତଥା କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ଅନୁଷ୍ଠାନ ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ଲୋକକଳା ଗ୍ରାମର କଳାକୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକପ୍ରିୟ ହୋଇଛି। ଶିକ୍ଷକ ହେମେନ୍ଦ୍ର ନାଥ ପଟ୍ଟନାୟକ ଓ ସଦାଶିବ ବରାଳ ଉଭୟ ଯୁଗପୁରୁଷଙ୍କ ଅନୁକରଣୀୟ ଜୀବନାଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲେ। ଗୁରୁ କୁଳମଣି ବିଶ୍ୱାଳ, ଗୁରୁ ପୂର୍ଣ୍ଣଚନ୍ଦ୍ର ବାରିକ୍ ଓ ଗୁରୁ ଧୁରନ୍ଧର ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସମିତି ସଭ୍ୟ ସୁଧୀର ସାଇଁ, ସୁଦର୍ଶନ ପରିଡ଼ା, ରବୀନ୍ଦ୍ର ସାହୁ, ରମେଶଚନ୍ଦ୍ର ଦାସ, ବିଜୟ ନାୟକ, ସମୀର ପଲେଇ ପ୍ରମୁଖ ଏଥିରେ ସହାୟତା କରିଥିଲେ। ସୂଚନାଯୋଗ୍ୟ, ୨୦୧୮ ଗାନ୍ଧୀ ଜୟନ୍ତୀ ଅବସରରେ ସାରଙ୍ଗଯୋଡ଼ି ଗ୍ରାମକୁ ପୁରୀ ଜିଲାର ଲୋକକଳା ଗ୍ରାମ ଭାବେ ଘୋଷଣା କରାଯାଇଥିଲା।

## ଶ୍ରୀକ୍ଷେତ୍ର ଅଟୋ ଚାଳକ ୟୁନିୟନ ପକ୍ଷରୁ ମାଗଣା ପରିବହନ ସେବା

ପୁରୀ, ୨।୧୦(ଅଜିତ୍ କୁମାର ମହାନ୍ତି)

ପବିତ୍ର ଗାନ୍ଧୀ ଜୟନ୍ତୀରେ ଶ୍ରୀକ୍ଷେତ୍ର ଅଟୋ ଚାଳକ ୟୁନିୟନ୍ ତରଫରୁ ମାଗଣା ପରିବହନ ସେବା ପ୍ରଦାନ କରାଯାଇଛି। ପୁରୀ ଟାଉନ୍ ଥାନା ସମ୍ମୁଖରେ ଶତାଧିକ ଅଟୋ ୟୁନିୟନ୍‌ର ସଭାପତି ସିଆଇଟିୟୁ ଜିଲା ନେତା ଶରତ କୁମାର ରାୟଗୁରୁଙ୍କ ନେତୃ ରେ ଏକଜୁଟ ହୋଇଥିଲେ। ଶ୍ରୀକ୍ଷେତ୍ର ଅଟୋ ଚାଳକଙ୍କ ସେବା ଓ ଶୃଙ୍ଖଳା ଅନ୍ୟମାନଙ୍କ ପାଇଁ ଉଦାହରଣ ଏବଂ ଦୀର୍ଘ ୧୬ବର୍ଷ ଧରି ଏଭଳି ସେବା କାର୍ଯ୍ୟକ୍ରମ କରାଯାଉଥିବା ରାୟଗୁରୁ କହିଛନ୍ତି। କାର୍ଯ୍ୟକ୍ରମକୁ ଟାଉନ୍ ଥାନା ଆଇଆଇସି ସୁନୀଲ କୁମାର୍ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।




ପ୍ରଧାନ ଅଟୋ ଚାଳକଙ୍କ ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଜଗନ୍ନାଥ ଦେଓ, ସମ୍ପାଦକ କୃପାସିନ୍ଧୁ ପଣ୍ଡା, ନୀଳକଣ୍ଠ ବେହେରା, ପୂର୍ଣ୍ଣ ମୁଦୁଲି, ରାଜ କିଶୋର ସାହୁ, ଭାଗିରଥୀ ମଲ୍ଲିକ, ଗୋବିନ୍ଦ ମାନ୍ନା, ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନିମାପଡ଼ା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ

ନିମାପଡା, ୨।୧୦(ବିଚିତ୍ରା ପଟ୍ଟନାୟକ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ସମାରୋହ କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି।ଦଳୀୟ ନେତୃବୃନ୍ଦମାନେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। କର୍ମୀମାନେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ଓ ଗଡ଼ଅଣ୍ଡିଆ ଗ୍ରାମଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମେଡିକାଲରେ ରୋଗୀଙ୍କୁ ଫଳ ବାଣ୍ଟିଥିଲେ। ଏହି ଅବସରରେ ଏକ ବୈଠକ ବରିଷ୍ଠ ନେତା ମନୋଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କଂଗ୍ରେସର ବରିଷ୍ଠ ନେତା ଦେବେନ୍ଦ୍ର ପ୍ରଧାନ, ବିଜୟ ମଲ୍ଲିକ, ଅକ୍ଷୟ ସାହୁ, ସୁବାସ ମଲ୍ଲିକ, ନିରଞ୍ଜନ ସେଠୀ, ପ୍ରସନ୍ନ ନାୟକ, ଦିଲୀପ ଦାସ, ସତୀଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ବହୁ କଂଗ୍ରେସର ନେତୃବୃନ୍ଦ ଯୋଗଦେଇଥିଲେ।




ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରେ ନିମାପଡ଼ା କଂଗ୍ରେସର କର୍ମକର୍ତ୍ତା।

## ଶିଶୁର ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶ କରେ ସୁରଭି

କୋଣାର୍କ,୨।୧୦(ଜ୍ୟୋତିରାଜ ମହାନ୍ତି)

ଶିଶୁ ମହୋତ୍ସବ ସୁରଭି ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଆୟୋଜିତ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ ଏହା କହିଥିଲେ। ପୁରୀ ଜିଲାର ଗୋପ ବ୍ଲକ ଅଧୀନ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରବୀନ୍ଦ୍ରନାଥ ବାହିନୀପତି ଏଥିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। କ୍ଲଷ୍ଟର ଅଧୀନ ୧୪ଟି ବିଦ୍ୟାଳୟରୁ ୧୬୦ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ପ୍ରଧାନ, ମୁଖ୍ୟବକ୍ତା ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ସରୋଜ ମିଶ୍ର, ସମ୍ମାନିତ ଅତିଥି ରୂପେ ଦେଉଳୀ କ୍ଲଷ୍ଟର ସିଆର୍‌ସିସି ଲିଙ୍ଗରାଜ ସ୍ୱାଇଁ, ବୀରତୁଙ୍ଗ କ୍ଲଷ୍ଟର ସିଆର୍‌ସିସି କିଶୋର ମାଝୀ, କଣ୍ଠଶିଳ୍ପୀ ଜୟଦେବ ମିଶ୍ର, ଯୋଗାଚାର୍ଯ୍ୟ ବାମଦେବ ଆଲୁକ, ଚିତ୍ରଶିଳ୍ପୀ ପ୍ରଦୀପ ତାଣ୍ଡି, ଶିକ୍ଷକ ପ୍ରଦୀପ ପ୍ରଧାନ, ପ୍ରଧାନଶିକ୍ଷକ ସମ୍ରାଟ ଭଞ୍ଜ ଭୋଇ, ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ଚିତ୍ତରଞ୍ଜନ ଦାଶ ଓ ବାବୁରାମ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏହି ଅସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ବିଶ୍ୱାଳଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରୀତି ଶତପଥୀ, ଶିକ୍ଷକ ଗଙ୍ଗାଧର ରାଉତ, ଦିଲୀପ ନାୟକ, ମାନସ ମୁଦୁଲି, କାଳିନ୍ଦୀ ଚରଣ ଜେନା, ବାନାମ୍ବର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଗାନ୍ଧୀ ବିଚାର ଏକ ତତ୍ତ୍ୱ ନୁହେଁ, ସାମଗ୍ରିକ ଚେତନା

**ବେଗୁନିଆ,୨।୧୦(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ଆନୁକୂଲ୍ୟରେ ମହାତ୍ମାଗାନ୍ଧୀଙ୍କ ୧୫୫ତମ ଜନ୍ମଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ 'ଗାନ୍ଧୀ ବିଚାର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସଂସଦର କର୍ମକର୍ତ୍ତା ଅତିଥିଙ୍କୁ ସଂକୀର୍ତ୍ତନ ଓ ରାମଧୁନ ସହ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ପରେ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରିଥିଲେ। ପଣ୍ଡିତ ବିନୋଦ ଦାଶ ବେଦ ପାଠ କରିଥିଲେ। ୧୨୪ଟି ଦେଶରେ ଖ୍ୟାତି ଲାଭ କରିଥିବା ବାପୁଙ୍କ ପ୍ରିୟଭଜନ 'ବୈଷ୍ଣବ ଜନ ତୋ' ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ମୁଖ୍ୟଅତିଥି ଓ ବିଶିଷ୍ଟ ସ୍ତମ୍ଭକାର ପ୍ରାଧାପିକା ଡ. ବାସନ୍ତୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କେବଳ ଭାରତରେ ନୁହେଁ ବିଶ୍ୱର ଅନେକ ଦେଶରେ ପ୍ରସିଦ୍ଧି ଲାଭ କରିଥିବା ଖ୍ୟାତି ସମ୍ପନ୍ନ ଏହି ମହାନ ସଂଗ୍ରାମୀଙ୍କ ପ୍ରେରଣାରେ ଆମେ ଅନୁପ୍ରାଣୀତ ହେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଅତିଥିଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ପ୍ରାଧାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା, ପ୍ରାଧାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର, ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟା ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ଦିବସ

**ଭୁବନେଶ୍ୱର,୨।୧୦(ଅନୁରାଧା ମହାରଣା):** ଗାନ୍ଧୀ ଜୟନ୍ତୀରେ ବୁଧବାର ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଦର୍ଶନ ସହିତ ଆତ୍ମନିର୍ଭରଶୀଳତାର ପରମ୍ପରାକୁ ଆପଣାଇବାକୁ ରେଳପଥର କର୍ମଚାରୀ ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସାରା ଦେଶରେ ସ୍ୱଚ୍ଛତା ବଜାୟ ରଖିବାରେ ଭାରତୀୟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଫୁଙ୍କୱାଲ ଆଲୋକପାତ କରିଥିଲେ। ରେଳପଥର ଲଗାତର ପ୍ରୟାସ ମାଧ୍ୟମରେ ଷ୍ଟେଶନ, ଟ୍ରେନ୍, ପ୍ଲାଟ୍‌ଫର୍ମ ଏବଂ ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବା ତଥା ଯାତ୍ରୀ ଓ କର୍ମଚାରୀଙ୍କ ପାଇଁ ଏକ ପରିଷ୍କାର ତଥା ପରିଚ୍ଛନ୍ନ ପରିବେଶ ସୁନିଶ୍ଚିତ କରିବାରେ ପୂର୍ବତଟ ରେଳପଥ ଆଗରେ ରହିଥିବା ସେ କହିଥିଲେ। ଉତ୍ସବରେ ରେଳ କର୍ମଚାରୀଙ୍କ ଦ୍ୱାରା ଦେଶଭକ୍ତି ସଙ୍ଗୀତ ଓ ରେଳ କର୍ମଚାରୀଙ୍କ ପିଲାଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

### ଘରୁ ଟଙ୍କା, ସୁନା ଅଳଙ୍କାର ଚୋରି

**ଭୁବନେଶ୍ୱର,୨।୧୦(ସୂର୍ଯ୍ୟକାନ୍ତ ବେହେରା):** ମଞ୍ଚେଶ୍ୱର ଥାନା ବ୍ରହ୍ମେଶ୍ୱର ଲେନ୍ ପ୍ରାଚୀ ବିହାର ଅଞ୍ଚଳର ଏକ ଘରୁ ଦିନଦ୍ୱିପ୍ରହରରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘରେ ପଶି ସୁନା ଅଳଙ୍କାର ଓ ଟଙ୍କା ଚୋରି କରି ନେଇଯାଇଛନ୍ତି। ଏନେଇ ଆଶିଷବାଳା ମହାପାତ୍ର ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ତାଙ୍କ ଘରୁ ଦୁଇଟି ସୁନା ଚେନ, ଗୋଟିଏ ମଙ୍ଗଳସୂତ୍ର, ତିନିଟି କାନଫୁଲ ଓ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ସେ ଏତଲାରେ ଦର୍ଶାଇଛନ୍ତି।

# ମା' ଭଗବତୀ, ମା' ବିରଜାଇଙ୍କ ଭେଟଯାତ୍ରା

**ବାଣପୁର, ୨।୧୦ (ଦିଲ୍ଲୀପ କୁମାର ସ୍ୱାଇଁ)**



ଖୋର୍ଦ୍ଧା ଜିଲା ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଶାରଦୀୟ ପର୍ବ ଅବସରରେ ପବିତ୍ର ମହାଳୟା ଅମାବାସ୍ୟାରେ ବୁଧବାର ରାତିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଭେଟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ଭଗବତୀ ତାଙ୍କ ପରମ ଭକ୍ତ ବଳି ଜେନାଙ୍କୁ ସାଥିରେ ନେଇ ଭେଟ ଅମାବାସ୍ୟା ଯାତ୍ରା ଆରମ୍ଭ କରିଛନ୍ତି। ମା' ଭଗବତୀଙ୍କ ବଡ଼ଭଉଣୀ ବିରଜାଇଙ୍କ ବିଜେ ପ୍ରତିମା ସ୍ୱରୂପ କାଠି ଠାକୁରାଣୀଙ୍କ ଘଣ୍ଟଘଣ୍ଟା, ଖୋଳ ତାଳ, ଢୋଲ, ତୂରୀ, ଛତ୍ରୀ ଓ ଶଙ୍ଖନାଦର ତାଳେ ତାଳେ ନାଚି ନାଚି ମା' ଭଗବତୀଙ୍କ ମନ୍ଦିରରୁ ବିଜେ ହୋଇଥିଲେ। ସେହିପରି ମା' ଭଗବତୀ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରଠାରୁ ନାଚି ନାଚି ପୁରୁଣା ବଜାରରେ ବିଜେ ହୋଇଥିଲେ। ମା'ଙ୍କ ସେବକ ଦିଅଁ ବିଜେ କରିଥିବାବେଳେ କାଠି ନାହାକ ସମେତ ଅଙ୍ଗରକ୍ଷୀ ସେବକମାନେ ଭେଟ ଯାତ୍ରାରେ ସାମିଲ ହୋଇଥିଲେ। ବିପୁଳ ଜନସମାଗମ ମଧ୍ୟରେ ମା' ଭଗବତୀଙ୍କ ସହ ମା' ବିରଜାଇଙ୍କ ଭେଟ ହୋଇଥିଲା। ଭେଟ ଯାତ୍ରା ପରେ ମା' ବିରଜାଇଙ୍କ କାଠି ଠାକୁରାଣୀ ସାତବଖରା ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ମା' ଭଗବତୀଙ୍କ କାଠି ଠାକୁରାଣୀ ସ୍ୱରୂପ ବିଜେ ପ୍ରତିମା ମୁଖ୍ୟ ମନ୍ଦିରକୁ ବିଜେ କରିଥିଲେ। ମା' ଭଗବତୀ ଏବଂ ମା' ବିରଜାଇଙ୍କ ଭେଟଯାତ୍ରାକୁ ଦେଖିବା ପାଇଁ ବାଣପୁର, ବାଲୁଗାଁ ଓ ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଡିସେମ୍ବରରେ ଲବଣଗିରି ପାହାଡ଼ ଉପରେ ୩ ମନ୍ଦିର, ଉଦ୍ୟାନ ଉଦ୍‌ଘାଟନ

**ଭୁବନେଶ୍ୱର,୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଭୁବନେଶ୍ୱରର ସୁନ୍ଦରପଦା-ଜଟଣୀ ରାସ୍ତାର ଜାମୁକୋଳି ଓ ପାଞ୍ଚ ଗାଁ ନିକଟ ଐତିହାସିକ ଲବଣଗିରି ପାହାଡ଼ ଶୀର୍ଷରେ ଶ୍ରୀ ଜଗନ୍ନାଥ ମନ୍ଦିର, ଶ୍ରୀ ଶିବ ମନ୍ଦିର, ଶ୍ରୀ ହନୁମାନ ମନ୍ଦିର ସହ ଉଦ୍ୟାନ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଡିସେମ୍ବର ୧୨ ତାରିଖ ଗୁରୁବାର ଅପରାହ୍ନ ୩ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଲବଣଗିରି ଟ୍ରଷ୍ଟର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ଭେଟି ନିମନ୍ତ୍ରଣ ଦେଇଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଗଜପତି ଦିବ୍ୟସିଂହଦେବ, ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କଂଗ୍ରେସ ନେତା ଅଜୟ କୁମାର ଓ ଲବଣଗିରି ଟ୍ରଷ୍ଟ ବୋର୍ଡ ଅଧକ୍ଷ ତିରୁପତି ପାଣିଗ୍ରାହୀ ଯୋଗଦେବେ ବୋଲି ସ୍ଥିରୀକୃତ ହୋଇଛି। ଏହି ଅବସରରେ ୨ଦିନ ଧରି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିରେ କେଦାରନାଥ, ବଦ୍ରୀନାଥ, ସୋମନାଥ ଓ ତିରୁପତିରୁ ବିଦ୍ୱାନ ପଣ୍ଡିତ ଓ ସାଧୁସନ୍ଥ ବୋଲି ଟ୍ରଷ୍ଟ ଆବାହକ ସୁରେଶ କୁମାର ରାଉତରାୟ ସୂଚନା ପ୍ରଦାନ କରିଛନ୍ତି।

# ଅନ୍ତର୍ଜାତୀୟ ଅହିଂସା ଦିବସ

**ବାଲୁଗାଁ୨।୧୦(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଅନ୍ତର୍ଜାତୀୟ ଅହିଂସା ଦିବସ ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ଅଧାପକ ଡ. କୈଳାସ ଚନ୍ଦ୍ର ମହାରଣା ଓ ଧୋବୀ ଚରଣ ପରିଡ଼ାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ଓ କ୍ୟାଡେଟଙ୍କ ଏକ ଶୋଭାଯାତ୍ରା ପରେ ମହାବିଦ୍ୟାଳୟ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିବା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ଅଧକ୍ଷ ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ କରିଥିଲେ। ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ପୁନିତ ସାଗର ଅଭିଯାନରେ ଚିଲିକା କୂଳ ସଫେଇ କରିଥିଲେ। ପରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଆୟୋଜିତ ସ୍ୱଚ୍ଛତା ହିଁ ସେବା ଶୋଭାଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ବାଲୁଗାଁ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ରଙ୍କ ସମେତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଏବଂ ସମସ୍ତ କାଉନସିଲର ବୃନ୍ଦ ଓ କର୍ମଚାରୀ ସ୍ୱଛତା କାର୍ଯ୍ୟକ୍ରମରେ ସାମିଲ ହୋଇ ସଫେଇ କରିଥିଲେ।



ବାଲୁଗାଁ ମହାବିଦ୍ୟାଳୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଅହିଂସା ଦିବସ।

# ଜଟଣୀରେ ଗାନ୍ଧୀ, ଶାସ୍ତ୍ରୀଙ୍କ ଜୟନ୍ତୀ

**ଜଟଣୀ,୨।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରା ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଏବଂ ଲାଲବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଟଣୀ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ଏକ ବିଶାଳ ପଦଯାତ୍ରାର ଆୟୋଜନ କରାଯାଇଥିଲା। ପୌର କାର୍ଯ୍ୟାଳୟଠାରୁ ପଦଯାତ୍ରା ଆରମ୍ଭ ହୋଇ ସ୍ଥାନୀୟ ଟାଉନ ହଲ୍‌ଠାରେ ସରିଥିଲା। ପରେ ଗାନ୍ଧୀ ପାର୍କଠାରେ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଟାଉନ ହଲ୍‌ଠାରେ ସ୍ୱଚ୍ଛତା ହିଁ ସେବା ନିମନ୍ତେ ଏକ ଦସ୍ତଖତ ଅଭିଯାନ ଏବଂ ପୌର କର୍ମଚାରୀଙ୍କ ଦ୍ୱାରା ସ୍ୱଚ୍ଛତା ପରିପ୍ରେକ୍ଷୀରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ବିଗତ ଦିନ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟଙ୍କ ସହ ଜଟଣୀ ପୌର ପରିଷଦ ଅଧକ୍ଷ ଅନନ୍ତ ବେହେରା, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଇଯୋଶୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ଏମ୍‌ପିଙ୍କ ପ୍ରତିନିଧି ସତୀଶ ଶର୍ମା, ବିଧାୟକଙ୍କ ପ୍ରତିନିଧି ବିଗନେଶ ବଳବନ୍ତରାୟପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଟଣୀ ନଗର ବିଜେଡି ଏବଂ ଜଟଣୀ ବିକାଶ ପରିଷଦ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଖାଦ୍ୟ ଏବଂ ଫଳ ବାଣ୍ଟିଥିଲେ। ପରେ ନୂଆ ବସ୍‌ଷ୍ଟାଣ୍ଡଠାରୁ ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ଜଟଣୀ ୟୁଥ୍ ଫେଡେରେଶନ ପକ୍ଷରୁ ଅନୁଷ୍ଠାନ ସଭାପତି ଅନନ୍ତ ଶତପଥିଙ୍କ ନେତୃତ୍ୱରେ ଏକ ପଦଯାତ୍ରାର ଆୟୋଜିତ ହୋଇଥିଲା। ଅନୁଷ୍ଠାନର ସଦସ୍ୟମାନେ ଫେଡେରେଶନ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରି ଗାନ୍ଧୀ ଉଦ୍ୟାନରେ ପହଞ୍ଚିଥିଲେ।




ଗାନ୍ଧୀ ଜୟନ୍ତୀ ଅବସରରେ ଜଟଣୀ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ବାହାରିଥିବା ପଦଯାତ୍ରା।

### ନୂଆ ସମବାୟ ସମିତିରେ କୃଷିଋଣ ବଣ୍ଟନ କାର୍ଯ୍ୟକ୍ରମ

**ଟାଙ୍ଗୀ-ଖୋର୍ଦ୍ଧା,୨।୧୦(ରଘୁନାଥ ସାହୁ)**

ଚିଲିକା ବ୍ଲକ ଅଧୀନ ବିଭିନ୍ନ ସମବାୟ ସମିତିରୁ ଭାଗ ହୋଇ ନୂତନ ଭାବେ ଗଠନ ହୋଇଥିବା କଳକଳେଶ୍ୱର ପ୍ରାଥମିକ ସମବାୟ ସମିତି, ହରିପୁର ପ୍ରତାପେଶ୍ୱର ପ୍ରାଥମିକ ସମବାୟ ସମିତିର ସଦସ୍ୟଙ୍କୁ ଆଇନ, ପୂର୍ତ୍ତ ବିଭାଗ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କୃଷିଋଣ ବଣ୍ଟନ କରିଛନ୍ତି। ପ୍ରତାପେଶ୍ୱର ପ୍ରାଥମିକ ସମବାୟ ସମିତିର ୮ ଜଣ ଓ କଳକଳେଶ୍ୱର ପ୍ରାଥମିକ ସମବାୟ ସମିତିର ୫ ଜଣ ସଦସ୍ୟଙ୍କୁ କୃଷି ଋଣ ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ଚିଲିକା ବ୍ଲକ ଅଧକ୍ଷ ଲଳିତମୋହନ ପଟ୍ଟନାୟକ, ଚିଲିକା ବ୍ଲକ ଉପାଧକ୍ଷ ଅରୁଣ ପଟ୍ଟନାୟକ, ହରିପୁର ପୂର୍ବତନ ସରପଞ୍ଚ ବଳଭଦ୍ର ବଳବନ୍ତରାୟ, ପୂର୍ବତନ ଜିଲାପରିଷଦ ସଭ୍ୟ ଦୁଷ୍ମନ୍ତ ହରିଚନ୍ଦନ, ସଂଯୋଜକ ପ୍ରଭାକର ବିଶ୍ୱାଳ ଓ ଚିତ୍ତରଞ୍ଜନ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ଠିକା ସଫେଇ କର୍ମଚାରୀ ସଂଘ ସମ୍ବର୍ଦ୍ଧିତ

**ଖୋର୍ଦ୍ଧା,୨।୧୦(ପ୍ରଭାତ ପାଣିଗ୍ରାହୀ)**

ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶା ଠିକା ସଫେଇ କର୍ମଚାରୀ ସଂଘକୁ ସମ୍ମାନିତ କରାଯାଇଛି। ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଜୟୀରାଜଗୁରୁ ଭବନରେ ସ୍ୱଚ୍ଛ ଭାରତ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ନିର୍ବାହୀ ଅଧିକାରୀ ରିଜୱାନା କଅକବ, ପୌର ଅଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ପ୍ରମୁଖ ସଂଘର ରାଜ୍ୟ ସଭାପତି ମୋହନ ନାୟକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟରେ ପରିମଳ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାରେ ସଫେଇ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସଫେଇ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ ସଂଘ ବହୁ ବର୍ଷ ହେବ କାର୍ଯ୍ୟ କରିଆସୁଛି। ଖୋର୍ଦ୍ଧା ସହରକୁ ସରସ ସୁନ୍ଦର କରି ରଖିବାରେ ସଂଘ ଅଗ୍ରଣୀ ଭୂମିକା ତୁଲାଇ ଆସୁଛି। ଆଗକୁ ଅଧିକ ଦାୟିତ୍ୱପୂର୍ଣ୍ଣ ଭାବେ କାମ କରିବାକୁ ଏହି ସମ୍ମାନ ଉତ୍ସାହିତ କରିବ ବୋଲି ନାୟକ କହିଛନ୍ତି।

# ପ୍ରହସନ ପାଲଟିଛି ଟାସ୍କଫୋର୍ସ

**ଖୋର୍ଦ୍ଧା,୨।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ବଢିଚାଲିଛି। ଦୈନିକ ଟ୍ରକ ଓ ଟ୍ରାକ୍ଟର ଯୋଗେ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ, ବୋଲଗଡ ପ୍ରଭୃତି ଅଞ୍ଚଳରୁ ମୋରମ, ମାଙ୍କଡା ପଥର ଚୋରା ଚାଲାଣ ହେଉଛି। ଚୋରା ଚାଲାଣ ରୋକିବା ଲାଗି ଉପଖଣ୍ଡରେ ୩ଟି ଟାସ୍କ ଫୋର୍ସ ରହିଛି। ତେବେ ଏହି ଟାସ୍କଫୋର୍ସର କାର୍ଯ୍ୟକାରିତା ଏକପ୍ରକାର ପ୍ରହସନ ପାଲଟିଛି। ଖୋର୍ଦ୍ଧା ତହସିଲର ଟାଙ୍ଗିଆପଡ଼ା, କୁମାରବସ୍ତ, ନିଆଳ, ମଲ୍ଲିପୁର, ପୁରୁସାହି, କେରଙ୍ଗ, ମଳିପଡ଼ା, ଜଙ୍କିଆ ପ୍ରମୁଖ ଅଞ୍ଚଳରେ ମାଫିଆଙ୍କ ରାଜ ଯୋଗୁ ସରକାର ବିପୁଳ ରାଜସ୍ୱ ହରାଉଥିବା ବେଳେ ସରକାରୀ ଜମି, କାଜୁ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ଗୋଚର ଭୂମି ପ୍ରଭୃତି ସଫା ହରାଇବାକୁ ବସିଲାଣି। ଏକର ଏକର ଜାଗାରୁ ମାଙ୍କଡା ପଥର ଚାଲାଣ ଯୋଗୁ ଗାତ ସୃଷ୍ଟି ହୋଇ କୃତ୍ରିମ ହ୍ରଦ ପାଲଟିଛି। ଚଢାଉ ସତ୍ତ୍ୱେ ବେଆଇନ ଚାଲାଣକୁ ପ୍ରଶାସନ ରୋକିପାରୁନାହିଁ। ଏନେଇ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ବେଆଇନ ଖଣି ଖନନ ପାଇଁ ଜିଲାରେ ଟାସ୍କଫୋର୍ସ ରହିଛି। ନିୟମିତ ବ୍ୟବଧାନରେ ଚଢଉ କରାଯାଉଛି। ବେଆଇନ ଖନନ, ଲିଜଠାରୁ ଅଧିକ ପଥର ଉତ୍ତୋଳନ ପାଇଁ ୫ଟି ଖଣି ଲିଜଧାରୀଙ୍କ ବିରୋଧରେ ଉପଜିଲାପାଳ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ରାସ୍ତାଘାଟ ସଫେଇ, ସଚେତନତା ଶୋଭାଯାତ୍ରା



**କୃଷ୍ଣପ୍ରସାଦ,୨।୧୦(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୁଧବାର ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ କୃଷ୍ଣପ୍ରସାଦ ବ୍ଲକରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଗୋପୀନାଥପୁର ପଞ୍ଚାୟତ ପକ୍ଷରୁ ସରପଞ୍ଚ ସରୋଜ କୁମାର ଲେଙ୍କାଙ୍କ ନେତୃତ୍ୱରେ ରାୟପୁରସ୍ଥିତ ଆରାଧ୍ୟ ଦେବୀ ମା' ଲେଙ୍କୁ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ନାୟକ, ୧୦ ନଂ. ଜୋନ ଭାଜପା ଯୁବମୋର୍ଚ୍ଚା ସଭାପତି ଦେବାଶିଷ ଚମ୍ପତି, ନାଏବ ସରପଞ୍ଚଙ୍କ ପ୍ରତିନିଧି ହରିଶ୍ଚନ୍ଦ୍ର ବିଶ୍ୱାଳ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ମନ୍ଦିର ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ସେହିପରି କନ୍ଦାଖାଇ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ପ୍ରୋଗ୍ରାମ ଅଫିସର ପ୍ରାଧାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ପ୍ଲାଷ୍ଟିକ ଓ ପଲଥିନ ବର୍ଜନ ଲାଗି ଶପଥ ପାଠ କରିବା ସହ କ୍ୟାମ୍ପସ ପରିସର ସଫେଇ କରିଥିଲେ। ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ସେହିପରି କୃଷ୍ଣପ୍ରସାଦ ପଞ୍ଚାୟତରେ ସରପଞ୍ଚ ଇତିଶ୍ରୀ ସିଂଙ୍କ ନେତୃତ୍ୱରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ସାମିଲ ହୋଇ ଇଫିଙ୍ଗ, ବାଉରିପଲି, ଶ୍ରୀ ଜଗନ୍ନାଥ ମନ୍ଦିର, କୃଷ୍ଣପ୍ରସାଦ ବଜାର, ରାଜବାଟି ପର୍ଯ୍ୟନ୍ତ ରାସ୍ତାରୁ ଅଳିଆ ଆବର୍ଜନା ସଫା କରିଥିଲେ। ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ କୃଷ୍ଣପ୍ରସାଦ ବଜାରର ସମସ୍ତ ଦୋକାନୀଙ୍କୁ ସରପଞ୍ଚ ଶ୍ରୀମତୀ ସିଂହ ଡଷ୍ଟବିନ ପ୍ରଦାନ କରିଥିଲେ। ସେହିଭଳି କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରୋଭର, ରେଞ୍ଜରଙ୍କ ସଫେଇ, ଶାନ୍ତି ପଦଯାତ୍ରା

**ବାଣପୁର,୨।୧୦(ଦିଲୀପ ସ୍ୱାଇଁ)**

ଗୋଦାବରୀଶ ମହାବିଦ୍ୟାଳୟର ରୋଭର ଓ ରେଞ୍ଜରଙ୍କ ଦ୍ୱାରା ମହାବିଦ୍ୟାଳୟ ସାମ୍ନା ପାର୍ଶ୍ୱ ସଫେଇ କାର୍ଯ୍ୟ, ଶାନ୍ତି ପାଇଁ ପଦଯାତ୍ରା ଓ ସର୍ବଧର୍ମ ପ୍ରାର୍ଥନା ବୁଧବାର ସକାଳେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରୋଭର ଲିଡର ଆଦିତ୍ୟ ସାରଥି ବେଦମଣ୍ଡ ଓ ରେଞ୍ଜର ଲିଡର ସୁଶ୍ରୀ ଉତ୍କଳିକା ପାଢ଼ୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରୋଭର ରେଞ୍ଜରମାନେ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଗୁଣଗାନ କରିଥିଲେ। ଧନ୍ୟବାଦ ପ୍ରଦାନ ସହ ଛାତ୍ରୀଛାତ୍ରଙ୍କୁ ଜଳଖିଆ ପ୍ରଦାନ କରାଯାଇଥିଲା।




# ଚାଷଜମି ଉପରେ ମାଫିଆଙ୍କ ନଜର

**ଖୋର୍ଦ୍ଧା,୨।୧୦(ପ୍ରଭାତ ପାଣିଗ୍ରାହୀ)**

■ ଜିଲାପାଳଙ୍କୁ ଦାବିପତ୍ର ଦେଲେ ଅଞ୍ଚଳବାସୀ
■ ସମାଧାନ ନ ହେଲେ ଆତ୍ମାହୁତି ଚେତାବନୀ

ଖୋର୍ଦ୍ଧାରେ ଗୋଚର, ସରକାରୀ ଜମି, ଶ୍ରୀଜଗନ୍ନାଥଙ୍କ ଜମି, କାଜୁ ଜଙ୍ଗଲ ପରେ ଏବେ ଚାଷଜମି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ନିଜିଗଡ଼ ଟାପଙ୍ଗ ମୌଜାରେ ଖଣି ଖନନ ଯୋଗୁ ଚାଷଜମି ନଷ୍ଟ ହେବାରେ ଲାଗିଛି। ଅଧିକାଂଶ ଲୋକେ ଚାଷରୁ ମୁହଁ ଫେରାଇବାକୁ ବାଧ ହେଉଛନ୍ତି। ଚାଷଜମି କମିବା ସହ ମାଫିଆଙ୍କ ଦୌରାତ୍ମ୍ୟରେ ସ୍ଥାନୀୟ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଲେଣି। ପ୍ରତିବାଦ କଲେ ଭଡାଟିଆ ଗୁଣ୍ଡାଙ୍କ ମାଧ୍ୟମରେ ଭୟଭୀତ କରାଯାଉଛି। ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କଁପୁର ପଞ୍ଚାୟତ ମଳିପଡ଼ା ଗ୍ରାମର କେତେଜଣ ଚାଷୀ ଏଭଳି ଅଭିଯୋଗ ଆଣିଛନ୍ତି। ସେହିପରି କଂଗ୍ରେସ ମୁଖପାତ୍ର ସୋନାଲି ସାହୁଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ଦେଇଛନ୍ତି।

ଏହି ମୌଜାରେ ଥିବା ପାହାଡ଼କୁ ଲାଗି ପ୍ରାୟ ଶହେ ଏକର ଚାଷଜମି ରହିଛି। ଏହି ଚାଷଜମି ଉପରେ ୫ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭରଶୀଳ। ଖଣି ଖନନ ପାଇଁ ବ୍ୟବହୃତ ବିସ୍ଫୋରକ ଦ୍ୱାରା ଜମିରେ ବଡ଼ ବଡ଼ ପଥର ପଡ଼ି ଫସଲ ଓ ଜମି ନଷ୍ଟ ହେଉଛି। ଅତ୍ୟଧିକ ଖନନ ଯୋଗୁ ଭୂତଳ ଜଳ ଶୁଖିବାକୁ ବସିଛି। ଲୋକେ ଜୀବନ ଓ ଜୀବିକାକୁ ନେଇ ଗତ ୨୦୨୨ ମସିହାରେ ଅଭିଯୋଗ କରିଥିଲେ। ସେହିପରି ଉଚ୍ଚ ନ୍ୟାୟାଳୟରେ କେସ୍ ଚାଲିଥିବା ବେଳେ ଗତବର୍ଷ ଖଣି ଖନନ ପାଇଁ କିପରି ୱାର୍କ ଅର୍ଡର ହୋଇଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ମାଫିଆମାନେ ବିନା ୱାଇଫର୍ମରେ ଖଣି ଲୁଟି ଚାଲିଛନ୍ତି। ଚାଷ ଜମିରେ ମାଟି ଗଦେଇ ଅବରୋଧ ସହ ବହୁ ମୂଲ୍ୟବାନ ଗଛ କାଟି ନେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଆତ୍ମାହୁତି ଦେବୁ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ କହିଛନ୍ତି।

## ଉତ୍ତର ପୁରୁଷର ନାଟ୍ୟ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,(ଶର୍ମିଷ୍ଠା ପାଣିଗ୍ରାହୀ): ଉତ୍ତର ପୁରୁଷ ପକ୍ଷରୁ ୨୧ ଦିନ ଧରି ଚାଲିଥିବା ନାଟ୍ୟ କର୍ମଶାଳା 'ରଙ୍ଗ ଭାରତୀ' ଶେଷ ହୋଇଛି। କର୍ମଶାଳାରେ ଯୋଗଦେଇଥିବା ୧୫ଜଣ ପ୍ରଶିକ୍ଷାର୍ଥୀଙ୍କୁ ନାଟ୍ୟକାର ଚୌଧୁରୀ ଜୟପ୍ରକାଶ ଦାସ ନାଟକ ଶିକ୍ଷା ଦେଉଥିଲେ। ଅତିଥି ଭାବେ ଅଭିନେତା ବିନାୟକ ମିଶ୍ର, ନିର୍ଦ୍ଦେଶକ ପ୍ରଦୀପ ବିଶାଳ, ମୁକୁନ୍ଦ ଶତପଥୀ, ଡ. ଦିଲୀପ ବେହେରା ଓ ଶକ୍ତି ମହାନ୍ତି ଉପସ୍ଥିତ ଥିଲେ। ଉତ୍ତର ପୁରୁଷର ସଭାପତି ଡ. ପ୍ରସନ୍ନ ମିଶ୍ର ଓ ସମ୍ପାଦକ ଦେବଦତ୍ତ ପତି ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିଶ୍ୱ ବରିଷ୍ଠ ନାଗରିକ ଦିବସ

ପୁରୁଣା ଭୁବନେଶ୍ୱର,୨।୧୦(ସୁବାସ ଚନ୍ଦ୍ର ପ୍ରଧାନ) ଶ୍ରୀରାମନଗର, ସାମନ୍ତରାପୁର, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ରୁଚିକା ଚାଇଲ୍ଡଲାଇନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ସ୍ମରଣିକାର ଉନ୍ମୋଚନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସମ୍ପାଦକ ଯୁଗୋଳ କିଶୋର ସାହୁ ମଞ୍ଚର ଏବଂ ଅଞ୍ଚଳର ବିଭିନ୍ନ ସମସ୍ୟା ପ୍ରତି ବାବୁ ସିଂଙ୍କ ଦୃଷ୍ଟିଗୋଚର କରିଥିଲେ। ସମ୍ପାଦକ ହଳଧର ମଲିଆ, ବାର୍ଷିକ ବିବରଣୀ ପାଠ କରିଥିଲେ। ଉପ-ସଭାପତି ସଚ୍ଚିନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ଗଗନବିହାରୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ୫ ଜଣ ୮୦ ବର୍ଷର ଊର୍ଦ୍ଧ୍ୱ ବୟସ୍କ ସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

### ଘରୁ ଟଙ୍କା, ସୁନା ଅଳଙ୍କାର ଚୋରି

ଭୁବନେଶ୍ୱର,୨।୧୦(ସୂର୍ଯ୍ୟକାନ୍ତ ବେହେରା)- ରାଜଧାନୀରେ ଚୋରଙ୍କ ଉତ୍ପାତ ଥମୁନାହିଁ। ଗୋଟିଏ ପରେ ଗୋଟିଏ ଘରୁ ଚୋରି କରି ଫେରାର ହୋଇଯାଉଛନ୍ତି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବ୍ରହ୍ମେଶ୍ୱର ଲେନ୍ ପ୍ରାଚୀ ବିହାର ଅଞ୍ଚଳର ଏକ ଘରୁ ଦିନଦ୍ୱିପ୍ରହରରେ ଚୋରି ହୋଇଛି। କେତେଜଣ ଦୁର୍ବୃତ୍ତ ଘରେ ପଶି ସୁନା ଅଳଙ୍କାର ଓ ଟଙ୍କା ଚୋରି କରି ନେଇଯାଇଛନ୍ତି। ଏନେଇ ଆଶିଷବାଲା ମହାପାତ୍ର ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ତାଙ୍କ ଘରୁ ଦୁଇଟି ସୁନା ଚେନ, ଗୋଟିଏ ମଙ୍ଗଳସୂତ୍ର, ତିନିଟି କାନଫୁଲ ଓ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ସେ ଏତଲାରେ ଦର୍ଶାଇଛନ୍ତି।

# ଭଡ଼ାରେ ଲାଗୁଛି ସୁଲଭ ଆବାସ

ଭୁବନେଶ୍ୱର,୨।୧୦(ସତ୍ୟଜିତ୍ ରାଉତ)

## ଗୁମର ଖୋଲିଲା ମୈତ୍ରୀ ବିହାର ଗଣବଳାତ୍କାର ଘଟଣା



ରାଜ୍ୟ ସରକାରଙ୍କ ପକ୍ଷରୁ ରାଜଧାନୀରେ ବସ୍ତିବାସିନ୍ଦାଙ୍କୁ 'ସୁଲଭ ଆବାସ ପ୍ରକଳ୍ପ' ଜରିଆରେ ଉଚ୍ଚମାନର ଗୃହ ଯୋଗାଇ ଦିଆଯାଉଛି। ବସ୍ତିବାସିନ୍ଦାଙ୍କ ଜୀବନଧାରଣ ସ୍ଥିତିରେ ଉନ୍ନତି ଆଣିବାକୁ ଏଭଳି ପଦକ୍ଷେପ ନିଆଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସହରର ବିଭିନ୍ନ ସ୍ଥାନରେ ଏହି ପ୍ରକଳ୍ପ କରି ପ୍ରକୃତ ହିତାଧିକାରୀଙ୍କୁ ଘର ଆବଣ୍ଟନ କରୁଛି। ବହୁମୂଲ୍ୟର ଘରକୁ ମାତ୍ର ୧.୫୦ଲକ୍ଷ ଟଙ୍କାରେ ଦିଆଯାଉଥିବାବେଳେ ଏହାକୁ ଭଡ଼ା କିମ୍ବା ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ। ହେଲେ ବହୁ ହିତାଧିକାରୀ ନିଜ ନ ରହି ଉଚ୍ଚ ମୂଲ୍ୟରେ ଭଡାରେ ଲଗାଇ ଟଙ୍କା ରୋଜଗାର କରୁଥିବା ଅଭିଯୋଗ ହେଉଛି। ମୈତ୍ରୀବିହାର ଥାନାଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାର ମାମଲାର ତଦନ୍ତ ସମୟରେ ଏଭଳି ଘଟଣା ପଦାକୁ ଆସିଛି। ସୁଲଭ ଆବାସ ପ୍ରକଳ୍ପ ଅଧୀନରେ ନିର୍ମିତ ଆପାର୍ଟମେଣ୍ଟରେ ଏହି ଲୋମଟାଙ୍କୁରା ଘଟଣା ଘଟିଥିବାବେଳେ ପୀଡିତା ରହୁଥିବା ଉକ୍ତ ଘରକୁ ସେ ଜଣେ ହିତାଧିକାରୀଙ୍କଠାରୁ ଭଡ଼ାରେ ନେଇଥିବା ଜଣାପଡିଛି। ଏଥିସହ ପ୍ରକଳ୍ପ ଗୃହ ଆବଣ୍ଟନକୁ ନେଇ ପ୍ରଶ୍ନ ଉଠିଥିବାବେଳେ ଏଥିରେ ହୋଇଥିବା ଅନିୟମିତା ଓ ଦୁରୁପଯୋଗର ବହୁ ଗୁମର ପଦାକୁ ଆସିଛି। ଏପରିକି ଏଭଳି ବହୁ ହିତାଧିକାରୀ ତାଙ୍କ ଘରକୁ ଉଚ୍ଚ ଦରରେ ଭଡାରେ ଲଗାଇଥିବା ମଧ୍ୟ ଜଣେ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି। ତେବେ ବିଡିଏ ପକ୍ଷରୁ ଏହି ଗୃହ ଆବଣ୍ଟନ କରାଯାଉଥିବା ବେଳେ ଏହାକୁ ଠିକ୍ ଭାବରେ ତଦାରଖ କରାଯାଉ ନ ଥିବାରୁ ଏଥିରେ ଦୁର୍ନୀତି ହୋଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଲୁଟ୍, ଡକାୟତି, ଚୋରି, ବଳାତ୍କାର, ଗୋଷ୍ଠୀ ସଂଘର୍ଷ ଆଦି ଆପରାଧ ଘଟଣାର ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ପୋଲିସ ପାଇଁ ବଳିଷ୍ଠ ପ୍ରମାଣ ହୋଇଥାଏ। ଏହି ପ୍ରକଳ୍ପ ଅଧୀନରେ ହୋଇଥିବା ବହୁମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ସିସିଟିଭି ନ ଥିବାରୁ ସୁରକ୍ଷା ଦିଗକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏ ସଂକ୍ରାନ୍ତରେ ବିଡିଏ ଉପାଧ୍ୟକ୍ଷ ଏନ୍. ଥିରୁମାଲା ନାଏକଙ୍କ କହିବା କଥା, ଏହି ଘରକୁ ଭଡା ଦେବା ବେଆଇନ। ଏନେଇ ଆମ ପକ୍ଷରୁ ତଦାରଖ କରାଯିବ। ଚିହ୍ନଟ ପରେ ଭଡ଼ା ଦେଉଥିବା ହିତାଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ପ୍ରକଳ୍ପଗୁଡ଼ିକରେ ସିସିଟିଭି ଲଗାଯିବା ବ୍ୟବସ୍ଥା ସଂକ୍ରାନ୍ତରେ ଅନୁଧ୍ୟାନ କରାଯିବ ବୋଲି ଉପାଧ୍ୟକ୍ଷ କହିଛନ୍ତି।



ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଗାନ୍ଧୀ ପିସ୍ ସେଣ୍ଟରଠାରେ ବୁଧବାର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର ଚିତ୍ରାଙ୍କନରେ ପ୍ରଥମ ହୋଇଥିବା ପ୍ରିୟାଂଶୀ ମହାପାତ୍ରଙ୍କୁ ରାଜ୍ୟପାଳ ରଘୁବର ଦାସ ପୁରସ୍କୃତ କରୁଛନ୍ତି। ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

## ଗ୍ରନ୍ଥାଗାରିକ ପଦବୀ ପୂରଣ ଦାବି

ଭୁବନେଶ୍ୱର,୨।୧୦(ଅନୁରାଧା ମହାରଣା)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ମହାବିଦ୍ୟାଳୟଗୁଡ଼ିକରେ ବହୁସଂଖ୍ୟକ ଗ୍ରନ୍ଥାଗାରିକ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଏହି ପଦବୀଗୁଡ଼ିକ ପୂରଣ ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ସୋମବାର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ତାଲିମପ୍ରାପ୍ତ ତଥା ଖାଲିଥିବା ଗ୍ରନ୍ଥାଗାରିକ ପଦବୀ ଆଶାୟୀ ପ୍ରାର୍ଥୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଆଶାୟୀଙ୍କ କହିବାନୁସାରେ, ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ତଥା ସର୍ବସାଧାରଣ ପାଠାଗାରକୁ ସୁଦୃଢ଼ ଓ ଆଧୁନିକୀକରଣ କରାଯିବା ସହିତ ସେଗୁଡ଼ିକର ସୁପରିଚାଳନା ନିମନ୍ତେ ତାଲିମପ୍ରାପ୍ତ ଗ୍ରନ୍ଥାଗାରିକମାନଙ୍କୁ ନିଯୁକ୍ତି କରାଯିବାର ନିୟମ ରହିଛି । ୨୦୨୩ ଏପ୍ରିଲ ୧୩ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ପତ୍ରସଂଖ୍ୟା ଅନୁସାରେ ୨୦୨୨ ଡିସେମ୍ବର ୩୧ ସୁଦ୍ଧା ୪୮ ବର୍ଗ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ୪୭୫ଟି ଅନୁମୋଦିତ ବିଭିନ୍ନ ବର୍ଗର ଗ୍ରନ୍ଥାଗାରିକ ପଦୀରୁ ୩୫୬ଟି ପଦ ଖାଲିପଡ଼ିଛି। ଏଥିରେ ସ୍ନାତକ ଗ୍ରନ୍ଥାଗାରିକ ୯୪, ସହକାରୀ ଗ୍ରନ୍ଥାଗାରିକ ୧୬୨ ଏବଂ କନିଷ୍ଠ ଗ୍ରନ୍ଥାଗାରିକ ୧୦୧ଟିପଦ ଅନ୍ତର୍ଭୁକ୍ତ। ୨୦୧୪ ଜୁନ ୧୧ରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତାଙ୍କର ପ୍ରସ୍ତାବ ୨୦୧୫ ଜୁନ ୨୧ରୁ ପଠାଇସାରିଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଆଶାୟୀମାନେ କହିଛନ୍ତି। ସେହିପରି ୬୬୨ ବର୍ଗ ମହାବିଦ୍ୟାଳୟଗୁଡ଼ିକରେ ଗ୍ରନ୍ଥାଗାରିକ ପଦବୀ ପୂରଣ ପାଇଁ ସରକାରଙ୍କ ତରଫରୁ କିଛି ନିଯୁକ୍ତି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଏହି ମହାବିଦ୍ୟାଳୟଗୁଡ଼ିକରେ ଖାଲିପଡୁଥିବା ପଦବୀଗୁଡ଼ିକ ପୂରଣ ହୋଇପାରୁନାହିଁ। ଏ ଦିଗରେ ଯଥାଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଆଶାୟୀ ଆଶାୟୀ ସୁନୀଲ କୁମାର ମିଶ୍ର, ସାଗର ଶତପଥୀ, ଦୀପକ କୁମାର ସାହୁ, ବେଦରତା ଦାସ ପ୍ରମୁଖ ଦାବି କରିଛନ୍ତି।





ବୋଉ ଫାଉଣ୍ଡେଶନ ସହଯୋଗରେ ବୃନ୍ଦାବନ ନାଟ୍ୟ ସଂସଦର କଳାକାରଙ୍କ ପକ୍ଷରୁ ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ସ୍ୱର୍ଗ ୦ କି.ମି.'ର ଏକ ଦୃଶ୍ୟ।

## ଆଞ୍ଚଳିକ ପ୍ରେସ୍ କ୍ଲବ, ବାରଙ୍ଗରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ତ୍ରିଶୂଳିଆ,୨।୧୦(ତୁଷାରକାନ୍ତ ବେହେରା) ଆଞ୍ଚଳିକ ପ୍ରେସ୍ କ୍ଲବ, ବାରଙ୍ଗ ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ କ୍ଲବ ସଭାପତି ମହେନ୍ଦ୍ର ବେଉରା, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଭଞ୍ଜ, ସମ୍ପାଦକ ରୁଦ୍ର ନାରାୟଣ ଷଡ଼ଙ୍ଗୀ, ସହସମ୍ପାଦକ ମନୋଜ ସ୍ୱାଇଁ, ଉପସଭାପତି ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ପ୍ରବୀଣ ପ୍ରଧାନ, ଉପଦେଷ୍ଟା ଗୌରାଙ୍ଗ ଚରଣ ରାଉତ, ସନ୍ତୋଷ ପାଣି, ବିକାଶ ବେହେରା, ସନ୍ତୋଷ ମଲିକ, ତୁଷାରକାନ୍ତ ବେହେରା, ଦୁଷ୍ମନ୍ତ କୁମାର ଜେନାଙ୍କ ସମେତ କାର୍ଯ୍ୟରତ ଖବରଦାତାମାନେ ଯୋଗଦେଇଥିଲେ। ସ୍ୱର୍ଗତ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।

## ରୂପ୍ ତେରା ମସ୍ତାନା..ପ୍ୟାର୍ ମେରା ଦିୱାନା...

ଭୁବନେଶ୍ୱର,୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ଡିଲାଇଟ୍ ଏଣ୍ଟରଟେନମେଣ୍ଟ ଓ ଅରୁଣ ମଥାନ୍ ପକ୍ଷରୁ ସୂଚନା ଭବନଠାରେ ରୂପ ତେରା ମସ୍ତାନା..ପ୍ୟାର ମେରା ଦିୱାନା.. ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଶ୍ରୋତାମାନେ ରାଜେଶ ଖାନ୍ନାଙ୍କ ହିଟ୍ ସଙ୍ଗୀତ ଶୁଣିବାକୁ ପାଇଥିଲେ। ସାଗରିକା, ଅନିନ୍ଦିତା, ଚିତ୍ତରଞ୍ଜନ, ମନୋଜ, ନିର୍ମଳା, ସୀମା, ଝରଣା, ସଙ୍ଗୀତା, ଗିରିଜା ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି ଭାବେ ଡ. କମଳ ମଲାକର, ଡ. ଏସ୍. ମଲାକର, ସୁମେନ ମିତ୍ର ପ୍ରମୁଖ ଯୋଗଦେଇଥିଲେ। କମଲ କିରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିସେମ୍ବରରେ ଲବଣଗିରି ପାହାଡ଼ରେ ୩ ମନ୍ଦିର ଉଦ୍‌ଘାଟନ

ଭୁବନେଶ୍ୱର,୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱରର ସୁନ୍ଦରପଦା-ଜଟଣୀ ରାସ୍ତାର ଜାମୁକୋଳି ଓ ପାଞ୍ଚ ଗାଁ ନିକଟ ଐତିହାସିକ ଲବଣଗିରି ପାହାଡ଼ ଶୀର୍ଷରେ ଶ୍ରୀ ଜଗନ୍ନାଥ ମନ୍ଦିର, ଶ୍ରୀ ଶିବ ମନ୍ଦିର, ଶ୍ରୀ ହନୁମାନ ମନ୍ଦିର ସହ ଉଦ୍ୟାନ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଡିସେମ୍ବର ୧୨ ତାରିଖ ଗୁରୁବାର ଅପରାହ୍ନ ୩ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଲବଣଗିରି ଟ୍ରଷ୍ଟର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ଭେଟି ନିମନ୍ତ୍ରଣ ଦେଇଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଗଜପତି ଦିବ୍ୟସିଂହଦେବ, ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କଂଗ୍ରେସ ନେତା ଅଜୟ କୁମାର ଓ ଲବଣଗିରି ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ ଯୋଗଦେବେ ବୋଲି ସ୍ଥିରୀକୃତ ହୋଇଛି। ଏହି ଅବସରରେ ୨ଦିନ ଧରି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିରେ କେଦାରନାଥ, ବଦ୍ରୀନାଥ, ସୋମନାଥ ଓ ତିରୁପତିରୁ ବିଦ୍ୱାନ ପଣ୍ଡିତ ଓ ସାଧୁସନ୍ଥ ବୋଲି ଟ୍ରଷ୍ଟ ଆବାହକ ସୁରେଶ କୁମାର ରାଉତରାୟ ସୂଚନା ପ୍ରଦାନ କରିଛନ୍ତି।





ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ବୁଧବାର ବିଜେଇଏମ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଉତ୍ସବରେ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀଙ୍କୁ ସମ୍ମାନିତ କରାଯାଉଛି।

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ହଟୁନି ଅବରୋଧ

ଭୁବନେଶ୍ୱର,୨।୧୦(ବନ୍ଦନା ସେଠୀ)

## ଆତ୍ମଦାହ ଦେବାକୁ ବିଡିଏ କଲୋନି ବାସିନ୍ଦାଙ୍କ ଚେତାବନୀ

'ଦୀର୍ଘବର୍ଷ ହେବ ରାସ୍ତା ପାଇଁ ହଇରାଣ ହେଉଛୁ। ୧୫ ମିନିଟ୍‌ର ବାଟ ପାଇଁ ଘଣ୍ଟାଏ ବୁଲିକି ଯିବାକୁ ପଡୁଛି। ପୁଣି ରାସ୍ତା ଜାମ୍ ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟି ଅମୂଲ୍ୟ ଜୀବନ ଯାଉଛି। ଏନେଇ ବାରମ୍ବାର ଦାବି ଜଣାଇଲେ ବି କିଛି ସୁଫଳ ମିଳୁନାହିଁ। ସାଧାରଣ ଲୋକଙ୍କ ଯାତାୟାତ ପଥକୁ ଏକ ଘରୋଇ ହସ୍ପିଟାଲର କର୍ତ୍ତୃପକ୍ଷ ବେଆଇନ୍ ଭାବେ ଅବରୋଧ କରି ରଖିଛନ୍ତି। ଏପରିକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଅବରୋଧମୁକ୍ତ କରୁନାହାନ୍ତି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ତୁରନ୍ତ ରାସ୍ତା ଅବରୋଧ ନ ହଟାଇଲେ ଆମେ ଆତ୍ମାହୁତି ଦେବୁ ବୋଲି ୱାର୍ଡ ନଂ. ୧୩ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ବିଡିଏ କଲୋନୀ ବାସିନ୍ଦା କହିଛନ୍ତି। ଏ ନେଇ ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସ କହିଛନ୍ତି, ୨୦୧୪ରୁ ସାଧାରଣ ଜନତାଙ୍କ ଯାତାୟାତ ପଥକୁ ତଥାକଥିତ ସରକାରୀ ଚୁକ୍ତିନାମା ଆଳରେ ବେଆଇନ ଭାବେ ଏକ ଘରୋଇ ହସ୍ପିଟାଲ ଅବରୋଧ କରି ରଖିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଜନସାଧାରଣଙ୍କ ଗମନା ଗମନ ପାଇଁ ଅବରୋଧମୁକ୍ତ କରାଯାଉ ନାହିଁ। ଇତିମଧ୍ୟରେ ସମ୍ପୃକ୍ତ ହସ୍ପିଟାଲ କର୍ତ୍ତପକ୍ଷ ଦେବାଳିଆ ହୋଇ ଆଉ ଏକ ସଂସ୍ଥାକୁ ସେହି ହସ୍ପିଟାଲ ହସ୍ତାନ୍ତର କରିଦେଇଛନ୍ତି। ମାତ୍ର ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ କ'ଣ ପାଇଁ ଉକ୍ତ ସଂସ୍ଥାକୁ ଏତେ ଅନୁକମ୍ପା ଦେଖାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ରାସ୍ତା ଅବରୋଧ ଯୋଗୁ ବିଡିଏ କଲୋନୀ ବାସିନ୍ଦା ନାଲକୋ ଛକ ଟ୍ରାଫିକ ଦେଇ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ସୁଯୋଗ ପାଉନାହାନ୍ତି। ଏପରିକି ରାଜସ୍ୱ ବିଭାଗ ନକ୍ସାରେ ଏହାକୁ ରାସ୍ତା ଭାବେ ଦର୍ଶାଇଥିଲେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ପାଚେରୀ ଦ୍ୱାରା ଆବଦ୍ଧ କରି ଲୋକଙ୍କୁ ନାଲିଆଖି ଦେଖାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସାଧାରଣ ପ୍ରଶାସନ ବିଭାଗ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି। ସମ୍ମିଳନୀରେ ସ୍ଥାନୀୟ ୱାର୍ଡର କର୍ପୋରେଟର, ସାମାଜିକକର୍ମୀ ଅଶୋକ ବେହେରା, ବରିଷ୍ଠ କର୍ମଚାରୀ ନେତା ପ୍ରଭାତ ମହାନ୍ତି, ମୃତ୍ୟୁଞ୍ଜୟ ଦାସ, ଆଇନଜୀବୀ ସଞ୍ଜୟ ପଣ୍ଡା ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଏ କଲୋନି ବାସିନ୍ଦାମାନେ ପ୍ଲାକାର୍ଡ ଧରି ଦାବି ରଖିବା ସହ ଚେତାବନୀ ଦେଉଛନ୍ତି।

## ବଡ଼ଗଡ଼ ନେତାଜୀ ଯୁବକ ସଂଘ

# ସୁନା, ଚାନ୍ଦି ଅଳଙ୍କାରରେ ଝଲସିବେ ହରପାର୍ବତୀ



ଭୁବନେଶ୍ୱର, ୨।୧୦ (ବନ୍ଦନା ସେଠୀ)



### ବିରାଜିବେ ମା'

ଆଉ ଦିନ କେଇଟା ପରେ ଧରାପୃଷ୍ଠରେ ବିରାଜିବେ ଦେବୀ ଦଶଭୂଜା। ଏଥିପାଇଁ ଗାଁଠୁ ସହର ସବୁଆଡ଼େ ଉତ୍ସବମୁଖର ହୋଇ ଉଠିଲାଣି ପରିବେଶ। ରାଜଧାନୀର ଏକାଧିକ ପୂଜା ମଣ୍ଡପରେ ଭଳିକି ଭଳି ସୁଉଚ୍ଚ ତୋରଣ ନିର୍ମାଣ ଚାଲିଛି। ଏହା ସାଙ୍ଗକୁ ସମସ୍ତ ପୂଜା ମଣ୍ଡପରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣରେ କାରିଗର ନିମଗ୍ନ ଥିବାବେଳେ, ବଡ଼ଗଡ଼ ନେତାଜୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ହେଉଥିବା ପୂଜାରେ ନିଆରା କିଛି ଦେଖିବାକୁ ମିଳିବ। ସଂଘ ପକ୍ଷରୁ ପ୍ରତିବର୍ଷ ଦଶହରାରେ ମହାଦେବ ଓ ଦେବୀ ପାର୍ବତୀଙ୍କୁ ଆବାହନ କରାଯାଏ। ଚଳିତବର୍ଷ ସାର୍ବଜନୀନ ୪୮ତମ ହରପାର୍ବତୀ ପୂଜା ଅନୁଷ୍ଠିତ ହେବ। ଏଥର ପୂଜା ପାଇଁ ୧୬ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ପୂଜା ପାଇଁ ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ମଣ୍ଡପରେ ହରପାର୍ବତୀଙ୍କ ସହ କାର୍ତ୍ତିକ, ଗଣେଶ ଓ ପାର୍ଶ୍ୱ ଦେବଦେବୀ ମଧ୍ୟ ପୂଜା ପାଇବେ। ମୂର୍ତ୍ତିର ଉଚ୍ଚତା ୧୨ ଫୁଟ ରହିବ। କୋଲକାତା ମେଦିନିପୁର ଅଞ୍ଚଳର କାରିଗର ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି। ସମସ୍ତ ଦେବଦେବୀ ସୁନା ଓ ଚାନ୍ଦିର ତାରକସି କାମରେ ପ୍ରସ୍ତୁତ ଅଳଙ୍କାର ପିନ୍ଧିବେ। ଷଷ୍ଠୀରେ ଦେବତାଙ୍କ ବିଲ୍ୱାଧିବାସ ଓ ବୋଧନ ଦେବୀଙ୍କ ଆମନ୍ତ୍ରଣ ପରେ ସପ୍ତମୀରେ ନବପତ୍ରିକା ପ୍ରବେଶ, ମହାସପ୍ତମୀ ପୂଜା, ଅଷ୍ଟମୀରେ ସନ୍ଧିପୂଜା, ନବମୀରେ ଚଣ୍ଡୀପାଠ ଏବଂ ଦଶମୀରେ ଦଶମୀ ବିହିତ ପୂଜା ଅନୁଷ୍ଠିତ ହେବ। ସୁରକ୍ଷା ଦୃଷ୍ଟିରୁ ମଣ୍ଡପ ଓ ଆଖପାଖରେ ୮ଟି ସିସିଟିଭି କ୍ୟାମେରା ସହ ୭୦ଜଣ ସଦସ୍ୟ ଓ ସୁରକ୍ଷାକର୍ମୀ ନିୟୋଜିତ ହେବେ। ପୂଜାକୁ ଆଖିଝଲସିଆ କରିବାକୁ ଏଥର କୋଲକାତାରୁ ଆକର୍ଷଣୀୟ ଲାଇଟ ଆସିଛି। ଏଥିସହ ମୁଖ୍ୟ ଆକର୍ଷଣ ସାଜିବ ୬୫ ଫୁଟିଆ ୬ଟି ଲାଇଟ ଗେଟ ଓ ୭୦ଟି ଲାଇଟ୍ ବୋର୍ଡ। ବଡ଼ଗଡ଼ ବ୍ରିଟ କଲୋନୀର ମୁଖ୍ୟରାସ୍ତା ଅତ୍ୟାଧୁନିକ ଆଲୋକରେ ଝଲସିବ। ଅଷ୍ଟମୀରେ ଦହି, ପଖାଳ ବଣ୍ଟନ କରାଯିବ। ପାରମ୍ପରିକ ବାଦ୍ୟରେ ଠାକୁରଙ୍କୁ ବିଦାୟ ଦିଆଯିବ। ସେହିପରି ନେତାଜୀ ଖେଳପଡ଼ିଆରେ ମୀନାବଜାର ସାଙ୍ଗକୁ ବଡ଼ଗଡ଼ ବ୍ରିଟ୍ ଚାରିଛକରେ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।

### ଆକର୍ଷଣ ସାଜିବ ଭସାଣ ଉତ୍ସବ



ଏଥର ପୂଜାର ମୁଖ୍ୟ ଆକର୍ଷଣ ସାଜିବ ଭସାଣ ଉତ୍ସବ। ଏଥିରେ ବିଭିନ୍ନ ଜିଲ୍ଲାରୁ ୮୦୦ ନୃତ୍ୟ ଓ ବାଦ୍ୟ କଳାକାର ସାମିଲ ହେବେ। ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, କଳାହାଣ୍ଡି, ତାଳଚେରର ପାରମ୍ପରିକ ନୃତ୍ୟ ସାଙ୍ଗକୁ ବ୍ରହ୍ମପୁରର ବାଦ୍ୟଯନ୍ତ୍ର, ବୌଦ୍ଧର ମୟୂର ନାଚ ଏବଂ ଶ୍ରୀକାକୁଲମର ବ୍ୟାଣ୍ଡପାର୍ଟି ଭସାଣରେ ଯୋଗଦେବେ। ଠାକୁରଙ୍କ ମେଢ ନେତାଜୀ କ୍ଲବ୍‌ରୁ ବାହାରି ବଡ଼ଗଡ଼ ଗ୍ରାମ ବୁଲି ପୁଣି କ୍ଲବ୍‌ରେ ପହଞ୍ଚିବ। ଏହାପରେ ବାଦ୍ୟ ଓ ନୃତ୍ୟରେ ଭସାଣ କରାଯିବ। ଏଥିରେ ବଡ଼ଗଡ଼ ଗ୍ରାମ ଓ ବ୍ରିଟ୍ କଲୋନୀର ଯୁବ, ଛାତ୍ର, ବରିଷ୍ଠ ନାଗରିକମାନଙ୍କୁ ସାମିଲ କରାଯିବ।

- ସନ୍ତୋଷ କୁମାର ସିଂହ, ସଭାପତି

### ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ



ଶାନ୍ତିଶୃଙ୍ଖଳାର ସହ ପୂଜା ସହ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଲୋକଙ୍କ ମନୋରଞ୍ଜନ ପାଇଁ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ବହୁ ଲୋକପ୍ରିୟ କଳାକାର ଯୋଗଦେବେ। ଏଥିସହ ମୀନାବଜାରର ବ୍ୟବସ୍ଥା କରାଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ।

- ବୃନ୍ଦାବନ ଦାସ, ସମ୍ପାଦକ

### ପୂଜାରେ ଡିଜେ, ମଦ ଓ ପ୍ଲାଷ୍ଟିକକୁ ନା'



ଚଳିତବର୍ଷ ପୂଜାରେ ଡିଜେ, ମଦ ଓ ପ୍ଲାଷ୍ଟିକ୍‌କୁ ସଂଘ ପକ୍ଷରୁ ବାରଣ କରାଯାଇଛି। ଡିଜେ ଉପରେ କମିଶନରେଟ ପୋଲିସ ଜାରି କରିଥିବା କଟକଣାକୁ ନେତାଜୀ ଯୁବକ ସଂଘ ସମର୍ଥନ କରୁଛି। ଏଥିସହ ମଣ୍ଡପରେ ନିଶା ନିବାରଣ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂଜାରେ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରକୁ ବ୍ୟାନ କରାଯାଇଛି।

-ଦୀପକ ବେହେରା, କୋଷାଧ୍ୟକ୍ଷ

# ଗାନ୍ଧୀ, ଶାସ୍ତ୍ରୀଙ୍କ ବିଚାରଧାରାକୁ ବିଶ୍ୱ ଅନୁକରଣ କରୁଛି

## ମହାପୁରୁଷଙ୍କ ବେଶରେ ସଜେଇ ହେଲେ ପିଲା, କୃତୀ ପ୍ରତିଯୋଗୀ ପୁରସ୍କୃତ

ଖୋର୍ଦ୍ଧା,୨।୧୦(ପ୍ରଭାତ ପାଣିଗ୍ରାହୀ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ବୁଧବାର ବିଜେବି ହାଇସ୍କୁଲ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ଯୋଗ ଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

ଜିଲାପାଳ କହିଲେ ଯେ, ଗାନ୍ଧୀ ଛାତ୍ର ଜୀବନରେ କରିଥିବା ଏକ ଭୁଲ ପାଇଁ ବାପାଙ୍କୁ ଚିଠି ଲେଖି କ୍ଷମା ପ୍ରାର୍ଥନା କରିଥିଲେ। ସେ ସତ୍ୟନିଷ୍ଠ ଥିଲେ। ଗାନ୍ଧୀଙ୍କ ବିଚାରଧାରା, ଅହିଂସା ନୀତିକୁ ଆଜି ସାରା ବିଶ୍ୱ ଅନୁକରଣ କରୁଛି। ସେହିଭଳି ଶାସ୍ତ୍ରିଜୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଖାଦ୍ୟ ସମସ୍ୟା ଦୂର ପାଇଁ ସବୁଜ ବିପ୍ଳବ, ଜୟ ଯବାନ ଜୟ କିଷାନ ସ୍ଲୋଗାନ ଦେଇ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ମହାପୁରୁଷମାନଙ୍କ ଜୀବନାଦର୍ଶ ଆଗକୁ ବଢିବାକୁ ପ୍ରେରଣା ଦିଏ। ମହାପୁରୁଷଙ୍କ ପୁସ୍ତକ ଅଧ୍ୟୟନ କରିବା ପାଇଁ ପିଲାମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୀବନୀ ଉପରେ କିଛି ପ୍ରଶ୍ନ ପଚାରି ପିଲାମାନଙ୍କୁ ପୁରସ୍କୃତ କରିଥିଲେ।

ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ଗାନ୍ଧୀ ଓ ଶାସ୍ତ୍ରୀଙ୍କ ନୀତି ଆଦର୍ଶ ଆଜି ବି ଉଜ୍ଜୀବିତ ରହିଛି। ବିନା ଅସ୍ତ୍ର ଓ ରକ୍ତପାତରେ ନିଜ ଅଧିକାର ହାସଲ କରିବାର ବାଟ ଗାନ୍ଧୀଜୀ ବତାଇଥିଲେ। ତାଙ୍କ ସତ୍ୟ ଓ ଅହିଂସା ଆଗରେ ପ୍ରତିପକ୍ଷ ଗର୍ବ ଓ ଦମ୍ଭ ହାର୍ ମାନିଥିଲା। ତାଙ୍କ ମୃତ୍ୟୁରେ ମିଳିତ ଜାତିସଂଘ ଶୋକ ପ୍ରକାଶ କରି କହିଥିଲା 'ଗାନ୍ଧୀ ହେଉଛନ୍ତି ଆଧୁନିକ ବିଶ୍ୱଶାନ୍ତିର ଦାର୍ଶନିକ। ସେହିପରି ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ପାକିସ୍ତାନ ସହ ଯୁଦ୍ଧ ଲଢ଼ି ଭାରତ ପରାକ୍ରମ ଦେଖାଇପାରିଥିଲା ବୋଲି ବେଉରା ପ୍ରକାଶ କରିଥିଲେ। ଏ ନେଇ ଆୟୋଜିତ ଆଲୋଚନାଚକ୍ରରେ ପ୍ରଫେସର ଡ. ନାରାୟଣ ରାଓ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସତ୍ୟବାଦୀ ବଳିଆରସିଂହ, ଅଧ୍ୟାପକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅହିଂସା ଓ ସତ୍ୟ ପଥରେ ଚାଲିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସର୍ବଧର୍ମ ପ୍ରାର୍ଥନା ସଭାରେ ଅଧ୍ୟାପକ ସୁଶାନ୍ତ ମିଶ୍ର ଭଗବଦ୍ ଗୀତା, ବେଦ ପାଠ କରିଥିଲେ। ମାନୁଏଲ କରାଡୋ ବାଇବେଲ ଓ ମୌଲବୀ ଫତିବୁଦ୍ଦିନ ଖାଁ କୋରାନ ପାଠ କରିଥିଲେ। ଓଡ଼ିଆ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାତଃ ସାଢେ ୪ଟାରେ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ପ୍ରଚାର କରାଯାଇଥିଲା। ସକାଳ ୮ଟାରେ ମହାତ୍ମା ଗାନ୍ଧୀଙ୍କ ବାଣୀ ପ୍ରଚାର ପ୍ରସାର ନେଇ ଏକ ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଡାକବଙ୍ଗଳା ନିକଟସ୍ଥ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲା। ସେଠାରେ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପଦଯାତ୍ରାରେ ପିଲାମାନେ ଫ୍ୟାନ୍ସି ଡ୍ରେସରେ ଗାନ୍ଧୀ, ଶାସ୍ତ୍ରୀ, ସୁଭାସ, ଝାନ୍ସୀ ରାଣୀ, ଭଗତ ସିଂହ ବେଶରେ ସାମିଲ ହୋଇଥିଲେ। ଛାତ୍ରୀଛାତ୍ର, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନ୍‌ସିସି କ୍ୟାଡେଟ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବ୍ୟବସାୟୀ ସଂଘ କର୍ମକର୍ତ୍ତାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।



ଜିଲାସ୍ତରୀୟ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।




ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉତ୍ସବରେ ଅତିଥିଙ୍କ ଗହଣରେ ବିଭିନ୍ନ ମହାପୁରୁଷଙ୍କ ବେଶରେ ସଜ୍ଜିତ ପିଲାମାନେ।

# ସିଦ୍ଧିଦାତ୍ରୀ ବେଶରେ ମା' ବନଦୁର୍ଗା

ନିରାକାରପୁର,୨।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ଶାରଦୀୟ ଦୁର୍ଗାପୂଜାର ନବମ ଦିବସରେ ସିଦ୍ଧିଦାତ୍ରୀ ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କ ମଙ୍ଗଳଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା ପରେ ମା'ଙ୍କ ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ, ଚଣ୍ଡୀ ପାଠ, ସନ୍ଧ୍ୟାରେ ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପଣ୍ଡିତ ତପନ ମହାପାତ୍ର, ବିଷ୍ଣୁପ୍ରିୟା ପାଟ୍ଟଯୋଷୀ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ଦାସ, ଅପର୍ଣ୍ଣା ଦାସ, ବିଜୟ ସାହାଣୀ, ସସ୍ମିତା ସାହାଣୀ, ଉମାକାନ୍ତ ସାହୁଙ୍କ ସପରିବାର ଅଂଶଗ୍ରହଣ କରିଥିଲେ। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଦିବ୍ୟ ବେଶକୁ ଦର୍ଶନ କରିଥିଲେ।

# ଓଡ଼ିଶାର ଲୋକକଳା ବିଶ୍ୱ ଦରବାରରେ ବିଦିତ



'ଲୋକକଳା ଆମ ଗର୍ବ ଓ ଗୌରବ' ସମ୍ପର୍କିତ ଆଲୋଚନାଚକ୍ରରେ କୃତୀ ପ୍ରତିଯୋଗୀ।

ବେଗୁନିଆ,୨।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତ ଅଧୀନ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଲୋକକଳା ଆମ ଗର୍ବ ଓ ଗୌରବ' ସମ୍ପର୍କିତ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଜଗଦ୍ଦେବ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରରେ ଶିକ୍ଷାବିତ୍ ତଥା ସୁସାହିତ୍ୟିକ ରଙ୍କନିଧି ବଳିୟାରସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସିଆର୍‌ସିସି ବିଶ୍ୱରଞ୍ଜନ ବେହେରା ବକ୍ତା ଏବଂ ପରିଚାଳନା କମିଟି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବଳିୟାରସିଂ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ ମହାରଣା, ଶିକ୍ଷକ କିଶୋର ପ୍ରଧାନ ଏବଂ ଶିକ୍ଷକ ଅଖିଳେଶ ମହାପାତ୍ର ଉପସ୍ଥିତ ଥିଲେ। ଓଡ଼ିଶାର ସଂସ୍କୃତି, ପରମ୍ପରା ଏବଂ ପୁରାତନ ଐତିହ୍ୟ ବିଶ୍ୱ ଦରବାରରେ ବିଦିତ। ଏବେ ମଧ୍ୟ ଓଡ଼ିଶାର ଲୋକକଳା ଭାବେ ପରିଚିତ ପାଲା, ଦାସକାଠିଆ, ଭଜନ, ସଂକୀର୍ତ୍ତନ, ଧୁଡୁକି, ଆଦିବାସୀଙ୍କ ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟ ଆନ୍ତର୍ଜାତୀୟସ୍ତରରେ ସତନ୍ତ୍ରତା ବଜାୟ ରଖିଛି। ଯାହାକୁ ନେଇ ଆମେ ଗର୍ବିତ ଏବଂ ଓଡ଼ିଆଙ୍କ ପାଇଁ ଗୌରବ ବୋଲି ଅତିଥି ବଳିୟାରସିଂ ଉଦ୍‌ବୋଧନ ଦେଇଥିଲେ। ଅନ୍ୟପକ୍ଷରେ ସୁରଭି କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପଙ୍ଗାରସିଂହ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ବକ୍ତୃତା ଦେବାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସୁମନ ସୁରଜିତ, ସୃଜନଶୀଳ ଲିଖନରେ ଇଶିତା ବେହେରା, ସଙ୍ଗୀତରେ ରୁଦ୍ରନାରାୟଣ ମହାପାତ୍ରଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଭାକର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଓମ୍ ଶ୍ରୀ ଗ୍ରୁପ୍ ପକ୍ଷରୁ ରକ୍ତଦାନ ଶିବିର, ୩୧ ୟୁନିଟ୍ ରକ୍ତ ସଂଗ୍ରହ

ନିରାକାରପୁର,୨।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ବାସନ୍ତୀ ପଡିଆ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଓମ୍ ଶ୍ରୀ ଗ୍ରୁପ ପକ୍ଷରୁ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କ ସହଯୋଗରେ ୩୧ ଜଣ ଉତ୍ସାହୀ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ଓମ୍ ଶ୍ରୀ ଯୁବକ ସଂଘ ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର, ଉପଦେଷ୍ଟା ବିଶ୍ୱଭୂଷଣ ଛୋଟରାୟ ପ୍ରମୁଖ ନିଜେ ରକ୍ତ ଦେବା ସହିତ ସହଯୋଗ କରିଥିଲେ। ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କ ଅଧିକାରୀ ସୌରଭ ରାୟ, ଝୁନୁଲତା ସାହୁ, ଝାନ୍‌ସୀରାଣୀ ପାତ୍ର ଓ ହିମାଂଶୁ ଭୂଷଣ ଚମ୍ପତିରାୟ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଟାଙ୍ଗୀ-ଖୋର୍ଦ୍ଧା,୨।୧୦ (ରଘୁନାଥ ସାହୁ)

ଚାନ୍ଦପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୋପବନ୍ଧୁ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ସରପଞ୍ଚ ରଞ୍ଜିତା ସେନାପତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାନାମ୍ବର ହୋତା, ବିରଞ୍ଚି ନାରାୟଣ ସାହୁ, ବିରଞ୍ଚି ତ୍ରିପାଠୀ, ଦୀପକ ସେନାପତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ପ୍ରଶାନ୍ତ ପ୍ରଧାନ ସଂଯୋଜନା କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଇକୋ ଟୁରିଜମ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଇକୋ ଟ୍ୟୁରିଜମ୍ ଫାଉଣ୍ଡେଶନ, ପୁରୀ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ସାତପଡ଼ାଠାରେ ସଚେତନତା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ଯୁଗବ୍ରତ କରଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶରତ ଜାନୀ, ମୁଖ୍ୟବକ୍ତା ଭାବେ ସାତପଡ଼ା ପୋଲିସ ଫାଣ୍ଡି ଅଧିକାରୀ ବିଦ୍ୟାଧର ଭୋଳ, ସମ୍ମାନିତ ଅତିଥି ଏଏସ୍‌ଆଇ ପ୍ରଭାତ ରଞ୍ଜନ ମିଶ୍ର, ସାତପଡ଼ା ବନପାଳ ସୁଜିତ୍ ବେହେରା, ପଣସପଦା ପଞ୍ଚାୟତ ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ, ସାତପଡ଼ା ନାଏବ ସରପଞ୍ଚ ନରି ଜାଲି, ଡଲଫିନ ମଟରବୋଟ ଆସୋସିଏଶନ ସଭାପତି କୃତିବାସ ଜାଲି ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ବାର୍ତ୍ତା ଦେଇଥିଲେ। ବ୍ରହ୍ମଗିରିର ବିଶିଷ୍ଟ ଉପସ୍ଥାପକ ଆଶିଷ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଜଳବାୟୁ ପରିବର୍ତ୍ତନ ଓ ଯୁବପିଢ଼ିଙ୍କ ଦାୟିତ୍ୱର ବାର୍ତ୍ତା ନେଇ ସାତପଡ଼ାଠାରେ ଏକ ସାଇକେଲ ରାଲି ଅନୁଷ୍ଠିତ ହେବା ସହ ସାତପଡ଼ା ଜେଟିରେ କରଞ୍ଜ ଏବଂ ତାଳ ମଞ୍ଜି ରୋପଣ କରାଯାଇଥିଲା। ଏହି ଅବସରରେ ପର୍ଯ୍ୟଟକଙ୍କ ସମାଗମ ସ୍ଥଳୀ ମିର୍ଜାପୁର, ରାୟପୁର, ଗବକୁଣ୍ଡ ଓ ଗଙ୍ଗାଧରପୁର ଜେଟି ସମେତ ଦହିଖିଆ ବଜାରରୁ ଅଳିଆ ଆବର୍ଜନା ସଫେଇ କରାଯାଇଥିଲା। ଫାଉଣ୍ଡେଶନ ସମ୍ପାଦକ ସମର କେଶରୀ ପ୍ରଧାନ, ଅନୁଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଇକୋ ଟୁରିଜମ୍ ଫାଉଣ୍ଡେଶନ, ପୁରୀ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ସାତପଡ଼ାଠାରେ ହୋଇଥିବା ସଚେତନତା ସଭା।

# ଯୁବକଙ୍କ ଆତ୍ମହତ୍ୟା

ଯାଁଳା,୨।୧୦(ବୁଲା ବାରିକ)

ଇନ୍‌ଫୋସିଟି ଥାନା ଗଙ୍ଗପଡ଼ା ଛକ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଜଣେ ଚାଳକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନୟାଗଡ଼ ସଦର ଥାନା ଅଧୀନ ପେଟାପଲ୍ଲୀର ରାଜେନ୍ଦ୍ର ବେହେରା(୨୬)। ସେ ପିକପ୍ ଭ୍ୟାନ ଚାଳକ ଭାବେ କାମ କରନ୍ତି। ଭୋରୁ ସେ ଚଳାଉଥିବା ପିକପ୍ ଭ୍ୟାନ ଡାଲା ରଡ଼ରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ବୋଲି ପୋଲିସ କହିଛି। ସୂଚନା ଅନୁସାରେ, ରାଜେନ୍ଦ୍ର ସେ ସବୁଦିନ ସନ୍ଧ୍ୟାରେ ନୟାଗଡ଼ରୁ ଗାଡ଼ି ନେଇ ଭୁବନେଶ୍ୱର ୧ ନଂ. ହାଟକୁ ପରିବା ପାଇଁ ଆସନ୍ତି। ଭୋରୁ ଭୋରୁ ପରିବା ନେଇ ନୟାଗଡ଼ ପହଞ୍ଚନ୍ତି। ରାଜେନ୍ଦ୍ରଙ୍କ ପରିବାର ଲୋକଙ୍କ ସହ କିଛି ବିବାଦ ନ ଥିଲା। ବୁଧବାର ହାଟରୁ ଗାଡ଼ିରେ ପରିବା ବୋଝେଇ କରି ନୟାଗଡ଼ ଫେରୁଥିଲେ। ଗଙ୍ଗପଡ଼ା ନିକଟରେ ରାଜପଥର ସର୍ଭିସ ରାସ୍ତାରେ ଏକ ନିଛାଟିଆ ସ୍ଥାନରେ ଗାଡ଼ି ରଖି ଏକ ଗାମୁଛା ବେକରେ ବାନ୍ଧି ଝୁଲି ପଡ଼ିଥିଲେ। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା କଥା, ଭ୍ୟାନ ଡାଲା ରଡରେ ଆତ୍ମହତ୍ୟା କରିବା ସମ୍ଭବ ନୁହେଁ।

# କୁହୁଡ଼ି ବଜାରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମାରେ ମାଲ୍ୟାର୍ପଣ

ଟାଙ୍ଗୀ-ଖୋର୍ଦ୍ଧା,୨।୧୦(ରଘୁନାଥ ସାହୁ)

କୁହୁଡି ବଜାରଠାରେ ଥିବା ପ୍ରସିଦ୍ଧ ଗାନ୍ଧୀ ପ୍ରତିମାଠାରେ ପୁରାତନ ଛାତ୍ର ସଂସଦ ସଭାପତି ମନୋଜ ମାନସିଂ, ଲୁଲୁ ମହାପାତ୍ର ଓ ସାମାଜିକ କର୍ମୀ ସଞ୍ଜୟ ସ୍ୱାଇଁ ପ୍ରମୁଖ ପୁଷ୍ପ ଅର୍ପଣ ସହିତ ଦୀପ ପ୍ରଜ୍ୱଳନ କରିଥିଲେ। କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଘୁନାଥ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଡିଏଭି ଗୁରୁକୁଳ ଅଧ୍ୟକ୍ଷ ଦିଲୀପ ପ୍ରଧାନଙ୍କ ପରାମର୍ଶକ୍ରମେ ସ୍କୁଲ ପରିସରରେ ଗାନ୍ଧୀ ଜୟନ୍ତୀ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି।

# ବିଦ୍ୟାଳୟ ପକ୍ଷରୁ ମେଧାବୀ ଅଭିନନ୍ଦନ ଉତ୍ସବ



ଜଟଣୀ,୨।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ବୁଧବାର ଜଟଣୀ ବ୍ଲକ ଅଧୀନ ବଡ଼ତୋଟା ବେଲପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ନୋଟାରୀ ଅବନୀ ରାଉତରାୟ ଯୋଗଦେଇଥିଲେ। ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ଜବାହରଲାଲ ସୁବୁଦ୍ଧି, ନଟବର ସ୍ୱାଇଁ, ଜଗଦୀଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗାନ୍ଧୀ ଶାସ୍ତ୍ରୀଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଭଲ ଶିକ୍ଷା ଲାଭ କରିବା ସହିତ ଦେଶ ଏବଂ ଜାତିର ଉନ୍ନତିରେ କାର୍ଯ୍ୟ କରିବାରେ ଜୀବନରେ ସଫଳତା ମିଳିବ ବୋଲି ପରାମର୍ଶ ଦେଇଥିଲେ। ବିଦ୍ୟାଳୟର କୃତୀ ବିଦ୍ୟାର୍ଥୀଙ୍କୁ ସେମାନଙ୍କ ସଫଳତା ପାଇଁ ମେଧାବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ଦିବାକର ମହାକୁଡ଼ଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ଶେଷରେ ବିଚିତ୍ରାନନ୍ଦ ମହାକୁଡ଼ ଧନ୍ୟବାଦ ଦେଇଥିଲେ।

# କଟକ ଜିଲା ଭାଜପା ପକ୍ଷରୁ ସେବା ସପ୍ତାହ

କଳାପଥର,୨।୧୦(ଗଙ୍ଗାଧର ସାହୁ)

ଭାଜପାର ସ୍ୱଚ୍ଛ ଭାରତ ବିଭାଗ କଟକ ଜିଲା ପକ୍ଷରୁ ସେବା ପକ୍ଷ ବୁଧବାର ପାଳିତ ହୋଇଯାଇଛି। ଗତ ୧୬ ତାରିଖରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସାରା ଜିଲାରେ କାର୍ଯ୍ୟକ୍ରମ ପାଳନ ହେଉଥିବାବେଳେ କଟକ ଜିଲା କଳାପଥର ମେଡ଼ିକାଲଠାରେ ସେବାପକ୍ଷର ଶେଷ ଦିବସରେ କାର୍ଯ୍ୟକ୍ରମ ସ୍ୱଚ୍ଛ ଭାରତ ବିଭାଗ ରାଜ୍ୟ ସଂଯୋଜିକା ପଦ୍ମଜା ଦେବତାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଜିଲା ସଂଯୋଜକ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଓ ସହ ସଂଯୋଜକ ଅମୂଲ୍ୟ ପ୍ରଧାନଙ୍କ ସହାୟତାରେ ଡାକ୍ତରଖାନା ପରିସର ସଫେଇ କାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀ ସଂଯୋଜକ ସରୋଜ ମତଗଜସିଂ, ଦେବାଶିଷ ମାନସିଂ, ଜୟନ୍ତ ବେହେରା ଓ ଜିଲା ସମ୍ପାଦକ ବିନୋଦ ଦାସ, ମଣ୍ଡଳ ସଭାପତି ପ୍ରସନ୍ନ ସ୍ୱାଇଁ, ସୁଶାନ୍ତ ଜେନା, ସୁଶାନ୍ତ ଭଞ୍ଜ, ବିଜୟ ବରା ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ସଫେଇ କରାଯାଉଛି।

# ମଙ୍ଗଳାଯୋଡ଼ି ପ୍ରକୃତି ନିବାସକୁ ତାଲା ପକାଇ ଧାରଣାରେ ଗ୍ରାମବାସୀ

ଟାଙ୍ଗୀ-ଖୋର୍ଦ୍ଧା,୨।୧୦(ରଘୁନାଥ ସାହୁ)



ଗ୍ରାମବାସୀ ପ୍ରକୃତି ନିବାସ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି।

ମଙ୍ଗଳାଯୋଡ଼ି ପ୍ରକୃତି ନିବାସକୁ ବନ୍ୟପ୍ରାଣୀ ବିଭାଗ ପରିଚାଳନା କରୁଛନ୍ତି। ଏହି ପରିଚାଳନା ଦାୟିତ୍ୱ ସ୍ଥାନୀୟ ଗ୍ରାମ ପଞ୍ଚାୟତକୁ ଦେବା ଦାବି ନେଇ ବୁଧବାର ପବିତ୍ର ଗାନ୍ଧୀ ଜୟନ୍ତୀ ଦିବସଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗ୍ରାମବାସୀ ପ୍ରକୃତି ନିବାସ ଫାଟକରେ ତାଲା ପକାଇ ଧାରଣାରେ ବସିଥିବା ଦେଖାଯାଇଛି। ୨୦୧୯ ମସିହାରେ ଚିଲିକା କୂଳ ମଙ୍ଗଳାଯୋଡ଼ି ଗ୍ରାମରେ ପ୍ରକୃତି ନିବାସ ଆରମ୍ଭ ହୋଇଥଲା। ଓଡ଼ିଶା ସରକାରଙ୍କ ଯୁଗ୍ମ ପରିଚାଳନା ଦାୟିତ୍ୱ ସ୍ଥାନୀୟ ଗ୍ରାମବାସୀଙ୍କ ଉପରେ ନ୍ୟସ୍ତ ଦିଆଯିବାର ନିୟମ ଥିବାବେଳେ ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ କରି ଆନ୍ଦୋଳନ ଆରମ୍ଭ ହୋଇଛି। ବର୍ଷ ତମାମ ବିଦେଶାଗତ ପକ୍ଷୀଙ୍କ ବାସସ୍ଥଳୀ ପାଲଟିଛି ମଙ୍ଗଳାଯୋଡ଼ି। ବର୍ଷସାରା ବିଭିନ୍ନ ରାଜ୍ୟରୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।

ଜନସାଧାରଣଙ୍କୁ ପରିଚାଳନା ଦାୟିତ୍ୱ ଦିଆଗଲେ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟିପାରନ୍ତା। ଏହି ଆନ୍ଦୋଳନରେ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟ ସାମିଲ ହୋଇଥିଲେ।

**ପ୍ରାଣୀ ଚିକିତ୍ସା ଶିବିର**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡଗାଁ ପଞ୍ଚାୟତ କୁଶପଡ଼ା ଗ୍ରାମରେ ଇକୋ କ୍ଲବ ଓ ବିସ୍ମାଖାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହାୟତାରେ ପ୍ରାଣୀ ଚିକିତ୍ସା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡା. ସଚ୍ଚିଦାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରାଣୀସମ୍ପଦ ବିଭାଗର ଅବସରପ୍ରାପ୍ତ ଡା. ପ୍ରଦୀପ କୁମାର ଦାସ, ଡା. କେଶବ ଚନ୍ଦ୍ର ମହାନ୍ତି, ପ୍ରଭାତ କୁମାର ସାହୁ, ବିଚିତ୍ର କୁମାର ସାହୁ, ଡା. ରଶ୍ମିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଗ୍ରାମର ୨୬୦ ଗୋରୁ, ଛେଳି ମେଣ୍ଢାଙ୍କ ଚିକିତ୍ସା କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଭାସିନୀ ସ୍ୱାଇଁ ଶିବିର ପରିଚାଳନା କରିଥିଲେ।


ଷୋଳପୂଜା ଅବସରରେ କଟକଚଣ୍ଡୀଙ୍କ ମାତଙ୍ଗୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ଦକ୍ଷିଣକାଳୀ ବେଶ।


ବାସନ୍ତୀ ଦୁର୍ଗାଙ୍କ ତ୍ରିପୁର ସୁନ୍ଦରୀ ବେଶ।


ପୀଠାପୁର ଧାକୁଲେଇଙ୍କ ଦକ୍ଷିଣକାଳୀ ବେଶ।


ବାଙ୍କୀ ଚର୍ଚ୍ଚିକାଙ୍କ ନବମ ଦିନର ବେଶ।

**ସଂକ୍ଷେପରେ**

## ଚଳଚ୍ଚିତ୍ର ଜଗତର ଶାରଦୀୟ ପୂଜାସଂଖ୍ୟା ଲୋକାର୍ପିତ

କଟକ,୨।୧୦(କାର୍ତ୍ତିକ ସାହୁ)

ଶୀତଳେଶ୍ୱରୀ ପ୍ରକାଶନୀ ପକ୍ଷରୁ କବିତା ପାଠୋତ୍ସବ ଓ ସାହିତ୍ୟ ସଭା ସହ ଚଳଚ୍ଚିତ୍ର ଜଗତର ଶାରଦୀୟ ପୂଜାସଂଖ୍ୟା ଲୋକାର୍ପଣ ଉତ୍ସବ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଂଘ (ଓସ୍‌ମେ) ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓସ୍‌ମେ ଅଧକ୍ଷ ଗୌରୀଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ଅମରେଶ ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରାବନ୍ଧିକ ଅରୁଣ ବିଶ୍ୱାଳ, ସମ୍ମାନିତ ଅତିଥି ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ଓସ୍‌ମେ ମହାସଚିବ ଇଂ. ସାତ୍ତ୍ୱିକ ସ୍ୱାଇଁ ଓ ଗାଳ୍ପିକା ସୋହାଗିନୀ ବେହେରା ଯୋଗଦେଇଥିଲେ। ସୀତାନାଥ ସାହୁ, ପ୍ରମିଳା ପତି ଓ ନିରୁପମା ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। କବି ଗୀତାଞ୍ଜଳି ପୃଷ୍ଟି, ଅନିରୁଦ୍ଧ ମହାନ୍ତି ଓ ସୁରେନ୍ଦ୍ର ମହାପାତ୍ରଙ୍କୁ କବିରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ପ୍ରକାଶକ ଆଦିକନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସନ୍ଧ୍ୟା ଶତପଥୀ, ବିଜୟ ରାଉତରାୟ, ବନସ୍ମିତା ରାଉତରାୟ, ରଞ୍ଜିତ ଚୌଧୁରୀ, ମୋହନ ସେଠୀ, ଶାରଦା ପ୍ରସାଦ ସାହୁ, ଦୀପକ କୁମାର ବେଉରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବକଙ୍କ ମୃତଦେହ ଜବତ

ଚୌଦ୍ୱାର,୨।୧୦(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ବଜାରସ୍ଥିତ ଗଳାପୋଲ ତଳୁ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଝାଡ଼ଖଣ୍ଡ ରାଜ୍ୟର ଦୀନେଶ ବରୁଆ। ସେ ତାଙ୍କ ଭାଇଙ୍କ ପାଖରେ ଢେଙ୍କାନାଳରେ ରହୁଥିଲେ। ସେ ଏକ ବାଇକ୍‌ରେ କଟକ ଅଭିମୁଖେ ଯାଉଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି।

# 'ଭାରତର ସ୍ୱାଧୀନତା ସଂଗ୍ରାମ ବିଶ୍ୱ ଇତିହାସରେ ଅନନ୍ୟ'

କଟକ,୨।୧୦(କାର୍ତ୍ତିକ ସାହୁ)

କଟକ ସ୍ୱରାଜ ଆଶ୍ରମଠାରେ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଲେ, ଭାରତର ସ୍ୱାଧୀନତା ସଂଗ୍ରାମ ବିଶ୍ୱ ଇତିହାସରେ ଅନନ୍ୟ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସତ୍ୟ, ଅହିଂସା ମାର୍ଗକୁ ପାଥେୟ କରି ସ୍ୱାଧୀନତା ସଂଗ୍ରାମ ସଂଗଠିତ ହୋଇଥିଲା। ସେଇ ସଂଗ୍ରାମ ସମଗ୍ର ବିଶ୍ୱର ବୁଦ୍ଧିଜୀବୀଙ୍କୁ ଚକିତ କରିଥିଲା ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ଭିନ୍ନତା ଭିତରେ ଏକତା ଓ ସମାନତା ଉପରେ ଗୁରୁତ୍ୱାରୋପ କରିବା ସହ ତଳସ୍ତରର ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ କହିଥିଲେ।


ସମାରୋହରେ ଏମ୍‌ପି ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ ଓ ଅନ୍ୟମାନେ।

**ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ**

ଏଥିସହ ମହିଳାଙ୍କୁ ସବୁକ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ଅନୁସରଣ କରିବାକୁ କହିଥିଲେ। ଏହି ଅବସରରେ ଅତିଥିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱରାଜ ଆଶ୍ରମରେ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ପ୍ରାରମ୍ଭରେ କଳାବତୀ କଳା ନିକେତନର କଣ୍ଠଶିଳ୍ପୀମାନେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରିଥିଲେ। ଲୋକନାଥ ଦୀକ୍ଷିତ ଭଗବଦ୍ ଗୀତା, ଆଚାର୍ଯ୍ୟ ହିଚକିଆ ଲିମା ବାଇବେଲ ଓ ସେକ୍ ହାକିମ୍ କୋରାନ ପାଠ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଓ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଶରତ ଚନ୍ଦ୍ର ଜେନା, ଗାନ୍ଧୀବାଦୀ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ଓ ସାମାଜିକ କର୍ମୀ ସୁଲତା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଆବାସ: ବାଧକ ସାଜିବ ଜନଗଣନା

କଟକ ସଦର,୨।୧୦(ସୁଶାନ୍ତ କୁମାର ଜେନା)

ଚଳିତ ଆର୍ଥିକବର୍ଷରେ କେନ୍ଦ୍ର ସରକାର ପ୍ରଦାନ କରିଥିବା ପ୍ରଧାନମନ୍ତ୍ରୀ ଆବାସ ପାଇଁ ରାଜ୍ୟ ସରକାର ହିତାଧିକାରୀ ମନୋନୟନ କରିବେ। ଆଶାୟୀ ମହିଳାମାନେ ଅନ୍‌ଲାଇନରେ ଆବେଦନ ପରେ ନିୟମ ଅନୁଯାୟୀ ସମ୍ପୃକ୍ତ ଆବେଦନକାରୀଙ୍କ ଆର୍ଥିକ ସ୍ଥିତିକୁ ସମୀକ୍ଷା କରାଯାଇ କାର୍ଯ୍ୟାଦେଶ ପ୍ରକ୍ରିୟା ଆରମ୍ଭ ହେବ। ତେବେ କେଉଁ ଆଧାରରେ ରାଜ୍ୟ ସରକାର ଲୋକଙ୍କ ଆର୍ଥିକ ସ୍ଥିତିକୁ ସମୀକ୍ଷା କରିବେ, ସେ ସମ୍ପର୍କରେ ଅଦ୍ୟାବଧି ସ୍ଥିର କରାଯାଇନାହିଁ। ଗତ ବର୍ଷଗୁଡ଼ିକରେ ୨୦୧୧ ମସିହା ସାମାଜିକ ଆର୍ଥିକ ଓ ଜାତିଭିତ୍ତିକ ଜନଗଣନା (ଏସ୍‌ଇସିସି)କୁ ଆଧାର କରି ହିତାଧିକାରୀ ମନୋନୟନ କରାଯାଉଥିଲା। ୨୦୨୧ ପରଠାରୁ ମଧ ଏହି ନିୟମକୁ ବଳବତ୍ତର ରଖାଯାଇ ହିତାଧିକାରୀ ମନୋନୟନ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଜ୍ଞାପକ ସଂଖ୍ୟା ୩୮୪୧/୨୪।୨।୨୦୨୧ ଅନୁଯାୟୀ କରାଯାଇଆସୁଛି। ଏହି ତାଲିକାରେ ଥିବା ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା କମି କମି ଆସିଲାଣି। କାରଣ ଅନେକେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଏହି ତାଲିକାରୁ ପାଇ ସାରିଛନ୍ତି। ନୂଆ ଜନଗଣନା ହେଉ ନ ଥିବାରୁ ଯେଉଁସବୁ ପରିବାର ଇତିମଧ୍ୟରେ ବିଭାଜନ ହୋଇଛି, ସେଗୁଡ଼ିକ ପ୍ରଧାନମନ୍ତ୍ରୀ ଆବାସ ପାଇବାରୁ ବଞ୍ଚିତ ହୋଇପାରନ୍ତି ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ରାଜ୍ୟରେ ୧୯୯୨ରେ ପ୍ରଥମେ ବିପିଏଲ୍ ତାଲିକା କରାଯାଇ ୨୦୦୦ ମସିହା ପର୍ଯ୍ୟନ୍ତ ଏହାକୁ ବଳବତ୍ତର ରଖାଯାଇଥିଲା। ୧୯୯୭ ମସିହା ବିପିଏଲ୍ କାର୍ଯ୍ୟକାରୀ କରାଯାଇ ୨୦୧୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଗଲା। ସେହିପରି ୨୦୦୪ରେ ସର୍ଭେ ହୋଇଥିବା ବିପିଏଲ୍ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ୨୦୧୭ ପର୍ଯ୍ୟନ୍ତ ଆବାସ ପ୍ରଦାନ କରାଗଲା। ୨୦୧୭ଠାରୁ ଏସ୍‌ଇସିସି (୨୦୧୧ ମସିହା)କୁ ଆଧାର କରି ପ୍ରଧାନମନ୍ତ୍ରୀ ଆବାସ କମ୍ପ୍ୟୁଟର ମନୋନୟନ ଦ୍ୱାରା ହିତାଧିକାରୀ ଚୟନ କରାଯାଇଛି। ଏହି ପ୍ରକ୍ରିୟା ଆଗାମୀ ଦିନରେ ଚାଲୁରହିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଜ୍ଞାପକ ସଂଖ୍ୟା ୪୬୪୭/୯।୩।୨୦୨୧ରେ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ୨୦୨୦ ମସିହାଠାରୁ କରୋନା ପାଇଁ ଦେଶରେ ଜନଗଣନା କରାଯାଇନାହିଁ। ଇତିମଧ୍ୟରେ ଅନେକ ନୂଆ ପରିବାର ସୃଷ୍ଟି ହେଲାଣି। ଯେଉଁ ପରିବାରରେ ପୂର୍ବରୁ ଏକାଧିକ ଅବିବାହିତ ସଦସ୍ୟ ଥିଲେ, ସେମାନେ ଏବେ ବଡ଼ ହୋଇ ଏକାଧିକ ପରିବାର ବିଭାଜନ ହେଲାଣି। ଫଳରେ ସେମାନେ କିଭଳି ଆବାସ ଯୋଜନାରେ ସାମିଲ ହେବେ, ତାହା ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ନୂଆ ନିୟମ ସରକାର ପ୍ରଣୟନ କରି ତଦନୁଯାୟୀ ସର୍ବେକ୍ଷଣ ତଥ୍ୟକୁ ମାନଦଣ୍ଡ ଭାବେ ଗ୍ରହଣ କଲେ ବହୁ ଲୋକ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଜନଶିକ୍ଷଣ ସଂସ୍ଥାନରେ ସ୍ୱଚ୍ଛତା ସଚେତନତା




କଟକ,୨।୧୦(କାର୍ତ୍ତିକ ସାହୁ)

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମତା ବିଭାଗ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନର ସିଡିଏସ୍ଥିତ ପ୍ରାଙ୍ଗଣରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶଙ୍କ ଅଧ୍ୟକ୍ଷତାରେ ଜିଲାର ବିଭିନ୍ନ ବ୍ଲକରେ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଚାରାରୋପଣ, ଚକ୍ଷୁ ଚିକିତ୍ସା ଶିବିର, ପଦଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ସ୍ୱଚ୍ଛତା ହିଁ ସେବା ଅନ୍ତିମ ଦିବସରେ ପରିବେଶ ସୁରକ୍ଷା ଅଭିଯାନର ସଭାପତି ଡ. ପ୍ରଦୀପ କୁମାର ରଥ, ସମ୍ପାଦକ ରଘୁନାଥ ପୃଷ୍ଟି ଓ କୋଷାଧ୍ୟକ୍ଷ ତଥା ଆଜୀବନ ସଦସ୍ୟା ନମିତା ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ପ୍ଲାଷ୍ଟିକ, ପଲିଥିନ ବର୍ଜନ, ଚାରାରୋପଣର ଉପକାରିତା, ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଜନସାଧାରଣଙ୍କୁ ସ୍ୱଚ୍ଛତା ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱଚ୍ଛତା ଶପଥ ସହ ସାର୍ଟିଫିକେଟ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ସମ୍ବିଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୋସିଆଲ ମିଡିଆରେ ମହାତ୍ମା ଗାନ୍ଧୀଙ୍କ ବିକୃତ ଚିତ୍ର

କଟକ,୨।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ସୋସିଆଲ ମିଡିଆରେ ମହାତ୍ମା ଗାନ୍ଧୀଙ୍କ ବିକୃତ ଚିତ୍ର ପୋଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଜୁ ଯୁବଛାତ୍ର ଜନତା ଦଳ କଟକ ପକ୍ଷରୁ ଡିସିପି ଜଗମୋହନ ମୀନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଡିସିପି ଉକ୍ତ ଦାବିପତ୍ର ଗ୍ରହଣ କରିବା ସହ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ଛାତ୍ର ଜନତା ଦଳ ରାଜ୍ୟ ଉପସଭାପତି ସନ୍ତୋଷ ମହାପାତ୍ର, ଛାତ୍ର ଜନତା ଦଳ କଟକ ଜିଲା ସଭାପତି ଆସିଫ୍ ଅମିନ, ନଗର ସଭାପତି ସୋମ୍ୟାଦୀପ ଘୋଷ, ଜଗତ୍‌ଜ୍ୟୋତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଗାନ୍ଧୀ ଜୟନ୍ତୀ ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଅନୁଷ୍ଠିତ ମାନବଶୃଙ୍ଖଳ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

କଟକ,୨।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଗାନ୍ଧୀ ଜୟନ୍ତୀ ଅବସରରେ ବାରବାଟୀ-କଟକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ଛକସ୍ଥିତ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରୁ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ପଦଯାତ୍ରା ବାହାରି ସ୍ୱରାଜ ଆଶ୍ରମଠାରେ ପହଞ୍ଚିଥିଲା। ସେଠାରେ ଦଳୀୟ ନେତୃବୃନ୍ଦ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏମ୍‌ସି ମେୟର ସୁବାସ ସିଂ, କଟକ ନଗର ସଭାପତି ମଧୁସୂଦନ ସାହୁ, କର୍ପୋରେଟର ଦୀପ୍ତିମୟୀ ମୂଳିଆ, ଯୁବଛାତ୍ର ରାଜ୍ୟ ଉପସଭାପତି ସନ୍ତୋଷ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଏହାର ନେତୃତ୍ୱ ନେଇଥିଲେ। ନୂଆବଜାରସ୍ଥିତ ଗାନ୍ଧୀ ଆଶ୍ରମଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ସୌଭିକ ବିଶ୍ୱାଳଙ୍କ ନେତୃତ୍ୱରେ ପଦଯାତ୍ରା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂ ଯୋଗଦେଇଥିଲେ। ଏହି ପଦଯାତ୍ରା ୱାର୍ଡ ନଂ. ୫୪ ଓ ୫୫ର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଚୌଦ୍ୱାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଗାନ୍ଧୀ ଜୟନ୍ତୀରେ ବାରବାଟୀ-କଟକ ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।

# ଖଇ, କଉଡ଼ି ବୁଣି ମା'ଙ୍କୁ ବିଦାୟ ଦିଆଯାଏ



**ବିରାଜିବେ ମା'**

କଟକ,୨।୧୦(ଶିଳ୍ପା ପ୍ରିୟଦର୍ଶିନୀ)



**ବକ୍ସିବଜାର ସାର୍ବଜନୀନ ଶାରଦୀୟ ଦୁର୍ଗୋତ୍ସବ, ସର୍ପାଦୁର୍ଗା ମନ୍ଦିର ମାଛୁଆବଜାର ପୂଜା କମିଟି**

ପାଖେଇ ଆସୁଛି ଦୁର୍ଗାପୂଜା। ଏଥିପାଇଁ ବିଭିନ୍ନ ପୂଜା ମଣ୍ଡପରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି ବକ୍ସିବଜାର ସାର୍ବଜନୀନ ଶାରଦୀୟ ଦୁର୍ଗୋତ୍ସବ, ସର୍ପାଦୁର୍ଗା ମନ୍ଦିର ମାଛୁଆବଜାର ପୂଜା କମିଟି। ଚଳିତବର୍ଷ କମିଟି ପକ୍ଷରୁ ୫ଲକ୍ଷ ଟଙ୍କାର ପୂଜା ବଜେଟ ରହିଛି। ୧୭୫୨ରୁ ଏଠାରେ ଶାରଦୀୟ ପୂଜା ପାଳନ ହୋଇଆସୁଛି। ମୁର୍ଶିଦାବାଦର ଜମିଦାର ସ୍ୱରୂପ ଚନ୍ଦ୍ର ଦାସ ମାଛୁଆବଜାର ଅଞ୍ଚଳରେ ପରିବାର ସହ ରହୁଥିଲେ। ସେ ଏଠାରେ ଦୁର୍ଗାପୂଜା ଆରମ୍ଭ କରିଥିଲେ। ମା'ଙ୍କ ମୂର୍ତ୍ତିର ଉଚ୍ଚତା ୫ ଫୁଟ୍ ଓ ଚାନ୍ଦି ମେଢ଼ର ଉଚ୍ଚତା ୧୩ ଫୁଟ୍ ରହିଛି। ୨୦୦୯ରେ କମିଟି ପକ୍ଷରୁ ୩.୫ କୁଇଣ୍ଟାଲ ଓଜନର ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା। ଏଥିସହ ୬୦ କେଜି ଓଜନର ଚାନ୍ଦି ଅଳଙ୍କାର ରହିଛି। ସେହିପରି ୭କେଜି ଓଜନର ମା'ଦୁର୍ଗାଙ୍କର ସୁନାର ଚିକ, ନୋଥ ଓ ସିନ୍ଥି ରହିଛି। ବଙ୍ଗୀୟ ପରମ୍ପରା ଅନୁଯାୟୀ ଏଠାରେ ପୂଜାର୍ଚ୍ଚନା କରାଯାଏ। ମହାଷ୍ଟମୀରେ ମହିଳାଙ୍କ ବ୍ରତପୂଜା କରାଯିବା ସହ ମହାସପ୍ତମୀରେ ୪ କୁଇଣ୍ଟାଲ ଓଜନର ଲଡୁ ଭୋଗ ମା'ଙ୍କ ନିକଟରେ ଲାଗି କରାଯାଇ ବଣ୍ଟାଯିବ। ଦଶମୀରେ ମା'ଙ୍କ ନିକଟରେ ମହିଳାମାନେ ସିନ୍ଦୂର ଖେଳିବେ। ଦଶମୀ ଦିନ ମା'ଙ୍କୁ ମେଲାଣି ଦିଆଯିବ। ଭସାଣି ଶୋଭାଯାତ୍ରାରେ ଯାଜପୁରର ବ୍ୟାଣ୍ଡପାର୍ଟି, ଢେଙ୍କାନାଳ ମାଦଳ ବାଜା, ଅସୁରେଶ୍ୱର ଘଣ୍ଟବାଦ୍ୟ ଏବଂ ଢୋଲବାଜା ସହିତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ଦଶମୀରେ ମା'ଙ୍କୁ ମେଲାଣି ଦିଆଯିବ



" ଅନ୍ୟ ପୂଜା ମଣ୍ଡପରେ ଏକାଦଶୀରେ ମା'ଙ୍କୁ ମେଲାଣି ଦିଆଯାଏ। ହେଲେ ଏହି ପୂଜା କମିଟି ପକ୍ଷରୁ ଦଶମୀ ଦିନ ମା'ଙ୍କୁ ମେଲାଣି ଦିଆଯିବ। ମା'ଙ୍କୁ ବିଦାୟ ଦେବା ସମୟରେ ରାସ୍ତାରେ ଖଇ, କଉଡି ବୁଣାଯାଏ। ଏହାସହ ବିସର୍ଜନରେ ଯାଇଥିବା କର୍ମକର୍ତ୍ତା ଫେରିବା ପରେ ମଣ୍ଡପରେ ଶାନ୍ତି ପାଣି ପାଇବେ। ଅର୍ଥାତ୍ ଅନ୍ତିମ ସଂସ୍କାର ସାରି ଆସିଥିବା ଭଳି ବିସର୍ଜନ କରିଥିବା କର୍ମକର୍ତ୍ତା ମଣ୍ଡପରେ ଭୋଜନ କରିବେ।

**ହେମନ୍ତ କୁମାର ଦାସ, ସଭାପତି**

### ଭସାଣିରେ ମୁଖ୍ୟ ଆକର୍ଷଣ ପାରମ୍ପରିକ ବାଦ୍ୟ



" ନିଶାମୁକ୍ତ ରୋଶଣି ଓ ଡିଜେମୁକ୍ତ ଭସାଣି ପାଇଁ ପୂର୍ବରୁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ ସଚେତନ କରାଯାଇଛି। ଏହାକୁ କମିଟି କର୍ମକର୍ତ୍ତାମାନେ ଗୁରୁତ୍ୱ ଦେଇଛନ୍ତି। ଢେଙ୍କାନାଳର ମାଦଳ ବାଜା ସହ ଓ ପାରମ୍ପରିକ ବାଦ୍ୟ ଭସାଣିର ମୁଖ୍ୟ ଆକର୍ଷଣ ସାଜିବ।

**ମନୋଜ କୁମାର ଦାସ, ସମ୍ପାଦକ**

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨।୧୦।୨୦୨୪

| | |
|---|---|
| ୬,୬୯,୩୮୬ ଟଙ୍କା | |
| ସୁନା | ୧୬.୬୫୦ ଗ୍ରାମ୍ |
| ରୁପା | ୫୨୦ ମିଲିଗ୍ରାମ୍ |

# ଗାନ୍ଧୀଙ୍କ ଅହିଂସା, ଶାସ୍ତ୍ରୀଙ୍କ ସ୍ୱାଭିମାନ ଅନୁକରଣୀୟ

ପୁରୀ,୨।୧୦

(ଅଜିତ କୁମାର ମହାନ୍ତି)

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ବିଚାରଧାରାର ମୃତ୍ୟୁ ନାହିଁ, ତାହା ଚିର ଅମର। ସେହିପରି ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ତ୍ୟାଗ ଓ ସ୍ୱାଭିମାନ ପିଢ଼ି ପରେ ପିଢ଼ି ଆମକୁ ଅନୁପ୍ରାଣିତ କରିଚାଲିଥିବ ବୋଲି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ କହିଛନ୍ତି।

ବୁଧବାର ପୂର୍ବାହ୍ନରେ ସଂସ୍କୃତି ଭବନରେ ପୁରୀ ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଗାନ୍ଧିଜୀଙ୍କ ୧୫୫ତମ ଓ ଶାସ୍ତ୍ରିଜୀଙ୍କ ୧୨୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନାୟକ ଯୋଗଦେଇ କହିଥିଲେ, ଗାନ୍ଧିଜୀଙ୍କ ସେବା, ଦେଶପ୍ରେମ, ସତ୍ୟ ପ୍ରତି ଅନୁରାଗ କାଳ କାଳକୁ ବିଶ୍ୱକୁ ଅନୁପ୍ରାଣିତକରି ଚାଲିଥିବ। ଆଜି ବିଶ୍ୱରେ ଯୁଦ୍ଧ ଓ ହିଂସାର ଘନଘଟା ମଧ୍ୟରେ ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ର ହିଁ ଶାନ୍ତିର ପଥ ପ୍ରଦର୍ଶକ ହୋଇପାରିବ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରି ଗାନ୍ଧିଜୀ ଓ ଶାସ୍ତ୍ରିଜୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ସର୍ବୋଦୟ ମେଳା ସମ୍ପାଦକ ଶିବପ୍ରସାଦ ମିଶ୍ର ଉଭୟ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୁରୀ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଓ ମଞ୍ଚ ପରିଚାଳନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଦ୍ଧ ମହାବୀର ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ସତ୍ୟପ୍ରିୟ ମହାପାତ୍ର ଓ ସାଥିମାନେ ବୈଷ୍ଣବ ଜନତୋ ଭଜନ ଏବଂ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଗାନ୍ଧୀଘାଟଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ଶାସ୍ତ୍ରିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୋଭାଯାତ୍ରାରେ ଆସି ଏଥିରେ ସାମିଲ ହୋଇଥିଲେ। ସର୍ବୋଦୟ ମେଳାର ସଦସ୍ୟ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି, ଏଆଇଓ ରାଜେନ୍ଦ୍ର କୁମାର ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

# ୨୫ ଜଣ ପାଇଲେ ଗାନ୍ଧୀସ୍ମୃତି ସମ୍ମାନ

ପୁରୀ,୨।୧୦

(ଅଜିତ କୁମାର ମହାନ୍ତି)

ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀରେ ବୁଧବାର ଜୟ ହିନ୍ଦ୍ ଭାରତ ଓଡ଼ିଶା ଶାଖା ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୨୫ଜଣଙ୍କୁ ଗାନ୍ଧୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ରକ୍ତଦାନ, ସ୍ୱଚ୍ଛତା, ସାମାଜିକ ସୁରକ୍ଷା ଦେଉଥିବା ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନଙ୍କର ଅଭିଜ୍ଞତା ଓ ସମାଜ ଗଠନରେ ଯୁବପିଢ଼ିଙ୍କ ଭୂମିକା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପିଲାଙ୍କ ମଧ୍ୟରେ 'ମହାତ୍ମା' ନାମରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିନୋଦ କୁମାର ପଣ୍ଡା, ଚକ୍ରଧର ମହାପାତ୍ର, ରାଜେଶ କୁମାର ମିଶ୍ର, କୈଳାସ ଚନ୍ଦ୍ର ଟିକାୟତରାୟ, ଶିବପ୍ରସାଦ ମିଶ୍ର, ମଧୁସୂଦନ ସିଂହାରୀ, ସଞ୍ଜୀବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ସଞ୍ଜୀବ ରଥଶର୍ମା ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ନାରାୟଣୀ ମନ୍ଦିରକୁ ବିଜେକଲେ ଦୁର୍ଗାମାଧବ

ପୁରୀ,୨।୧୦

(ଅଜିତ୍ କୁମାର ମହାନ୍ତି)



ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରରେ ମା' ବିମଳାଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବା ସହ ଦୁର୍ଗାମାଧବ ଉପାସନା ଚାଲିଛି। ବୁଧବାର ଠାରୁ ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା ଆରମ୍ଭ ହୋଇଛି। ଗୁପ୍ତଗୁଣ୍ଡିଚାରେ ଶ୍ରୀଜଗନ୍ନାଥ ମା' ଦୁର୍ଗାଙ୍କୁ ନେଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଥାନ୍ତି। ଏହି ସ୍ୱତନ୍ତ୍ର ନୀତିକାନ୍ତି ଓ ପରମ୍ପରାକୁ ଗୁପ୍ତ ଗୁଣ୍ଡିଚା କୁହାଯାଏ। ଏହି ନୀତିକୁ ଦେଖିବା ପାଇଁ ବୁଧବାର ମନ୍ଦିରରେ ଭିଡ଼ ହୋଇଥିଲା। ଦୁର୍ଗାମାଧବ ଉପାସନାର ଅନନ୍ୟ ଐତିହ୍ୟ କ୍ଷେତ୍ର ନାରାୟଣୀ ମନ୍ଦିର। ଆଶ୍ୱିନ ମାସରେ ଷୋଳପୂଜା ସମୟରେ ପ୍ରଥମ ୮ଦିନ ଦୁର୍ଗାମାଧବ ବିମଳାଙ୍କ ମନ୍ଦିର ଜଗମୋହନରେ ପୂଜା ପାଉଥିବା ବେଳେ ଶେଷ ୮ଦିନ ଅର୍ଥାତ୍ ଅଷ୍ଟମୀ ତିଥି ପର୍ଯ୍ୟନ୍ତ ନାରାୟଣୀ ମନ୍ଦିରକୁ ବିଜେ କରିଥାନ୍ତି। ଶାରଦୀୟ ଦୁର୍ଗାପୂଜା ପରିପ୍ରେକ୍ଷୀରେ ଗଇଁଠାଳ ପଡ଼ି ଦୁର୍ଗାମାଧବ ଏକତ୍ର ପୂଜା ପାଇବା ଏହି ମନ୍ଦିର ଭିନ୍ନ ଅନ୍ୟ କେଉଁଠାରେ ଦେଖିବାକୁ ମିଳେ ନାହିଁ। ସେଥିପାଇଁ ଏହା ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା ଭାବେ ଅଭିହିତ।

ପରମ୍ପରା ଅନୁଯାୟୀ, ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ଶେଷ ହେବା ପରେ ଆଜ୍ଞାମାଳ ପାଇ ଦୁର୍ଗାମାଧବ ବିମାନକୁ ବିଜେ କରିଥିଲେ। ପରେ ଘଣ୍ଟ ଛତା କାହାଳି ସହ ବିମାନରେ ନାରାୟଣୀ ମନ୍ଦିରକୁ ବିଜେ ହୋଇଥିଲେ। ସେଠାରେ ରୁପା ପିଙ୍ଗଳରେ କର୍ପୂର ଜଳ ଲାଗି କରାଯାଇ ଶୀତଳ ଭୋଗ ମଣୋହି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାତ୍ର ଚନ୍ଦନ ଲାଗି ସମ୍ପନ୍ନ ହେବା ପରେ ପାଲିଙ୍କିରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଲୋକକଥା ଅନୁଯାୟୀ, ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରଥରେ ବସି ଗୁଣ୍ଡିଚା ଯାତ୍ରା କରିଥାନ୍ତି। ତେବେ ମା' ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇ ନ ଥାନ୍ତି। ହେରା ପଞ୍ଚମୀରେ ରାଗ ଜର୍ଜରିତ ମହାଲକ୍ଷ୍ମୀ ମହାପ୍ରଭୁଙ୍କ ରଥ ଭାଙ୍ଗିବା ସହ ତାଙ୍କ ଉପରେ ଅଭିମାନ କରିଥାନ୍ତି। ନୀଳାଦ୍ରିବିଜେ ଅବସରରେ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପ୍ରବେଶ ସମୟରେ ମହାଲକ୍ଷ୍ମୀ ରୋଷ କରିଥାନ୍ତି। ସେହି ସମୟରେ ରୋଷରେ ଥିବା ଲକ୍ଷ୍ମୀଙ୍କୁ ଶାରଦୀୟ ପୂଜାରେ ଗୁଣ୍ଡିଚା ଯାତ୍ରାରେ ନେବାକୁ ମହାପ୍ରଭୁ ପ୍ରତିଶ୍ରୁତି ଦେଇଥାନ୍ତି। ସେହି ପ୍ରତିଶ୍ରୁତି ରକ୍ଷା ତଥା ପରମ୍ପରା ଅନୁଯାୟୀ ଗୁପ୍ତ ଗୁଣ୍ଡିଚା ନୀତି ପାଳନ କରାଯାଇଛି।

## ସଂକ୍ଷେପରେ

### ବାଲୁକା କଳାରେ ସ୍ୱଚ୍ଛତା ହିଁ ସେବା ନେଇ ସଚେତନତା

ପୁରୀ,୨।୧୦

(ଅଜିତ କୁମାର ମହାନ୍ତି)

ନୀଳାଦ୍ରି ବିଚ୍‌ରେ ବୁଧବାର ପୂର୍ବାହ୍ନରେ ବାଲୁକା କଳା ମାଧ୍ୟମରେ ପୁରୀ ଜିଲାସ୍ତରୀୟ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମକୁ ଏମ୍‌ପି ଡା. ସମ୍ବିତ ପାତ୍ର ଉଦ୍‌ଘାଟନ କରିଛନ୍ତି। ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ଏହି ବାଲୁକା କଳାକୁ ଏମ୍‌ପି ଉଦ୍‌ଘାଟନ କରିବା ସହ ସ୍ୱଚ୍ଛତା ଏକ ସେବା, ଯାହା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ। ଆମ ସ୍ୱଭାବ, ସଂସ୍କାର ଓ ପରିବେଶରେ ସ୍ୱଚ୍ଛତା ଦ୍ୱାରା ଆମେ ସୁସ୍ଥ, ଆମ ସମାଜ ସୁସ୍ଥ ରହିପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା, ସଦର ବିଡିଓ ସମ୍ବିତ ଶତପଥୀ, ପରିମଳ ବିଭାଗର ଡିପିସି ଦିପ୍ତୀରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଏହି ଅତିଥିମାନଙ୍କ ଦ୍ୱାରା ଦିଗ୍‌ବାରେଣୀ ବେଳାଭୂମିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





ନୀଳାଦ୍ରି ବିଚ୍‌ରେ ବୁଧବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ 'ସ୍ୱଚ୍ଛତା ହିଁ ସେବା' ସମ୍ପର୍କିତ ବାଲୁକା କଳା।

### ଶୁଭାରମ୍ଭ ହେଲା ସାହିଭାଇର ସଂକଳ୍ପ ସପ୍ତାହ

ପୁରୀ,୨।୧୦

(ଅଜିତ କୁମାର ମହାନ୍ତି)

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସାହିଭାଇ ଅନୁଷ୍ଠାନ ତା'ର ସଂକଳ୍ପ ସପ୍ତାହ ଆରମ୍ଭ କରିଛି। ସକାଳୁ ଅନୁଷ୍ଠାନର ସଦସ୍ୟମାନେ ପ୍ରଥମ ଦିବସକୁ ପୂଜ୍ୟପୂଜା ଭାବେ ପାଳନ କରିଥିଲେ। ପୁରୀ ସହରରେ ଥିବା ପ୍ରତିମୂର୍ତ୍ତିଗୁଡ଼ିକୁ ଧୋଇ ପୁଷ୍ପମାଲ୍ୟ, ଧୂପଦୀପ, ଚନ୍ଦନ ଦେଇ ପୂଜା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚନ୍ଦ୍ରଶେଖର ମିଶ୍ର, ବ୍ରଜବନ୍ଧୁ ମହାରଣା, ଦୀପକ ଜେନା, ରାଜା ମହାନ୍ତି ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଦୀପକ ସ୍ୱାଇଁ ପରିଚାଳନା କରିଥିଲେ।

# ମହାଳୟାରେ ଶ୍ରାଦ୍ଧ ଦେଲେ ଶ୍ରଦ୍ଧାଳୁ

ପୁରୀ,୨।୧୦

(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ମାସ ଅମାବାସ୍ୟାକୁ ପବିତ୍ର ମହାଳୟା ଭାବେ ବିଚେଚନା କରାଯାଏ। ଆଶ୍ୱିନ ମାସ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ଧରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ପିଣ୍ଡ ପ୍ରଦାନ କରାଯାଇଥାଏ। ତେବେ ଯେଉଁମାନେ ଏହି ଦିନରେ ପିଣ୍ଡ ଦେଇପାରି ନ ଥାନ୍ତି ସେମାନେ ଏହି ମହାଳୟା ତିଥିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ଶ୍ରାଦ୍ଧ ଦେବା ପାଇଁ ଉକ୍ତ ଦିନଟି ସର୍ବଶ୍ରେଷ୍ଠ ବୋଲି କୁହାଯାଏ। ପିତୃପକ୍ଷରେ ପ୍ରଦାନ କରାଯାଉଥିବା ଶ୍ରାଦ୍ଧକୁ ମଉଳା ଶ୍ରାଦ୍ଧ ବୋଲି କୁହାଯାଏ। ମହାଳୟା ଅବସରରେ ବୁଧବାର ଶ୍ରୀମନ୍ଦିର ନିକଟରେ ପିତୃ ପୁରୁଷଙ୍କୁ ପିଣ୍ଡଦାନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ପିତୃପକ୍ଷଙ୍କ ଆତ୍ମାର ସଦ୍‌ଗତି କାମନାକରି ଶ୍ରଦ୍ଧାଳୁମାନେ ଶ୍ରାଦ୍ଧ ଦେଇଛନ୍ତି। ଆଜିର ଦିନରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତିହେବାର ବିଶ୍ୱାସ ରହିଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ପୁରୀର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ତିଳତର୍ପଣ କରାଯାଇଥିଲା।

# ମା, ଭଉଣୀଙ୍କୁ ଘରୁ ତଡ଼ିଦେଲେ ପୁଅ ବୋହୂ

ଗୋପ,୨।୧୦

(ଭାରତୀ ଭୂଷଣ ଉପାଧ୍ୟାୟ)

ଜନ୍ମଦାତ୍ରୀ ମା' ଏବେ ପୁଅ ଲାଗି ଅଲୋଡ଼ା। ଛୋଟରୁ ବଡ଼ କଲା ପରେ ଏବେ ପୁଅ ବୋହୂ ୮୫ ବର୍ଷୀୟା ବୃଦ୍ଧା ମା' ସହ ସ୍ୱାମୀ ପରିତ୍ୟକ୍ତା ଭଉଣୀଙ୍କୁ ଘରୁ ତଡ଼ିଦେଇଛନ୍ତି। ଏପରି ଏକ ଘଟଣା ଗୋପ ଥାନା ଅଧୀନ ଓଳମରା ଗ୍ରାମରେ ଦେଖିବାକୁ ମିଳିଛି। ୨ ମାସ ହେବ ୮୫ ବର୍ଷୀୟା ବୃଦ୍ଧା ତାରାମଣି ସ୍ୱାଇଁ (୮୫) ଓ ଝିଅ ମନୋରମା ଭିକ୍ଷା ବୃତ୍ତି କରି ଖାଉଥିବାବେଳେ ଗ୍ରାମବାସୀ ମଧ୍ୟ ସେମାନଙ୍କୁ ଖାଇବାକୁ ଦେଉଛନ୍ତି। ଏବେ ଦୁହେଁ ଗାଁ ଅଙ୍ଗନୱାଡ଼ି କେନ୍ଦ୍ର ପିଣ୍ଡାରେ ମଶାରେ ଶୋଉଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣାରେ ତାରାମଣି ଓ ମନୋରମା ୧୫ କି.ମି. ଆସି ଗୋପ ଥାନାରେ ଏକ ଏତଲା ଦେଇଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ପାଲଟିଛି।

ପ୍ରକାଶ ଯେ, ତାରାମଣିଙ୍କ ବଡ଼ ପୁଅଙ୍କ ମୃତ୍ୟୁ ହୋଇସାରିଥିବାବେଳେ ସାନ ପୁଅ ଚନ୍ଦ୍ରକାନ୍ତ ସ୍ୱାଇଁ ତାଙ୍କ ସ୍ତ୍ରୀଙ୍କ ସହ ଭୁବନେଶ୍ୱର ଏବଂ ଓଳମରା ଗ୍ରାମରେ ରହୁଛନ୍ତି। କିଛି ଦିନ ଧରି ସାନ ପୁଅ ବୃଦ୍ଧା ମା' ଓ ଭଉଣୀଙ୍କୁ ଘରୁ ବାହାର କରିଦେବା ସହିତ ଭତ୍ତା ଟଙ୍କା ଓ ରାଶନ କାର୍ଡରେ ଉଠୁଥିବା ଚାଉଳ ଦେଉନାହାନ୍ତି। ଫଳରେ ମା' ଓ ଝିଅ ଅକଥନୀୟ ଅବସ୍ଥାରେ ଗାଁ ଅଙ୍ଗନୱାଡ଼ି କେନ୍ଦ୍ର ପିଣ୍ଡାରେ ମଶା ଡାଉଁଶରେ ପଡି ରହିଛନ୍ତି। ପୋଲିସ ଏହି ଘଟଣାକୁ ଗାଁ ଭଦ୍ର ଲୋକଙ୍କ ମାଧ୍ୟମରେ ସମାଧାନ କରିବାକୁ କହୁଥିବାବେଳେ ନିର୍ଯାତନା ଦେଉଥିବା ପୁଅ କାହାରି କଥା ଶୁଣୁ ନାହାନ୍ତି ବୋଲି ଅଭିଯୋଗରୁ ଜଣାପଡ଼ିଛି। ଏପରି ଏକ ସମ୍ବେଦନଶୀଳ ଘଟଣା ପ୍ରତି ପୋଲିସ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଗାନ୍ଧୀ ଜୟନ୍ତୀରେ ନିଶାମୁକ୍ତ ସଚେତନତା ପଦଯାତ୍ରା

ଡେଲାଙ୍ଗ,୨।୧୦

(ରଶ୍ମୀରଞ୍ଜନ ପ୍ରଧାନ)

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ନିଶା ବିରୋଧୀ ସଂଗ୍ରାମ ସମିତି ଆନୁକୂଲ୍ୟରେ ସଚେତନତା ପଦଯାତ୍ରା ସମିତି ସଭାପତି ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାମଚନ୍ଦ୍ରପୁରସ୍ଥିତ ବିଜୟା ମଣ୍ଡପଠାରୁ ଏକ ଶୋଭାଯାତ୍ରା ଡେଲାଙ୍ଗ ହାଟ ବଜାର ଅଭିମୁଖେ ବାହାରି ଜନସାଧାରଣଙ୍କୁ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନ କରିଥିଲା। ସ୍ଥାନୀୟ ଅଞ୍ଚଳରେ ବେଆଇନ ଭାବେ ବିଭିନ୍ନ ପ୍ରକାରର ନିଶାକାରବାର ଦ୍ୱାରା ଯୁବ ସମାଜ ନଷ୍ଟ ହେବା ସହିତ ପରିବେଶ ଓ ସମାଜ ଉପରେ କୁପ୍ରଭାବ ପଡୁଥିବାବେଳେ ଏଗୁଡିକୁ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ଦାବି କରିଛି। ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀଙ୍କୁ ନିଶା କାରବାର ରୋକିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଭଗବତୀ ପ୍ରସାଦ ମହାନ୍ତି, କାହ୍ନୁଚରଣ ମହାରଣା, କୈଳାସ ଚନ୍ଦ୍ର ବେହେରା, ଦିଲୀପ ସାମନ୍ତରାୟ, ବଳରାମ ବେହେରା, ମନୋରଞ୍ଜନ ବାରିକ୍, କିଶୋର ସିଂ ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ।







ପୁରୀର ନୂତନ ଏସ୍‌ପି ଭାବେ ଭିନିତ୍ ଅଗ୍ରୱାଲ ଦାୟିତ୍ୱ ନେବା ପୂର୍ବରୁ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'

ପୁରୀ,୨।୧୦

(ଅଜିତ କୁମାର ମହାନ୍ତି)

ପୁରୀ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ୮ଟି ଶିଶୁ ଯତ୍ନ ଅନୁଷ୍ଠାନର ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱମ୍ଭର ବିଦ୍ୟାପୀଠ ଅଡିଟୋରିୟମ ପ୍ରକୋଷ୍ଠରେ ମହକ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀମାନେ ବକ୍ତୃତା, ଦଳଗତ ନୃତ୍ୟ, ସଙ୍ଗୀତ, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ସମିତିର ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ଓ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ପ୍ରୋଟେକ୍ସନ ଅଫିସର ସୁହାଗୀ ହେମ୍ବ୍ରମ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ମହାବୀର ରୁଦ୍ରନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ଅନ୍ୱେଷଣରେ ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକୁ ସଫଳତା ଓ ଦକ୍ଷତାର ସହ ପାଳନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ସଞ୍ଚିତା ମିଶ୍ର, ରୋଜାଲିନ ସାମନ୍ତରାୟ, ସାୟନ କୁମାର ଜେନା, ପ୍ରତାପ କୁମାର ସାହୁ, କୁମାର ଭୀମସେନ, ରୋଜାଲିନ ପଣ୍ଡା, ସୁକାନ୍ତ ପଣ୍ଡା, ଶିବସୁନ୍ଦର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ଥାଉ କି, ସ୍ଥାନୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ତାଳବଣିଆଠାରେ ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଉତ୍ସାହ କାର୍ଯ୍ୟକ୍ରମ ଅଧୀନରେ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ଗତ ୨୯ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ, ଚାଇଲ୍ଡ ହେଲ୍ପଲାଇନ ଏବଂ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# 'ସମୁଦ୍ରକୁ ସ୍ୱଚ୍ଛ, ସୁରକ୍ଷିତ ରଖିବା ଆବଶ୍ୟକ'

**ମହୋଦଧିରୁ ଆବର୍ଜନା ଓ ପ୍ଲାଷ୍ଟିକ୍ ସଫା କରାଗଲା**

ପୁରୀ, ୨।୧୦

(ଅଜିତ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନଠାରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଦେଶରେ ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୁରୀ ମହୋଦଧିର ସ୍ୱଚ୍ଛତା ଓ ପବିତ୍ରତା ରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ 'ଦି ବେଲ୍', ପୁରୀ ପୌରପାଳିକା, ସ୍ଥାନୀୟ ମତ୍ସ୍ୟଜୀବୀ ସଂଘ, ପୁରୀ ବିଚ୍ ଲାଇଫ ଗାର୍ଡ ମହାସଂଘ ଏବଂ ବିଭିନ୍ନ ଅନୁଷ୍ଠାନ ମିଳିତ ଭାବେ ମହୋଦଧି ବା ସମୁଦ୍ର ସଫେଇ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ବୁଧବାର ପୁରୀ ବେଳାଭୂମି ଲାଇଟ୍ ହାଉସସ୍ଥିତ ଫିସ ଲାଣ୍ଡିଂ ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୨ରୁ ଊର୍ଦ୍ଧ୍ୱ ମାଛଧରା ଡଙ୍ଗାରେ ୫୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଓ ଲାଇଫ ଗାର୍ଡ ଗଭୀର ସମୁଦ୍ରରେ ଭାସୁଥିବା ଆବର୍ଜନା ଓ ପ୍ଲାଷ୍ଟିକ୍ ସଂଗ୍ରହକରି କୂଳକୁ ଆଣିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ପୌର ଅଧିକାରୀ ଅଭିମନ୍ୟୁ ବେହେରା ଯୋଗଦେଇ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଶେଷ ସମ୍ମାନିତ ଅତିଥି ଭାବେ ନାଲ୍‌କୋର ପୂର୍ବତନ ଚେୟାରମ୍ୟାନ ତଥା ସିଏମ୍‌ଡି ତପନ କୁମାର ଚାନ୍ଦ ଯୋଗଦେଇ କହିଲେ, କେବଳ ଉପକୂଳ ବା ସମୁଦ୍ରତଟ ନୁହେଁ ସମୁଦ୍ରକୁ ମଧ୍ୟ ନିର୍ମଳ ଓ ସୁରକ୍ଷିତ ରଖିବା ଆବଶ୍ୟକ। ଏହାଦ୍ୱାରା ସାମୁଦ୍ରିକ ଜୀବ ସୁରକ୍ଷିତ ରହିବା ସହିତ ଏହାର ଇକୋଲୋଜି ସିଷ୍ଟମ ମଧ୍ୟ ଠିକ୍ ରହିବ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତାରିଣୀ ମହାନ୍ତି, ଅଧିବକ୍ତା କୁଳମଣି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୀ ଲାଇଫ ଗାର୍ଡ ମହାସଂଘ, ବୁଢ଼ୀ ମା' ମତ୍ସ୍ୟଜୀବୀ ସଂଘ, ସାତଲହଡ଼ି ମତ୍ସ୍ୟଜୀବୀ ସଂଘ, ଶ୍ରୀକ୍ଷେତ୍ର ମତ୍ସ୍ୟଜୀବୀ ସଂଘ, ସାଗର ସୋସାଇଟି, ଶ୍ରୀକ୍ଷେତ୍ର ମତ୍ସ୍ୟଜୀବୀ ସୋସାଇଟି, ବୁଢ଼ୀ ମା' ମତ୍ସ୍ୟଜୀବୀ ସମବାୟ ସମିତି ଏବଂ ପୁରୀ ଜିଲା ସାମୁଦ୍ରିକ ମତ୍ସ୍ୟଜୀବୀ ୟୁନିୟନର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଉପାଧ୍ୟକ୍ଷ ସୁକାନ୍ତ ପଣ୍ଡା, ପୁରୀ ବିଚ୍ ଲାଇଫ ଗାର୍ଡ ମହାସଂଘ ସମ୍ପାଦକ ହ୍ୟାରୀ ରାଓ ଏବଂ ବେଲ୍ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ପରିଚାଳନା କରିଥିଲେ।



# ଲୁଟେରାଙ୍କ ଟାର୍ଗେଟରେ ସରକାରୀ କ୍ୱାର୍ଟର୍ସ

ଭୁବନେଶ୍ୱର,୨।୧୦
(ସୂର୍ଯ୍ୟକାନ୍ତ ବେହେରା)

**■ ଏଏସ୍‌ଓଙ୍କ ଘରୁ ଲୁଟିନେଲେ ଟଙ୍କା, ଗହଣା**
**■ ଗୋଟିଏ ଦିନରେ ୩ ଚୋରି**

ଦୁର୍ଗାପୂଜା ଯେତିକି ପାଖେଇ ଆସୁଛି ଲୁଟେରାମାନେ ମଧ୍ୟ ସକ୍ରିୟ ହୋଇଉଠୁଛନ୍ତି। ରାତି ହେଉ କି ଦିନ ବେଧଡ଼କ ଭାବେ ଘରୁ ଲୁଟି ନେଉଛନ୍ତି। ରାଜଧାନୀର ବିଭିନ୍ନ ଘର ଓ ଆପାର୍ଟମେଣ୍ଟକୁ ଟାର୍ଗେଟ କରି ଚୋରି କରିବା ପରେ ଏବେ ସରକାରୀ କ୍ୱାର୍ଟର୍ସ ଉପରେ ନଜର ପକାଇଛନ୍ତି। ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀ ଓ ଆଇଆରସି ଭିଲେଜ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସରୁ ଗୋଟିଏ ଦିନରେ ୩ ଟି ଘରୁ ଚୋରି ହୋଇଥିବା ଜଣାପଡ଼ିଛି। ରେଣ୍ଟାଲ କଲୋନୀ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସ ନଂ. ଟି ୧/୨ରେ ରହୁଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ସୌମ୍ୟରଞ୍ଜନ ବାରିକଙ୍କ ଘରୁ ଦୁର୍ବୃତ୍ତମାନେ ୧ ଲକ୍ଷ ଟଙ୍କା, ୧୫ ଗ୍ରାମର ସୁନାଗହଣା ଲୁଟି ନେଇଛନ୍ତି। ସୌମ୍ୟରଞ୍ଜନ ଓ ତାଙ୍କ ବାପା ଘରେ ନ ଥିବାବେଳେ ଦିନ ଦ୍ୱିପ୍ରହରରେ ଲୁଟେରାମାନେ ତାଙ୍କ ଘରର ତାଲା ଲଗା ଯାଉଥିବା ହୁକ୍‌କୁ କାଟି ଭିତରେ ପଶିବା ସହ ଆଲମିରା ତାଡ଼ି ଚୋରି କରି ନେଇଛନ୍ତି। ଏହାସହ ଘରେ ଥିବା ଜିନିଷକୁ ଏଣେତେଣେ ଫୋପାଡ଼ି ଦେଇଛନ୍ତି। ଏନେଇ ଚୋରି ସଂକ୍ରାନ୍ତରେ ଏଏସ୍‌ଓ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଆଇଆର୍‌ସି ଭିଲେଜ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସ ନଂ. ୧୦୫ରେ ରହୁଥିବା ଆସିଷ୍ଟାଣ୍ଟ ଡାଇରେକ୍ଟର(ଲ') ରାଜେଶ୍ୱର ଦାସଙ୍କ ଘରୁ ମଧ୍ୟ ଦୁର୍ବୃତ୍ତମାନେ କିଛି ସାମଗ୍ରୀ ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି। ସେ ତାଲା ପକାଇ ସକାଳୁ ଅଫିସ ଯାଇଥିଲେ। ରାତିରେ ଘରକୁ ଫେରିବା ବେଳକୁ ତାଙ୍କ ଘରର ଗ୍ରୀଲ ଓ ତାଲା କଟା ଯାଇଥିବା ଦେଖିବାକୁ ପାଇଥିଲେ। ଏହାସହ ଘରର ଜିନିଷ ସାମଗ୍ରୀ ଏଣେ ତେଣେ ଫୋପଡ଼ା ଯିବା ସହ କିଛି ସାମଗ୍ରୀ ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି। ସେହିଭଳି ୧୦୬ ନମ୍ବର କ୍ୱାର୍ଟର୍ସରୁ ମଧ୍ୟ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସେପ୍ଟେମ୍ବର ୩୦ରେ ଘଟିଥିବା ଏହି ୩ଟି ଘଟଣାର ଅଭିଯୋଗ ଆସିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜରୁ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଧରିବାକୁ ଉଦ୍ୟମ ଜାରି ରଖିଛି।

## ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

ଛତ୍ରପୁର,୨।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ହସ୍ପିଟାଲରେ ବୁଧବାର ଚିକିତ୍ସା ଅବହେଳାରୁ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ଅଭିଯୋଗ କରିଛନ୍ତି। ମୃତକ ହେଲେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଘଡଘଡାପଲ୍ଲୀ ଗାଁର ଡି.ଜଗା ପାତ୍ର। ଜଗାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଛତ୍ରପୁର ହସ୍ପିଟାଲକୁ ଆଣିଥିଲେ। ତାଙ୍କର ଇସିଜି କରିବାକୁ କାଜୁଆଲଟିରେ ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଇସିଜି ସେଣ୍ଟର ବନ୍ଦ ଥିବାରୁ ପରୀକ୍ଷା ହୋଇପାରି ନ ଥିଲା। ଘଣ୍ଟାଏ ପରେ ଜଗାଙ୍କ ଛାତିରେ ପୁଣି ଅଧିକ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ। ତେବେ ଇସିଜି ରିପୋର୍ଟ ଆସିବା ପରେ ଦେଖିବା ବୋଲି ଡାକ୍ତର କହିଥିଲେ। ପ୍ରାୟ ଅଢେଇ ଘଣ୍ଟା ଧରି ଚିକିତ୍ସା ନ ପାଇ ତାଙ୍କର ମୃତ୍ୟୁ ହୋଇଥିଲା।

## ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା

ବିଷମକଟକ, ୨।୧୦(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକଣା ମାଳିସାହିରେ ଟାଙ୍ଗିଆରେ ହାଣି ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। କେତେଜଣ ଦୁର୍ବୃତ୍ତ ମାଳିସାହିର ଘାସିରାମ ଜିଲାକାରଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଆକ୍ରମଣ ପରେ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ତେବେ କିଏ ଏବଂ କାହିଁକି ଘାସିରାମଙ୍କୁ ହତ୍ୟାକଲେ ତାହା ସ୍ପଷ୍ଟ ହୋଇନାହିଁ। ବିଷମକଟକ ପୋଲିସ ବୁଧବାର ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ସହାୟତା ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନକରି ପୋଲିସ ଉକ୍ତ ଗାଁର ୪ଜଣ ଯୁବକଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପୃଥକ୍ ଭାବେ ପଚରାଉଚରା କରୁଥିବା ଜଣାପଡ଼ିଛି।

ଘାସିରାମ ମଙ୍ଗଳବାର ରାତିରେ ରାସ୍ତାରେ ବୁଲୁଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘାସିରାମ ସାହି ଭିତରକୁ ଦୌଡ଼ି ଦୌଡ଼ି ଆସିବା ପରେ ତଳେ ପଡିଯାଇଥିଲେ। କେତେଜଣ ଲୋକ ଏହା ଦେଖି ବିଷମକଟକ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ହେଲେ କିଏ ଏହି ହତ୍ୟାକାଣ୍ଡ ଘଟାଇଛି ସେ ନେଇ ପୋଲିସ କୌଣସି ସୁରାକ ପାଇନାହିଁ। ହତ୍ୟାକାଣ୍ଡ ସମ୍ବନ୍ଧରେ ସାହି ବାସିନ୍ଦା ମଧ୍ୟ ମୁହଁ ଖୋଲୁନାହାନ୍ତି। ବୁଧବାର ସକାଳେ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ କେସ୍ ନଂ. ୧୬୨/୨୪ରେ ମାମଲା ରୁଜୁକରି ତନାଘନା ଜାରି ରଖିଥିବା ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

## ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ଦିଗପହଣ୍ଡି,୨।୧୦(ଅଶେଷନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ପେଣ୍ଠୁରାବାଡ଼ି ଗ୍ରାମର ରଞ୍ଜିତା ପଣ୍ଡାଙ୍କୁ ତାଙ୍କ ସ୍ୱାମୀ ଜୟଚନ୍ଦ୍ର ପଣ୍ଡା ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ବୁଧବାର ରଞ୍ଜିତାଙ୍କ ମା' ରେଣୁ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର (ନଂ.୩୬୬/୨୪) ମାମଲା ରୁଜୁକରିସ୍ ଜୟଚନ୍ଦ୍ରଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ଖବରରୁ ଜଣାପଡିଛି, ଅମାବାସ୍ୟା ତିଥିରେ ବଜ୍ର ମହାକାଳୀ ପୂଜା ନିମନ୍ତେ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଜୟଚନ୍ଦ୍ର ରଞ୍ଜିତାଙ୍କୁ ୧୯ ଶହ ଟଙ୍କା ଦେଇଥିଲେ। ମାତ୍ର ରଞ୍ଜିତା ଉକ୍ତ ଟଙ୍କାକୁ ଅନ୍ୟ ସାମଗ୍ରୀ କିଣାରେ ଖର୍ଚ୍ଚ କରି ଦେଇଥିଲେ। ଏହାକୁ ନେଇ ମଙ୍ଗଳବାର ଅପରାହ୍ନ ୫ଟାରେ ରଞ୍ଜିତା ଓ ଜୟଚନ୍ଦ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଜୟଚନ୍ଦ୍ର ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ରଞ୍ଜିତା ଅଚେତ ହୋଇ ଘରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଞ୍ଜିତାଙ୍କର ମୃତ୍ୟୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦୁଷ୍ମନ୍ତ ପ୍ରଧାନ ବୁଧବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ମାନସିକ ଭାରସାମ୍ୟ ହରାଇ ରଞ୍ଜିତା ଘରେ ଥିବା କୀଟନାଶକ ଖାଇ ଦେଇଥିଲେ ବୋଲି ପଚରାଉଚରା ବେଳେ ଜୟଚନ୍ଦ୍ର ପୋଲିସକୁ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ ବର୍ଷ ତଳେ ପେଣ୍ଠୁରାବାଡ଼ି ଗ୍ରାମର ସ୍ୱର୍ଗତ ସୀମାଞ୍ଚଳ ପଣ୍ଡାଙ୍କ ମଝିଆ ଝିଅ ରଞ୍ଜିତା ସେହି ଗ୍ରାମର ଜୟଚନ୍ଦ୍ରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ଅନୁସାରେ ସମସ୍ତ ଯୌତୁକ ସାମଗ୍ରୀ ପ୍ରଦାନ କରାଯାଇଥିଲା।

## ପାଟ୍ରୋଲିଂ ବେଳେ ଖୋର୍ଦ୍ଧା ଡିଏଫ୍‌ଓଙ୍କୁ ଆକ୍ରମଣ

ଟାଙ୍ଗୀ(ଖୋର୍ଦ୍ଧା),୨।୧୦(ରଘୁନାଥ ସାହୁ)

**ଜଙ୍ଗଲ ବିଭାଗ ପକ୍ଷରୁ ବିଦ୍ୟୁତ୍‌କାଟକୁ ନେଇ ଲୋକେ କ୍ଷୁବ୍ଧ**

ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ ମଙ୍ଗଳବାର ରାତିରେ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଟାଙ୍କୋଳ ପଞ୍ଚାୟତରେ ହାତୀପଲଙ୍କ ଗତିବିଧି ସମ୍ପର୍କରେ ଜାଣିବାକୁ ପାଟ୍ରୋଲିଂ କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିବା ନେଇ ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୩୪୭/୨୪) ରୁଜୁ କରିଛି। ଏହି ଘଟଣା ସମ୍ପର୍କରେ ତଦନ୍ତ କରିବା ପାଇଁ ସିକୋ ଫାଣ୍ଡି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଡମଣଭୂଇଁ, ଗୋଳବାଇ, ଟାଙ୍କୋଳ, ଛଣଗିରି, ସରପାରି, ଅଚ୍ୟୁତପୁର, କାମାଗୁରୁ ଆଦି ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ହାତୀପଲ ଫସଲ ଓ ଘରଦ୍ୱାର ନଷ୍ଟ କରୁଛନ୍ତି। ବେଳେବେଳେ ହାତୀ ଆକ୍ରମଣରେ ମଣିଷର ମୃତ୍ୟୁ ହେଉଛି। ସେହିପରି ଫସଲକୁ ସୁରକ୍ଷା ଦେବାକୁ ବିଛାଯାଇଥିବା ବିଦ୍ୟୁତ୍ ସଂଯୋଗ ବାଡ଼ରେ ଲାଗି ହାତୀଙ୍କ ଜୀବନ ମଧ୍ୟ ଯାଉଛି। କିଛିଦିନ ପୂର୍ବରୁ ଡମଣଭୂଇଁ ଗ୍ରାମ ନିକଟରେ ଦୁଇଟି ହାତୀ ଏଭଳି ଭାବେ ପ୍ରାଣ ହରାଇଥିଲେ। ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ବନ ବିଭାଗ ଯେଉଁ ଅଞ୍ଚଳରେ ହାତୀ ଚଳପ୍ରଚଳ ସମ୍ପର୍କରେ ସୂଚନା ପାଉଛି, ସେହି ଅଞ୍ଚଳରେ ପାଟ୍ରୋଲିଂ କରିବା ସହ ରାତିରେ ବେଆଇନ ବିଦ୍ୟୁତ୍ ସରବରାହ ବନ୍ଦ କରିଦେଉଛି। ଗତ କିଛି ଦିନ ହେଲା ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଥିବାବେଳେ ବିଦ୍ୟୁତ୍‌କାଟ ଯୋଗୁ ଲୋକେ ରାତିରେ ଶୋଇପାରୁନାହାନ୍ତି। ତେଣୁ ଜଙ୍ଗଲ ବିଭାଗ ଉପରେ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଭଳି ସ୍ଥିତିରେ ମଙ୍ଗଳବାର ରାତିରେ ଡିଏଫ୍‌ଓ ପାଣ୍ଡିଆନ୍ ପାଟ୍ରୋଲିଂରେ ଯାଇଥିବାବେଳେ ଗ୍ରାମବାସୀ ତାଙ୍କ ଗାଡ଼ିକୁ ଅଟକାଇ ଗୋଇଠା ମାରିବା ସହ ତାଙ୍କୁ ଆକ୍ରମଣ ଓ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ବିଦ୍ୟୁତ୍‌କାଟ ପାଇଁ ସେମାନେ ଜଙ୍ଗଲ ବିଭାଗକୁ ଦାୟୀ କରିଛନ୍ତି। ହାତୀ ଗତିବିଧି ଠାବ ପାଇଁ ଜଙ୍ଗଲ ବିଭାଗ କର୍ମଚାରୀ, ସ୍ୱତନ୍ତ୍ର ସ୍କ୍ୱାଡ୍, ଗଜସାଥୀ ରହିଛନ୍ତି। ଏହାସତ୍ତ୍ୱେ ସେମାନେ ଠିକ୍ ଭାବେ ସୂଚନା ଦେଇପାରୁ ନଥିବା ଲୋକେ ଅଭିଯୋଗ କରିଛନ୍ତି। ସେହିପରି କେଉଁ ଅଞ୍ଚଳରେ ବିଦ୍ୟୁତ୍ ତାର ଘେରାଯାଇଛି ତାହା ମଧ୍ୟ ବିଭାଗୀୟ କର୍ମଚାରୀଙ୍କ ପାଖରେ ଖବର ରହୁନାହିଁ। ତେଣୁ ହାତୀଙ୍କୁ ସୁରକ୍ଷା ଦେବାକୁ ଯାଇ ଲୋକଙ୍କୁ ହଇରାଣ କରିବା କେଉଁ ଆଇନରେ ଅଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

ଅତାବିରା,୨।୧୦(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ସଂକ୍ରୀଡ଼ା ବିନ୍ଧ୍ୟବାସିନୀ ପାହାଡ଼ର ଏକ ଖଇର ଗଛରୁ ବୁଧବାର ପୋଲିସ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଦ୍ୱୟ ହେଲେ ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ସାରସପାଲି ଗ୍ରାମର ସୁନୀଲ କଠାର (୨୫) ଏବଂ ସେହି ଗ୍ରାମର ୧୭ବର୍ଷିଆ ନାବାଳିକା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ତେବେ ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି ନା ସେମାନଙ୍କ ମୃତ୍ୟୁ ପଛରେ ଅନ୍ୟକିଛି କାରଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ। ଭେଡ଼େନ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୪) ରୁଜୁ କରି ଅଧିକ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୁନୀଲ ଏବଂ ନାବାଳିକାଙ୍କ ମଧ୍ୟରେ ଦୀର୍ଘଦିନରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ଭିନ୍ନ ଜାତିର ହୋଇଥିବାରୁ ବିବାହ ପାଇଁ ପରିବାର ଲୋକଙ୍କ ସହମତି ନ ମିଳିବା ପରେ ଏଭଳି ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି। ଏ ନେଇ ପରିବାର ଲୋକ ତଥା ଗ୍ରାମବାସୀଙ୍କ ମଧ୍ୟରେ ସଭା ମଧ୍ୟ ହୋଇଥିଲା। ଉଭୟେ ଗତ ମାସ ୨୬ ତାରିଖରୁ ନିଖୋଜ ହୋଇଯାଇଥିଲେ।

## ସଫେଇ ଆଳରେ ସୁନା ଅଳଙ୍କାର ଲୁଟ୍

ଭୁବନେଶ୍ୱର,୨।୧୦(ସୂର୍ଯ୍ୟକାନ୍ତ ବେହେରା)

**ରାଜଧାନୀରେ ମାତିଛନ୍ତି ଗ୍ୟାଙ୍ଗ୍**

ରାଜଧାନୀରେ ସଫେଇ ଆଳରେ ସୁନା ଜିନିଷ ନେଇ ଦୁର୍ବୃତ୍ତ ଚମ୍ପଟ ମାରୁଛନ୍ତି। ସହରର ଗଳିକନ୍ଦିଠାରୁ ଆରମ୍ଭ କରି ଉପକଣ୍ଠ ପର୍ଯ୍ୟନ୍ତ ଘର ଘର ବୁଲି ଏହି ଗ୍ୟାଙ୍ଗ ଲୁଟୁଛନ୍ତି। ବଡ଼ଗଡ଼ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ସଫେଇ ଆଳରେ ତାଙ୍କର ୧୩ ଗ୍ରାମର ସୁନାଚେନ ଓ ମୁଦି ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଏନେଇ ଠକେଇର ଶିକାର ହୋଇଥିବା ଲକ୍ଷ୍ମୀପ୍ରିୟା ପ୍ରଧାନ ସ୍ଥାନୀୟ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଦୁଇ ଜଣ ବ୍ୟକ୍ତି ବାଇକରେ ଆସି ରୁପା ଜିନିଷ ସଫା କରିବାକୁ କହିଥିଲେ। ଫଳରେ ଲକ୍ଷ୍ମୀପ୍ରିୟା ତାଙ୍କୁ ରୁପାର ପାଉଁଜି ଦେଇଥିଲେ। ଏହାପରେ ସେ ସୁନା ଜିନିଷ ମାଗିବାରୁ ସୁନାଚେନ ଓ ମୁଦି ଦେଇଥିଲେ। କିନ୍ତୁ ଅଭିଯୁକ୍ତମାନେ ହଠାତ ସଫା କରିବା ବଦଳରେ ବାଇକରେ ଫେରାର ହୋଇଯାଇଥିଲେ। ସେହିପରି ସୋମବାର ମଧ୍ୟ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସଫେଇ ଆଳରେ ସୁନାହାର, ଚୁଡ଼ି, ରୁପା ଜିନିଷ ନେଇ ଯାଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି।

## ଅବହେଳା ପାଇଁ ୨୦୧୯ରେ ଜେଲ ଯାଇଥିଲେ ଅଧ୍ୟକ୍ଷ

ଭବାନୀପାଟଣା,୨।୧୦(ଉତ୍ତମ କୁମାର ଦାଶ)

**ରାଗିଂ: ଚର୍ଚ୍ଚାରେ ବିନାୟକ ରେସିଡେଣ୍ଟ କଲେଜ**



କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନିପୁର ନିକଟସ୍ଥ ବିନାୟକ ରେସିଡେଣ୍ଟ କଲେଜରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସିଛି। ଗତ ରବିବାର ରାତିରେ ଏଠାକାର ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷ (କଳା) ବିଭାଗର ଛାତ୍ର ଅଙ୍କେଶ ବାଗଙ୍କୁ ରାଗିଂ କରି ସହପାଠୀମାନେ ୩ମହଲା କୋଠାରୁ ଠେଲିଦେଇଥିବା ଅଭିଯୋଗ ହୋଇଥିଲା। ଗୁରୁତର ଅବସ୍ଥାରେ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆହତ ଛାତ୍ର ଅଙ୍କେଶଙ୍କ କହିବା ଅନୁଯାୟୀ ସହପାଠୀମାନେ ବିଭିନ୍ନ ସମୟରେ ରାଗିଂ କରି ମାଡ଼ ମାରନ୍ତି। ରବିବାର ରାତିରେ ୯ଜଣ ଛାତ୍ର କ୍ଲାସ୍‌ରେ ମାଡ଼ ମାରି ତିନିମହଲା କୋଠାରୁ ଠେଲି ଦେଇଥିଲେ। ରାଗିଂର କିଛି ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଘୂରିବୁଲୁଛି। କଲେଜର ଆଣ୍ଟି ରାଗିଂ ସେଲ୍ ଏହି ଘଟଣାର ତଦନ୍ତ କରୁଛି ବୋଲି ଅଧ୍ୟକ୍ଷ ନଳିନୀକାନ୍ତ ଦାଶ ସଫେଇ ଦେଉଥିବାବେଳେ ଏହି ସେଲ୍ ଅଭିଯୋଗ ଆସିଥିବା ଛାତ୍ରଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଛି। କେବଳ ଏହି ଘଟଣା ନୁହେଁ, ୨୦୧୯ ଅକ୍ଟୋବରରେ ଆଉ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ଏହି କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷ (ବିଜ୍ଞାନ)ରେ ପଢ଼ୁଥିବା ଶାଶ୍ୱତ ମୁଣ୍ଡ ନାମକ ଜଣେ ଛାତ୍ରଙ୍କ ସ୍ଥାନୀୟ ଜଳେଶ୍ୱର ମନ୍ଦିର ନାଳରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରଙ୍କୁ ଅପରାହ୍ନରେ ଗାଧୋଇବା ପାଇଁ ବାହାରକୁ ଯିବାକୁ କଲେଜ କର୍ତ୍ତୃପକ୍ଷ କିପରି ଅନୁମତି ଦେଲେ ବୋଲି ସେତେବେଳେ ପ୍ରଶ୍ନ ଉଠିଥିଲା। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ସେତେବେଳେ ଅଭିଯୋଗ ଆଣିଥିଲେ। ଏନେଇ ପରିବାରବର୍ଗଙ୍କ ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଏକ ହତ୍ୟା ଅଭିଯୋଗ କରାଯାଇଥିଲା। ପୋଲିସ ମୃତ ଶାଶ୍ୱତଙ୍କ ସହପାଠୀଙ୍କୁ ଜେରା କରିବା ସହ କର୍ତ୍ତବ୍ୟରେ ଅବହେଳା ଯୋଗୁ କଲେଜର ପରିଚାଳନା ନିର୍ଦ୍ଦେଶକ ତଥା ତତ୍‌କାଳୀନ ଅଧ୍ୟକ୍ଷ ତ୍ରିଲୋଚନ ମହାପାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତା କାର୍ଯ୍ୟ ଯୋଗୁ ବିଭିନ୍ନ ସମୟରେ ଏପରି ଅଭାବନୀୟ ଘଟଣା ସାମ୍ନାକୁ ଆସୁଛି। ଆଡ୍‌ମିଶନ ସମୟରେ କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଉଥିବାବେଳେ ସୁରକ୍ଷା ଦେବା କ୍ଷେତ୍ରରେ କିନ୍ତୁ ଫେଲ ମାରିଛନ୍ତି, ଯାହା ଉପରୋକ୍ତ ଦୁଇ ଘଟଣାରୁ ପ୍ରମାଣିତ ହୋଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। କଲେଜରେ ବିଭିନ୍ନ ସମୟରେ ଘଟୁଥିବା ଏଭଳି ଅଘଟଣ ପାଇଁ ଅଧ୍ୟକ୍ଷ ନଳିନୀ କାନ୍ତ ଦାସଙ୍କୁ ପଚରାଯିବାରେ ରାଗିଂ ଘଟଣାରେ ତଦନ୍ତ ଚାଲିଛି। ଏଥିରେ ଯିଏବି ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ପିଲାଙ୍କ ସୁରକ୍ଷା ପାଇଁ ଧ୍ୟାନ ଦିଆଯାଉଛି। ତେବେ ୨୦୧୯ ମସିହାରେ ଘଟିଥିବା ଘଟଣା ବିଷୟରେ ସେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି।

## କମ୍ପ୍ୟୁଟର ସେଣ୍ଟରରେ ନକଲି ମାଲିକ

କନ୍ଧମାଳ/ ମନମୁଣ୍ଡା,୨।୧୦
(ଆଦିତେଶ୍ୱର ମିଶ୍ର /ବେଣୁଧର ପଧାନ)

**ଜଣେ ଅଟକ**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ଦହ୍ୟାଠାରେ ଓମ୍ କମ୍ପ୍ୟୁଟର ସେଣ୍ଟର କାର୍ଯ୍ୟ କରୁଛି। ଏହି କେନ୍ଦ୍ରରେ ବର୍ତ୍ତମାନ ଆର୍‌ଆଇ ପରୀକ୍ଷା ଚାଲୁ ରହିଛି। ଏହି ସେଣ୍ଟରରେ ଦିନକୁ ୩ ଗୋଟି ଶିଫ୍ଟରେ ଆର୍‌ଆଇ ପରୀକ୍ଷା ଚାଲିଥିବା ବେଳେ ପ୍ରତ୍ୟେକ ଶିଫ୍ଟରେ ୩୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। କିନ୍ତୁ ପରୀକ୍ଷା କେନ୍ଦ୍ର ଅସଲି ଥିବାବେଳେ କେନ୍ଦ୍ରର ମାଲିକେ ନକଲି ବୋଲି ଅଭିଯୋଗ ହେବା ପରେ ବୁଧବାର ପୋଲିସ ଉକ୍ତ ସେଣ୍ଟର ଉପରେ ଚଢାଉ କରିଥିଲା। ପୋଲିସ ଉକ୍ତ ସେଣ୍ଟରରୁ ଜଣେ ବ୍ୟକ୍ତିଙ୍କୁ ନେଇ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସେଣ୍ଟରର ମାଲିକ ସମ୍ବିତ୍ କୁମାର ବେହେରା ବୋଲି କୁହାଯାଉଥିବା ବେଳେ ତାଙ୍କ ପ୍ରୋପ୍ରାଇଟର ସିଟ୍‌ରେ କୁଆଡେ ନକଲି ଭାବେ ଅନ୍ୟ ଜଣଙ୍କ ଫଟୋ ଲାଗିଥିଲା। ଅନ୍ୟପକ୍ଷରେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀ ଏବେ ଚିନ୍ତାରେ ପଡି ଯାଇଛନ୍ତି। ଜିଲାରେ ନକଲି ଭାବେ ଚାଲୁଥିବା ସେଣ୍ଟର ସମ୍ପର୍କରେ କିପରି ପ୍ରଶାସନିକ ଅଧିକାରୀମାନେ ଜାଣିପାରିଲେ ନାହିଁ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନା ଅଧିକାରୀ ରାଜକୁମାର ମୁର୍ମୁଙ୍କୁ ପଚାରିବାରେ ଏନେଇ କୌଣସି ମାମଲା ହୋଇନାହିଁ, ଅଭିଯୋଗ ପରେ ଜଣଙ୍କୁ ଅଟକ ରଖାଯାଇଛି। ଅଟକ ବ୍ୟକ୍ତି ଜଣକ ସେଠାରେ କାମ କରୁଥିବା କହିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ପ୍ରକାଶ କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କିଏ ଖାଉଥାଏ ଖିରି ଖିରିସା,**
**କାହା ଭାଗ୍ୟେ ନାହିଁ କୁଣ୍ଡା ଆରିସା।**

ନିଜ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥିବାର ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କରମ ଗୁଣେ କରମଙ୍ଗା ଫଳେ**
**ଲାଉ ଲଗାଇଲେ ଚଲଣା ଫଳେ।**

ମଣିଷ ନିଜ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଏ। ତେବେ ଭାଗ୍ୟ ମନ୍ଦ ପଡ଼ିଲେ କର୍ମ ଫଳ ମଧ୍ୟ ମନ୍ଦ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଖଣି ଅଞ୍ଚଳରୁ ତେଲ ଚୋରି

ଯୋଡ଼ା,୨/୧୦(ମାନସ ମହାନ୍ତି)

**ଧରାହେଲା ୪୨୦ ଲିଟର ଡିଜେଲ**

କେନ୍ଦୁଝର ଜିଲା ବଲାଣୀ ଖଣି ଅଞ୍ଚଳରେ ଟ୍ରକ୍‌ରୁ ତେଲ ଚୋରି ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବଡ଼ବିଲ ପୋଲିସ ମଙ୍ଗଳବାର ରାତିରେ ବାଲାଗୋଡ଼ା ଛକ ନିକଟରେ ଚଢ଼ାଉ କରି ୨ ବୋଲେରୋ ସହ ୪୨୦ ଲିଟର ଡିଜେଲ ଜବତ କରିଛି। ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଅଟକ ରଖିଥିବା ବେଳେ ବଲାଣୀ ମାର୍କେଟ ଅଞ୍ଚଳର ରୋଶନ ଗୁପ୍ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ବଡ଼ବିଲ, ବଲାଣୀ ଅଞ୍ଚଳରୁ ଡିଜେଲ ମାଫିଆମାନେ ପ୍ରତିଦିନ ପରିବହନ ପାଇଁ ଛିଡ଼ା ହୋଇଥିବା ଟ୍ରକ୍‌ଗୁଡ଼ିକରୁ ଡିଜେଲ ଚୋରି କରି ନେଉଥିବା ଅଭିଯୋଗ ହେଉଛି।

## ବାଣ ଭିଡୁଥିବା ବେଳେ ବିସ୍ଫୋରଣ: ଜଣେ ଗୁରୁତର

ନିଶ୍ଚିନ୍ତକୋଇଲି,୨।୧୦
(ଅଶୋକ କୁମାର ମହାପାତ୍ର)


ଘରେ ବାଣ ବିସ୍ଫୋରଣ ସ୍ଥାନରେ ପୋଲିସ ତଦନ୍ତ କରୁଛି।

କଟକ ଜିଲା ସାଲେପୁର ଥାନା ଅଧୀନ ଜିଗ୍ନିପୁର ଗାଁର ପର୍ଶୁରାମ ବେହେରା ଘରେ ବାଣ ଭିଡ଼ିବା ସମୟରେ ବୁଧବାର ବିସ୍ଫୋରଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଜିଗ୍ନିପୁର ଗାଁର କାରିଗର ରବୀନ୍ଦ୍ର ଦଳାଇ(୪୮)। ସ୍ଥାନୀୟ ଲୋକେ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗ ଜନକ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ବେଆଇନ ବାଣ ତିଆରି କରାଯାଉଥିବା ଘରର ବ୍ୟାପକ କ୍ଷତି ହୋଇଛି। ଏଥିସହ ଘରୁ ପର୍ଯ୍ୟାପ୍ତ ପରିମାଣର ବାରୁଦ, ବାଉଁଶ ପାତିଆ, ସୁତୁଲି ପୋଲିସ ଜବତ କରିଛି। ପୋଲିସ ନିଜ ଆଡୁ ନଂ. ୩୯୩/୨୪ରେ ମାମଲା ରୁଜୁ କରିଛି। ତେବେ ଖବର ପ୍ରଘଟ ହେବା ପରେ କଟକ ଜିଲା ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ବେଆଇନ ବାଣ ଭିଡ଼ା ଉପରେ କଡ଼ା ପଦକ୍ଷେପ ନେବାକୁ ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାରୁ ଆସନ୍ତା ଦଶହରା, ଦୀପାବଳି ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ, ସାଲେପୁର ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ବେଆଇନ ବାଣ ବିକ୍ରି ଓ ତିଆରି ହେଉଥିବା ଅଭିଯୋଗ ହୋଇଛି।

**ପରିବାରର ୪ ଜଣଙ୍କ ଆତ୍ମହତ୍ୟା**

ନାଗପୁର: ମହାରାଷ୍ଟ୍ରର ନାଗପୁର ଜିଲା ମୱାଡ୍ ଗ୍ରାମରେ ବୁଧବାର ଏକ ଦମ୍ପତି ଓ ତାଙ୍କ ୨ ପୁଅ ଘରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଉକ୍ତ ଘରେ ମୃତଦେହ ନିକଟରୁ ସୁଇସାଇଡ୍ ନୋଟ ଜବତ କରିଛି। ୪ ମୃତକ ହେଉଛନ୍ତି ଅବସରପ୍ରାପ୍ତ ଶିକ୍ଷକ ବିଜୟ ମଧୁକର ପଚୋରି(୬୮), ତାଙ୍କ ସ୍ତ୍ରୀ ମାଲା(୫୫) ଓ ତାଙ୍କର ୨ ପୁଅ ଗଣେଶ(୩୮) ଏବଂ ଦୀପକ(୩୬)। ଏକ ଠକେଇ ମାମଲାରେ ପରିବାରର ଜଣେ ପୁଅ ଗିରଫ ହୋଇଥିବାରୁ ଚାପରେ ଆସି ସେମାନେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ନାଗପୁର ଗ୍ରାମୀଣ ପୋଲିସ ଅନୁମାନ କରୁଛି।

# ମୁସଲମାନ ସ୍ୱାମୀଙ୍କୁ ଯାବଜ୍ଜୀବନ ଜେଲ

## ଲଭ୍ ଜିହାଦ୍ ଜାତୀୟ ଏକତା ପ୍ରତି ବିପଦ: ୟୁପି କୋର୍ଟ

**ବରେଲି,୨।୧୦**

ନିର୍ଦ୍ଦିଷ୍ଟ ଅସାମାଜିକ ତତ୍ତ୍ୱଙ୍କ ଉଦ୍ଦେଶ୍ୟ ହେଉଛି ଲଭ୍ ଜିହାଦ୍ ଜରିଆରେ ଭାରତର ଜନସଂଖ୍ୟାଗତ ଭୂଗୋଳ ଉପରେ ଆଧିପତ୍ୟ ବିସ୍ତାର କରିବା। ଏହା ଭାରତ ବିରୋଧରେ ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ବୋଲି ଉତ୍ତରପ୍ରଦେଶର ବରେଲିସ୍ଥିତ ଏକ ଫାଷ୍ଟ ଟ୍ରାକ୍ କୋର୍ଟ ଟିପ୍ପଣୀ ଦେଇଛନ୍ତି। ଏହି ମାମଲାରେ ଅତିରିକ୍ତ ଜିଲା ବିଚାରପତି (ଫାଷ୍ଟ ଟ୍ରାକ୍ କୋର୍ଟ) ରବି କୁମାର ଦିବାକର ଜଣେ ମୁସଲମାନ ବ୍ୟକ୍ତିଙ୍କୁ ଯାବଜ୍ଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ୨୦୨୨ରେ ୨୨ ବର୍ଷୀୟା ଛାତ୍ରୀ ଏକ କୋଚିଂ ସେଣ୍ଟରରେ କମ୍ପ୍ୟୁଟର ପାଠ ପଢୁଥିବାବେଳେ ୨୩ ବର୍ଷୀୟ ମହମ୍ମଦ ଅଲିମ୍ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ପରେ ସେ ମୁସଲମାନ ବୋଲି ଛାତ୍ରୀ ଜାଣିବାକୁ ପାଇଥିଲେ। ଅଲିମ୍ ନିଜକୁ 'ଆନନ୍ଦ' କହି ମିଥ୍ୟା ପରିଚୟ ଦେବା ସହ ଛାତ୍ରୀଙ୍କୁ ବଳାତ୍କାର କରିଥିବା ନେଇ ୨୦୨୩ ମେ'ରେ ଅଭିଯୋଗ ହୋଇଥିଲା। ବିଚାରପତି ଦିବାକର ଏହି ମାମଲାର ଶୁଣାଣି କରି ୪୨ ପୃଷ୍ଠା ସମ୍ବଳିତ ରାୟ ଶୁଣାଇଛନ୍ତି। ସେ କହିଛନ୍ତି, ହିନ୍ଦୁ ଝିଅମାନଙ୍କୁ ପ୍ରଲୋଭନ ଦେଖାଇ ବେଆଇନ ଭାବେ ଧର୍ମାନ୍ତରୀକରଣ କରାଯାଉଛି। ଏହା ଜରିଆରେ ଭାରତରେ ପାକିସ୍ତାନ ଓ ବାଂଲାଦେଶ ଭଳି ସ୍ଥିତି ଉପୁଜାଇବା ପାଇଁ ଉଦ୍ୟମ ଚାଲିଛି। ଲଭ୍ ଜିହାଦ୍ ଓ ଧର୍ମାନ୍ତରୀକରଣ ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିଛି। ଏହାର ଦୃଢ଼ ମୁକାବିଲା କରା ନ ଗଲେ ଆଗକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିପାରେ। ପ୍ରକାଶ ଯେ, ୟୁପି ସରକାର ୨୦୨୧ରେ ଲଭ୍ ଜିହାଦ୍ ରୋକିବା ପାଇଁ 'ଉତ୍ତରପ୍ରଦେଶ ବେଆଇନ ଧର୍ମ ପରିବର୍ତ୍ତନ ନିରୋଧୀ ଆଇନ' ପ୍ରଣୟନ କରିଥିଲେ। ଉକ୍ତ ଆଇନ ବଳରେ ଅଲିମ୍‌ଙ୍କୁ ବଞ୍ଚିଥିବା ପର୍ଯ୍ୟନ୍ତ ଜେଲଦଣ୍ଡ ଦିଆଯାଇଛି।

# ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା: ୨୫ ଆହତ

**ଲକ୍ଷ୍ମୀପୁର(ଅନନ୍ତ ନାୟକ)/କୋରାପୁଟ (ଅମିତାଭ ବେହେରା) ,୨।୧୦**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଡୁମୁରିପଦର ଛକ ରେଲୱେ ଓଭରବ୍ରିଜ୍ ନିକଟ ୩୨୬ ଜାତୀୟ ରାଜପଥରେ ବୁଧବାର ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟ୍ରକ୍ ଓ ବସ୍ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବା ବେଳେ ୨୫ ଯାତ୍ରୀ ଆହତ ହୋଇଛନ୍ତି। ୭ ଗୁରୁତର ଯାତ୍ରୀଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଛି। ଏଥିରେ ଟ୍ରକ୍ ଡ୍ରାଇଭର ଉମରକୋଟର ସନ୍ତୋଷ ଡାକୁଆଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଜୟପୁର ପ୍ରଧାନୀଗୁଡାର ବସ୍ ଡ୍ରାଇଭର ରାମେଶ୍ୱର ପଢ଼ିଆରୀ ସଙ୍କଟାପନ୍ନ ଅବସ୍ଥାରେ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିବା ମ୍ୟାନେଜର ଶୁଭେନ୍ଦୁ କୁମାର ପଣ୍ଡା ସୂଚନା ଦେଇଛନ୍ତି। ବୁଧବାର ସକାଳ ୮ଟାରେ ଏକ ଘରୋଇ ବସ୍ ରାୟଗଡ଼ାରୁ ଜୟପୁରକୁ ଯାତ୍ରୀ ନେଇଯାଉଥିବା ସମୟରେ ବିପରୀତ ଦିଗରୁ ଏକ ଟ୍ରକ୍ ରାୟଗଡ଼ା ଜେକେ ପେପର୍ ମିଲ୍‌କୁ କାଠ ବୋଝେଇକରି ନେଇଯାଉଥିଲା। ବସ୍‌ଟି ଦ୍ରୁତଗତିରେ ଆସି ଟ୍ରକ୍ ସହ ପିଟିହେବାରୁ ଦୁର୍ଘଟଣା ଘଟିଥିଲା।



ଡୁମୁରିପଦର ଛକ ରେଲୱେ ଓଭରବ୍ରିଜ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।

# ଫଗୁଣସିନେରିରେ ଆନ୍ଧ୍ରର ଗ୍ରାମସଭା, ଗାନ୍ଧୀ ଜୟନ୍ତୀ



**ପଟ୍ଟାଙ୍ଗି,୨।୧୦(ଶରତ ଧଳ)**

ଆନ୍ଧ୍ରପ୍ରଦେଶରେ ସରକାର ବଦଳିବା ପରେ ମଧ୍ୟ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡ଼ିକରେ ଅନୁପ୍ରବେଶ ବନ୍ଦ ହେଉନାହିଁ। ବୁଧବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନରେ ଥିବା କୋଟିଆ ପଞ୍ଚାୟତ ସୀମାନ୍ତ ଫଗୁଣସିନେରି ଗ୍ରାମରେ ଆନ୍ଧ୍ର ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଗ୍ରାମ ସଭାସହ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ଗାନ୍ଧୀ ଜୟନ୍ତୀ ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ପାଳନ କରାଯାଉଥିବା ବେଳେ ଏହାର ସୁଯୋଗନେଇ ଆନ୍ଧ୍ର ରାଜ୍ୟ ପାର୍ବତୀପୁରମ୍ ମାନ୍ୟାମ ଜିଲା ସାଲୁର ପ୍ରଶାସନ ଅଧୀନରେ ଥିବା ଫଗୁଣସିନେରି ଗ୍ରାମକୁ ପଞ୍ଚାୟତ ମାନ୍ୟତା ଦେଇ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ କରୁଛି। ବୁଧବାର ଉକ୍ତ ଗ୍ରାମ ତଥା ନିଜ ପଞ୍ଚାୟତରେ ସାଲୁର ବ୍ଲକ କର୍ମଚାରୀ ଏବଂ ପିଇଓ ପ୍ରମୁଖ ପହଞ୍ଚି ସରପଞ୍ଚ କୁନେଟି କୁସୁ ଆମ୍ମାଙ୍କ ଉପସ୍ଥିତରେ ଗ୍ରାମବାସୀଙ୍କୁ ନେଇ ଗାନ୍ଧୀ ଜୟନ୍ତୀ ପାଳନ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ନେଇ ଗ୍ରାମସଭା କରି ଫେରିଥିବା ଜଣାପଡ଼ିଛି। ଉକ୍ତ ଗ୍ରାମସଭାରେ ଉପସ୍ଥିତ ଗ୍ରାମବାସୀଙ୍କଠାରୁ ବିଭିନ୍ନ ଯୋଜନା ସମ୍ପର୍କରେ ତଥ୍ୟ ସଂଗ୍ରହକରି ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଗ୍ରାମବାସୀଙ୍କଠାରୁ ମିଳିଥିବା ପ୍ରସ୍ତାବଗୁଡ଼ିକ ଯେପରି କାର୍ଯ୍ୟକାରୀ ହୋଇପାରିବ ସେ ନେଇ ସାଲୁର ବ୍ଲକ ପ୍ରଶାସନକୁ ରିପୋର୍ଟ ପ୍ରଦାନକରି ପାର୍ବତୀପୁରମ୍ ମାନ୍ୟାମ ଜିଲା ପ୍ରଶାସନର ଅନୁମୋଦନପରେ କାର୍ଯ୍ୟ କରାଯିବ ବୋଲି ଆଲୋଚନା ହୋଇଥିଲା। ସେପଟେ ଆନ୍ଧ୍ରର ଏପରି ଅନୁପ୍ରବେଶ ଓ ଗ୍ରାମସଭାକରି ଫେରିଥିବା ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଉକ୍ତ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

# ତ୍ରିରଙ୍ଗା ଧରି ସିଦ୍ଧାରାମାୟାଙ୍କ ଜୋତା କାଢ଼ିଲେ କଂଗ୍ରେସ କର୍ମୀ



**ବେଙ୍ଗାଲୁରୁ, ୨।୧୦**

କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ପୁଣି ଏକ ବିବାଦରେ ଛନ୍ଦି ହୋଇଛନ୍ତି। ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ବେଙ୍ଗାଲୁରୁସ୍ଥିତ ଗାନ୍ଧୀ ଭବନରେ ସିଦ୍ଧାରାମାୟା ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଥିବାବେଳେ ଜଣେ କଂଗ୍ରେସ କର୍ମୀ ହାତରେ ତ୍ରିରଙ୍ଗା ଧରି ତାଙ୍କୁ ଜୋତା କାଢ଼ିବାରେ ସାହାଯ୍ୟ କରିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରାଜ୍ୟରେ ବିରୋଧୀ ଭାଜପା ଭିଡିଓକୁ ନେଇ ସିଦ୍ଧାରାମାୟା ଓ କଂଗ୍ରେସ ଦଳକୁ ସମାଲୋଚନା କରିଛି। କଂଗ୍ରେସ ଦଳ ଓ ଏହାର କର୍ମୀମାନେ ଦେଶର ଜାତୀୟ ପତାକାକୁ ମଧ୍ୟ ସମ୍ମାନ କରୁନାହାନ୍ତି, ଯାହା ଦୁର୍ଭାଗ୍ୟଜନକ ବୋଲି ଭାଜପା କହିଛି।

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହାଟଡ଼ିହୀ

ବିଜ୍ଞାପନ ସଂଖ୍ୟା: ୩୯୫୫ ତାରିଖ: ୦୧।୧୦।୨୦୨୪

ହାଟଡ଼ିହୀ ପଞ୍ଚାୟତ ସମିତି ଅଧୀନସ୍ଥ ୩୧ଗୋଟି ଗ୍ରାମପଞ୍ଚାୟତରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ MGNREGA ଏବଂ 15th CFC କାର୍ଯ୍ୟାବଳୀର ସାମାଜିକ ଗ୍ରାମସଭା ଅନୁଷ୍ଠିତ ହେବ।

| କ୍ର.ନଂ. | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ଗ୍ରା.ପ.ର ନାମ |
|---|---|---|
| ୧ | ୦୯।୧୦।୨୦୨୪ | ସୁଲଣ, ଆମ୍ଭୋ, ପଞ୍ଚୁଗୋଛିଆ, ବଡ଼ରମ୍ପାସ |
| ୨ | ୨୪।୧୦।୨୦୨୪ | ସମଣା, ହଦଗଡ଼, ବାଲିବରେଇ, ପଢ଼ିଆରୀପଲ୍ଲୀ |
| ୩ | ୧୧।୧୧।୨୦୨୪ | ସଢ଼ା, ଜମ୍ବୀରା, ଢେଙ୍କା, ସୋସୋ, ଅଁରା, ଓରାଳି, ଇଞ୍ଜୋଳ, ମରିଗାଁ, କଳିଗାଁ |
| ୪ | ୦୬।୧୨।୨୦୨୪ | ଅକରୁଆ, ବାଙ୍ଗୋର, ଧନୁର୍ଜୟପୁର, ବଞ୍ଜୋ, ଶାସଙ୍ଗ |
| ୫ | ୧୭।୧୨।୨୦୨୪ | ଗେଡ଼ମା, ଡଅଁର, ଷଡ଼ଙ୍ଗ, ଶାଳଣିଆ |
| ୬ | ୦୪।୦୧।୨୦୨୫ | ପନ୍ଦାଡ଼ୋ, ହାଟଡ଼ିହୀ, ଆଇତିପୁର, ହାବଳେଶ୍ୱର, କେ.ବାଲିପାଳ |

ବ୍ଲକ୍‌ସ୍ତରୀୟ ଜନଶୁଣାଣି ତା୧୨।୦୨।୨୦୨୫ରିଖ ପଞ୍ଚାୟତ ସମିତି ପରିସରରେ ଅନୁଷ୍ଠିତ ହେବ।

ସ୍ୱା./- କାର୍ଯ୍ୟକ୍ରମ ଅଧିକାରୀ ତଥା
ମଣ୍ଡଳ ଉନ୍ନୟନ ଅଧିକାରୀ, ହାଟଡ଼ିହୀ

## GOVERNMENT OF CHHATTISGARH, WATER RESOURCES DEPARTMENT
## OFFICE OF THE EXECUTIVE ENGINEER, WATER RESOURCES DIVISION, DHARAMJAIGARH DISTRICT-RAIGARH (C.G.)

e-PROCUREMENT TENDER NOTICE
eProcurement Portal : https://eproc.cgstate.gov.in
(1st Call)

Online Tenders are invited for the following works up to 21.10.2024, at 17.30 Hour

| System Tender No./NIT No./Dated | Name of Work | Probable Amount of Contract |
|---|---|---|
| STN.159160 NIT NO. 07/SAC/2024-25 Date : 30.09.2024 | REMODELING AND CC LINING WORK OF HEADWORK AND CANAL OF SALKHETA TANK SCHEME | Rs. 256.47 Lakh |
| STN.159162 NIT NO. 08/SAC/2024-25 Date : 30.09.2024 | REMODELING AND CC LINING WORK OF HEADWORK AND CANAL OF KUMARTA TANK SCHEME | Rs. 548.04 Lakh |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 07.10.2024 at 17.31 Hours.(IST) onwards.

Note : 1. All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. Probable Amount of Contract (P.A.C.) is as per S.O.R. 01.08.2010(As Amendments 01.08.2022)

G-242502895/4

Sd./- Executive Engineer
Water Resources Division, Dharamjaigarh (C.G.)
For. Chief Engineer
Hasdeo Basin Water Resources Deptt.
Bilaspur (C.G.)

# ମଣିପୁରରେ ହିଂସା: ୩ ମୃତ

**ଇମ୍ଫାଲ, ୨।୧୦**

ମଣିପୁରର ଉଖରୁଲ୍‌ରେ ବୁଧବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଚାଲିଥିବାବେଳେ ଏକ ବିବାଦୀୟ ଜମିକୁ କେନ୍ଦ୍ର କରି ୨ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ହିଂସାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଅଧୀନ ମଣିପୁର ରାଇଫଲ୍ସରେ କାର୍ଯ୍ୟରତ ୱରିନମି ଠୁମର ନାମକ ଜଣେ ଯବାନ ରହିଛନ୍ତି। ସେହିପରି ଆହତଙ୍କ ମଧ୍ୟରୁ ୨ ଗୁରୁତରଙ୍କୁ ଇମ୍ଫାଲ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟ ଆହତମାନେ ଉଖରୁଲ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଥିବାରୁ ମଣିପୁର ସରକାର ଉଖରୁଲ୍‌ରେ ଇଣ୍ଟରନେଟ ସେବା ବନ୍ଦ କରିଛନ୍ତି। ସେହିପରି ସେଠାରେ କୌଣସି ସମାବେଶ କରିବାକୁ ବାରଣ କରାଯାଇଛି। ସଂଘର୍ଷରେ ସମ୍ମୁଖୀନ ହୋଇଥିବା ଉଭୟ ଗ୍ରାମବାସୀ ନାଗା ଜନଜାତିର ହୋଇଥିବା ପୋଲିସ ସୂଚନା ଦେଇଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଆସାମ ରାଇଫଲ୍ସ ସହ ରାଜ୍ୟ ପୋଲିସ ଘଟଣାସ୍ଥଳରେ ନିୟୋଜିତ ହୋଇଛନ୍ତି। ତେବେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଧ୍ୟାନରେ ରଖି ହାଇ ଆଲର୍ଟ ମୋଡରେ ରହିବାକୁ ସମସ୍ତ ଜିଲାର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କୁ ମଣିପୁର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି।

## Government of Odisha
## Office of the Chief Construction Engineer
## Rural Works Circle, Angul

No.O-325

E-mail : sencrwangul@yahoo.co.in, Ph. No. : 06764-236404

e-Procurement Notice for Road & Bridge work in Odisha
Bid Identification No. Bridge Online AGL - 10/2024-25

No. 2480// Dt. 26.09.2024//

1. Name of the work : Road & Bridge work
2. Total No. of work : 01 No.
3. Estimated cost : Rs. 731.71 Lakhs
4. Class of contractor : 'A' & Special Class
5. Period of completion : As per Annexure
6. Other details.

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last Date & Time of seeking tender clarification | Date & Time of opening of Tender: Technical Bid | Date & Time of opening of Tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works Circle, Angul | Bridge Online-AGL-10/2024-25 | 05.10.24 at 10.00 A.M. | 17.10.24 up to 5.00 P.M. | 15.10.24 up to 1.00 P.M. | 18.10.24 at 11.00 A.M. | Will be intimated separately |

(1) For detailed Notice inviting Tenders, Please visit to the website www.tendersorissa.gov.in

OIPR-25180/11/0012/2425

Sd./- Chief Engineer,
Rural Works Circle, Angul

## कार्यपालक अभियंता का कार्यालय
### ग्रामीण कार्य विभाग, कार्य प्रमण्डल, गढ़वा

**मुख्यमंत्री ग्राम सड़क योजना**
**ई–निविदा आमंत्रण सूचना**

ई–निविदा संख्या – 21/2024-25/RWD/GARHWA दिनांक – 28.09.2024

1.कार्य का विवरण :–

| क्र0 | प्रखण्ड | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि: अंक में (लाख में) | प्राक्कलित राशि: अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | रंका | RWD/GARHWA/ 57/2024-25 | रंका रमकंडा मुख्य पथ से खपरो ग्राम में बसावटों को जोड़ने हेतु पथ निर्माण कार्य। (10.400 कि0मी0) | 1043.051 | दस करोड़ तेतालीस लाख पाँच हजार एक सौ रूपये। | 18 (पन्द्रह) महीना |

2. वेबसाईट पर निविदा प्रकाशन की तिथि :– 04.09.2024
3. ई–निविदा प्राप्ति की अंतिम तिथि एवं समय :– 17.10.2024 अपराह्न 5:00 बजे तक।
4. निविदा खोलने की तिथि एवं समय :– 19.10.2024 पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रा0का0वि0 कार्य प्रमंडल, गढ़वा।
6. ई–निविदा प्रकोश्ठ का दूरभाष सं0: 06561–299963

विस्तृत जानकारी के लिए वेबसाईट www.jharkhandtenders.gov.in पर देखा जा सकता है।

PR 337733 (Rural Work Department) 24-25 (D)

कार्यपालक अभियंता
ग्रामीण कार्य विभाग,
कार्य प्रमण्डल, गढ़वा

## GOVERNMENT OF ODISHA
## DEPARTMENT OF WATER RESOURCES
## O/O. THE SUPERINTENDING ENGINEER ANGUL IRRIGATION DIVISION, ANGUL

e-Mail Id: eeangulirrigation@gmail.com

**'e' Procurement Notice No. SE-AID-6/2024-25**

No. A-353: The Superintending Engineer, Angul Irrigation Division, Angul on behalf of the Governor of Odisha invites online percentage rate basis bid in Single Cover system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 13 (Thirteen) Nos. Civil Work |
| 2 | Cost of work put to tender | : | Approximately Rs.4.15 Lakh to 21.96 Lakh |
| 3 | Tender Paper Cost | : | Rs.2,000/-, Rs.4,000/-, Rs.6,000/- (Non Refundable) |
| 4 | Class of Contractor | : | 'D' & 'C' / 'C' & 'B' equivalent Grade/Class |
| 5 | Period of Completion | : | 60 Days & 90 Days |
| 6 | Availability of Bid Documents and receipt of bid through online | : | From 10.00 A.M. of 05.10.2024 to 5.00 P.M. of 17.10.2024 in the website (www.tendersodisha.gov.in) |
| 7 | Date, time & place for opening of online tenders | : | 18.10.2024 at 11.00 A.M. and onwards in the O/o. the SE, Angul Irrigation Division, Angul |
| 8 | Date, time & place for finalization of tender through transparent lottery system (if required) | : | 29.10.2024 at 11.00 A.M. in the O/o. the SE, Angul Irrigation Division, Angul |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender (OIT) | : | Superintending Engineer, Angul Irrigation Division, Angul, At/P.O.: Hakimpada, Dist.: Angul, Odisha. e-mail Id: eeangulirrigation@gmail.com |

Further details can be seen from the e-procurement portal of Government of Odisha at www.tendersodisha.gov.in.

OIPR-32049/11/0013/2425

Sd./- Superintending Engineer
Angul Irrigation Division, Angul

## WATCO
## OFFICE OF THE GENERAL MANAGER, WATCO DIVISION-I, BHUBANESWAR,

No.C-693

Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com

NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
GMWATCO-I/47/ 2024-25 Dt.27.09.2024

| | | | |
|---|---|---|---|
| 01 | Name of the work | : | 17 Nos (Seventeen Nos works) |
| 02 | Estimate cost | : | Rs. 8.31 Lakhs to 89.30 Lakhs |
| 03 | Period of completion | : | 12 (Twelve Months) |
| 04 | Class of contractor | : | D, C, B Class |
| 05 | Date & Time of availability of bid document in the portal | : | From 11.00 A.M. of Dt.05.10.2024 to 5.00 P.M. of 14.10.2024 |
| 06 | Last date / time of receipt of bids in the portal | : | 5.00 P.M. of 14.10.2024 |
| 07 | Last date & time of seeking clarification | : | 5.00 P.M. of 08.10.2024 |
| 08 | Date & Time of opening of bids | : | At 12.30 P.M. of 15.10.2024 |
| 09 | Name and address of the Officer Inviting Bid | : | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"

Sd./- GENERAL MANAGER,
OIPR-13083/11/0002/2425 WATCO DIVISION-I, BHUBANESWAR

## कार्यपालक अभियंता का कार्यालय
### ग्रामीण विकास विशेष प्रमंडल, राँची

**अतिअल्पकालीन ई-निविदा आमंत्रण सूचना**

अतिअल्पकालीन ई– निविदा सूचना संख्या – RDD/SD/RANCHI/25/2024-25 E-tender

1. कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | राँची जिला के चान्हों प्रखण्ड के बेयासी में बेयासी नदी पर उच्चस्तरीय पुल निर्माण। | 362.831 | 7,25,700 | 10,000.00 | 18 Months |

2. वेबसाइट में निविदा प्रकाशन की तिथि – 05.10.2024
3. ई–निविदा प्राप्ति की तिथि एवं समय – दिनांक 05.10.2024 से दिनांक 16.10.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, राँची।
5. ई–निविदा खोलने की तिथि एवं समय – 17.10.2024 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, राँची।
7. ई–निविदा प्रकोष्ठ का दूरभाष सं० – 7903003903
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है, तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

PR 337804 Rural Development (24-25)_D

कार्यपालक अभियंता
ग्रामीण विकास विशेष प्रमंडल, राँची

# ଘଣ୍ଟା ଚିହ୍ନ ଲଢ଼େଇ: ସୁପ୍ରିମକୋର୍ଟ ଗଲେ ଶରଦ ପାୱାର

**ନୂଆଦିଲ୍ଲୀ, ୨।୧୦**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଦଳ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି(ଏନ୍‌ସିପି) ପକ୍ଷରୁ ଘଣ୍ଟା ନିର୍ବାଚନୀ ଚିହ୍ନର ବ୍ୟବହାର ବିରୋଧରେ ବୁଧବାର ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ଅଜିତଙ୍କୁ ଘଣ୍ଟା ବଦଳରେ ଅନ୍ୟ କୌଣସି ନିର୍ବାଚନୀ ଚିହ୍ନ ଦେବା ପାଇଁ ନିର୍ବାଚନ କମିଶନର(ଇସି)ଙ୍କୁ ନିର୍ଦ୍ଦେଶ ଦେବାକୁ ଶରଦ ଏହି ପିଟିଶନରେ ଦର୍ଶାଇଛନ୍ତି। ଘଣ୍ଟା ଚିହ୍ନ ଅଜିତଙ୍କୁ ମିଳିଥିବାରୁ ଲୋକ ସଭା ନିର୍ବାଚନରେ ବହୁ ମତଦାତା ଭ୍ରମରେ ପଡ଼ିଥିଲେ। ଫଳରେ ଶରଦଙ୍କ ଦଳ ଏନ୍‌ସିପି(ଏସ୍‌ପି)କୁ କ୍ଷତି ସହିବାକୁ ପଡ଼ିଥିଲା। ଆସନ୍ତା ୧୫ରେ ସୁପ୍ରିମକୋର୍ଟ ଏହି ପିଟିଶନର ଶୁଣାଣି କରିବେ।

प्रपत्र सं0–1

## कार्यपालक अभियंता का कार्यालय
### राष्ट्रीय उच्च पथ प्रमंडल, देवघर।

**ई–प्रोक्योरमेंट सूचना**

अल्पकालीन ई–निविदा प्रसंग सं0– NH/DEOGHAR /SBD/01/2024-25
दिनांक:– 01/10/2024

| | | |
|---|---|---|
| 1. | कार्य का नाम | Widening & Strengthening Work of Meharma bypass starting from Sidhokanho Chowk to meet at Ch. 11.2 at Meharma from Km 9.300 to Km 11.200 of NH-133 (total Length- 1.710 Km) |
| 2. | प्राक्कलित राशि (रूपये में) | 5,02,69,400=00 |
| 3. | कार्य समाप्ति की अवधि | 05 माह |
| 4. | वेबसाईट पर निविदा प्रकाशित होने की तिथि एवं समय | 17.10.2024 (12:30 PM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 04.11.2024 (05:00 PM) |
| 6. | निविदा खोलने की तिथि एवं समय | 05.11.2024 (12:30 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।

ह0/–
कार्यपालक अभियंता
PR 337898 (Deoghar) 24-25 (D) राष्ट्रीय उच्च पथ प्रमंडल, देवघर।

## OFFICE OF THE EXECUTIVE ENGINEER,
## Road Construction Department, Road Division, Manoharpur.

**e-Procurement Notice**
**For National Competitive Bidding**

Very Short e-Tender Reference No. RCD/MANOHARPUR/08/2024-25
दिनांक : 01.10.2024

| | | |
|---|---|---|
| 1. | Name of the work | Construction of Bridge of 1x21m span at chainage 0+600 of Saitwa-Goilkera road (including diversion and approach). |
| 2. | Estimated Cost of Work (in INR) | Rs. 1,80,00,000.00 (Rupees One Crore Eighty Lakh) Only. |
| 3. | Time of Completion | 6 (Six) Months. |
| 4. | Date of Publication of Tender on Website | 09.10.2024 from 10.30 A.M. |
| 5. | Last date & Time for online bidding | 15.10.2024up to 3.00 P.M. |
| 6. | Date & time for opening of Tender Bid | 16.10.2024up to 12.30 P.M. |
| 7. | Name and address of office Inviting tender | Executive Engineer, R.C.D. Road Division, Manoharpur. |
| 8. | Contact no. of Procurement officer | 7870404723 |
| 9. | Helpline number of e-Procurement cell | 0651-2403007 |

Note :- Estimate Cost may be increase or decrease.
Further details can be seen on website http://jharkhandtenders.gov.in

PR 337902 West Singhbhum(24-25)#D

Executive Engineer,
R.C.D. Road Division, Manoharpur.

## झारखण्ड सरकार, कार्यपालक अभियंता का कार्यालय
### ग्रामीण विकास विशेष प्रमण्डल, हजारीबाग

**ई- निविदा आमंत्रण सूचना**

ई–निविदा सं0 :– RE-RDD/SD/HZB/17/2024-25 (2nd call)

1. कार्य की विस्तृत विवरणी :

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RE-RDD/SD/HZB/ 17/2024-25 | चौपारण | हजारीबाग जिला के प्रखण्ड–चौपारण अन्तर्गत पंचायत–ताजपुर, ग्राम–ताजपुर में तेतरघाट नदी पर पुल निर्माण। | 2,23,76,300.00 | 4,47,600.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि – 14.10.2024
3. ई–निविदा प्राप्ति की तिथि एवं समय – दिनांक 14.10.2024 से दिनांक 21.10.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –22.10.2024 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

PR 337776 Rural Development (24-25)_D

कार्यपालक अभियंता
ग्रामीण विकास विशेष प्रमंडल, हजारीबाग

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଯାଜପୁର ବିକାଶ ପାଇଁ ଲଢ଼ିବାକୁ ପ୍ରସ୍ତୁତ: ବବି



ଦଶରଥପୁର ବିଜେଡି ଜନସମ୍ପର୍କ ସଭାରେ ପ୍ରଣବପ୍ରକାଶ ଦାସ।

**ଝୁମୁରୀ,୨।୧୦(ସରୋଜ ନାୟକ)**

ଯାଜପୁରର ବିକାଶ ପାଇଁ ମୁଁ ପୁଣି ଲଢ଼ିବାକୁ ପ୍ରସ୍ତୁତ ବୋଲି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଘୋଷଣା କରିଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାରଠାରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇ ସେ ଏକଥା କହିଛନ୍ତି।

ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ର କୁଆଁସ ମା' ମଙ୍ଗଳାପୀଠରୁ ଆରମ୍ଭ ହୋଇଥିବା ପଦଯାତ୍ରାରେ ବହୁ କର୍ମୀ ସାମିଲ ହୋଇଥିଲେ। ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସମ୍ପର୍କ ସଭାରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ଯାଜପୁରର ବିକାଶରେ ବାଧା ସୃଷ୍ଟି କରିବାକୁ ଚକ୍ରାନ୍ତ ଚାଲିଛି। ଯାଜପୁରକୁ ଆଗକୁ ନେବାପାଇଁ ଯେତେ ବାଧାବିଘ୍ନ ଆସୁପଛେ ସେସବୁକୁ ସାମ୍ନା କରିବାକୁ ସେ ପ୍ରସ୍ତୁତ ଅଛନ୍ତି। ଯାଜପୁରର ବିକାଶ ପାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେତେବେଳେ ଯାହା ମାଗିଥିଲେ ସେ ଆଖିବୁଜି ଦେଇଛନ୍ତି। ସେଥିପାଇଁ ଯାଜପୁର ବିକାଶର ଶିଖରରେ ପହଞ୍ଚିଛି, ଯାହାକୁ କି ଭାଜପା ସରକାର ସହ୍ୟ କରିପାରୁନାହିଁ ବୋଲି ପ୍ରଣବ ପ୍ରକାଶ କହିଛନ୍ତି। ବିଧାନସଭା ନିର୍ବାଚନରେ ଯାଜପୁରବାସୀ ପୁଣି ଆସ୍ଥା ପ୍ରକଟକରି ବିଜେଡି ପ୍ରାର୍ଥିନୀଙ୍କୁ ଏଠାରେ ବିଜୟୀ କରିଥିବାରୁ ସେ ଯାଜପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟତମ ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ବିଜେଡି ସରକାରକୁ ଲୋକେ ଏବେବି ଝୁରି ହେଉଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ଦଶରଥପୁର ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ବ୍ଲକ୍ ବିଜେଡି ସଭାପତି ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଆଗକୁ ବିଜେଡି ଖାଲି ହୋଇଯିବ: ମନମୋହନ

**ଭୁବନେଶ୍ୱର,୨।୧୦(ସୁନିତ୍ ମିଶ୍ର)**

ଭାଜପାରେ ମିଶିବା ପାଇଁ ବହୁ ବିଜେଡି ନେତା ଏବେ ଆବେଦନ କରିଛନ୍ତି। ଏହାର ଏକ ଲମ୍ବା ତାଲିକା ରହିଛି। ବିଜେଡି ଆଗକୁ ଖାଲି ହୋଇଯିବ। ନବୀନଙ୍କ ନିର୍ବାଚନମଣ୍ଡଳୀରୁ ପଞ୍ଚାୟତ ପ୍ରତିନିଧିମାନେ ଭାଜପାରେ ମିଶିଛନ୍ତି। ନିକଟରେ ୨ ଜଣ ରାଜ୍ୟ ସଭା ସଦସ୍ୟ ମିଶିଲେ, ଆଗକୁ ଆହୁରି ଅନେକ ନେତା ମିଶିଯିବେ। ସେମାନେ ନିଜ ଇଚ୍ଛାରେ ଭାଜପାରେ ମିଶିବାକୁ ନିବେଦନ କରୁଛନ୍ତି। ୪ ବିଧାନସଭା କ୍ଷେତ୍ରରୁ ବହୁ ଜଣ ଏବେ ମିଶିଛନ୍ତି, ଆଗକୁ ଆହୁରି ୨୦ ଜିଲାରୁ ଆସି ମିଶିବେ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ବିଜେଡିର ଜନସମ୍ପର୍କ ପଦଯାତ୍ରାକୁ ନେଇ ମନମୋହନ କହିଛନ୍ତି, ନବୀନବାବୁ ୨୪ ବର୍ଷର ହିସାବ ଦିଅନ୍ତୁ। ନବୀନ କେତେ ପ୍ରତିଶ୍ରୁତି ଦେଇଥିଲେ, ସେଥିରୁ କେତେ ପୂରଣ କରିଛନ୍ତି ତା'ର ହିସାବ ଦିଅନ୍ତୁ। ଭାଜପା ଯାହା ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ କରିଛି। ଯଦି ନବୀନ ଏହାକୁ ମିଛ କହୁଛନ୍ତି, ତା'ହେଲେ ସତ କ'ଣ କୁହନ୍ତୁ। ସୁଭଦ୍ରା ଯୋଜନାରେ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ଯିବା, ଧାନର ଏମ୍‌ଏସ୍‌ପି ବୃଦ୍ଧି, ରତ୍ନଭଣ୍ଡାର ଖୋଲିବା, ଭତ୍ତା ବଢ଼ାଇବା ପ୍ରତିଶ୍ରୁତି ମଧ୍ୟ ପାଳନ କରାଯାଇଛି। ୧୦୦ ଦିନରେ ଏହା ଟ୍ରେଲର, ଆଗକୁ ଫିଲ୍ମ ବାକି ଅଛି ବୋଲି ମନମୋହନ କହିଛନ୍ତି।

ସୂଚନାଯୋଗ୍ୟ, ବିଜେଡିର ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭକରି ନବୀନ କହିଛନ୍ତି, ଭାଜପା ମିଛ କାହାଣୀ ଏବଂ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଛି। ଲୋକଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍, ମହିଳାମାନଙ୍କୁ ୫୦ ହଜାର ଟଙ୍କା, ଭତ୍ତା ଟଙ୍କା ୩୦୦୦ ଟଙ୍କାକୁ ବୃଦ୍ଧି କରିବେ କହିଥିଲେ। ଏହିପରି ହାତୀ ଦେବୁ ଘୋଡ଼ା ଦେବୁ ବୋଲି ସ୍ୱପ୍ନ ଦେଖାଇଥିଲେ। ଏବେ ଭାଜପାର ମିଛ ଧରାପଡ଼ିଯାଇଛି। ମିଛ କହି ନିର୍ବାଚନ ଜିତିଯାଇ ପାରିବ ହେଲେ ଲୋକଙ୍କ ହୃଦୟ ଜିତିପାରିବ ନାହିଁ ବୋଲି ନବୀନ କହିଛନ୍ତି।

# ଭାଜପାରେ ସାମିଲହୋଇ ଦେଶକୁ ଆଗେଇନିଅନ୍ତୁ: ଭୂପେନ୍ଦ୍ର

**ଭୁବନେଶ୍ୱର, ୨।୧୦(ସୁନିତ୍ ମିଶ୍ର)**

ଭାଜପାର ସେବା ପକ୍ଷ କାର୍ଯ୍ୟକ୍ରମ ଯାହା ଗତ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିଲା ତାହା ବୁଧବାର ଗାନ୍ଧୀ ଜୟନ୍ତୀରେ ଶେଷ ହୋଇଛି। ସେବା ପକ୍ଷ ପାଳନ ଅବସରରେ ରାଜ୍ୟବ୍ୟାପୀ ଦୀର୍ଘ ୧୫ ଦିନ ଧରି ବିଭିନ୍ନ ମନ୍ଦିର, ପୁଷ୍କରିଣୀ, ପାର୍କ, ଜଳାଶୟ ଆଦି ସ୍ଥାନରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଜରିଆରେ ବୃକ୍ଷରୋପଣ କରାଯାଇଛି। ସେହିପରି ଜାରି ରହିଥିବା 'ସଦସ୍ୟତା ଅଭିଯାନ -୨୦୨୪'କୁ ଆହୁରି ଅଧିକ ଗତିଶୀଳ କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲ ଏବଂ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ସେବାପକ୍ଷର ଶେଷଦିନରେ ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳର ସଦସ୍ୟ କରାଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୦ ବର୍ଷ ହେବ ଯେଉଁଭଳି ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଛନ୍ତି ତାହା ସବୁ ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ଭାଜପା ସମାଜର ସବୁ ବର୍ଗର ଲୋକଙ୍କ ଦଳ। ଏହି ଦଳରେ ସାମିଲହୋଇ ଦେଶକୁ ଆଗେଇନେବା ଦରକାର। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ 'ଭୋକାଲ ଫର୍ ଲୋକାଲ' ଏବଂ 'ଖଦି ବସ୍ତ୍ର ପରିଧାନ'କୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ଏବଂ କେନ୍ଦ୍ରମନ୍ତ୍ରୀ ଯାଦବ ଖଦି ବୋର୍ଡ ବିକ୍ରୟ କେନ୍ଦ୍ରକୁ ଯାଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଖଦିବସ୍ତ୍ର କିଣିବା ସହ ପ୍ରତ୍ୟେକ ପରିବାରକୁ ଖଦି ତିଆରି ବସ୍ତ୍ର କିଣିବା ପାଇଁ ସଚେତନ କରିବା ସହ ଗ୍ରାମୋଦ୍ୟୋଗକୁ ପ୍ରୋତ୍ସାହନ କରିଛନ୍ତି।

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଏବଂ ସେବା ପକ୍ଷର ଶେଷଦିନ ଉପଲକ୍ଷେ ଭାଜପା ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟଠାରେ ଜୟନ୍ତୀ ପାଳନ ସହ ମୋଦିଙ୍କ ସ୍ୱଚ୍ଛ ଭାରତ ତୈଳ ଫଟୋଚିତ୍ର ଉନ୍ମୋଚନ କରାଯାଇଛି। ଏଥିସହ ସେବାପକ୍ଷରେ ସାମିଲ ସଫେଇ ଓ ଆଶାକର୍ମୀ ଏବଂ ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ।

**ସରିଲା ଭାଜପାର ସେବାପକ୍ଷ କାର୍ଯ୍ୟକ୍ରମ**

**ଦିବ୍ୟାଙ୍ଗଙ୍କୁ ଦଳର ସଦସ୍ୟ କରାଇଲେ ମୁଖ୍ୟମନ୍ତ୍ରୀ**

# ପ୍ରତିଶ୍ରୁତି ପାଳନରେ ସରକାର ବିଫଳ: ନବୀନ

**ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ**

**ପୁରୁଣା ଭୁବନେଶ୍ୱର, ୨।୧୦(ସୁବାସ ଚନ୍ଦ୍ର ପ୍ରଧାନ)**

ଗାନ୍ଧୀ ଜୟନ୍ତୀ ଅବସରରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ସ୍ଥାନୀୟ ବଡ଼ଗଡ଼ ନେତାଜୀ ପଡ଼ିଆଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଲୋକଙ୍କ ସହ ଯୋଡ଼ିହେବାକୁ ଏହି ପଦଯାତ୍ରା ବଡ଼ ମାଧ୍ୟମ। ଏଥିସହ ଶାସକ ଭାଜପାକୁ ଟାର୍ଗେଟ୍ କରି କହିଛନ୍ତି, ରଙ୍ଗ ଓ ନାମ ପରିବର୍ତ୍ତନ କଲେ ମଧ୍ୟ ଇତିହାସକୁ ବଦଳାଇ ପାରିବେନି। ରାଜ୍ୟ ସରକାର ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା ନବୀନ କହିଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ବିଜେଡି ମୁଖପାତ୍ର ଶ୍ରୀମୟୀ କର, ସସ୍ମିତ ପାତ୍ର, ବରିଷ୍ଠ ଉପସଭାପତି ଦେବୀ ମିଶ୍ର, ମେୟର ସୁଲୋଚନା ଦାସ, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଶିବସୁନ୍ଦର ରାୟ, ସନ୍ତୋଷ ସିଂଙ୍କ ସମେତ ଦଳୀୟ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।



# କଳା ତାଲିକାଭୁକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ: ଯୁବ କଂଗ୍ରେସ

**ଭୁବନେଶ୍ୱର,୨।୧୦(ସୁନିତ୍ ମିଶ୍ର)**

ରାଜସ୍ୱ ଏବଂ ମହିଳା ଓ ଶିଶୁକଲ୍ୟାଣ ବିଭାଗର ୩ୟ ଶ୍ରେଣୀ କର୍ମଚାରୀ ନିଯୁକ୍ତି ନିମନ୍ତେ ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ଆର୍‌ଆଇ, ଏଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର ଏବଂ ଅମିନ ଚାକିରି ପାଇଁ ଆରମ୍ଭ ହୋଇଥିବା ପରୀକ୍ଷାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛି ଯୁବ କଂଗ୍ରେସ। ଆଉ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା କଳା ତାଲିକାଭୁକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଯୁବ କଂଗ୍ରେସ ନେତା ସୁଦୀପ ସାମଲ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି।

# ଗାନ୍ଧୀ ଜୟନ୍ତୀ ପାଳନବେଳେ ଉତ୍ତେଜନା, ଝାଡୁମାଡ଼

**ଯାଜପୁର/ଜେନାପୁର,୨।୧୦**
**(ହର୍ଷବର୍ଦ୍ଧନ ବେହେରା/ଅଶୋକ ଦାସ)**

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଭାଜପାର ଗୋଷ୍ଠୀ କନ୍ଦଳ ବୁଧବାର ଉଗ୍ରରୂପ ଧାରଣ କରିଛି। ଗାନ୍ଧୀ ଜୟନ୍ତୀ ପାଳନ ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, କର୍ମୀଙ୍କ ମଧ୍ୟରେ ଠେଲାପେଲା, ଗାଳିଗୁଲଜ ଓ ଝାଡୁମାଡ଼ ପର୍ଯ୍ୟନ୍ତ କଥା ଯାଇଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଜେନାପୁର ଥାନାରେ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ରାଇଛଦା ପଞ୍ଚାୟତର ବାରକଣା ହାଟ ପଡ଼ିଆରେ ଭାଜପା ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ଆୟୋଜନ କରାଯାଇଥିଲା। ହେଲେ ସେଠାରେ ଭାଜପାର ୨ ଗୋଷ୍ଠୀଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଉଭୟ ଗୋଷ୍ଠୀର ସମର୍ଥକ ମୁହାଁମୁହିଁ ହୋଇଥଲେ। ପୋଲିସ ଉଭୟ ଗୋଷ୍ଠୀର ସଂପୃକ୍ତ ସମର୍ଥକଙ୍କୁ ଥାନାକୁ ଡାକି ତଦନ୍ତ ଚଳାଇଛି।

ଗତ ସାଧାରଣ ନିର୍ବାଚନରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ଦୁଇ ଆଶାୟୀଙ୍କ ମଧ୍ୟରୁ ସ୍ମୃତିରେଖା ପହିଙ୍କୁ ଦଳ ଟିକେଟ ଦେଇଥିଲାବେଳେ ହିମାଂଶୁ ଶେଖର ସାହୁ(ଲିକୁ)ଙ୍କୁ ବାଦ ଦିଆଯାଇଥିଲା। ଏହାପରେ ଲିକୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ବିଜେଡିର ପ୍ରଣବ ବଳଭନ୍ତରାୟଙ୍କୁ ପରାଜିତ କରିଥିଲେ। ପରବର୍ତ୍ତୀ ସମୟରେ ବିଧାୟକ ଲିକୁ ଭାଜପାକୁ ସମର୍ଥନ କରିଥିଲେ। ନିର୍ବାଚନ ପ୍ରଚାର ସମୟରୁ ସ୍ମୃତିରେଖା ଓ ଲିକୁଙ୍କ ସମର୍ଥକଙ୍କ ମଧ୍ୟରେ ବିଭିନ୍ନ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି।

ବିଧାୟକ ଲିକୁଙ୍କ ସମର୍ଥକ ତିଲୋତ୍ତମା ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ଘଟଣାସ୍ଥଳରେ ସଫେଇ କାର୍ଯ୍ୟକ୍ରମ ଚାଲିଥିବାବେଳେ ଭାଜପା ପ୍ରାର୍ଥୀନୀ ପହିଙ୍କ ସମର୍ଥକ ସରସ୍ୱତୀ ଖଟୁଆଙ୍କୁ ଗାଳିଗୁଲଜ ସହ ଝାଡୁରେ ମାଡ଼ ମାରି ଆହତ କରିଥିଲେ। ଆହତ ସରସ୍ୱତୀଙ୍କୁ ମେଡିକାଲ ନେବା ସମୟରେ ଦୁଃଖପ୍ରକାଶ କରି ଆକ୍ରମଣକାରୀଙ୍କୁ ସେ ଭର୍ତ୍ସନା କରିଥିଲେ। ଏହାପରେ ଆକ୍ରମଣକାରୀମାନେ ତାଙ୍କୁ ଜାତିଆଣ ଆକ୍ଷେପ କରି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏପରିକି ସେମାନେ ଝାଡୁରେ ମାରପିଟ କରିଥିଲେ ବୋଲି ଥାନାରେ ଲିଖିତ ସେ ଅଭିଯୋଗ କରିଛନ୍ତି। ସେହିପରି ବାରକଣା ଗ୍ରାମ କମିଟିର ମୁଖିଆ ମଙ୍ଗୁଳି ଚରଣ ସାହୁଙ୍କ ଅଭିଯୋଗ ଅନୁସାରେ ବିଧାୟକଙ୍କ ସମର୍ଥକ ୫ରୁ ଊର୍ଦ୍ଧ୍ୱ ବୋଲେରୋ ଗାଡିରେ ଆସି ମାଇକ ବଜାଇ ହୋହଲ୍ଲା କରିଥିଲେ। ଏଠାରେ ଯିଏ ଗାନ୍ଧୀ ଜୟନ୍ତୀ ପାଳିବ ସେମାନଙ୍କ ମୁଣ୍ଡଗଣ୍ଡି ଅଲଗା କରି ଦିଆଯିବ। ଗ୍ରାମ ମନ୍ଦିରକୁ ଆସୁଥିବା ମହିଳାଙ୍କୁ ମଧ୍ୟ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ସରସ୍ୱତୀ ସାହୁ ପ୍ରତିବାଦ କରିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ମଙ୍ଗୁଳି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଜେନାପୁର ଥାନାରେ ଭାଜପା ବିଧାୟିକା ପ୍ରାର୍ଥୀନୀ ପହିଙ୍କ ସମର୍ଥକଙ୍କ ପକ୍ଷରୁ ଦୁଇଟି ଏବଂ ବିଧାୟକ ସାହୁଙ୍କ ସମର୍ଥକଙ୍କ ପକ୍ଷରୁ ତିନୋଟି ଏତଲା ଦିଆ ଯାଇଛି।



ମହିଳା କର୍ମୀଙ୍କୁ ଅନ୍ୟ ଗୋଷ୍ଠୀର ମହିଳା କର୍ମୀ ଝାଡୁରେ ପିଟୁଛନ୍ତି।

- **ଧର୍ମଶାଳା ଭାଜପାରେ ଗୋଷ୍ଠୀ କନ୍ଦଳ**
- **ଜେନାପୁର ଥାନାରେ ୫ ମାମଲା**

# ବଡ଼ଚଣା ବିଜେଡି ୩ ଫାଳ

**ପୃଥକ୍‌ଭାବେ ପାଳିଲେ ଗାନ୍ଧୀ ଜୟନ୍ତୀ**

**ଚଣ୍ଡିଖୋଲ/ଛତିଆ,୨।୧୦**
**(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ)**

ବିଜେଡି ପକ୍ଷରୁ ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ପଦଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ଏଠାରେ ବିଜେଡି ପକ୍ଷରୁ ୩ ଗୋଷ୍ଠୀ ପୃଥକ୍ ଭାବେ ଗାନ୍ଧୀ ଜୟନ୍ତୀ ପାଳନ କରିଛନ୍ତି। ପ୍ରଥମେ ବଡ଼ଚଣାର ପୂର୍ବତନ ବିଧାୟକ ତଥା ଦଳର ଉପସଭାପତି ଅମର ପ୍ରସାଦ ଶତପଥୀ ସମର୍ଥକଙ୍କ ସହ ଯାଇ ବୈରୀ ରେଳ ଷ୍ଟେଶନ ନିକଟରେ ଥିବା ମହାତ୍ମା ଗାନ୍ଧୀ,ଚମ୍ପାପୁରସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିଭଳି ଗତ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବୈରୀ, ଚମ୍ପାପୁର ଏବଂ ବନ୍ଧାଳଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଛି। ଏହାପରେ ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ନେତୃତ୍ୱରେ ଗତ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବର୍ଷା ପ୍ରିୟଦର୍ଶିନୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି ପ୍ରମୁଖ ବୈରୀଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାକୁ ନେଇ ବଡ଼ଚଣା ବିଜେଡି ରାଜନୀତି ସରଗରମ ହୋଇଛି।

**Classified Everyday**
0674-2580101, 2549949



**AUTOMOBILE**

**SALE**

Car Washing Centre, ଲିଜ୍ ଦିଆଯିବ। BBSR Maruti Gypsy King, Steel Body for sale. Contact No- 9437637168. D-1537



**REAL ESTATE**

**SALE**

ନଖରା। Grandbazar Oppositeରେ, Biswalapadaରେ, Sum Hospital ଘଙ୍ଗାପାଟଣାରେ 30' ରାସ୍ତା ଥାଇ plot କିଣନ୍ତୁ। 6372851880. D-71078

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437226965, 9778832554.** D-1539

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-1538

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

**EDUCATION**

Admission going on for Suryamitra training under NISE on Solar Energy conducted by SLIEM at Kandhamal. Eligibility- ITI/ Diploma qualified. Duration: 3 months free residential training. Contact: 7003851699. D-1540





**HEALTH CARE**

Newly open health benefits SPA special Offer @ 799 Bapuji Nagar. 9861237682. D-76160

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

**AFFIDAVIT**

By virtue of an affidavit sworn before Notary Public, Chandikhole, dated 30.9.24 I, Shri Swami Patanjali Ji Maharaj, aged about 46 years, S/o Kunja Bihari Ray, resident of At/P.O.- Areikana, P.S.- Balichandrapur, Dist.- Jajpur, Pin- 755008 have changed my name from Manas Ranjan Ray to Shri Swami Patanjali Ji Maharaj. Henceforth, I shall be known as Shri Swami Patanjali Ji Maharaj for all future purpose. D-1544

By virtue of an affidavit vide No.462 dated 01.10.2024 before the Notary Public, Junagarh, I, Shatrujit Sahoo, R/o. Vill./P.O.- Habaspur, P.S.- Junagarh, Dist.- Kalahandi (Odisha) declare that I wish to add my Son's surname as "Sahoo" in his Passport bearing No. S1808913. Hence he is known as Arnav Gourav Sahoo for all future purposes. D-1546

**LOST**

ଖଣ୍ଡହଥା ନିବାସୀ ଶ୍ରୀ ପ୍ରସନ୍ନ ସାହୁ, ଜି.- ବରଗଡ଼ ଉକ୍ତ ବ୍ୟକ୍ତିଙ୍କର ରେଜିଷ୍ଟ୍ରି ଦଲିଲ ଯାହାର ନଂ.୧୯୪୮ ତା।09.01.2000 ବରଗଡ଼ରୁ ଭେଡେନ ଯାଉଥିବା ବେଳେ ବାଟରେ ହଜିଯାଇଅଛି ତା।୨୩।୦୯।୨୦୨୪ ସମୟ ୬ଟା ବେଳେ। ଉକ୍ତ କାଗଜାତ ହଜିଯାଇଅଛି। ଧ-୧୫୪୫

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଅନିତା ସାହୁ**
ବଡ଼ହାଡ଼, ଭୁବନ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସାହୁ ପରିବାର, ବନ୍ଧୁପରିଜନ ଓ ଆତ୍ମୀୟସଜନ

ଧ-୭୫୪୬୨

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ**

ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୭୫୪୭୧

**୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶାରଦା ପ୍ରସାଦ ସେନ୍**
ଏ/୭, ନାଗେଶ୍ୱର ଟାଙ୍ଗୀ, ଓଲ୍‌ଡ ଟାଉନ, ଭୁବନେଶ୍ୱର

ଆବିର୍ଭାବ: ୦୩।୦୬।୧୯୩୯
ତିରୋଧାନ: ୧୭।୦୯।୨୦୨୦

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୧୫୪୨

# ୩୦,୦୦୦ରୁ କମ୍ ମୂଲ୍ୟରେ ୨ଲକ୍ଷରୁ ଅଧିକ ମୋବାଇଲ ବିକ୍ରି

**ନୂଆଦିଲ୍ଲୀ,୨।୧୦**

ପାର୍ବଣ ପୂର୍ବରୁ ଇ କର୍ମସ ପ୍ଲାଟ୍‌ଫର୍ମଗୁଡିକ ପକ୍ଷରୁ ଆକର୍ଷଣୀୟ ରିହାତି ସାଙ୍ଗକୁ ସ୍ୱତନ୍ତ୍ର ସେଲ୍ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ସେଲ୍ ଜରିଆରେ ପ୍ରଦାନ କରାଯାଉଥିବା ଅଫରରେ ୩୦,୦୦୦ଟଙ୍କାରୁ କମ୍ ମୂଲ୍ୟରେ ୨ଲକ୍ଷରୁ ଅଧିକ ମୋବାଇଲ ଫୋନ୍ ବିକ୍ରି ହୋଇଛି। ଏପରିକି ଆମାଜନ୍.ଇନ୍‌ରେ ୨୦୨୪ ସେପ୍ଟେମ୍ବର ୨୭ରୁ ଆରମ୍ଭ ହୋଇଥିବା ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ (ଏଜିଆଇଏଫ୍)ରେ ପ୍ରଥମ ଥର ପାଇଁ ଆମାଜନ୍.ଇନ୍ ଏବଂ ପ୍ରିମିୟମ ସ୍ମାର୍ଟଫୋନ୍ (୩୦,୦୦୦ ଟଙ୍କାରୁ କମ୍) ରେ ୨ଲକ୍ଷରୁ ଅଧିକ ଗ୍ରାହକ ମୋବାଇଲ ଫୋନ୍ କିଣିଛନ୍ତି ଏବଂ ଆପଲ୍, ୱାନ୍‌ପ୍ଲସ୍ ଏବଂ ସାମ୍‌ସଙ୍ଗ୍ ସବୁଠାରୁ ଅଧିକ ପସନ୍ଦର ପ୍ରିମିୟମ ବ୍ରାଣ୍ଡ ହୋଇଥିବାରୁ ସମସ୍ତ ମୂଲ୍ୟ ବର୍ଗ ମଧ୍ୟରେ ବାର୍ଷିକ ସର୍ବାଧିକ ୩୦%ରୁ ଅଧିକ ଅଭିବୃଦ୍ଧି ଘଟିଛି। ସେହିଭଳି ସାମ୍‌ସଙ୍ଗ୍, ଶାଓମି, ସୋନି ଏବଂ ଏଲ୍‌ଜି ସବୁଠାରୁ ପସନ୍ଦର ଟିଭି ବ୍ରାଣ୍ଡ୍ ହୋଇଥିଲାବେଳେ ଗ୍ରାହକମାନେ ମଧ୍ୟ ବଡ଼ ପରଦାରେ ଅପ୍‌ଗ୍ରେଡ୍ ହୋଇଛନ୍ତି। ଏପରିକି ବିଳାସପୂର୍ଣ୍ଣ ପରଫ୍ୟୁମ ଏବଂ ମହିଳା ଏଥ୍‌ନିକ୍ ପୋଷାକରେ ଗେସ୍, ଡେଭିଡଫ୍, କାଲଭିନ୍ କ୍ଲେନ୍, ଜନସ୍ୟା, ବିବା ଏବଂ ଆହୁରି ଅନେକ ବ୍ରାଣ୍ଡରୁ ବ୍ୟାପକ କ୍ରୟ କରିଥିଲାବେଳେ ବିକ୍ରି ପରିମାଣ ପ୍ରାୟ ୧.୫ ଗୁଣ ବୃଦ୍ଧି ପାଇଛି। ସେହିପରି ବିଏୟୁ ତୁଳନାରେ ସୁନା ଏବଂ ହୀରା (ଲାବ୍‌ରେ ଉତ୍ପାଦିତ ହୀରାକୁ ସାମିଲକରି) ଗହଣାର ଚାହିଦା ୫ ଗୁଣ ବୃଦ୍ଧି ପାଇଥିଲାବେଳେ ଜେନ୍‌ଜେଡ୍ ଏବଂ ଡି୨ସି ବ୍ରାଣ୍ଡ୍‌ର ଦୃଢ଼ ଚୟନରେ ବେୱାକୁଫ୍, ଜୁହେରୀ, ଲାକୋଷ୍ଟେ, ପନ୍ତ ପ୍ରୋଜେକ୍ଟ, ସ୍ନିଚ୍ ଭଳି ବ୍ରାଣ୍ଡ୍ ନେତୃତ୍ୱରେ ୨.୫ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଅପରପକ୍ଷରେ ରୋଷେଇ ଘରର ଅତ୍ୟାବଶ୍ୟକ ସାମଗ୍ରୀର ଚାହିଦା



ବୃଦ୍ଧି ପାଉଥିବା ବେଳେ ରୋଷେଇ ଘରର ଷ୍ଟୋରେଜ ବାର୍ଷିକ ୬୦%ରୁ ଅଧିକ ବୃଦ୍ଧି ପାଇଥିବା ସହ ମିକ୍ସର ଗ୍ରାଇଣ୍ଡର୍ସ,ପ୍ରେସର କୁକର ୩୦% ବୃଦ୍ଧିପାଇଛି। ସବ୍‌ସ୍କ୍ରାଇବ୍ ଆଣ୍ଡ ସେଭ୍ ପ୍ରୋଗ୍ରାମ ପାଇଁ ନୂଆ ସାଇନ୍ ଅପ୍‌ରେ ୩ ଗୁଣର ସବୁଠାରୁ ବଡ଼ ବୃଦ୍ଧି ଦେଖିବାକୁ ମିଳିଥିଲା। ଏପରିକି ଗ୍ରାହକମାନେ ଏକ୍ସଚେଞ୍ଜ, ଇଏମ୍‌ଆଇ, ବ୍ୟାଙ୍କ ରିହାତି, କ୍ୟାଶ୍‌ବ୍ୟାକ୍, ପୁରସ୍କାର ଏବଂ ଡୋରଷ୍ଟେପ୍ ଇନ୍‌ଷ୍ଟାଲେଶନ୍ ଏବଂ ସେଟ୍‌ଅପ୍ (୪୦୦ରୁ ଅଧିକ ସହରରେ) ସମେତ ବ୍ୟାପକ ସୁଲଭ ବିକଳ୍ପ ବ୍ୟବହାରକରି ସେମାନଙ୍କ ପସନ୍ଦର ମୋବାଇଲ୍, ୱାଶିଂ ମେଶିନ୍, ଟିଭି, ଫ୍ରିଜ୍, ଏସି, ଗେମିଂ କନ୍‌ସୋଲରେ ବ୍ୟାପକ କ୍ରୟ ଓ ସୁବିଧା ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆମାଜନ୍.ଇନ୍‌ରେ ପ୍ରାଇମ ମେମ୍ବରଙ୍କ ପାଇଁ ୨୪ ଘଣ୍ଟିଆ ଆଗୁଆ ଆକ୍‌ସେସ୍ ସହ ଆରମ୍ଭ ହୋଇଥିବା ଏଜିଆଇଏଫ୍‌ରେ ବିକ୍ରେତା ଏବଂ ବ୍ରାଣ୍ଡ ପାର୍ଟନରଙ୍କ ପାଇଁ ସବୁଠାରୁ ବଡ଼ ଓପନିଂ ଆଣିଥିଲା। ଏପରିକି ସାରା ଦେଶରେ ବହୁ ଲକ୍ଷ ଗ୍ରାହକଙ୍କ ପାଇଁ ଖୁସି ଆଣିଥିବା ଏହି ଫେଷ୍ଟିଭାଲର ପ୍ରଥମ ୪୮ଘଣ୍ଟାରେ ପ୍ରାୟ ୧୧ କୋଟି ଗ୍ରାହକ ପରିଦର୍ଶନ ସହିତ ୮,୦୦୦ ରୁ ଅଧିକ ବିକ୍ରେତାଙ୍କ ବିକ୍ରି ୧ଲକ୍ଷ ଟଙ୍କା ଅତିକ୍ରମ ସହ ସର୍ବକାଳୀନ ରେକର୍ଡ କରିଛି। ଏପରିକି ଗ୍ରାହକମାନେ ଟପ୍‌ବ୍ରାଣ୍ଡ୍‌ର ଲାପ୍‌ଟପ୍, ଟିଭି, ଫ୍ୟାଶନ ଏବଂ ସୌନ୍ଦର୍ଯ୍ୟ, ହୋମ୍ ଡେକୋର ଉପକରଣ, ଆସବାବପତ୍ର, ସ୍ମାର୍ଟଫୋନ୍ ଏବଂ ଗ୍ରୋସେରି ଭଳି ବର୍ଗରେ ୨୫,୦୦୦ରୁ ଅଧିକ ନୂତନ ପ୍ରଡକ୍ଟ ଶୁଭାରମ୍ଭର ସୁବିଧା ମଧ୍ୟ ପାଇଛନ୍ତି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର ଭାଇସ୍ ପ୍ରେସିଡେଣ୍ଟ ସୌରଭ ଶ୍ରୀବାସ୍ତବ କହିଛନ୍ତି,ଏଜିଆଇଏଫ୍-୨୪ର ପ୍ରଥମ ୪୮ଘଣ୍ଟା ଆମ ପାଇଁ ଐତିହାସିକ ଏବଂ ଆମାଜନ୍.ଇନ୍‌ର ସର୍ବଶ୍ରେଷ୍ଠ ସମୟ ହୋଇଥିଲାବେଳେ ରେକର୍ଡ ସଂଖ୍ୟକ ଗ୍ରାହକଙ୍କ ପରିଦର୍ଶନ ଏବଂ ପିଇଏ ସମୟରେ ସର୍ବାଧିକ ସଂଖ୍ୟକ ପ୍ରାଇମ ମେମ୍ବରଶିପ୍ କରୁଥିବା ଦେଖି ଆମେ ବେଶ୍ ଉତ୍ସାହିତ ଥିଲୁ। ଏପରିକି ଆମେ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟ ସମେତ ସମଗ୍ର ଭାରତରେ ବିକ୍ରେତାଙ୍କ ପ୍ରବଳ ଅଂଶଗ୍ରହଣ ଦେଖିଥିଲୁ ଏବଂ ଏଜିଆଇଏଫ୍-୨୪ର ପ୍ରଥମ ୪୮ ଘଣ୍ଟା ମଧ୍ୟରେ ହଜାର ହଜାର ବିକ୍ରେତା ଲକ୍ଷପତି ହୋଇଥିଲାବେଳେ ଆମର ୧ ମାସ ବ୍ୟାପୀ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲର ଏହି ଉତ୍ସାହଜନକ ଆରମ୍ଭ ପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ।

# ୟୁବିଆଇ ପକ୍ଷରୁ ମେଗା ୱାକାଥନ୍




**ଭୁବନେଶ୍ୱର,୨।୧୦ (ଅଭୟ ଦାଶ)**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୪ ଅନ୍ତର୍ଗତ 'ସ୍ୱଭାବ ସ୍ୱଚ୍ଛତା-ସଂସ୍କାର ସ୍ୱଚ୍ଛତା' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ମେଗା ୱାକାଥନ୍ କଟକରେ ଆୟୋଜିତ ହୋଇଯାଇଛି। ଏପରିକି ୪ କି.ମି.ର ଦୂରତ୍ୱ ଅତିକ୍ରମ କରିଥିବା ଏହି ୱାକାଥନ୍ ଜୁଡିସିଆଲ ଏକାଡେମୀରୁ ବାହାରି ଅଶ୍ୱିନୀ ହସ୍ପିଟାଲ ଭାୟା ରୋଟାରି କ୍ଲବ୍ ଦେଇ ପୁନର୍ବାର ଜୁଡିସିଆଲ ଏକାଡେମୀରେ ପହଞ୍ଚିଥିଲା। ଉଲ୍ଲେଖଯୋଗ୍ୟ, ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମଦିବସକୁ ସମ୍ମାନ ଜଣାଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ୟୁବିଆଇର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏହି ମେଗା ୱାକାଥନ୍‌ର ଆୟୋଜନ କରାଯାଇଥିଲାବେଳେ ୧୦୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେହିଭଳି ୧ ଘଣ୍ଟିକିଆ ସଫେଇ ଅଭିଯାନ କାର୍ଯ୍ୟକ୍ରମରେ ବ୍ୟାଙ୍କର ସମସ୍ତ କର୍ମଚାରୀ ଜୁଡିସିଆଲ ଏକାଡେମୀର ବିପରୀତ ପାର୍ଶ୍ୱ ଗ୍ରାଉଣ୍ଡକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଏହି ଅବସରରେ କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ଉପ-କ୍ଷେତ୍ରୀୟ ମୁଖ୍ୟ ବିଷ୍ଣୁଚରଣ ବେହେରା, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା, ମୁଖ୍ୟ ପ୍ରବନ୍ଧକ ବିନୋଦ ମେହେର, ମୁଖ୍ୟ ପ୍ରବନ୍ଧକ ଏଚ୍.କେ. ସାହୁ, ମୁଖ୍ୟ ପ୍ରବନ୍ଧକ ପ୍ରତାପ ପାଣିଗ୍ରାହୀଙ୍କ ସମେତ ଶାଖା ମୁଖ୍ୟ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସାମିଲ ହେଲେ ୬୦୦ରୁ ଊର୍ଦ୍ଧ୍ୱ ଜିଓ କର୍ମଚାରୀ

**ଭୁବନେଶ୍ୱର,୨।୧୦**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓର ଓଡ଼ିଶା ୟୁନିଟ୍ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା ଅଭିଯାନ'ର ଶୁଭାରମ୍ଭ କରାଯାଇଛି। ଏପରିକି ସ୍ୱଚ୍ଛ ଭାରତ ମିଶନର ୧୦ ବର୍ଷ ବା ୧୦ମ ପୂର୍ତ୍ତି ଉତ୍ସବ ଅବସରରେ ଓଡ଼ିଶାର ୩୦ରୁ ଅଧିକ ସହରରେ ସ୍ୱତନ୍ତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ ଓଡ଼ିଶାର ୩୦ରୁ ଅଧିକ ସହରରେ ଏକ ସ୍ୱତନ୍ତ୍ର ସ୍ୱଚ୍ଛତା ଡ୍ରାଇଭ ଏବଂ ସ୍ୱଚ୍ଛତା ହିଁ ସେବା ଅଭିଯାନର ଆୟୋଜନ କରାଯାଇଥିଲାବେଳେ ସାରା ଓଡ଼ିଶାର ୬୦୦ରୁ ଅଧିକ ଜିଓ କର୍ମଚାରୀ ଏହି ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେହିଭଳି ପରିବେଶର ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସେମାନେ ବିଶେଷ ଭାବେ ଗୁରୁତ୍ୱ ଦେଇଥିଲେ। ଏପରିକି ରାଜ୍ୟର ପ୍ରମୁଖ ସର୍ବସାଧାରଣ ସ୍ଥାନରେ ଏହି ଅଭିଯାନ ଆୟୋଜନ ହୋଇଥିଲାବେଳେ ସ୍ୱଚ୍ଛତା ଡ୍ରାଇଭ ଜରିଆରେ ଜିଓ କର୍ମଚାରୀମାନେ ସଫେଇ ଅଭିଯାନ ସହିତ ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପରିଷ୍କାର ପରିଚ୍ଛନ୍ନତା ଉପରେ ସଚେତନତା ସୃଷ୍ଟିକରିବାକୁ ଉଦ୍ୟମ କରିଥିଲେ। ସେହିପରି ସ୍ଥାନୀୟ ସମୁଦାୟ ସହିତ ସାମିଲହୋଇ ସର୍ବସାଧାରଣ ସ୍ଥାନକୁ ସ୍ୱଚ୍ଛ ଓ ସୁନ୍ଦର କରିବାର ପ୍ରୟାସ କରିଥିଲେ, ଯାହା ଏହି ଅଭିଯାନ ମୂଳ ଉଦ୍ଦେଶ୍ୟ ଥିଲା। ଏପରିକି ନାଗରିକମାନଙ୍କୁ ସଚେତନ କରାଇବା ସହ ସ୍ୱଚ୍ଛତା ପ୍ରତି ରହିଥିବା ସେମାନଙ୍କର ଦାୟିତ୍ୱ ଏବଂ ଏକ ସ୍ୱଚ୍ଛ ଓଡ଼ିଶା ଦିଗରେ ଆବଶ୍ୟକ ସହଯୋଗ ସହ ପରିବେଶକୁ ସ୍ୱଚ୍ଛତା ଓ ପରିଚ୍ଛନ୍ନତା କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବା।




'ସ୍ୱଚ୍ଛତା ହିଁ ସେବା ଅଭିଯାନ'ରେ ଜିଓ ଓଡ଼ିଶା କର୍ମଚାରୀମାନେ ସାମିଲ ହୋଇଛନ୍ତି।

# ଗୁଆହାଟୀରେ ପତଞ୍ଜଳିର ଅତ୍ୟାଧୁନିକ ୱେଲ୍‌ନେସ୍ ସେଣ୍ଟର




**ନୂଆଦିଲ୍ଲୀ,୨।୧୦**

ଦେଶର ଅଗ୍ରଣୀ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ଯୋଗପୀଠର ଅତ୍ୟାଧୁନିକ ୱେଲ୍‌ନେସ୍ ସେଣ୍ଟର ଆସାମର ଗୁଆହାଟୀଠାରେ ଉଦ୍‌ଘାଟିତ ହୋଇଯାଇଛି। ନର୍ଥ ଇଣ୍ଡିଆର ପ୍ରଥମ ଇଣ୍ଟଗ୍ରେଟେଡ୍ ହୋଲିଷ୍ଟିକ ହେଲ୍‌ଥ କେୟାର ଇନିସିଟିଭ ଏବଂ ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରାଇଡ୍ ଇଷ୍ଟ ଏଣ୍ଟରଟେନ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ସିଏମ୍‌ଡି ରିଙ୍କି ଭୂୟାଁ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପତଞ୍ଜଳି ଯୋଗପୀଠ ଟ୍ରଷ୍ଟ (ପତଞ୍ଜଳି)ର ପ୍ରମୁଖ ପରମ ପୂଜ୍ୟ ଯୋଗୀ ଋଷି ସ୍ୱାମୀ ରାମଦେବଙ୍କ ସମେତ ପରମ ପୂଜ୍ୟ ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଲକ୍ରିଷ୍ଣା, ଡା. କୌଶଳେନ୍ଦୁ, ଡା. ମାଧୁରୀ, ଡା. ଦରାଥି, ବୈଦ୍ୟ ଆଦିତ୍ୟ, ବୈଦ୍ୟ ସତ୍ୟପ୍ରକାଶ, ବିବେକ ଡାଗା, ବିକାଶ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସ୍ୱାମୀ ରାମଦେବ କହିଥିଲେ, ଆମେ ଆମର ନୂତନ ସେଣ୍ଟରର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଠାରେ ବ୍ୟାପକ ସ୍ୱାସ୍ଥ୍ୟସେବା ସାଙ୍ଗକୁ ଯୋଗ, ଆୟୁର୍ବେଦ, ପଞ୍ଚକର୍ମ, ସତ୍‌କର୍ମ, ଲିଜି ଥେରାପି, ଆକ୍ୟୁପେସର, ଆକ୍ୟୁପଞ୍ଚର ଏବଂ ନାଚୁରୋପାଥି ଭଳି ସୁବିଧା ଯୋଗାଇ ଦିଆଯିବ।

ସେହିଭଳି ପୂଜ୍ୟ ସ୍ୱାମୀ ଦେବସ୍ୱରୂପ, ଜଗତଦେବ ଏବଂ ସମଗ୍ରଦେବଙ୍କ ଦାୟିତ୍ୱରେ ଏହି ସେଣ୍ଟର ପରିଚାଳିତ ହେବ। ଏପରିକି ପତଞ୍ଜଳି ଯୋଗପୀଠ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକଳାପ ଓ କାର୍ଯ୍ୟକ୍ରମ ମଧ୍ୟ ଏହି ସେଣ୍ଟର ଜରିଆରେ ଆସାମ ଏବଂ ଉତ୍ତରାଞ୍ଚଳରେ ଜାରି ରହିବ।

ସେହିପରି ଏହି ସେଣ୍ଟର ମଧ୍ୟ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟସେବା କ୍ଷେତ୍ରର ପ୍ରତିଭାକୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ସହ ଗୁଣାତ୍ମକ ସେବା ପ୍ରଦାନ କରିବ।

# ଇଣ୍ଡିଆନ୍ ବ୍ୟାଙ୍କର ସ୍ୱଚ୍ଛ ଭାରତ ଅଭିଯାନ

**ଭୁବନେଶ୍ୱର,୨।୧୦**

ଇଣ୍ଡିଆନ୍ ବ୍ୟାଙ୍କର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସ୍ୱଚ୍ଛ ଭାରତ ଅଭିଯାନ' ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ୍ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ସଫେଇ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଚିକାନ୍ତ ଦାସ ଏବଂ ଉପ ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱନାଥ ଦାସଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ,ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଏବଂ ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଏହି ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କ ପରିସର ସହ ନିକଟବର୍ତ୍ତୀ ଅଞ୍ଚଳ ଏବଂ ରାସ୍ତାଘାଟର ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଏହି ସଫେଇ ଅଭିଯାନ ଇଣ୍ଡିଆନ୍ ବ୍ୟାଙ୍କର କର୍ତ୍ତବ୍ୟ ତୁଲାଇବା ସହ ରାଷ୍ଟ୍ରର ହିତ ପାଇଁ ଉତ୍ସର୍ଗ କରାଯାଇଥିଲା। ଏଥିରେ ସମସ୍ତ ଅଂଶଗ୍ରହଣକାରୀ ଶପଥପାଠ କରିଥିଲେ ଯେ ସେମାନେ ନିଜ ଅଞ୍ଚଳରେ ମଧ୍ୟ ଏହି ସଫେଇ କାର୍ଯ୍ୟକ୍ରମ ଜାରି ରଖିବେ ଏବଂ ଅନ୍ୟମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ କରାଇବେ। ପରିଶେଷରେ ଭୁବନେଶ୍ୱର ମହାନଗର ନିଗମର ୭ଜଣ ସଫେଇ କର୍ମଚାରୀଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସଫେଇ କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ସାମିଲ ଅଛନ୍ତି।

## ଫୁର୍‌ସତ

# ୮୧ ବର୍ଷୀୟା ବିୟୁଟି କୁଇନ୍




**ସିଓଲ:** ବୟସ କେବଳ ଏକ ସଂଖ୍ୟା। କୋରିଆନ୍ ମଡେଲ୍ ଚୋଇ ସୁନ୍-ହ୍ୱା(୮୧) ଏହା ପ୍ରମାଣ କରି ଦେଖାଇଛନ୍ତି। ସେ ସବୁଠାରୁ ବୟସ୍କା ମହିଳା ଭାବେ ମିସ୍ ୟୁନିଭର୍ସ କୋରିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଏହାର ଫାଇନାଲରେ ପ୍ରବେଶ କରି ରେକର୍ଡ ସୃଷ୍ଟି କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଚୋଇ ଜନ୍ମ ହେବା ବେଳକୁ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଆରମ୍ଭ ମଧ୍ୟ ହୋଇ ନ ଥିଲା।

ମଙ୍ଗଳବାର ମିସ୍ ୟୁନିଭର୍ସ କୋରିଆ ପ୍ରତିଯୋଗିତାର ଫାଇନାଲ ଅନୁଷ୍ଠିତ ହୋଇଥିବାବେଳେ ଏହି ଟାଇଟଲରୁ ଚୋଇ ଅଳ୍ପକେ ହାରି ଯାଇଛନ୍ତି। ଉକ୍ତ ଟାଇଟଲ ହାସଲ କରିଥିଲେ, ସେ ମିସ୍ ୟୁନିଭର୍ସ ଲଢେଇ ପାଇଁ ସବୁଠୁ ବୟସ୍କ ପ୍ରତିଯୋଗୀ ଭାବେ ଇତିହାସ ରଚିପାରିଥାନ୍ତେ। ତେବେ ଫାଇନାଲରେ ସେ 'ଶ୍ରେଷ୍ଠ ଡ୍ରେସର' ପୁରସ୍କାର ହାତେଇ ଦର୍ଶକଙ୍କର ମନ ଜିଣିପାରିଥିଲେ। ମିସ୍ ୟୁନିଭର୍ସ କୋରିଆର ଫାଇନାଲ ପୂର୍ବରୁ ଏକ ସାକ୍ଷାତକାରରେ ଚୋଇ କହିଥିଲେ, ତାଙ୍କ ଫିଟ୍‌ନେସ ପୂରା ବିଶ୍ୱକୁ ଚକିତ କରିପାରିଛି। ଜଣେ ୮୧ ବର୍ଷ ବୟସ୍କା ମହିଳା

### ଅଳ୍ପକେ ଖସିଗଲା ମିସ୍ ୟୁନିଭର୍ସ କୋରିଆ କ୍ରାଉନ୍

କିପରି ଏତେ ସୁସ୍ଥ ଅଛନ୍ତି, ସେ କିପରି ନିଜ ଶରୀରକୁ ମେଣ୍ଟେନ୍ କରି ରଖିଛନ୍ତି, ତାଙ୍କର ଡାଏଟ୍ କ'ଣ ରହିଛି ଏପରି ଅନେକ ପ୍ରଶ୍ନ ଲୋକଙ୍କ ମଧ୍ୟରେ ଲାଗିରହିଛି। ବୟସ ବଢ଼ିବା ସହ କିପରି ସୁସ୍ଥ ରହିହେବ ତାହା ସେ ପ୍ରମାଣିତ କରିପାରିଛନ୍ତି ବୋଲି ଚୋଇ କହିଥିଲେ। ପୂର୍ବରୁ ଏକ ହସ୍ପିଟାଲରେ କେୟାର କର୍ମଚାରୀ ଭାବେ କାର୍ଯ୍ୟ କରିଥିବା ଚୋଇ ୭୦ ଦଶକରେ ମଡେଲିଂ ଦୁନିଆରେ ପାଦ ଥାପିଥିଲେ। ତେବେ ମିସ୍ ୟୁନିଭର୍ସ ପ୍ରତିଯୋଗିତାକୁ ପ୍ରଗତିଶୀଳ କରିବା ପାଇଁ ଚଳିତ ବର୍ଷଠାରୁ କେତେକ ପ୍ରତିବନ୍ଧକକୁ ହଟାଇ ଦିଆଯାଇଛି। ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପୂର୍ବରୁ ଥିବା ବୟସ ସୀମା ପ୍ରତିବନ୍ଧକକୁ ଚଳିତଥର ହଟାଇ ଦିଆଯାଇଛି। ପୂର୍ବରୁ କେବଳ ୧୮ରୁ ୨୪ ବର୍ଷ ବୟସର ମହିଳାମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରୁଥିଲେ।

# ମଇଁଷି ଦାମ୍ ୨୫ କୋଟି

**ଚଣ୍ଡିଗଡ଼:** ନିକଟରେ ସୋସିଆଲ ମିଡିଆରେ ଏକ ମଇଁଷି ଭାଇରାଲ ହେବାରେ ଲାଗିଛି। ଇନ୍‌ଷ୍ଟାଗ୍ରାମରେ ଜିତେଶ କୁମାର ନାମକ ଜଣେ ବ୍ୟକ୍ତି ଏହି ମଇଁଷିର ଭିଡିଓ ଶେୟାର କରି ଲେଖିଛନ୍ତି, ଏହା କୌଣସି ସାଧାରଣ ମଇଁଷି ନୁହେଁ, ଦେଖିବାକୁ ଏହା ଅନ୍ୟ ମଇଁଷିଙ୍କଠାରୁ ଯଥେଷ୍ଟ ବଡ଼। ମଣିଷଙ୍କ ହାରାହାରି ଉଚ୍ଚତାଠାରୁ ଏହା ଯଥେଷ୍ଟ ଲମ୍ବା। କଳା ରଙ୍ଗର ଏହି ମଇଁଷି ୧୯ ଥର ବିଭିନ୍ନ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ନିଜ ମାଲିକ ତଥା ହରିୟାଣାକୁ ଗର୍ବିତ କରିପାରିଛି। ଲୋକମାନେ ଏହାକୁ ଦେଖିବା ପାଇଁ ଦୂର ଦୂରାନ୍ତରୁ ଆସନ୍ତି ବୋଲି ଜିତେଶ କହିଛନ୍ତି। ଦେଖିବାକୁ ବିରାଟକାୟ ହୋଇଥିବାରୁ ଉକ୍ତ ମଇଁଷିର ମାଲିକ ଏହାର ନାମ ବିରାଟ ରଖିଛନ୍ତି। ମଇଁଷିର ମାଲିକ କହିଛନ୍ତି, ତାଙ୍କ ପୁଅ ଓ ବିରାଟ ଗୋଟିଏ ଦିନରେ ଜନ୍ମ ହୋଇଥିଲେ, ସେବେଠାରୁ ସେ ଏହି ମଇଁଷିକୁ ନିଜ ପୁଅ ପରି ଦେଖି ଆସୁଛନ୍ତି। ମଇଁଷିଟିକୁ କିଣିବାକୁ କେତେଜଣ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦେବାକୁ ମଧ୍ୟ ରାଜି ଅଛନ୍ତି ବୋଲି ଏହାର ମାଲିକ କହିଛନ୍ତି। କିନ୍ତୁ ମଇଁଷି ଦ୍ୱାରା ସେ ଅନେକ ଫାଇଦା ପାଉଥିବାରୁ ଏହାକୁ ସେ ବିକ୍ରି କରିବାକୁ ଚାହୁଁନାହାନ୍ତି। ଉକ୍ତ ମଇଁଷି ପ୍ରତି ମାଲିକଙ୍କ ସ୍ନେହକୁ ବହୁ ସୋସିଆଲ ମିଡିଆ ୟୁଜର୍ସ ପସନ୍ଦ କରିଛନ୍ତି।





# ଆଲିଆଙ୍କ ସହ ତୁଳନାକୁ ନାପସନ୍ଦ କଲେ ଅନନ୍ୟା



ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ଓଟିଟି ପ୍ଲାଟ୍‌ଫର୍ମ 'ଆମାଜନ ପ୍ରାଇମ୍'ରେ ଗତ ମାସରେ ରିଲିଜ୍ ହୋଇଥିବା 'କଲ ମି ବେ' ସିରିଜ୍ ପାଇଁ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ବେଶ୍ ଚର୍ଚ୍ଚାକୁ ଆସିଥିଲେ। ଏହି ସିରିଜ୍‌ରେ ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ତେବେ ଖୁବ୍‌ଶୀଘ୍ର ଅନନ୍ୟାଙ୍କୁ 'ସିଟିଆର୍‌ଏଲ୍' ସିରିଜରେ ଦେଖିବାକୁ ମିଳିବ।

ଏବେ ଅନନ୍ୟା ଏହି ସିରିଜ୍‌ର ପ୍ରମୋଶନ୍‌ରେ ବ୍ୟସ୍ତ ଅଛନ୍ତି। ଏହି ଅବସରରେ ସେ ବହୁ ସାକ୍ଷାତ୍‌କାର ମଧ୍ୟ ଦେଉଛନ୍ତି। ତାଙ୍କୁ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସହ କେତେଜଣ ପ୍ରଶଂସକ ତୁଳନା କରୁଛନ୍ତି, ଏନେଇ ଏକ ସାକ୍ଷାତ୍‌କାରରେ ଅନନ୍ୟାଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ଅନନ୍ୟା କହିଛନ୍ତି, ଆଲିଆ ହେଉଛନ୍ତି ଜଣେ ଉତ୍କୃଷ୍ଟ କଳାକାର। ସେ ବଲିଉଡ୍‌ରେ ବହୁ ସଫଳତା ହାସଲ କରିଛନ୍ତି। ତେଣୁ ତାଙ୍କ ସହ ମୋର ତୁଳନା ଠିକ୍ ନୁହେଁ। ଯଦିଓ ସେ ସର୍ବଦା ପ୍ରଶଂସକମାନଙ୍କର ମତକୁ ସମ୍ମାନ ଦେଇଥାନ୍ତି, ତେବେ ମଧ୍ୟ ଆଲିଆଙ୍କ ସହ ତାଙ୍କର ତୁଳନା ଠିକ୍ ହେବ ନାହିଁ ବୋଲି ଅନନ୍ୟା କହିଛନ୍ତି। ସେ ଅଭିନୟ କ୍ଷେତ୍ରରେ ଆଲିଆଙ୍କଠାରୁ ବହୁତ କିଛି ଶିଖିବାକୁ ପାଇଛନ୍ତି ବୋଲି ଏହି ସାକ୍ଷାତ୍‌କାରରେ କହିଛନ୍ତି।

ବିକ୍ରମାଦିତ୍ୟ ମୋଟ୍‌ୱାନୀଙ୍କ ନିର୍ଦ୍ଦେଶିତ ଓ ନିଖିଲ ଦ୍ୱିବେଦୀଙ୍କ ପ୍ରଯୋଜିତ ସାଇବର-ଥ୍ରୀଲର ସିରିଜ୍ 'ସିଟିଆର୍‌ଏଲ୍' ଆସନ୍ତା ୪ରୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ। ଏହାର ଟ୍ରେଲରକୁ ଦର୍ଶକଙ୍କଠାରୁ ଅନେକ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ଅନନ୍ୟା ଏହି ସାକ୍ଷାତ୍‌କାରରେ ଫିଲ୍ମରେ ତାଙ୍କର ଚରିତ୍ର ବିଷୟରେ ବଖାଣିଛନ୍ତି। ସମ୍ପ୍ରତି ମଣିଷ କିପରି ଟେକ୍ନୋଲୋଜି ଓ ସୋସିଆଲ ମିଡିଆରେ ଫସି ରହୁଛି, ଏହାକୁ ଆଧାର କରି 'ସିଟିଆର୍‌ଏଲ୍' ଫିଲ୍ମ ନିର୍ମିତ ହୋଇଛି ବୋଲି ଅନନ୍ୟା କହିଛନ୍ତି।

# ଆଜିଠୁ ମହିଳା ଟି୨୦ ବିଶ୍ୱକପ୍

## ଭାରତରେ ହେବ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍

**ନୂଆଦିଲ୍ଲୀ, ୨।୧୦ (ପି.ଟି.):** ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଭାରତରେ ଆୟୋଜନ ହେବ। ଆସନ୍ତା ବର୍ଷ ହେବାକୁଥିବା ଏହି ପ୍ରତିଯୋଗିତାରେ ୨୪ଟି ଦେଶର ୧୬ଟି ଲେଖାଏ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବେ। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍ଆଇ) ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ‘‘ଖୋ ଖୋ ଖେଳ ଭାରତରୁ ସୃଷ୍ଟି। ଆଗାମୀ ବିଶ୍ୱକପ୍ ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରା ଓ ସ୍ପୋର୍ଟ୍ସ ସ୍ପିରିଟକୁ ହାଇଲାଇଟ୍ କରିବ। କାଦୁଅରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ଏବେ ମ୍ୟାଟ୍‌ରେ ଖେଳାଯାଉଛି ଏବଂ ବିଶ୍ୱର ୫୪ଟି ଦେଶ ଖେଳୁଛନ୍ତି’’ ବୋଲି କେକେଏଫ୍ଆଇ ପକ୍ଷରୁ ପ୍ରକାଶ କରାଯାଇଛି। ୨୦୩୨ ବେଳକୁ ଆମେ ଖୋ ଖୋକୁ ଅଲିମ୍ପିକ୍ସ କ୍ରୀଡ଼ାଭାବେ ଦେଖିବାକୁ ଚାହୁଁଛୁ। ଆଗାମୀ ବିଶ୍ୱକପ୍ ଏହି ସ୍ୱପ୍ନ ସାକାର ଦିଗରେ ପ୍ରଥମ ପଦକ୍ଷେପ ହେବ ବୋଲି କେକେଏଫ୍ଆଇ ସଭାପତି ସୁଧାଂଶୁ ମିତ୍ତଲ ପ୍ରକାଶ କରିଛନ୍ତି।

**ଦୁବାଇ, ୨।୧୦ (ପି.ଟି.)**

ୟୁଏଇରେ ଗୁରୁବାର ମହିଳା ଟି୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ବାଂଲାଦେଶ ଓ ସ୍କଟଲାଣ୍ଡ ମଧ୍ୟରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଶାରଜା ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ପରେ ଦୁଇ ଏସୀୟ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଓ ଶ୍ରୀଲଙ୍କା ପରବର୍ତ୍ତୀ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ପୂର୍ବରୁ ଏହି ଟୁର୍ନାମେଣ୍ଟ ବାଂଲାଦେଶରେ ଖେଳାଯିବାକୁ ଥିବାବେଳେ ରାଜନୈତିକ ହିଂସା କାରଣରୁ ଏହାକୁ ୟୁଏଇକୁ ସ୍ଥାନାନ୍ତର କରାଯାଇଥିଲା।

ମହିଳା ଟି୨୦ରେ ଅଷ୍ଟ୍ରେଲିଆ ସବୁଠାରୁ ଶକ୍ତିଶାଳୀ ଦଳ ହୋଇଥିବା ବେଳେ ଏହାର ଆଧିପତ୍ୟ ଶେଷ କରିବା ପାଇଁ ଭାରତ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ପ୍ରୟାସ କରିବେ। ଅନ୍ତିମ ୩ ଟି୨୦ ବିଶ୍ୱକପ୍ ଅଷ୍ଟ୍ରେଲିଆ ଜିତିଥିବା ବେଳେ ସମୁଦାୟ ୯ ସଂସ୍କରଣରେ ଏହା ୬ ଥର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଅତୀତରେ ଭାରତ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଅନେକ ଥର ଅଷ୍ଟ୍ରେଲିଆକୁ ହରାଇ ସାରିଛନ୍ତି। ତେବେ ବିଶ୍ୱକପ୍‌ରେ ଏହି ଦଳକୁ ହରାଇବା ସମସ୍ତଙ୍କ ପାଇଁ କାଠିକର ପାଠ ହୋଇଛି। ବିଶ୍ୱକପ୍‌ରେ ଏହି ଦଳ ଅପରାଜେୟ ରହିଥିବା ବେଳେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଅଷ୍ଟ୍ରେଲିଆ ଇତିହାସର ସବୁଠାରୁ ସଫଳତମ ଅଧିନାୟିକା ମେଗ୍ ଲାନିଙ୍ଗ ୧୮ ମାସ ତଳେ କ୍ରିକେଟରୁ ଅବସର ନେଇଥିବା ବେଳେ ଆଲିସା ହିଲିଙ୍କୁ ଦାୟିତ୍ୱ ମିଳିଥିଲା। ହିଲିଙ୍କ ବ୍ୟତୀତ ଏଲିସ୍ ପେରୀ, ଆସ୍‌ଲେ ଗାର୍ଡନର ଓ ଗ୍ରେସ୍ ହ୍ୟାରିସଙ୍କ ପରି ମ୍ୟାଚ୍ ବିଜେତା ଖେଳାଳି ଏହି ଦଳରେ ରହିଛନ୍ତି। ଏହି ଦଳରେ ଦୁଇ ଯୁବ ପେସ୍ ବୋଲର ଟାୟଲା ଭାଲେମିଙ୍କ ଓ ଡାର୍ସି ବ୍ରାଉନ୍ ମଧ୍ୟ ଚମତ୍କାର ଫର୍ମରେ ଅଛନ୍ତି। ଇଂଲଣ୍ଡ ଦଳ ୨୦୦୯ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ପରେ ୩ ଥର ଦଳ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଛି। ବିଶ୍ୱକପ୍ ୟୁଏଇରେ ଖେଳାଯାଉଥିବା କାରଣରୁ ସୋଫି ଏକେଲଷ୍ଟୋନଙ୍କ ବଡ ଭୂମିକା ରହିବ। ସେହିପରି ସାରା ଗ୍ଲେନ୍ ଓ ଚାର୍ଲି ଡିନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି।

ଅଷ୍ଟ୍ରେଲିଆ ପାଇଁ ଆଉ ଏକ ବଡ ଚ୍ୟାଲେଞ୍ଜ ଭାବରେ ଉଭା ହୋଇପାରେ ହରମନ୍‌ପ୍ରୀତ କୌରଙ୍କ ଭାରତୀୟ ଦଳ। ୨୦୨୦ ଟି୨୦ ବିଶ୍ୱକପ୍ ଓ ୨୦୨୨ ରାଜ୍ୟ ଗୋଷ୍ଠୀ କ୍ରୀଡାର ଫାଇନାଲରେ ଭାରତ ପରାଜିତ ହୋଇଥିଲା। ଏପରିକି ଅପେକ୍ଷାକୃତ ଦୁର୍ବଳ ଶ୍ରୀଲଙ୍କା ନିକଟରୁ ଦଳ ଏସିଆ କପ୍ ଫାଇନାଲରେ ମଧ୍ୟ ହାରି ଯାଇଥିଲା। ତେବେ ଭାରତ ନିକଟରେ ଶେଫାଳି ବର୍ମା, ସ୍ମୃତି ମାନ୍ଧନା, ହରମନ୍‌ପ୍ରୀତ ଓ ରିଚା ଘୋଷଙ୍କ ପରି ଆକ୍ରମଣାତ୍ମକ ବ୍ୟାଟର ରହିଥିବା ବେଳେ ଏକାଧିକ ମ୍ୟାଚ୍ ବିଜେତା ସ୍ପିନ୍ ବୋଲର ରହିଛନ୍ତି। ଭାରତ ଅଷ୍ଟ୍ରେଲିଆକୁ କଡା ଟକ୍କର ଦେବା ଆଶା କରାଯାଏ। ବିଗତ ସଂସ୍କରଣର ରନର୍ ଅପ୍ ରହିଥିବା ଦକ୍ଷିଣ ଆଫ୍ରିକା ମଧ୍ୟ କଡା ଚ୍ୟାଲେଞ୍ଜ ଦେବାର ସମ୍ଭାବନା ରହିଛି। ଲୌରା ଓଲ୍ଭାର୍ଡ୍ଟଙ୍କ ନେତୃତ୍ୱାଧୀନ ଦଳ ଗତବର୍ଷ ଫାଇନାଲର ପ୍ରତିଶୋଧ ନେବାକୁ ପ୍ରୟାସ କରିବ।

### ଅଷ୍ଟ୍ରେଲିଆର ଆଧିପତ୍ୟ ଶେଷ କରିବାକୁ ସୁଯୋଗ



ମହିଳା ଟି୨୦ ବିଶ୍ୱକପ ଟ୍ରଫି ସହ ଅଂଶଗ୍ରହଣକାରୀ ଦଳର ଅଧିନାୟିକା।

## ଭାରତୀୟ ଦଳରେ କିସ୍‌ର ୬ ଖେଳାଳି



ଭାରତୀୟ ଦଳରେ ସ୍ଥାନ ପାଇଥିବା କିସ୍‌ର ୩ ପୁରୁଷ ଓ ୩ ମହିଳା ଖେଳାଳି।

### ଏସିଆ ରଗ୍‌ବୀ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨।୧୦ (ତପନ ସ୍ୱାଇଁ)**

ନେପାଳର କାଠମାଣ୍ଡୁଠାରେ ଏସିଆ ରଗ୍‌ବୀ ଚାମ୍ପିୟନଶିପ୍ ଚଳିତ ମାସ ୪ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ପକ୍ଷରୁ ଜାତୀୟ ମହିଳା ଓ ପୁରୁଷ ଦଳର ଖେଳାଳି ତାଲିକା ଘୋଷଣା କରାଯାଇଛି। ଏଥିରେ କିସ୍ ବିଶ୍ୱବିଦ୍ୟାଳୟର ୬ ଖେଳାଳି (୩ ମହିଳା ଓ ୩ ପୁରୁଷ) ସାମିଲ ଅଛନ୍ତି। ପୁରୁଷ ଦଳରେ ସାମିଲ ଥିବା କିସ୍‌ର ଖେଳାଳିମାନେ ହେଲେ ଗଣେଶ ଧାଙ୍ଗଡ଼ା ମାଝି, ଆଶିଷ ସବର ଓ ଅଜିତ ହାଁସଦା। ଗଣେଶଙ୍କୁ ଭାରତୀୟ ଦଳର ଉପ-ଅଧିନାୟକ ମନୋନୀତ କରାଯାଇଛି। ସେହିପରି ମହିଳା ଦଳରେ ହୁପି ମାଝି, ଡୁମୁନି ମାର୍ଣ୍ଡି ଓ ନିର୍ମାଲ୍ୟ ରାଉତ ସାମିଲ ଅଛନ୍ତି। ହୁପି ମାଝି ଉପ-ଅଧିନାୟିକା ହୋଇଛନ୍ତି। ଭାରତୀୟ ଦଳ ମନୋନୟନ ପାଇଁ କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ଚୟନ ଟ୍ରାଏଲ ୨ ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଅଗଷ୍ଟ ୧ରୁ ୨୦ ଏବଂ ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲିଥିଲା। ଏସିଆ ରଗ୍‌ବୀ ପାଇଁ ଭାରତୀୟ ମହିଳା ଓ ପୁରୁଷ ଦଳରେ ସାମିଲ କିସ୍‌ର ୬ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।

## ସର୍ଫରାଜଙ୍କ ଦ୍ୱିଶତକରେ ମୁମ୍ବାଇ ଦୃଢ଼

**ଲକ୍ଷ୍ନୌ, ୨।୧୦**

ରଣଜୀ ଚାମ୍ପିୟନ ମୁମ୍ବାଇ ଓ ଅବଶିଷ୍ଟ ଭାରତ ମଧ୍ୟରେ ଖେଳାଯାଇଥିବା ଇରାନୀ ଟ୍ରଫିରେ ଦ୍ୱିଶତକ ହାସଲ କରିଛନ୍ତି ସର୍ଫରାଜ ଖାଁ। ସର୍ଫରାଜଙ୍କ ଦ୍ୱିଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୯ ଉଇକେଟ ହରାଇ ୫୩୬ ରନ୍ କରିଛି। ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ଅବଶିଷ୍ଟ ଭାରତ ଟସ୍ ଜିତି ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରଥମ ଦିନରେ ଖରାପ ଆଲୋକ କାରଣରୁ ୬୫ ଓଭର ଖେଳ ସମ୍ଭବ ହୋଇଥିବା ବେଳେ ମୁମ୍ବାଇ ୪ ଉଇକେଟରେ ୨୩୭ ରନ୍ କରିଥିଲା। ତେବେ ଦ୍ୱିତୀୟ ଦିନରେ ସର୍ଫରାଜଙ୍କ ୱାନ ମ୍ୟାନ୍ ଆର୍ମି ଶୋ ଦେଖିବାକୁ ମିଳିଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୩୭/୪ରୁ ଖେଳ ଆରମ୍ଭ କରିଥିଲା ମୁମ୍ବାଇ। ୮୬ ରନ୍‌ରେ ଅପରାଜିତ ଥିବା ରାହାନେ ଆଉ ୧୧ ରନ୍ ଯୋଡି ପ୍ୟାଭିଲିୟନ ଫେରିଥିଲେ। ସାମ୍ସ ମୁଲାନୀ ମଧ୍ୟ ୫ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ତେବେ ତନୁଷ କୋଟିଆନ୍(୬୪)ଙ୍କୁ ସାଥୀ କରି ସର୍ଫରାଜ ୧୮୩ ରନ୍ ଯୋଡିଥିଲେ। ସର୍ଫରାଜ ଷ୍ଟମ୍ପସ ଅପସାରଣ ବେଳକୁ ୨୨୧ ରନ୍‌ରେ ବ୍ୟାଟିଂ କରୁଛନ୍ତି। ୨୭୬ ବଲ୍ ଖେଳିଥିବା ସର୍ଫରାଜ ୨୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟପକ୍ଷରେ କୋଟିଆନ ୧୨୪ ବଲ୍ ଖେଳି ୬ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିଙ୍କ୍ୟ ରାହାନେ ୯୭ ଓ ଶ୍ରେୟସ ଆୟର ୫୬ ରନ୍ କରିଥିଲେ। ଅବଶିଷ୍ଟ ଭାରତ ପକ୍ଷରୁ ମୁକେଶ କୁମାର ୪ ଉଇକେଟ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯଶ ଦୟାଲ ଓ ପ୍ରସିଦ୍ଧି କ୍ରିଷ୍ଣା ଦୁଇଟି ଲେଖାଏ, ସାରାଂଶ ଜୈନ ୧ ଉଇକେଟ ନେଇଛନ୍ତି।




**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ ୧୩୮ ଓଭରରେ ୫୩୬/୯ (ସର୍ଫରାଜ ଖାଁ-୨୨୧*, ଅଜିଙ୍କ୍ୟ ରାହାନେ-୯୭, ତନୁଶ କୋଟିଆନ୍-୬୪, ମୁକେଶ କୁମାର-୪/୧୦୯, ଯଶ ଦୟାଲ-୨/୮୯, ପ୍ରସିଦ୍ଧ କ୍ରିଷ୍ଣା-୨/୧୦୨)।

## ଶୀର୍ଷ ସ୍ଥାନକୁ ଫେରିଲେ ବୁମ୍‌ରା

**ଦୁବାଇ, ୨।୧୦ (ପି.ଟି.):** ଭାରତୀୟ ପେସ୍ ବୋଲର ଯଶ୍‌ପ୍ରୀତ୍ ବୁମ୍‌ରା ଆଇସିସି ଟି୨୦ ର୍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। କାନପୁରରେ ବାଂଲାଦେଶ ବିପକ୍ଷରେ ୬ ଉଇକେଟ ନେଇଥିବା ବୁମ୍‌ରା ଅନ୍ୟତମ ଭାରତୀୟ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ହଟାଇ ପ୍ରଥମ ସ୍ଥାନକୁ ଫେରିଛନ୍ତି। ବୋଲରଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ଷଷ୍ଠ ଓ କୁଲଦୀପ ଯାଦବ ୧୬ ତମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ସେହିପରି ବ୍ୟାଟରଙ୍କ ମଧ୍ୟରେ ଗ୍ରୀନପାର୍କର ଷ୍ଟେର ପ୍ଲେୟର ଅଫ୍ ଦ ମ୍ୟାଚ୍ ଯଶସ୍ୱୀ ଜୟସ୍ୱାଲ ଶୀର୍ଷ ମାନ୍ୟତାପ୍ରାପ୍ତ ଭାରତୀୟ ରହିଛନ୍ତି। ଜୟସ୍ୱାଲ ଟେଷ୍ଟ ବ୍ୟାଟରଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଜୟସ୍ୱାଲ ୭୯୨ ରେଟିଂ ପଏଣ୍ଟ ହାସଲ କରିଥିବା ବେଳେ କେନ୍ ୱିଲିୟମସନ୍(୮୨୯) ଓ ଜୋ ରୁଟ୍ (୮୯୯) ତାଙ୍କ ଉପରେ ରହିଛନ୍ତି। ଭାରତୀୟ ଷ୍ଟାର ବ୍ୟାଟର ବିରାଟ କୋହଲି ୪୭ ଓ ୨୯ ରନ୍‌ର ଇନିଂସ ଖେଳି ୬ ସ୍ଥାନ ଉପରକୁ ଷଷ୍ଠ ସ୍ଥାନରେ ରହିଛନ୍ତି। ରିଷଭ ପନ୍ତ ୯ ନମ୍ବର ସ୍ଥାନରେ ଥିବା ବେଳେ ରୋହିତ ଶର୍ମା ଓ ଶୁବମାନ ଗିଲ୍ ଯଥାକ୍ରମେ ୧୫ ଓ ୧୬ ନମ୍ବର ସ୍ଥାନରେ ଅଛନ୍ତି। ଅଲରାଉଣ୍ଡର ତାଲିକାରେ ରବୀନ୍ଦ୍ର ଜାଡେଜା ଏକ ନମ୍ବର ସ୍ଥାନ ବଜାୟ ରଖିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ଓ ଅକ୍ଷର ପଟେଲ ସପ୍ତମ ସ୍ଥାନରେ ରହିଛନ୍ତି।

## ଜାତୀୟ ହୁଇଲଚେୟାର ରଗ୍‌ବୀ: ଓଡ଼ିଶା ଚାମ୍ପିୟନ



ଜାତୀୟ ହୁଇଲଚେୟାର ରଗ୍‌ବୀରେ ଚାମ୍ପିୟନ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨।୧୦ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଗ୍ୱାଲିୟରରେ ଅନୁଷ୍ଠିତ ଜାତୀୟ ହୁଇଲଚେୟାର ରଗ୍‌ବୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରଥମଥର ପାଇଁ ଚାମ୍ପିୟନ ହୋଇ ଇତିହାସ ରଚିଛି। ଫାଇନାଲରେ ଓଡ଼ିଶା ଦଳ କେରଳକୁ ୨୮-୯ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୁଜିତ ୭, ଆକାଶ ୬, ଗୁମ୍‌ଦା ୫, ଓମ୍ ପ୍ରକାଶ ୫, ଟି. ରୁଦ୍ର ନାରାୟଣ ୩ଟି ଏବଂ ପ୍ରଶାନ୍ତ, ଦେବଦତ୍ତ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୧୪-୪ ଗୋଲରେ କର୍ଣ୍ଣାଟକକୁ ପରାସ୍ତ କରିଥିଲା। ଆକାଶ ବଞ୍ଚର ସର୍ବାଧିକ ୫ଟି, ସୁଜିତ, ଓମ୍ ପ୍ରକାଶ ଓ ରୁଦ୍ର ନାରାୟଣ ୩ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ତର୍ଜାତୀୟ ଅଭିଜ୍ଞସମ୍ପନ୍ନ କୋଚ ସୁରେନ୍ଦ୍ର ଜେନା ଓ ବିଶ୍ୱଜିତ ଶତପଥୀ ଏବଂ ମ୍ୟାନେଜର ଉଦୟ ରାଉତଙ୍କ କଠିନ ପରିଶ୍ରମ ବଳରେ ଓଡ଼ିଶା ଦଳକୁ ଏହି ସଫଳତା ମିଳିଛି। ଟୁର୍ନାମେଣ୍ଟ ପୂର୍ବରୁ ଅଭ୍ୟାସ ପାଇଁ ଇନ୍‌ଡୋର ଷ୍ଟାଡିୟମ ମିଳି ନ ଥିବାରୁ ଖେଳାଳିମାନେ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ଆବାସିକ କେନ୍ଦ୍ରରେ ଅଭ୍ୟାସ କରିଥିଲେ ବୋଲି ଦଳର ମ୍ୟାନେଜର ଉଦୟ ରାଉତ ପ୍ରକାଶ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି, କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଆର୍‌ଏସ୍‌ପି-ବରଗଡ଼, କଟକ-ମୟୂରଭଞ୍ଜ ସେମିଫାଇନାଲ

**ରାଜ୍ୟର ୪ ଜୋନ୍‌ରେ ଚାଲିଥିବା ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଆସନ୍ତା ଶୁକ୍ରବାର ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି)-ବରଗଡ଼ ଓ କଟକ-ମୟୂରଭଞ୍ଜ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।**

## ଢେଙ୍କାନାଳକୁ ହରାଇଲା ମୟୂରଭଞ୍ଜ

**ବାରିପଦା, ୨।୧୦**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ଷ୍ଟାଡିୟମ ପଡ଼ିଆରେ ଚାଲିଥିବା ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଚାମ୍ପିୟନଶିପ୍‌ର ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଢେଙ୍କାନାଳକୁ ୩-୧ ଗୋଲରେ ହରାଇ ମୟୂରଭଞ୍ଜ ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ମୟୂରଭଞ୍ଜ ଦଳ ପକ୍ଷରୁ ହାମ୍ବିରା ହେମ୍ବ୍ରମ, ବିନ୍ଦୁ ସୋରେନ ଓ ନୀଲେଶ ତିଗା ଗୋଲ କରିଥିବା ବେଳେ ଢେଙ୍କାନାଳ ଟିମ୍‌ର ମଧୁ ଜାନୀ ଏକ ମାତ୍ର ଗୋଲ ଦେଇଥିଲେ। ମୟୂରଭଞ୍ଜର ହାମ୍ବିରା ହେମ୍ବ୍ରମ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ମହେଶ ଦାଶ ସ୍ମୃତି ସମ୍ମାନରେ ପୁରସ୍କୃତ ହୋଇଥିଲେ। ଶିବ ଶଙ୍କର ପଣ୍ଡା, ବିପୁଲ ବିଦ୍ୟାଧର, ସୂର୍ଯ୍ୟ ନାରାୟଣ ମିର୍ଦ୍ଧା ଓ ଲକ୍ଷ୍ମଣ ସେଠ ଖେଳ ପରିଚାଳନା କରିଥିଲେ। ସୁଭଦ୍ରା ହେମ୍ବ୍ରମ ମ୍ୟାଚ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ, ଫାଓ ଉପ ସଭାପତି ଅସିତ ପତି, କାଉନସିଲର ସୁକେଶିନୀ ସେଠୀ, ଅନୁରାଧା ମହାନ୍ତି, ଅନନ୍ତ ଦାସ, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନା ନାଏକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ ଓ ପାର୍ଥ ସାରଥୀ ସ୍ୱାଇଁ ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖ ଅପରାହ୍ନ ୩ଟାରେ ମୟୂରଭଞ୍ଜ ଓ କଟକ ମଧ୍ୟରେ ସେମି ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ।

### କଟକ ୫, ଭୁବନେଶ୍ୱର ୧

ପାରାଦୀପରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କଟକ ୫-୧ ଗୋଲରେ ଭୁବନେଶ୍ୱରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କଟକ ପକ୍ଷରୁ ବାପୁନି ବିନ୍ଧାଣି ୧୮, ୨୫ ଓ ୫୨ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଦୀନବନ୍ଧୁ ଦାସ ୬୮ ଓ ବିଜୟ ବେହେରା ୭୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଭୁବନେଶ୍ୱର ପକ୍ଷରୁ ତୋଫାନ ନାୟକ ୮୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

### ସେମିଫାଇନାଲ କାର୍ଯ୍ୟସୂଚୀ

(ଶୁକ୍ରବାର)

**ଆରଏସ୍‌ପି ବନାମ ବରଗଡ଼**
ଭେନ୍ୟୁ: ବରଗଡ଼ ଜୋନ୍
ସମୟ: ଅପରାହ୍ନ ୩ଟା

**କଟକ ବନାମ ମୟୂରଭଞ୍ଜ**
ଭେନ୍ୟୁ: ବାରିପଦା ଜୋନ୍
ସମୟ: ଅପରାହ୍ନ ୩ଟା



ବରଗଡ଼ର ରୁଦ୍ର ପ୍ରସାଦ ପ୍ରଧାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ବରଗଡ଼ ୩-୧ ଗୋଲରେ ବିଜୟୀ

**ବରଗଡ଼, ୨।୧୦ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ଓ ବରଗଡ଼ ଜିଲା କ୍ରୀଡା ସଂସଦ ମିଳିତ ଆୟୋଜନରେ ଚାଲିଥିବା ଆନ୍ତଃଜିଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚରେ କନ୍ଧମାଳ ଜିଲା ଦଳକୁ ୩-୧ ଗୋଲରେ ହରାଇ ବରଗଡ ଜିଲା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୪ ତାରିଖରେ ବରଗଡ଼ଠାରେ ସେମିଫାଇନାଲ ହେବ। ଏଥିରେ ସୁନ୍ଦରଗଡ ଜୋନରେ ସୁନ୍ଦରଗଡକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିବା ରାଉରକେଲାକୁ ବରଗଡ଼ ଦଳ ଭେଟିବ। ବୁଧବାର ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ହୋଇଥିବା କ୍ୱାର୍ଟର ଫାଇନାଲ ଉତ୍କଣ୍ଠାପୂର୍ଣ୍ଣ ଓ ଚିତ୍ତାକର୍ଷକ ଥିଲା। ଖେଳର ୫୫ତମ ମିନିଟରେ ବରଗଡ ଦଳର ୧୨ ନମ୍ବର ଖେଳାଳି ରୁଦ୍ର ପ୍ରସାଦ ପ୍ରଧାନ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ୭୩ତମ ମିନିଟରେ କନ୍ଧମାଳ ଦଳର ରମେଶ ଓରାମ ଦଳ ପକ୍ଷରୁ ଗୋଟିଏ ଗୋଲ ସ୍କୋର କରିବା ଫଳରେ ଉଭୟ ଦଳ ସମାନ ସ୍ଥିତିକୁ ଚାଲି ଆସିଥିଲେ। ଏହାପରେ ମ୍ୟାଚ ଆହୁରି ରୋଚକ ହୋଇଥିଲା । ସ୍ଥିତି ସମାନ ହେବା ପରେ ବରଗଡ ଖେଳାଳିମାନେ ଆହୁରି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଖେଳର ୮୦ତମ ମିନିଟରେ ବରଗଡ ଦଳର ସେକ ହେୟାତ ଓ ୯୧ ମିନିଟରେ ପ୍ରଶାନ୍ତ ଉନଶନା ଆଉ ଗୋଟିଏ ଗୋଲ ଦେବା ଫଳରେ ବରଗଡ ଦଳ ମ୍ୟାଚକୁ ୩-୧ ଗୋଲ ବ୍ୟବଧାନରେ ଜିତି ସେମି ଫାଇନାଲରେ ପ୍ରବେଶ କରିଥିଲା। ବରଗଡ ଦଳର ରୁଦ୍ର ପ୍ରସାଦ ପ୍ରଧାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।

ସୁନ୍ଦରଗଡ଼ରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୧-୦ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଥିଲା। ଆର୍‌ଏସ୍‌ପିର ବିଶାଳ ଏକ୍କା ୧୪ ମିନିଟରେ ଗୋଟିଏ ଗୋଲ କରିଥିଲେ।

## ସନ୍ତୋଷ ଟ୍ରଫି: ଗ୍ରୁପ୍ ‘ଏଫ୍’ରେ ଓଡ଼ିଶା

**ନୂଆଦିଲ୍ଲୀ, ୨।୧୦ (ପି.ଟି.)**

ଦୀର୍ଘ ୫୭ ବର୍ଷ ବ୍ୟବଧାନରେ ହାଇଦ୍ରାବାଦ ପ୍ରଥମ ଥରପାଇଁ ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଆୟୋଜନ କରିବାକୁ ଯାଉଛି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ଫାଇନାଲ ରାଉଣ୍ଡ ଡିସେମ୍ବର ପ୍ରଥମ ସପ୍ତାହରେ ହେବା ସମ୍ଭାବନା ରହିଛି। ଶେଷ ଥରପାଇଁ ହାଇଦ୍ରାବାଦ ୧୯୬୬-୬୭ରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରିଥିଲା। ଗତ ନଭେମ୍ବରରେ ଅନୁଷ୍ଠିତ ଗ୍ରୁପ୍ ପର୍ଯ୍ୟାୟର ବିଜେତା ଏବଂ ଗତ ସିଜନର ଫାଇନାଲିଷ୍ଟ ସର୍ଭିସେସ ଓ ଗୋଆ ହାଇଦ୍ରାବାଦରେ ଫାଇନାଲ ରାଉଣ୍ଡ ଖେଳିବେ। ଫାଇନାଲ ରାଉଣ୍ଡ ପାଇଁ ଓଡ଼ିଶା ଗ୍ରୁପ୍ ‘ଏଫ୍’ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଥିବା ଅନ୍ୟ ଦଳ ଗୁଡ଼ିକ ହେଲେ ମଧ୍ୟ ପ୍ରଦେଶ ଓ ଛତିଶଗଡ଼। ଗ୍ରୁପ୍ ‘ଏ’ରେ ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ ଓ ପଞ୍ଜାବ, ଗ୍ରୁପ୍ ‘ବି’ରେ ଛତିଶଗଡ଼, ଉତ୍ତରାଖଣ୍ଡ, ହରିୟାଣା ଓ ଦିଲ୍ଲୀ, ଗ୍ରୁପ୍ ‘ସି’ରେ ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ବେଙ୍ଗଲ ଓ ବିହାର ସ୍ଥାନ ପାଇଛି। ସେହିପରି ଗ୍ରୁପ୍ ‘ଡି’ରେ ଆସାମ, ସିକ୍କିମ, ମେଘାଳୟ ଓ ତ୍ରିପୁରା, ଗ୍ରୁପ୍ ‘ଇ’ରେ ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର ଓ ମିଜୋରାମ, ଗ୍ରୁପ୍ ‘ଜି’ରେ ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଓ ଆଣ୍ଡାମାନ ଆଣ୍ଡ ନିକୋବର, ଗ୍ରୁପ୍ ‘ଏଚ୍’ରେ କେରଳ, ପଣ୍ଡିଚେରୀ, ଲାକ୍ଷାଦ୍ୱୀପ ଓ ରେଲୱେ, ଗ୍ରୁପ୍ ‘ଆଇ’ରେ ମହାରାଷ୍ଟ୍ର, ଗୁଜରାଟ, ଦାଦ୍ରା ଆଣ୍ଡ ନଗର ହାଭେଳି, ଡାମନ ଆଣ୍ଡ ଡିଉ ଓ ରାଜସ୍ଥାନ ସ୍ଥାନ ପାଇଛି।

"ବିଶେଷଭାବରେ ପୂଜା ପାର୍ବଣ ଅବସରରେ ବଡ ପରଦାରେ ଓଡ଼ିଆ ସିନେମାର ଲଢ଼େଇ ବିଷୟରେ ବେଶ୍ ଆଲୋଚନା ହୁଏ। ହେଲେ ଏଥର ଦୁର୍ଗାପୂଜାରେ ଚାରୋଟି ଓଡ଼ିଆ ସିନେମା–'କର୍ମ', 'ଦୁର୍ଗା', 'ଭିଲେନ୍' ଏବଂ 'ଖୋକା ଭାଇ ତୁମ ପାଇଁ' ମୁକ୍ତିଲାଭ କରିବାକୁ ଯାଉଛି। ନିଜ ନିଜ ସିନେମାର ସଫଳତାକୁ ନେଇ ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ଏଥିରେ ଅଭିନୟ କରିଥିବା କଳାକାରମାନେ ଦୃଢ଼ ଆଶାବାଦୀ ଅଛନ୍ତି। ହେଲେ ବାସ୍ତବ ଚିତ୍ର କ'ଣ ତାହା ରିଲିଜ ପରେ ହିଁ ଜଣାପଡିବ।"

# ଏଥର ଜମିବ ଦଶହରା ଲଢ଼େଇ


'ଖୋକା ଭାଇ ତୁମ ପାଇଁ' ଫିଲ୍ମର ଏକ ଦୃଶ୍ୟ


'କର୍ମ' ଫିଲ୍ମରେ ଅନୁଭବ


'ଭିଲେନ୍' ଫିଲ୍ମରେ ଅର୍ଦ୍ଧେନ୍ଦୁ



'ଦୁର୍ଗା' ଫିଲ୍ମର ଏକ ଦୃଶ୍ୟ

**ଖୋକା ଭାଇ ତୁମ ପାଇଁ:** ଅକ୍ଷୟ ମହାନ୍ତି ଓରଫ ଖୋକା ଭାଇ ସଙ୍ଗୀତ ଜଗତରେ ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ। ତାଙ୍କ ସ୍ୱରାୟିତ ଗୀତଗୁଡିକ ଏବେ ବି ଶ୍ରୋତାଙ୍କ ମନରେ ସତେଜ ହୋଇ ରହିଛି। ସଙ୍ଗୀତ ପ୍ରେମୀଙ୍କ ହୃଦୟରେ ତାଙ୍କ ପାଇଁ ରହିଛି ସ୍ୱତନ୍ତ୍ର ସ୍ଥାନ। ସେଭଳି ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଖୋକା ଭାଇ ତୁମ ପାଇଁ'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସ୍ୱରାଜ। ଏଭଳି ଏକ ଫିଲ୍ମରେ ଅଭିନୟ କରିବା ଠାରୁ ଆଉ କିଛି ବଡ କଥା ନାହିଁ ବୋଲି କହନ୍ତି ଏହି ଅଭିନେତା। ତାଙ୍କ ବ୍ୟତୀତ ନବାଗତା ଲକି ମନୀଷା, ସରୋଜ ପରିଡା, ଉପାସନାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା, ଏଥର ଦଶହରାରେ ଫିଲ୍ମଟି ରିଲିଜ ହେବାକୁ ଯାଉଛି। ଏଭଳି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ତଥା ଆଗଧାଡିର କୋରିଓଗ୍ରାଫର ଗିରିଶ ମହାନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶୁଭେନ୍ଦୁ ସାହୁ ଏବଂ ବିଷ୍ଣୁପ୍ରିୟା ସାହୁ। ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।

**କର୍ମ:** ଏଥର ଦୁର୍ଗା ପୂଜାରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'କର୍ମ'। ଖାସ୍ କଥା ହେଲା ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି। ସୂର୍ଯ୍ୟମୟୀ ମହାପାତ୍ର ଓ ଦିବ୍ୟାଦିଶା ମହାନ୍ତି, ମନ୍ମୟ ଦେ ମଧ୍ୟ କାଷ୍ଟିଂରେ ଅଛନ୍ତି। ଫିଲ୍ମଟିରେ ଆକ୍ସନ, ଡ୍ରାମା ରୋମାନ୍ସ ଭରି ରହିଛି। ଏହି ଚଳଚ୍ଚିତ୍ରରେ ଦର୍ଶକ ଅନୁଭବଙ୍କୁ ଜଣେ ସଚ୍ଚୋଟ ଇନଭେଷ୍ଟିଗେଟିଭ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ପାଇବେ। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ବର୍ତ୍ତମାନର ଚର୍ଚ୍ଚିତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ଏଥିରେ ସଂଯୋଜିତ ଗୀତଗୁଡିକ ପାଇଁ ସ୍ୱର ଦେଇଛନ୍ତି ହ୍ୟୁମାନ ସାଗର, ଆଶିଷ ପ୍ରଧାନ, ମଣ୍ଟୁ ଛୁରିଆ , ଅନନ୍ୟା ଶ୍ରୀତମ ନନ୍ଦ , ଗୌରବ ଆନନ୍ଦ ଏବଂ ମୋମିଆ ପ୍ରକାଶ। ରିଲିଜ ପୂର୍ବରୁ ଚଳଚ୍ଚିତ୍ରର ଦୁଇଟି ଗୀତ 'ଟିରିଙ୍ଗ ଟିରିଙ୍ଗ' ଓ 'ଧିତାଙ୍ଗ ଧିତାଙ୍ଗ' ଦର୍ଶକମାନଙ୍କ ହୃଦୟ ଛୁଇଁ ସାରିଛି। ଚଳଚ୍ଚିତ୍ରର କ୍ରିଏଟିଭ ହେଡ ଅଛନ୍ତି ପ୍ରଣୟ ଜେଠୀ। ସୂଚନାଯୋଗ୍ୟ ଅନୁପମଙ୍କ ନିର୍ଦ୍ଦେଶିତ ଫିଲ୍ମ 'ପ୍ରତୀକ୍ଷା' ଜାତୀୟ ପୁରସ୍କାର ପାଇଥିବା ବେଳେ 'ତ୍ରିକନ୍ୟା' ମଧ୍ୟ ବେଶ ଲୋକପ୍ରିୟ ହୋଇଥିଲା।

**ଭିଲେନ୍:** 'ଟପୋରି', 'ବ୍ଲାକମେଲ୍' ଏବଂ 'ମୁଁ ପରଦେଶୀ ଚଢ଼େଇ' ପରେ ପ୍ରଯୋଜକ-କମ୍ ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏଥର ଦଶହରା ମଇଦାନରେ ଓହ୍ଲାଉଛନ୍ତି। ତାଙ୍କ ପ୍ରଯୋଜିତ 'ଭିଲେନ୍' ପୂଜା ଅବସରରେ ପରଦା ଉପରକୁ ଆସୁଛି। ଏଥର ବଡ ପରଦାରେ ଦର୍ଶକ ତାଙ୍କୁ ଆକ୍ସନ ଭୂମିକାରେ ଦେଖିବାକୁ ପାଇବେ। ଉକ୍ତ ସିନେମାର ଟାଇଟଲ ରହିଛି 'ଭିଲେନ୍'। ଏହି ବିଗ୍ ବଜେଟ୍ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। ଆଦିଲକ୍ଷ୍ମୀ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କେ.ମୁରଲୀକ୍ରିଷ୍ଣା। "ଏହି ସିନେମାର କାହାଣୀରେ କେବଳ ଆକ୍ସନ ଭରି ରହିଛି। ଦର୍ଶକ ଏଥିରୁ ଏକ ଡିଫରେଣ୍ଟ ଚାର୍ମ ପାଇବେ। ମୋ ଆକ୍ଟିଂ କ୍ୟାରିୟରରେ ଫିଲ୍ମଟି ଟର୍ନିଂ ପଏଣ୍ଟ ହେବ ବୋଲି ଦୃଢ଼ ବିଶ୍ୱାସ ରହିଛି। କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ଚେଷ୍ଟା କରାଯାଇଛି ବୋଲି କହନ୍ତି ଅର୍ଦ୍ଧେନ୍ଦୁ।" ଏଥିରେ ଅର୍ଦ୍ଧେନ୍ଦୁଙ୍କ ନାୟିକା ସାଜିଛନ୍ତି ତମନ୍ନା। ଅନ୍ୟପକ୍ଷରେ ଉଶଷୀ ମିଶ୍ର, ବବି ମିଶ୍ର, କେ.କେ, ସମରେଶ, ବ୍ରଜ ସିଂ, ରବି ମିଶ୍ର, ରାଜୁ ଦାସ ଏବଂ ସୋମୁ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

**ଦୁର୍ଗା:** ନାରୀ ଶକ୍ତିର କେତେ ମହତ୍ତ୍ୱ ରହିଛି ତାହାକୁ ଆଧାର କରି ପ୍ରସ୍ତୁତ ହୋଇଛି କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜିତ ଓଡ଼ିଆ ଚଳଚ୍ଚିତ୍ର 'ଦୁର୍ଗା'। ଗତ କିଛି ବର୍ଷ ଧରି ସଫଳ ଫିଲ୍ମ ନିର୍ମାଣ କରିସାରିଛନ୍ତି ଏହି ଯୁବ ପ୍ରଯୋଜକ। ତେବେ ଏହି ଫିଲ୍ମରୁ ଦର୍ଶକ ଭରପୁର ମନୋରଞ୍ଜନ ପାଇବେ ବୋଲି ଦୃଢ଼ ଆଶାବାଦୀ ଅଛନ୍ତି ସେ । ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ପୁନମ୍ ମିଶ୍ର। ଖାସ୍ କଥା ହେଲା, ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଭାର ମଧ୍ୟ ସମ୍ଭାଳିଛନ୍ତି ଆଗଧାଡିର ନିର୍ଦ୍ଦେଶକ ତାପସ ସରଘରିଆ। ସଂଳାପ ଲେଖିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆ। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଏଥିରେ ପୁନମ୍ ମିଶ୍ରଙ୍କ ବ୍ୟତୀତ ଇଶା ତଲୱାର, ରାଜ୍ ରାଜେଶ, ଅଭିଷେକ ଗିରି, ସରୋଜ ପରିଡା, ହରିହର ମହାପାତ୍ର, ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, ଶକ୍ତି ବରାଳ, ସରୋଜ ପରିଡା ଏବଂ ବିଦୁସ୍ମିତା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ଏଥର ଦୁର୍ଗାପୂଜାରେ ପ୍ରୀତମଙ୍କ 'ଦୁର୍ଗା' କେତେ ବାଜିମାତ୍ କରୁଛି ତାହା ଦେଖିବାକୁ ବାକି ରହିଲା।

## ଅପେରା ହାଲ୍‌ଚାଲ୍

# ଭୂଷଣଙ୍କ ଲେଉଟାଣି


ଭୂଷଣ–ଲିସା

**ଅ**ପେରା ଦୁନିଆ ତାଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ଜଲିଉଡ୍‌ରେ ସେ ବେଶ୍ କେତୋଟି ନାଟକରେ ଅଭିନୟ କରିବା ପରେ ସାମୟିକ ସମୟ ପାଇଁ ନିଜକୁ ଯାତ୍ରା ଜଗତରୁ ଦୂରେଇ ନେଇଥିଲେ। ହେଲେ ଏବେ ପୁଣି ଥରେ ସେ ମଞ୍ଚ ମୁହାଁ ହୋଇଛନ୍ତି। ସେ ହେଲେ ଭୂଷଣ ଦେବଶର୍ମା। ମୁକ୍ତିକାନ୍ତ ସାମଲଙ୍କ ପ୍ରଯୋଜିତ ଯାତ୍ରାନୁଷ୍ଠାନ 'ସ୍ୱର୍ଣ୍ଣମନ୍ଦିର'ରେ ସେ ଏବେ ଅଭିନୟ ଜାରି ରଖିଛନ୍ତି। ବିଶେଷଭାବରେ ଏହି ପାର୍ଟିର ନାଟକ 'ବେଳେବେଳେ ଏମିତି ଭୁଲ ହୁଏ'ରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଏବେ ପୁଣି ଥରେ ଯାତ୍ରାକୁ ଫେରିବା ପୂର୍ବରୁ ସେ ଧାରାବାହିକାରେ ଅଭିନୟ ଜାରି ରଖିଥିଲେ। ତାଙ୍କ ଅଭିନୀତ ପ୍ରମୁଖ ଧାରାବାହିକଗୁଡ଼ିକ ହେଉଛି–ରାଜନନ୍ଦିନୀ, ସରଗମ, ଜୋଇଁ ନମ୍ବର ୧, ସିଷ୍ଟର ଶ୍ରୀଦେବୀ, ତାରାତାରିଣୀ, ଦିବ୍ୟଦୃଷ୍ଟି, ମୋ ଅଗଣାର ତୁଳସୀ ତୁ, ଗୌରୀ, ଝିଲ୍ଲି, କେଦାର ଗୌରୀ, ତୋରି ପାଇଁ ଏବଂ ଝିଅ ଆମର ନୂଆ ବୋହୂ। 'ଅଭିନୟ ସମୟରେ ମୁଁ ନିଜକୁ ଚରିତ୍ର ଭିତରେ ହଜେଇ ଦିଏ। ତେଣୁ ମୋତେ ମିଳିଥିବା ପ୍ରତିଟି ଭୂମିକା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏବେ ମୁଁ ପୁଣି ଥରେ ଅପେରା ଦୁନିଆକୁ ଫେରିଛି। ଆଶା ରଖିଛି ପୂର୍ବଭଳି ମୁଁ ଯାତ୍ରା ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେବି ବୋଲି କହନ୍ତି ଭୂଷଣ।

# ସ୍ମରଣୀୟ ସଂଗ୍ରାମ



**ସଂ**ଗ୍ରାମ ନାୟକ ସାଂସ୍କୃତିକ ଜଗତରେ ଜଣେ ଭଲ ମଣିଷ। ସାମାଜିକ କ୍ଷେତ୍ରରେ ସାମୂହିକ କାର୍ଯ୍ୟ କରିବା ଦିଗରେ ସେ ନିଷ୍ଠାପର ସାଧକ। ଗତ ମାସ ୨୫ ତାରିଖ ଦିନ ସକାଳେ ପତ୍ନୀ ମୀନାକ୍ଷୀ ମହାପାତ୍ରଙ୍କୁ 'ଭଲ ଲାଗୁନି' କହିବା ପରେ ହଠାତ୍ ହୃଦ୍‌ଘାତରେ ଟଳି ପଡ଼ିଲେ। ଜଣେ ସଫଳ ସଂଗଠକ, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱ ଥିଲେ ସଂଗ୍ରାମ। ସାଂସ୍କୃତିକ ଜଗତ ପାଇଁ ତାଙ୍କର ଅବଦାନ କମ୍ ନୁହେଁ। ବଡ଼ଗଡ଼ ଗାଁରେ ନେତାଜୀ ଯୁବକ ସଂଘର ନାଟକ ମଞ୍ଚସ୍ଥ ସମୟରେ ସେ ଅଭିନୟ ସହ ସହଯୋଗୀ ନିର୍ଦ୍ଦେଶନା ମଧ୍ୟ ଦେଉଥିଲେ।

ସଂଗ୍ରାମ ନାୟକ ଭଲ ଅଭିନୟ ସହ ନିର୍ଦ୍ଦେଶନା କ୍ଷେତ୍ରରେ ତାଙ୍କର ଦକ୍ଷତା ମଧ୍ୟ ଥିଲା। ତାଙ୍କର ଡାକ ନାମ 'ଯୋଗୀ'। ବଡ଼ଗଡ଼ରେ ଜଣେ ମେଳାପୀ, ଭଦ୍ର ବ୍ୟକ୍ତିତ୍ୱ ହେଲେ ସଂଗ୍ରାମ । ସେ ବଡ଼ଗଡ଼ ହାଇସ୍କୁଲର ଜଣେ ମେଧାବୀ ଛାତ୍ର ଥିଲେ। ପରେ ପରେ ବ୍ୟାଙ୍କ କର୍ମଚାରୀ ଭାବେ ଯୋଗ ଦେଇ ଅବସର ନେଲେ। ଅବସର ପରେ ବଡ଼ଗଡ଼ ଗ୍ରାମର ହାଇସ୍କୁଲ, ମେଘେଶ୍ୱର ଉନ୍ନୟନ ପରିଷଦ ଓ ଶ୍ରୀଜଗନ୍ନାଥ ଆଶ୍ରମ ପରିଚାଳନା ଦାୟିତ୍ୱ ନେଇଥିଲେ।

ଥରେ ସଂଗ୍ରାମ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧ ଅବସରରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଉପଭୋଗ କରୁଥାଆନ୍ତି। ମୋ ସହ ସାକ୍ଷାତ ଅବସରରେ ସେଦିନ ଓଡ଼ିଆ ସିନେମାର ଅଧୋଗତି ଘଟଣାରେ ବିଶେଷ ଦୁଃଖ ପ୍ରକାଶ କରିଥିଲେ ସେ। ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ଶୁଟିଂ ଆମ ଗାଁ ବଡ଼ଗଡ଼ରେ ହେଉଥାଏ। ସେତେବେଳେ ଫିଲ୍ମ ପ୍ରତି ସଂଗ୍ରାମ କେତେ ସିରିୟସ ତାହା ମୁଁ ଜାଣିପାରିଥିଲି। ଭଲ ମଣିଷ ସଂସାରକୁ ଖୁବ୍ କମ୍ ସମୟ ପାଇଁ ଆସିଥାନ୍ତି। ସଂଗ୍ରାମ ନାୟକ ଯେଉଁଠି ଥିଲେ ବି ଭଲରେ ରୁହନ୍ତୁ, ଏହା ହିଁ କାମନା।

–ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଚିନ୍ତା କରୁଛନ୍ତି ସୋନାକ୍ଷୀ



**ସୋ**ନାକ୍ଷୀ ସିହ୍ନା ଇତି ମଧ୍ୟରେ ହାତକୁ ଦି'ହାତ ହୋଇସାରିଛନ୍ତି। ତେବେ ଯେହେତୁ ବର୍ତ୍ତମାନ ସେ ଶୁଟିଂ ଠାରୁ ନିଜକୁ ଦୂରେଇ ରଖିଛନ୍ତି, ତେଣୁ ଏହି ଅବସର ସମୟ ମଧ୍ୟରେ ସେ ଏକ ନୂଆ ଯୋଜନା ବିଷୟରେ ଚିନ୍ତା କରୁଛନ୍ତି। ସାମୟିକ ବ୍ରେକ୍ ପରେ ସେ ତ ପୁଣି ଥରେ ଆକ୍ଟିଂ ମଇଦାନକୁ ଓହ୍ଲାଇବେ, ହେଲେ ତା' ସହ ନିଜକୁ ଆଉ ଏକ କାମରେ ଜଡିତ ରଖିବାକୁ ମନସ୍ଥ କରିଛନ୍ତି। କଥା କ'ଣ କି ଏଣିକି ସେ ସିନେମାରୁ ଯାହା ପାରିଶ୍ରମିକ ପାଇବେ ତା'ମଧ୍ୟରୁ ପ୍ରମୁଖ ଭାଗକୁ ସେ ଦୁଃଖୀ ଦରିଦ୍ରଙ୍କ ପାଇଁ ଖର୍ଚ୍ଚ କରିବେ। ଏ ନେଇ ସୋନାକ୍ଷୀ କହନ୍ତି, "ଏଭଳି ଆଇଡିଆ ମୋର ପ୍ରଥମ ସିନେମା 'ଦବଙ୍ଗ' ସମୟରେ ଆସିଥିଲା। ସେହି ସମୟରେ ମୋ ପ୍ରଥମ ପାରିଶ୍ରମିକର କିଛି ଅଂଶ ମୁଁ ସଲମାନଙ୍କ ସ୍ୱେଚ୍ଛାସେବୀ ସଂସ୍ଥା 'ବିଇଙ୍ଗ ହ୍ୟୁମାନ'କୁ ଦାନ କରିଥିଲି। ଏବେ ଦରିଦ୍ର ସହ ସଂଘର୍ଷ କରୁଥିବା ବ୍ୟକ୍ତିଙ୍କର ଉନ୍ନତି ପାଇଁ ମୋ ପକ୍ଷରୁ ଯାହା କିଛି ସମ୍ଭବ ତାହା ଚେଷ୍ଟା କରିବି। ଯେହେତୁ ଏସବୁ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି ତେଣୁ ଏ ନେଇ ସବିଶେଷ ସୂଚନା ଦେବା ସମ୍ଭବ ନୁହେଁ। ସମୟ ଆସିଲେ ମୁଁ ମୋ ନିଜ ପଟରୁ ଏ ବିଷୟରେ ନିଶ୍ଚୟ ସମସ୍ତଙ୍କୁ ଜଣାଇ ଦେବି।" ତେବେ ସୋନାକ୍ଷୀ ତାଙ୍କ ନୂଆ ଯୋଜନାକୁ କେତେ ସଫଳ ରୂପାୟନ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# କିପରି କଟେ ଅବସର

**ୟା**ମି ଗୌତମଙ୍କୁ ଅବସର ମିଳିଲେ ସେ କ'ଣ କରନ୍ତି ? ଶୁଟିଂରୁ ଫୁରସତ ମିଳିବା ମାତ୍ରେ ସେ ଘର ଲୋକଙ୍କ ସହ ସମୟ କାଟିବାକୁ ପସନ୍ଦ କରନ୍ତି। କେବଳ ସେତିକି ନୁହେଁ, ଘର ସଜାଇବାକୁ ସେ ଭଲ ପାଆନ୍ତି। ଅବସର କାଟିବା ବିଷୟରେ ୟାମି କହନ୍ତି, "ଘର ସଜାଇବା ମୋର ପିଲାଟି ଦିନରୁ ଅଭ୍ୟାସ। ଘରର ଜିନିଷପତ୍ର ଏଣେତେଣେ ପଡିଲେ ମୁଁ ସେଗୁଡିକୁ ସଜାଇ ଠିକ୍ ଜାଗାରେ ରଖିଥାଏ। ଆଉ ଏବେ ଘରର ଇଣ୍ଟେରିୟର ଡିଜାଇନିଂକୁ ଗୁରୁତ୍ୱ ଦେଉଛି। ଏ ନେଇ ମୋର ଯେତିକି ଜ୍ଞାନ ରହିଛି ତାହାକୁ ଉପଯୋଗ କରି ଘରକୁ ସଜାଇଥାଏ। ଏହାବ୍ୟତୀତ ମୋତେ ଅବସର ମିଳିବା ମାତ୍ରେ ମୁଁ ବାହାରେ ବୁଲିବାକୁ ମଧ୍ୟ ପସନ୍ଦ କରେ। କେବଳ ଆମ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଅନେକ ଦର୍ଶନୀୟ ସ୍ଥାନ ରହିଛି। ସେଭଳି ସ୍ଥାନ ବୁଲିବା ସହ ସେଠାକାର ଇତିହାସ ବିଷୟରେ ଜାଣିଥାଏ। ୟାମିଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ। ୨୦୧୨ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା ଆଉ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। 'ଓ ମାଇଁ ଗଡ୍–୨'ରେ ସେ ଜଣେ ଓକିଲ ରୋଲ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସିଥିଲେ। ୟାମିଙ୍କ ଅଭିନୀତ ଶେଷ ଫିଲ୍ମ 'ଆର୍ଟିକିଲ୍ ୩୭୦' ବକ୍ସ ଅଫିସରେ ୧୦୦କୋଟି କ୍ଲବ୍‌ରେ ସାମିଲ ହୋଇଥିଲା।


ୟାମି

# କେବେ ଆସିବ ଶୁଭଦିନ

**ବ**ରୁଣ ଧାୱନ ଏବେ ଦିନ ଗଣିବାରେ ବ୍ୟସ୍ତ। କାରଣ ସେ ଯେଉଁ ଫିଲ୍ମଟିକୁ ନେଇ ଢ଼େର ଆଶା ବାନ୍ଧି ବସିଛନ୍ତି ତାହା ଚଳିତ ବର୍ଷ ଡିସେମ୍ବର ୨୫ରେ ମୁକ୍ତିଲାଭ କରିବାକୁ ଯାଉଛି। ତେଣୁ ସେ ବେଶ୍ ଉତ୍ସୁକତାର ସହ ସେହି ଶୁଭ ଦିନକୁ ଚାହିଁ ବସିଛନ୍ତି। ଏହି ଫିଲ୍ମଟିର ଟାଇଟଲ ରହିଛି 'ବେବି ଜନ୍'। ଏଥିରେ ବରୁଣ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରୁଛନ୍ତି। ଚିତ୍ରଟିର କାହାଣୀ ରଚନା କରିଛନ୍ତି ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ତଥା କାହାଣୀକାର ଅଟଲି। ଏହାକୁ ଆଧାର କରି ସଂଳାପ ରଚନା କରିଛନ୍ତି ସୁମିତ ଆରୋରା। ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କାଲିସ୍। ଫିଲ୍ମ ବିଷୟରେ ବରୁଣ କହନ୍ତି, "ଏହି ଫିଲ୍ମର କାହାଣୀରେ ରହସ୍ୟ ରୋମାଞ୍ଚ ଭରି ରହିଛି। ଜଣେ ପୋଲିସ ଅଫିସରର ଜୀବନୀକୁ ନେଇ କାହାଣୀ ଗତିଶୀଳ।" ଏହି ଫିଲ୍ମରେ ବରୁଣଙ୍କ ଅପୋଜିଟ୍‌ରେ ଅଛନ୍ତି କୀର୍ତ୍ତି ସୁରେଶ। ଜ୍ୟାକି ଶ୍ରଫଙ୍କୁ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।


ବରୁଣ

# ଗୁପଟିଲଙ୍କ ଶତକରେ ସୁପର ଷ୍ଟାର୍ସ ବିଜୟୀ



ଶତକ ହାସଲ ଅବସରରେ ମାର୍ଟିନ ଗୁପଟିଲ।

**ସୁରଟ,୨।୧୦**

ମାର୍ଟିନ ଗୁପଟିଲଙ୍କ ବିସ୍ଫୋରକ ଶତକ ସହାୟତାରେ ସଦର୍ନ ସୁପର ଷ୍ଟାର୍ସ ବୁଧବାର ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶାକୁ ୮ ଉଇକେଟରେ ପରାସ୍ତ କରିଛି। ହାଇସ୍କୋରିଂ ବିଶିଷ୍ଟ ଏହି ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୯ ଉଇକେଟ ହରାଇ ୧୯୨ ରନ କରିଥିଲା। ଜବାବରେ ସୁପର ଷ୍ଟାର୍ସ ଦଳ ୪ ଓଭର ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଗୁପଟିଲ୍ ଧୂଆଁଧାର ବ୍ୟାଟିଂ କରି ମାତ୍ର ୫୪ ବଲ୍‌ରୁ ୯ ଚୌକା ଓ ୧୧ ଛକା ସହାୟତାରେ ୧୩୧ ରନରେ ଅପରାଜିତ ରହି ସୁପର ଷ୍ଟାର୍ସକୁ ବିଜୟୀ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାମିଲଟନ ମାସାକାଜା ୨୦, ଶ୍ରୀବସ୍ତ ଗୋସ୍ୱାମୀ ୧୮ ଓ ପଓ୍ୱନ ନେଗୀ ୧୪ ରନ୍ କରିଥିଲେ। ମାସାକାଜା ଓ ଗୁପ୍‌ଟିଲ ଦ୍ୱିତୀୟ ଉଇକେଟରେ ୪୪ ବଲ୍‌ରେ ୯୦ ରନ୍ ଯୋଡ଼ିଥିଲେ। କୋଣାର୍କ ସୂର୍ଯ୍ୟସର ପ୍ରବୀଣ ଟାମ୍ବେ ସବୁଠାରୁ ବୟସ୍କ ଖେଳାଳି (୫୨ ବର୍ଷ ୩୬୦ ଦିନ) ଭାବେ ଲିଜେଣ୍ଡ୍ସ ଲିଗ୍ ଖେଳିଥିଲେ। ଏହି ଦଳର ନଭିନ ଷ୍ଟିଓ୍ୱାର୍ଟ ନିଜ ପ୍ରଥମ ଓଭରରେ

## ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍

୩୪ ରନ ବ୍ୟୟ କରିଥିଲେ। ଲିଜେଣ୍ଡ୍ସ ଲିଗ୍‌ରେ ଗୋଟିଏ ଓଭରରେ ସର୍ବାଧିକ ରନ ବ୍ୟୟରେ ଏହା ଏକ ରେକର୍ଡ। ଷ୍ଟିଓ୍ୱାର୍ଟ ନିଜ ଦ୍ୱିତୀୟ ଓଭରରେ ୨୯ ରନ ଦେଇ ୨ ଓଭର ସ୍ପେଲ୍‌ରେ ୬୩ ରନ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଥିଲେ। ୫ ମ୍ୟାଚରୁ ୧୦ ପଏଣ୍ଟ ସହ ସୁପର ଷ୍ଟାର୍ସ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ କୋଣାର୍କ ସୂର୍ଯ୍ୟସ ୪ ମ୍ୟାଚରୁ ପ୍ରଥମ ପରାଜୟ ସହ ୩ୟ ସ୍ଥାନକୁ ଖସିଛି।

ସୂର୍ଯ୍ୟସ୍ ପକ୍ଷରୁ ରିଚାର୍ଡ ଲେଭି ଓ ଜେସି ରାଇଡର ଇନିଂସ ଓପନ କରିଥିଲେ। ଉଭୟ ଖେଳାଳି ମାତ୍ର ୨୯ ବଲ୍‌ରେ ୭୬ ରନ୍ ଯୋଡିଥିଲେ। ଲେଭି ଏହା ମଧ୍ୟରୁ ୨୧ ବଲ୍ ଖେଳି ୬୩ ରନ୍ କରି ପ୍ରଥମ ବ୍ୟାଟର ଭାବରେ ପ୍ୟାଭିଲିୟନ ଫେରିଥିଲେ। ଲେଭିଙ୍କ ଇନିଂସରେ ୯ ଚୌକା ଓ ୪ ବିଶାଳ ଛକା ସାମିଲ ଥିଲା। ଲିଜେଣ୍ଡ୍ସ ଲିଗ୍‌ରେ ଏହା ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ। ଲେଭିଙ୍କ ବ୍ୟାଟିଂ ବଳରେ ସୂର୍ଯ୍ୟସ୍ ପାଓ୍ୱାର ପ୍ଲେ ଓଭରରେ ୧ ଉଇକେଟ ହରାଇ ୯୧ ରନ୍ ସ୍କୋର କରିଥିଲା ଯାହା ଲିଜେଣ୍ଡ୍ସ ଲିଗ୍ ଇତିହାସରେ ସର୍ବାଧିକ। ଅନ୍ୟତମ ଓପନର ଜେସି ରାଇଡର ୧୮ ବଲ୍‌ରୁ ୧୮ ରନ୍ କରିଥିଲେ। କେଭିନ୍ ଓ ବ୍ରାଏନ୍(୯), ରସ୍ ଟେଲର(୪) ଓ ଇର୍‌ଫାନ ପଠାନ(୧୦) ରନ୍ କରି ସହଜରେ ଆଉଟ ହେବାରୁ ଦଳର ରନ୍ ଗତି ସାମାନ୍ୟ ଧୀମେଇ ଯାଇଥିଲା। ତେବେ ୟୁସୁଫ୍ ପଠାନ୍ ୩୩ ରନ୍‌ର ଧୂଆଁଧାର ଇନିଂସ ଖେଳି ଦଳୀୟ ସ୍କୋର ୧୫୯ ରନ୍‌ରେ ପହଞ୍ଚାଇ ଥିଲେ। ୟୁସୁଫ ୨୨ ବଲ୍ ଖେଳି ୨ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶେଷ ଆଡକୁ ଦିଲଶାନ ମୁନାଓ୍ୱିରା ୧୬ ଓ ବିନୟ କୁମାର ଅପରାଜିତ ୧୮ ରନ୍ କରିବାରୁ ୧୯୨ ରନ୍‌ରେ ପହଞ୍ଚିଥିଲା ସୂର୍ଯ୍ୟସ୍। ସଦର୍ନ ସୁପର ଷ୍ଟାର୍ସ ପକ୍ଷରୁ ସୁବୋଧ ଭଟ୍ଟି ୩, ଚତୁରଙ୍ଗା ଡି ସିଲ୍‌ଭା ୨, ଅବ୍‌ଦୁର ରଜାକ, ମୋନୁ କୁମାର ଓ ପଓ୍ୱନ ନେଗୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ୨୦ ଓଭରରେ ୧୯୨/୯ ( ରିଚାର୍ଡ ଲେଭି-୬୩, ୟୁସୁଫ ପଠାନ-୩୩, ସୁବୋଧ ଭଟ୍ଟି-୩/୨୨, ଚତୁରଙ୍ଗା ଡି ସିଲ୍‌ଭା-୨/୨୧, ପଓ୍ୱନ ନେଗୀ-୧/୨୬)। ସଦର୍ନ ସୁପର ଷ୍ଟାର୍ସ ୧୬ ଓଭରରେ ୧୯୫/୨ (ମାର୍ଟିନ ଗୁପଟିଲ-୧୩୧*, ବେନ୍ ଲାଫଲିନ-୧/୨୬, ପ୍ରବୀଣ ଟାମ୍ବେ-୧/୩୯)।




# କେରଳ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ଓଏଫ୍‌ସି

**ଭୁବନେଶ୍ୱର,୨।୧୦(ସରୋଜ ଜେନା)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ପରସ୍ପରକୁ ଭେଟିବେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ କେରଳ ବ୍ଲାଷ୍ଟର୍ସ। ଓଏଫ୍‌ସି ଦୁଇଟି ମ୍ୟାଚ୍‌ରେ ପରାଜୟ ପରେ ବିଜୟ ଧାରାକୁ ଫେରିଥିବା ବେଳେ କେରଳ ଏହାର ଶେଷ ମ୍ୟାଚ୍ ଡ୍ର ରଖିଛି। ସେହିପରି କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଓଡ଼ିଶାର କୋଚ୍ ସର୍ଗିଓ ଲୋବେରାଙ୍କ ଅପରାଜେୟ ରେକର୍ଡ ରହିଛି। ବିଗତ ୫ ସଂସ୍କରଣରେ ଭିନ୍ନ ଭିନ୍ନ ଟିମ୍‌ର କୋଚିଂ ସମୟରେ ଲୋବେରା କେରଳ ବିପକ୍ଷରେ ୧୧ ମ୍ୟାଚ୍‌ରୁ ୯ ବିଜୟ ହାସଲ କରିଛନ୍ତି। ୮୨ ପ୍ରତିଶତର ବିଜୟ ରେକର୍ଡ ରଖିଥିବା ଲୋବେରା ନିଜର ୧୦ମ ବିଜୟ ହାସଲ କରିବାକୁ ଚାହିଁବେ। ଗୁରୁବାର ମ୍ୟାଚ୍ ପୂର୍ବରୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଭାଗ ନେଇଥିଲେ ସର୍ଗିଓ ଲୋବେରା ଓ ଥୋଇବା ସିଂ ମୋଇରାଙ୍ଗଥେମ୍।

ଜାମସେଦପୁର ଏଫ୍‌ସି ବିପକ୍ଷ ବିଜୟ ପରେ ଓଏଫ୍‌ସି ଖେଳାଳିମାନଙ୍କ ଆତ୍ମବିଶ୍ୱାସ ବେଶ୍ ଉଚ୍ଚରେ ରହିଛି ବୋଲି କହିବା ସହ କେରଳ ବିପକ୍ଷରେ ବିଜୟ ପାଇଁ ଦୃଢୋକ୍ତି ପ୍ରକାଶ କରିଥିଲେ। କେରଳ ଏକ ଶକ୍ତିଶାଳୀ ଦଳ ଓ ଭିନ୍ନ ଚ୍ୟାଲେଞ୍ଜ ସହ ସମ୍ମୁଖକୁ ଆସିଥାଏ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଆମେ ବିଜୟ ହାସଲ କରିବାକୁ ଚେଷ୍ଟା କରିବୁ। ଡିଫେଣ୍ଡର କାର୍ଲୋସ୍ ଡେଲଗାଡୋ ଆହତ ଥିବାବେଳେ ସେ ଇଷ୍ଟବେଙ୍ଗଲ ମ୍ୟାଚ୍ ପୂର୍ବରୁ ଫିଟ୍ ହେବା ନେଇ ଆଶା ଥିବା କହିଛନ୍ତି ଲୋବେରା। କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଓଏଫ୍‌ସି ସମାନ ଆକ୍ରମଣାତ୍ମକ ଭୂମିକା ଆପଣେଇବ ବୋଲି କହିଛନ୍ତି ଲୋବେରା। ଓଏଫ୍‌ସିର ଦୁଇ ଫରଓ୍ୱାର୍ଡ ଖେଳାଳି ରୟ କ୍ରିଷ୍ଣା ଓ ଡିଏଗୋ ମରିସିଓ କେରଳ ବିପକ୍ଷରେ ୭ଟି ଲେଖାଏ ଗୋଲ ସ୍କୋର କରି ସାରିଥିବା ବେଳେ ଘରୋଇ ପରିବେଶର ଲାଭ ମଧ୍ୟ ମିଳିବ ବୋଲି କହିଛନ୍ତି ଲୋବେରା। ସେହିପରି ଦଳର ପ୍ରସ୍ତୁତି ଚମତ୍କାର ରହିଥିବା ବେଳେ ମ୍ୟାଚ୍‌କୁ ନେଇ ସମସ୍ତ ଖେଳାଳି ଉତ୍ସାହିତ ଥିବା କହିଛନ୍ତି ଥୋଇବା ସିଂ ମୋଇରାଙ୍ଗଥେମ୍। ବିଗତ ୫ ସିଜନ ଧରି ଓଏଫ୍‌ସିରେ ରହିଥିବା ବେଳେ ଲୋବେରାଙ୍କଠାରୁ ବହୁତ କିଛି ଶିଖିବାକୁ ମିଳୁଛି ବୋଲି ସେ କହିଛନ୍ତି। ସେହିପରି ଏଏଫ୍‌ସି ଏସିଆନ୍ କପ୍ ଖେଳିବା ପାଇଁ ଭିଏଟନାମରେ ରହିଥିବା ଓଏଫ୍‌ସି ମହିଳା ଦଳକୁ ସେ ଶୁଭେଚ୍ଛା ଜଣାଇଛନ୍ତି।

**STRATEGIC ALLIANCE Management Services Private Limited (SAMS)**
B-18, Sector-6, NOIDA, G.B. Nagar, 201301 (Uttar Pradesh)
E-mail: procurement@samsconsult.com; Website: www.samsconsult.com

**INVITATION FOR BIDDING** Dated : 03/10/2024

SAMS on behalf of FIND India invites Bids under National Tuberculosis Elimination Programme, Ministry of Health & Family Welfare, Govt. of India for Civil Works and Associated Services across various Nodal Drug Resistant Tuberculosis Centers under the GFATM project:

| Duration of sale of bid document | Date and time of Pre-bid Meeting | Due Date for submission and opening of bids |
|---|---|---|
| 03/10/2024 to 24/10/2024 | 08/10/2024 at 11.00 AM | 24/10/2024 at 03.00 PM |

All the details are available on SAMS website i.e. http://www.samsconsult.com/FIND.aspx

Sanjay Rastogi, Director, SAMS




72198 21111 | BAJAJ SECURE | pine labs PAY LATER | HDFC BANK

*ସର୍ତ୍ତ ଓ ନିୟମାବଳୀ ଲାଗିବ । *ଅଫର୍ କେବଳ ବଛା ବଛା ପ୍ରକାର ସକାଶେ । ଅଫର୍ 7 ନଭେମ୍ବର 2024 ପର୍ଯ୍ୟନ୍ତ ବୈଧ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫରକୁ କାଢ଼ିନେବାର ଅଧିକାର ସଂରକ୍ଷିତ ରଖିଛି । ₹10, 000 ପର୍ଯ୍ୟନ୍ତ *ସଞ୍ଚୟରେ ଅଛି ₹5000* ପର୍ଯ୍ୟନ୍ତର କ୍ୟାଶ୍‌ବ୍ୟାକ୍ ମଡେଲ ଉପରେ ନିର୍ଭର କରି ଏବଂ ₹5000* ପର୍ଯ୍ୟନ୍ତର କ୍ୟାଶ୍‌ବ୍ୟାକ୍ ଏଚ୍‌ଡିଏଫ୍‌ସି କାର୍ଡ କ୍ୟାଶ୍‌ବ୍ୟାକ୍ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ଏଚ୍‌ଡିଏଫ୍‌ସି କ୍ରେଡିଟ୍ କାର୍ଡ୍‌ସ ଙ୍କ ଇଏମ୍‌ଆଇ କାରବାର ସକାଶେ ପାଇନ୍ ଲାବ୍ସ ମେସିନ ଜରିଆରେ କ୍ୟାଶ୍‌ବ୍ୟାକ୍ ଅଫର୍ କେବଳ 15 ଅକ୍ଟୋବର 2024 ପର୍ଯ୍ୟନ୍ତ ଉପଲବ୍ଧ । ଇ-କମର୍ସ ପ୍ଲାଟଫର୍ମ୍‌ସ ରେ ଅଫରସବୁ ସେଗୁଡ଼ିକର ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444• **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Shikharpur** RASHMI BAJAJ 9237379210/9237379211• **Rahama** MAITREE BAJAJ 9668801781• **Chandikhole** TARINI BAJAJ 9937310800, • **Pattamundai** MAITREE BAJAJ 7064987720, • **Kendrapara** TARINI BAJAJ 7008576945 • **Nayagarh MSB BAJAJ 7790048130** • **Rajsunakhala MSB BAJAJ 9668820967** • **Daspalla MSB BAJAJ 7873925390** • **Phulbani MSB BAJAJ 8917341979** • **Keonjhar JR BAJAJ 9937697094 / 9439008692**• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016**, • **Basudevpur** SHANKAR BAJAJ 9040902802 **Authorised Service Centre: Balianta 7978570067**, **Balipatna** 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara 9777042612, Sundarpada 9777042612, Nimapada 9437030368, Kakatpur 9776125534**,, **Tangi (Khurda)** 8984562569, **Niali 9437511829,Salepur** 9040452661, **Jagatsinghpur** 9437273939, **Balikuda 7894426299, JajpurTown** 9937888777, **Bhuban 9438570111/9583574510, Rasol 9938656276/9937513419, Kuakhia** 9937312014, **Chhatia** 9040084846, **Kamakhayanagar 9437079287, Barbil** 9437086335, **Jashipur 9437443161/8117041821. Dhenkikote 9777773369, Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9337096880/9437146703, **Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 06761250466, Athgarh** 9937289417, **Bidharpur** 7008503281, **Rambha** 7381099445. **Narsinghpur** 7978288573, **Badamba 9937643504 Adaspur** 9439735529, **Nischintakoili** 8917622159 **Kostha** 7735338348

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ